# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 118 ଭାଗ ୩୪ | ସଂଖ୍ୟା ୧୧୮ | Sunday 19 July 2026 | Page 8 Rs. 5.00 | ● ଭୁବନେଶ୍ୱର ରବିବାର, ୧୯ ଜୁଲାଇ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




ଲିଟର ପିଛା ୧୬୮ ଟଙ୍କା ହେବ ପେଟ୍ରୋଲ୍!
ପୃଷ୍ଠା ୫

### ନିବେଶ ଅନୁକୂଳ ପରିବେଶ ସୃଷ୍ଟିରେ ବଡ଼ ସଫଳତା

# ପୁଞ୍ଜି ନିବେଶର ଆକର୍ଷଣ ଓଡ଼ିଶା






## ➘ ଶ୍ରେଷ୍ଠ ୫ ପ୍ରଦର୍ଶନକାରୀ ରାଜ୍ୟ ମଧ୍ୟରେ ଓଡ଼ିଶା
## ➘ ଟିମ୍ ଓଡ଼ିଶାକୁ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୮।୭(ସଂଚାର ବ୍ୟୁରୋ): ନୀତି ଆୟୋଗ ପକ୍ଷରୁ ପ୍ରକାଶିତ ଇନଭେଷ୍ଟମେଣ୍ଟ ଫ୍ରେଣ୍ଡଲିନେସ୍ ଇଣ୍ଡେକ୍ସ- ୨୦୨୬ରେ ଓଡ଼ିଶା ଦେଶର ଶ୍ରେଷ୍ଠ ୫ଟି ପୁଞ୍ଜି ନିବେଶ ଅନୁକୂଳ ରାଜ୍ୟ ମଧ୍ୟରେ ସ୍ଥାନ ପାଇଛି। ୫୨.୪ ସ୍କୋର ସହ ଓଡ଼ିଶା ଗୁଜରାଟ, ମହାରାଷ୍ଟ୍ର, ତାମିଲନାଡୁ ଓ ଗୋଆ ସହ 'ଟପ୍ ପର୍‌ଫର୍ମର' ଶ୍ରେଣୀରେ ସ୍ଥାନ ଅଧିକାର କରିଛି।

ଏହି ସୂଚକାଙ୍କ ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ନିବେଶ ଅନୁକୂଳ ପରିବେଶକୁ ମୂଲ୍ୟାୟନ କରିବା ପାଇଁ ନୀତି ଆୟୋଗ ଦ୍ୱାରା ପ୍ରସ୍ତୁତ ପ୍ରମାଣଭିତ୍ତିକ ବ୍ୟବସ୍ଥା। ଏଥିରେ ଭିତ୍ତିଭୂମି, ବ୍ୟବସାୟ ପରିବେଶ, ସମ୍ବଳ, ସରକାରୀ ନୀତି, ନିୟାମକ ସହଜତା, ସଂସ୍ଥାଗତ ବ୍ୟବସ୍ଥା, ଆର୍ଥିକ ସ୍ୱାସ୍ଥ୍ୟ ଏବଂ ପରିବେଶୀୟ ସ୍ଥିରତା ଭଳି ୮ଟି ମାନଦଣ୍ଡକୁ ଆଧାର ଭାବେ ନିଆଯାଇଛି। ରାଜ୍ୟରେ ବିନିଯୋଗ ଅନୁକୂଳ ନୀତି, ଶିଳ୍ପ ଭିତ୍ତିଭୂମିର ବିକାଶ, ବ୍ୟବସାୟ ସୁଗମତା, ସ୍ୱଚ୍ଛ ପ୍ରଶାସନ ଓ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥାକୁ ସୁଦୃଢ଼ କରିବା ଭଳି ପଦକ୍ଷେପ ଏହି ସଫଳତାର ମୁଖ୍ୟ କାରଣ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହି ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବାସୀ, ଶିଳ୍ପ ସହଯୋଗୀ ଏବଂ ନିବେଶ ପ୍ରୋତ୍ସାହନ ସହ ଜଡ଼ିତ ସବୁ ବିଭାଗକୁ ଅଭିନନ୍ଦନ ଜଣାଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଦେଶର ଶ୍ରେଷ୍ଠ ପାଞ୍ଚ ବିନିଯୋଗ ଅନୁକୂଳ ରାଜ୍ୟ ମଧ୍ୟରେ ଓଡ଼ିଶାର ସ୍ଥାନ ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବର ବିଷୟ। ସ୍ୱଚ୍ଛ ପ୍ରଶାସନ, ଶିଳ୍ପ-ଅନୁକୂଳ ନୀତି ଓ ଦକ୍ଷ ସେବା ପ୍ରଦାନ ଏହି ସଫଳତାର ମୂଳ ଆଧାର। ଆଗାମୀ ଦିନରେ ମଧ୍ୟ ଆମେ ଅଧିକ ସଂସ୍କାର ଓ ଭିତ୍ତିଭୂମି ବିକାଶ ମାଧ୍ୟମରେ ଓଡ଼ିଶାକୁ ବିଶ୍ୱସ୍ତରୀୟ ବିନିଯୋଗ କେନ୍ଦ୍ରରେ ପରିଣତ କରିବୁ। ତେବେ ଏହି ସଫଳତା ଆମର ଲକ୍ଷ୍ୟ ନୁହେଁ, ଏହା ଏକ ମାଇଲ ଖୁଣ୍ଟ। ଆଗାମୀ ଦିନରେ ରାଜ୍ୟ ସରକାର ଅଧିକ ଭିତ୍ତିଭୂମୀ ଓ ନିବେଶ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରି ଦେଶ ଓ ବିଶ୍ୱସ୍ତରରେ ପ୍ରମୁଖ ଆକର୍ଷଣ ହେବ ବୋଲି ସେ କହିଛନ୍ତି।

ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ଏହି ସ୍ୱୀକୃତି ଓଡ଼ିଶାର ସଂସ୍କାରମୂଳକ ଶିଳ୍ପ ନୀତିର ସଫଳତାର ପ୍ରମାଣ। ରାଜ୍ୟ ସରକାର ଶିଳ୍ପ ବିକାଶ, ଦ୍ରୁତ ପ୍ରକଳ୍ପ କାର୍ଯ୍ୟକାରିତା, ଦକ୍ଷ ମାନବ ସମ୍ପଦ ଓ ବିଶ୍ୱସ୍ତରୀୟ ଭିତ୍ତିଭୂମି ଗଠନ ପ୍ରତି ପ୍ରତିବଦ୍ଧ। ବର୍ତ୍ତମାନ ଓଡ଼ିଶାରେ ଉନ୍ନତ ଉତ୍ପାଦନ, ଧାତୁ, ➪ପୃଷ୍ଠା-୬

### ମହାକାଶ ଇତିହାସର ସ୍ୱର୍ଣ୍ଣିମ ଅଧ୍ୟାୟ

## ପ୍ରଥମ ଅର୍ବିଟାଲ ରକେଟ୍ 'ବିକ୍ରମ-୧'ର ସଫଳ ଉତ୍କ୍ଷେପଣ




ବେଙ୍ଗାଲୁରୁ,୧୮।୭: ଦେଶର ମହାକାଶ ଷ୍ଟାର୍ଟଅପ୍ 'ସ୍କାଏରୁଟ୍ ଏରୋସ୍ପେସ୍' ଶନିବାର ଘରୋଇ ଭାବେ ବିକଶିତ ଦେଶର ପ୍ରଥମ ଅର୍ବିଟାଲ ରକେଟ୍ 'ବିକ୍ରମ୍-୧'ର ସଫଳ ଉତ୍କ୍ଷେପଣ କରିଛି। ଏଥିସହ ଭାରତର ମହାକାଶ ଇତିହାସରେ ଏକ ନୂତନ ସୁବର୍ଣ୍ଣ ଅଧ୍ୟାୟ ଯୋଡ଼ି ହୋଇଛି। ବିଶ୍ୱ ବାଣିଜ୍ୟିକ ବଜାରରେ ବୃହତ୍ତର ଅଂଶୀଦାର ହେବା ଲାଗି ଉଦ୍ୟମ କରିଆସୁଥିବା ଭାରତ ପାଇଁ ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ଭାବେ ବିବେଚନା କରାଯାଉଛି। ଏହି ଐତିହାସିକ ସଫଳତା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍କାଏରୁଟ ଏରୋସ୍ପେସ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ଭାରତର ବର୍ଦ୍ଧିତ ମହାକାଶ କ୍ଷେତ୍ର ପାଇଁ ଏହା ଏକ ପ୍ରମୁଖ ସଫଳତା ବୋଲି ଶ୍ରୀ ମୋଦି କହିଛନ୍ତି। ବିକ୍ରମ-୧ର ସଫଳ ଉତକ୍ଷେପଣ ଦେଖିବା ପରେ ପ୍ରଧାନମନ୍ତ୍ରୀ ସ୍କାଏରୁଟ ଏରୋସ୍ପେସ ପ୍ରତିଷ୍ଠାତା ପବନ ଚନ୍ଦନା ଓ ନାଗା ଭାରତ ଡାକାଙ୍କୁ ସେମାନଙ୍କର ସମଗ୍ର ଦଳ ସହିତ ଅଭିନନ୍ଦନ ଜଣାଇଥିଲେ। ସେ ମନ୍ତବ୍ୟ ଦେଇଥିଲେ ଯେ ଏହି ସଫଳତା ଦେଶର ଯୁବପିଢ଼ିଙ୍କୁ ବଡ଼ ସ୍ୱପ୍ନ ଦେଖିବା ଓ ବିଜ୍ଞାନ ଏବଂ ମହାକାଶ କ୍ଷେତ୍ରରେ ଉନ୍ନତି ହାସଲ କରିବାକୁ ପ୍ରେରଣା ଦେବ। ➪ପୃଷ୍ଠା-୬

### ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଘୋଷିତ



## ୟାମି ଶ୍ରେଷ୍ଠ ଅଭିନେତ୍ରୀ
## 'ଆର୍ଟିକଲ୍ ୩୭୦' ଶ୍ରେଷ୍ଠ ଚଳଚ୍ଚିତ୍ର

### 'ଲହରୀ' ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର

ନୂଆଦିଲ୍ଲୀ,୧୮।୭: ଚଳଚ୍ଚିତ୍ର କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନକୁ ସ୍ୱୀକୃତି ଦେଇ ଭାରତ ସରକାରଙ୍କ ପକ୍ଷରୁ ଶନିବାର ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା କରାଯାଇଛି। ନୂଆଦିଲ୍ଲୀର ଜାତୀୟ ଗଣମାଧ୍ୟମ କେନ୍ଦ୍ରରେ ୨୦୨୬ ବର୍ଷ ପାଇଁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ବିଜେତାଙ୍କ ନାମ ଘୋଷଣା କରାଯାଇଛି। ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ 'ଆର୍ଟିକ୍‌ଲ ୩୭୦' ସର୍ବଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ଘୋଷଣା କରାଯାଇଥିବା ବେଳେ ଓଡ଼ିଆ ଚଳଚ୍ଚିତ୍ର 'ଲହରୀ'କୁ ସର୍ବଶ୍ରେଷ୍ଠ ଆଞ୍ଚଳିକ ଓଡ଼ିଆ ଚଳଚ୍ଚିତ୍ର ଭାବେ ଘୋଷଣା କରାଯାଇଛି। 'ଆର୍ଟିକଲ୍ ୩୭୦' ପାଇଁ ୟାମି ଗୌତମ ଶ୍ରେଷ୍ଠ ଅଭିନେତ୍ରୀ ବିବେଚିତ ହୋଇଛନ୍ତି। 'ଭ୍ରମ୍‌ୟୁଗମ୍' ପାଇଁ ମାମୁଟ୍ଟି ଓ 'ଚନ୍ଦୁ ଚାମ୍ପିଅନ୍' ପାଇଁ କାର୍ତ୍ତିକ ଆର୍ଯ୍ୟନ୍‌ଙ୍କୁ ମିଳିତ ଭାବେ ଶ୍ରେଷ୍ଠ ଅଭିନେତା ପୁରସ୍କାର ପାଇଁ ମନୋନୀତ କରାଯାଇଛି। ରାଜକୁମାର ପେରିଆସାମି 'ଅମରନ୍' ଚଳଚ୍ଚିତ୍ର ପାଇଁ ଶ୍ରେଷ୍ଠ ନିର୍ଦ୍ଦେଶକ ବିବେଚିତ ହୋଇଛନ୍ତି। ଶ୍ରେଷ୍ଠ ମନୋରଞ୍ଜନ ପ୍ରଦାନକାରୀ ଚଳଚ୍ଚିତ୍ର ପୁରସ୍କାର 'କଳକୀ ୨୮୯୮ ଏଡି'କୁ ଓ ଜାତୀୟ, ସାମାଜିକ ➪ପୃଷ୍ଠା-୬

### ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷଙ୍କୁ ମୁଖ୍ୟମନ୍ତ୍ରୀଙ୍କ ମନ୍ତ୍ର

# ରାଜନୀତି କ୍ଷମତା ଭୋଗ ନୁହେଁ, ଅନ୍ତ୍ୟୋଦୟ




- ଅନ୍ତିମ ଧାଡ଼ିରେ ଥିବା ଲୋକଙ୍କ ସେବା ପାଇଁ ପରାମର୍ଶ
- ଜନଜାତି ବିକାଶକୁ ତ୍ୱରାନ୍ୱିତ କରିବା ନୈତିକ ଦାୟିତ୍ୱ
- 'ବିକାଶ ଭି, ବିରାସତ ଭି' ନୀତି ଆମ ଆଧାର: ମୁଖ୍ୟମନ୍ତ୍ରୀ
- କ୍ଷେତ୍ର ସ୍ତରରେ ସମସ୍ୟା ବୁଝି ପଦକ୍ଷେପ ନେବାକୁ ଗୁରୁତ୍ୱ

ଭୁବନେଶ୍ୱର,୧୭।୭(ସଂଚାର ବ୍ୟୁରୋ): ଆମ ସରକାର ଆସିବା ପରେ ସମାଜର ସବୁ ବର୍ଗର ଉନ୍ନତି ପାଇଁ ପଦକ୍ଷେପ ନେବା ସହ ଆଦିବାସୀମାନଙ୍କ ବିକାଶ ପାଇଁ ସ୍ୱତନ୍ତ୍ର ଭାବେ ପଦକ୍ଷେପ ନିଆଯାଇଛି। ଆମ ପାଇଁ ରାଜନୀତି କ୍ଷମତା ଭୋଗ କରିବାର ମାଧ୍ୟମ ନୁହେଁ, ବରଂ ଅନ୍ତିମ ଧାଡିରେ ଥିବା ଗରିବ ଲୋକର ସେବା କରିବାର ମାଧ୍ୟମ, ଯାହାକୁ ଆମେ ଅନ୍ତ୍ୟୋଦୟ କହୁ। ତେଣୁ, ଆପଣମାନେ ଅନ୍ତିମ ଧାଡି ପର୍ଯ୍ୟନ୍ତ ପହଞ୍ଚି, ଲୋକଙ୍କ ପାଇଁ କାମ କରନ୍ତୁ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ନବନିଯୁକ୍ତ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷମାନଙ୍କୁ ପରାମର୍ଶ ଦେଇ କହିଛନ୍ତି।

ଆଜି ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟରରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ନବନିଯୁକ୍ତ ➪ପୃଷ୍ଠା-୬

## ୪ରେ ଆସିବେ ରାଷ୍ଟ୍ରପତି



ଭୁବନେଶ୍ୱର,୧୮।୭(ସଂଚାର ବ୍ୟୁରୋ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ଅଗଷ୍ଟ ୪ ତାରିଖରେ ଓଡ଼ିଶାକୁ ଦିନିକିଆ ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ଯଦିଓ ରାଷ୍ଟ୍ରପତି ଭବନରୁ ସରକାରୀ ଯାତ୍ରା ତାଲିକା ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ, ଆସନ୍ତା ମାସରେ ତାରା ତାରିଣୀ ପୀଠ ଓ ତପ୍ତପାଣି ପରିଦର୍ଶନର କାର୍ଯ୍ୟକ୍ରମ ରହିଥିବା ଜଣାପଡ଼ିଛି। ରାଷ୍ଟ୍ରପତି ଶକ୍ତି ଉପାସନାର ଏକ ପ୍ରମୁଖ କେନ୍ଦ୍ର ଭାବେ ପରିଚିତ ତାରା ତାରିଣୀ ମନ୍ଦିର ଓ ସୁନ୍ଦର ତପ୍ତପାଣି ପାହାଡ଼ ପରିଦର୍ଶନ କରିପାରନ୍ତି। ଗଞ୍ଜାମର ସାନଖେମୁଣ୍ଡି ବ୍ଲକସ୍ଥିତ ଏହି ତପ୍ତପାଣି ଏହାର ଚିରସ୍ଥାୟୀ ଉଷ୍ମ ପ୍ରସ୍ରବଣ ପାଇଁ ସମଗ୍ର ଅଞ୍ଚଳରେ ପ୍ରସିଦ୍ଧ, ଯେଉଁଥିରେ ଔଷଧୀୟ ଗୁଣ ଭରପୂର ରହିଥାଏ ବୋଲି ବିଶ୍ୱାସ ରହିଛି। ଫଳରେ ଏହା ଅନେକ ଚର୍ମ ରୋଗର ଚିକିତ୍ସା ପାଇଁ ବ୍ୟବହୃତ ହୁଏ। ରାଷ୍ଟ୍ରପତି ତପ୍ତପାଣି ପରିଦର୍ଶନ ସମୟରେ ସ୍ଥାନୀୟ ଆଦିବାସୀ ସମ୍ପ୍ରଦାୟ ସହ ଭାବବିନିମୟ କରିବାର ସମ୍ଭାବନା ରହିଛି। ସୁରକ୍ଷା ଉପକରଣ, ଟ୍ରାଫିକ୍ ମାର୍ଗ ଓ ଲଜିଷ୍ଟିକ୍ ଆବଶ୍ୟକତାଗୁଡ଼ିକର ମୂଲ୍ୟାଙ୍କନ କରିବା ପାଇଁ ବରିଷ୍ଠ ଅଧିକାରୀଙ୍କ ଏକ ଉଚ୍ଚସ୍ତରୀୟ ଦଳ ସମ୍ପ୍ରତି ତପ୍ତପାଣିରେ ସୁରକ୍ଷା ଯାଞ୍ଚ କରିଥିଲେ। ଏଥିରେ ଗଞ୍ଜାମ ଜିଲ୍ଲାପାଳ, ଗଞ୍ଜାମ ଏସପି ଓ ବ୍ରହ୍ମପୁର ଏସପି ସାମିଲ ଥିଲେ।

## ଶ୍ରୀମନ୍ଦିରରେ ଏଏସ୍ଆଇ ଟିମ୍

### ଗର୍ଭଗୃହ-ନାଟମଣ୍ଡପ ସଂରକ୍ଷଣ କାର୍ଯ୍ୟର ଅନୁଧ୍ୟାନ



ପୁରୀ,୧୮।୭(ସଂଚାର ବ୍ୟୁରୋ): ଶ୍ରୀମନ୍ଦିରରେ ପହଞ୍ଚିଛି ଏଏସଆଇ ଟିମ୍। ସମ୍ପ୍ରତି ରତ୍ନସିଂହାସନ ଛାଡ଼ି ଜନ୍ମବେଦୀ ଗୁଣ୍ଡିଚା ମନ୍ଦିରକୁ ନବଦିନାତ୍ମକ ଯାତ୍ରାରେ ଯାଇଛନ୍ତି ମହାପ୍ରଭୁ। ଏଣୁ ଏହି ସମୟରେ ଶ୍ରୀମନ୍ଦିର ଗର୍ଭଗୃହ, ନାଟମଣ୍ଡପ ସହ ଭୋଗ ମଣ୍ଡପର ସଂରକ୍ଷିତ କାର୍ଯ୍ୟ କରାଯିବ। ଆଜି ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ ପାଢ଼ୀଙ୍କ ଅଧକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବା ପରେ ଏଏସଆଇ ଓ ଶ୍ରୀମନ୍ଦିର ପ୍ରଶାସନର ବୈଷୟିକ ଟିମ୍ ଶ୍ରୀମନ୍ଦିର ଭିତରକୁ ଯାଇ ଅନୁଧ୍ୟାନ କରିଛି। ସେଣ୍ଟ୍ରାଲ ବିଲ୍ଡିଙ୍ଗ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ, ମାଡ୍ରାସ ଆଇଆଇଟି ପକ୍ଷରୁ ଶ୍ରୀମନ୍ଦିର ଗର୍ଭଗୃହ, ନାଟମଣ୍ଡପ ସହ ଭୋଗ ମଣ୍ଡପର ମରାମତି ଓ ସଂରକ୍ଷଣ କାର୍ଯ୍ୟ କରାଯାଉଛି। ସେହିପରି ନାଟମଣ୍ଡପକୁ ଶୀତତାପ ନିୟନ୍ତ୍ରିତ କରାଯିବ। ଏଥିପାଇଁ କାର୍ଯ୍ୟ ମଧ ଆରମ୍ଭ ହୋଇଯାଇଛି। ଏହାଛଡ଼ା ଆସନ୍ତାକାଲି ଶ୍ରୀମନ୍ଦିର ରତ୍ନଭଣ୍ଡାର ରତ୍ନ ଅଳଙ୍କାରର ଗଣତିମଣତି କାର୍ଯ୍ୟ ମଧ କରାଯିବ। ମହାପ୍ରଭୁଙ୍କ ରାହୁ ରେଖା, ଝୋବା, ସୁନା ଚିତା, ରୁପା ରସିକ ସୁନା ଅଣ୍ଟିଆର ଗଣତିମଣତି କାର୍ଯ୍ୟ ସହ ଥ୍ରୀ-ଡି ସ୍କାନିଂ କରାଯିବ। ସେହିପରି ଗୁଣ୍ଡିଚା ମନ୍ଦିରରେ ଆଜି ମହାପ୍ରଭୁଙ୍କ ଆଡ଼ପ ବିଜେ ନୀତି ଅନୁଷ୍ଠିତ ହେବ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି।

# ବାଣ କାରଖାନାରେ ବିସ୍ଫୋରଣ, ୯ ମୃତ



### ପ୍ରଧାନମନ୍ତ୍ରୀଙ୍କ ଅନୁକମ୍ପା ରାଶି ଘୋଷଣା

ଅହମ୍ମଦାବାଦ,୧୮।୭: ଗୁଜରାଟର ଅହମ୍ମଦାବାଦରେ ଶନିବାର ରାମୋଲ-ଗାତ୍ରଦ ରୋଡ୍‌ରେ ଏକ ବାଣ ତିଆରି କାରଖାନାରେ ବିସ୍ଫୋରଣ ଘଟି ଅତି କମ୍‌ରେ ୯ ଜଣଙ୍କର ମୃତ୍ୟୁ ଘଟିଛି। ଏହି ଘଟଣାରେ ୧୦ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଟ୍ୟାଲେଣ୍ଟ ଫାୟାରୱାର୍କ କେନ୍ଦ୍ରରେ ଅପରାହ୍ଣ ପ୍ରାୟ ସାଢ଼େ ୩ଟା ସମୟରେ ଏହି ଶକ୍ତିଶାଳୀ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣ ପରେ ପରେ ସମଗ୍ର ୟୁନିଟ୍‌ରେ ନିଆଁ ଲାଗିଯାଇଥିଲା। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଏହାର ଶବ୍ଦ ପାଖାପାଖି ୫ କିମି ଦୂର ପର୍ଯ୍ୟନ୍ତ ଶୁଣାଯାଇଥିଲା। ର୍‍ୟାପିଡ୍ ଆକ୍ସନ୍ ଫୋର୍ସର କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ବାଣଗଦା ଭିତରୁ ପୀଡ଼ିତମାନଙ୍କୁ ଉଦ୍ଧାର କରିଥିଲେ। ଗୁରୁତର ଭାବେ ପୋଡ଼ିଯାଇଥିବା ପୀଡ଼ିତମାନଙ୍କୁ ଅସରୱା ସିଭିଲ ହସ୍ପିଟାଲ ଓ ଏଲଜି ➪ପୃଷ୍ଠା-୬

### ରଥଯାତ୍ରା ଦଳାଚକଟା ଘଟଣା

## ଜିଲ୍ଲାପାଳଙ୍କୁ କମିଶନଙ୍କ ଜବାବ ତଲବ



ପୁରୀ,୧୮।୭(ସଂଚାର ବ୍ୟୁରୋ): ପୁରୀ ଘୋଷଯାତ୍ରା ସମୟରେ ଦଳାଚକଟା ଓ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ଘଟଣାକୁ ଗୁରୁତର ସହ ନେଇଛନ୍ତି ରାଜ୍ୟ ମାନବାଧିକାର କମିଶନ (ଓଏଚ୍ଆର୍‌ସି)। ଏନେଇ ସେ ରାଜ୍ୟ ଗୃହ ବିଭାଗର ପ୍ରମୁଖ ସଚିବ ଓ ପୁରୀ ଜିଲ୍ଲାପାଳଙ୍କୁ କମିଶନ୍ ଜବାବ ତଲବ କରିଛନ୍ତି। ଘଟଣାରେ ଆହତ ହୋଇଥିବା ସମସ୍ତଙ୍କୁ ଉପଯୁକ୍ତ ଓ ଉନ୍ନତ ଚିକିତ୍ସା ସେବା ଯୋଗାଇ ଦେବା ସକାଶେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଆଇନଜୀବୀ ନିଶିକାନ୍ତ ମିଶ୍ର ଦାଖଲ କରିଥିବା ଆବେଦନକୁ ବିଚାର କରି କମିଶନ ଏହି ନିର୍ଦ୍ଦେଶ ଜାରି କରିଛନ୍ତି। ମାନବାଧିକାର କମିଶନ ଆହୁରି ଆଗାମୀ ବାହୁଡ଼ା ଯାତ୍ରାକୁ ସୁରକ୍ଷିତ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ରାଜ୍ୟ ଗୃହ ବିଭାଗ, ପୁରୀ ଜିଲ୍ଲାପାଳ ଓ ଏସପିଙ୍କୁ ମଧ୍ୟ କମିଶନ ପୃଥକ ଚିଠି ଲେଖି ଆବଶ୍ୟକ ପଦକ୍ଷେପ ନେବାକୁ କହିଛନ୍ତି। ଏଥିସହ ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଭକ୍ତଙ୍କ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେବା ସହ ଭବିଷ୍ୟତରେ ଏଭଳି ଅଘଟଣ ନ ଘଟିବା ପାଇଁ ଦୃଢ଼ ପଦକ୍ଷେପ ନେବାକୁ କମିଶନ ପରାମର୍ଶ ଦେଇଛନ୍ତି।



### କାନ ଡେରିଆ

ଗାଁଠୁ ସହର ନିଶାମୁକ୍ତ ହେବ
ସଭିଏଁ ମଦ ଛାଡ଼ିବେ
ଲଟେରୀ କରିକି
ଦୋକାନ ବାଣ୍ଟିଲେ
ସେଇଠି ମଦ ବିକିବେ
ଏପଟେ ଗୁଣି କରିବେ...
ସେଇ ସରକାର
ସେପଟେ ରହିକି
ଗୁଣିଆ ବି ବନିଯିବେ।

■ ଦେବାଶିଷ

# ନୂଆ ଟ୍ରାକ୍‌ରେ ଗଡୁଛି ବିଜେଡି ଗାଡ଼ି

### ସଭାପତିଙ୍କ ନିର୍ଦ୍ଦେଶରେ ସବୁକିଛି
### ସୁଜାତାଙ୍କ ଇନ୍ ପରେ ନୂଆ ଫର୍ମାଟ୍



ଭୁବନେଶ୍ୱର,୧୮।୭(ସଂଚାର ବ୍ୟୁରୋ): ବିଜେଡିର ରାଜନୈତିକ ଗାଡ଼ି ଏବେ ନୂଆ ଟ୍ରାକ୍‌ରେ ଗଡିବା ଆରମ୍ଭ କରିଛି। ଗତ କିଛିଦିନ ବିଶେଷକରି ପୂର୍ବତନ ଆଇଏଏସ୍ ଅଫିସର ସୁଜାତା ରାଉତ ଦଳରେ ଯୋଗଦେବା ପରେ ଶଙ୍ଖ ଭବନରୁ ଜାରି ହେଉଥିବା ପ୍ରେସ ବାର୍ତ୍ତାରେ ଏହା 'ସଭାପତି ନିର୍ଦ୍ଦେଶରେ' ବୋଲି ଲେଖାଯାଉଛି। ଏହାକୁ ଦେଖିଲା ପରେ ରାଜନୈତିକ ମହଲରେ ବିଜେଡିର ନୂଆ ଟ୍ରାକ୍‌କୁ ନେଇ ଆଲୋଚନା ଜୋର୍ ଧରିଛି। ବିଜେଡିରେ ଏବେ ଯାହାସବୁ ଘଟୁଛି ତାହା ସଭାପତିଙ୍କ ନିର୍ଦ୍ଦେଶରେ ହେଉଛି ବୋଲି ଗୋଟିଏ ବାର୍ତ୍ତା ଦିଆଯାଉଛି। ପୂର୍ବରୁ ଏଭଳି ପ୍ରେସବାର୍ତ୍ତା ଦେଖିବାକୁ ମିଳୁନଥିଲା। ଯେଉଁଦିନ ଶ୍ରୀମତୀ ରାଉତ ବିଜେଡିରେ ଯୋଗଦେଲେ, ଠିକ୍ ସେହିଦିନ ବିଜେଡି ସଭାପତି ନବୀନ କହିଥିଲେ ଯେ ଆଗାମୀ ୨୦୨୯ ନିର୍ବାଚନ ତାଙ୍କରି ନେତୃତ୍ୱରେ ହିଁ ବିଜେଡି ଲଢ଼ିବ। ଏହା ପରଠାରୁ ବିଜେଡିର ଟ୍ରାକ୍ ବଦଳିବାରେ ଲାଗିଛି। ଦଳ ➪ପୃଷ୍ଠା-୬

### ପ୍ରତାପ-ଦେବୀ ଆଉଟ୍, ସଞ୍ଜୟ ଇନ୍



ବିଜେଡି ରାଜନୀତିରେ ହଠାତ୍ ଓଲଟପାଲଟ ପରିଲକ୍ଷିତ ହୋଇଛି। ଗତ ନିର୍ବାଚନ ପରଠାରୁ ଦଳ ଭିତରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଓ ଦେବୀ ପ୍ରସାଦ ମିଶ୍ରଙ୍କର ଗୁରୁତ୍ୱ ବଢ଼ିଥିବାବେଳେ ଏବେ ସେମାନଙ୍କୁ ଆଉଟ୍ କରିଦିଆଯାଇଛି। ଏହି ଦୁଇ ନେତାଙ୍କ ବଦଳରେ ଏବେ ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାଶବର୍ମାଙ୍କ ଇନ୍ ହୋଇଛି। ସବୁ ସ୍ଥାନରେ ଏବେ ସଞ୍ଜୟଙ୍କ ଉପସ୍ଥିତି ଦେଖିବାକୁ ମିଳୁଛି। ଏକଦା କଟକରେ ବିଜେଡିର ସଙ୍କଟ ମୋଚନ ହେଉ କିମ୍ବା ଶଙ୍ଖ ଭବନରେ ପତାକା ଉତ୍ତୋଳନ ହେଉ, ପ୍ରତାପ ଓ ଦେବୀଙ୍କୁ ଖୋଜା ପଡୁଥିଲା। ଏପରିକି ନବୀନ ଚିକିତ୍ସା ପାଇଁ ମୁମ୍ବାଇ ଯାଇଥିବା ସମୟରେ ଦଳର ହାନିଲାଭ ଦେବୀ ହିଁ ବୁଝୁଥିଲେ। ତାଙ୍କୁ ଦଳରେ ନମ୍ବର ଦୁଇ ନେତା କୁହାଯାଉଥିଲା। କିନ୍ତୁ ହଠାତ୍ ଦେବୀ ଓ ପ୍ରତାପଙ୍କ ଭଳି ନେତାଙ୍କୁ କ'ଣ ପାଇଁ ଦଳ ଅଣଦେଖା କରୁଛି, ତାହା ଏବେ କର୍ମୀ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ସେହିଭଳି ଦଳରେ କୋଣଠେସା ହୋଇ ରହିଥିବା ସଞ୍ଜୟଙ୍କ ପ୍ରଭାବ କ୍ରମଶଃ ବଢ଼ିବାରେ ଲାଗିଛି। ଆଗାମୀ ଦିନରେ କେଉଁ କେଉଁ ନେତାଙ୍କୁ ଦଳ ଆଗକୁ ଆଣିବ ଓ କାହାକୁ ପଛକୁ ନେବ, ତାହାକୁ ନେଇ ଦଳରେ ଗୁଞ୍ଜରଣ ଆରମ୍ଭ ହୋଇଛି।

# ଆଡ଼ପ ମଣ୍ଡପକୁ ବିଜେ କଲେ ବଡ଼ ଠାକୁର ଶ୍ରୀ ହଳାୟୁଧ



କେନ୍ଦ୍ରାପଡ଼ା,୧୮।୭(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ତୁଳସୀକ୍ଷେତ୍ରର କ୍ଷେତ୍ରାଧିପତି ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉ ମହାପ୍ରଭୁଙ୍କ ପବିତ୍ର ଘୋଷଯାତ୍ରା ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇ ଦୁଇ ଦିନ ବ୍ୟାପି ଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଆଜି ତୃତୀୟ ଦିବସରେ ରଥ ଉପରେ ଦିଅଁ ମାନଙ୍କ ନୀତି ପୂଜା ପାଳନ କରାଯିବା ଅପରାହ୍ନରେ ଆଜି ରାତିରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଆଡ଼ପ ମଣ୍ଡପ ବିଜେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

କେନ୍ଦ୍ରାପଡାର ପରମ୍ପରା ଅନୁଯାୟୀ ଶ୍ରୀ ଗୁଣ୍ଡିଚା ଯାତ୍ରା ୨ ଦିନ ପାଳନ କରାଯାଇ ଥାଏ। ତୃତୀୟ ଦିବସ ରାତିରେ ଦିଅଁ ମାନଙ୍କୁ ପହଣ୍ଡି ବିଜେ କରାଯାଇ ଆଡପ ମଣ୍ଡପରେ ସ୍ଥାପନ କରାଯାଏ । ଚଳିତ ବର୍ଷ ବର୍ଷା ଲାଗି ରହିଥିଲେ ମଧ୍ୟ ଶ୍ରଦ୍ଧାଳୁ ଭକ୍ତ ମାନଙ୍କ ପ୍ରବଳ ସମାଗମ ସକାଳୁ ରାତି ପର୍ଯ୍ୟନ୍ତ ମାଉସୀ ମା ମନ୍ଦିର ଚକଡାରେ ଥିବା ରଥ ନିକଟରେ ଲାଗି ରହିଛି । ବିପରୀତ ପାଣିପାଗ ସତ୍ତ୍ୱେ ଭକ୍ତ ମାନଙ୍କୁ ସୁବିଧାରେ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ଶୃଙ୍ଖଳିତ ବ୍ୟବସ୍ଥା ଗ୍ରହଣ କରାଯାଇଛି । ୨ଦିନ ହେଲା ଦିଅଁମାନେ ରଥାରୂଢ ଥିବାରୁ ଅନ୍ନଭୋଗ ଲାଗି କରାଯାଇ ନାହିଁ ।

ତେବେ ଆଜି ରାତି ୯ଟାରେ ପହଣ୍ଡି ବିଜେ ଆରମ୍ଭ କରାଯାଇ ପ୍ରାୟ ୧୧ଟା ସୁଦ୍ଧା ଦିଅଁ ମାନଙ୍କୁ ଆଡପ ମଣ୍ଡପରେ ବିଜେ କରାଯିବା ପରେ ଦିଅଁମାନଙ୍କର ମହାସ୍ନାନ ଓ ମନ୍ଦିର ରୋଷଘର ପ୍ରତିଷ୍ଠା ଅଗ୍ନି ସ୍ଥାପନ କରାଯାଇ ଦିଅଁ ମାନଙ୍କ ପାଇଁ ଅନ୍ନ ପ୍ରସାଦର ରନ୍ଧନ କାର୍ଯ୍ୟ ଆରମ୍ଭ କରାଯିବ ଓ ଅନ୍ନ ଭୋଗ ଲାଗି କରାଯାଇ ଅନ୍ୟ ସେବା ପୂଜା ଅନୁଷ୍ଠିତ ହେବ। ବିଳମ୍ବିତ ରାତିରେ ବଡ ସିଂହାର ବେଶ କରାଯାଇ ଆଳତୀ ଉପରାନ୍ତେ ପୁଷ୍ପାଞ୍ଜଳି ସର୍ପଣ ପରେ ମନ୍ଦିର ଶୋଧ କରାଯିବା କାର୍ଯ୍ୟକ୍ରମ ରହିଛି । ତେବେ ନିର୍ଭିଘ୍ନରେ ବଡ ଠାକୁରଙ୍କ ଘୋଷ ଯାତ୍ରାର ପ୍ରଥମ ପର୍ଯ୍ୟାୟ ସମାପନ ହୋଇଥିବାରୁ ଭକ୍ତ ମହଲରେ ଆନନ୍ଦ ପ୍ରକାଶ ପାଇଛି ।

## ତୁଳସୀକ୍ଷେତ୍ର ରଥଯାତ୍ରାରେ କଂଗ୍ରେସ ସେବାଦଳର ସେବା ଶିବିର



କେନ୍ଦ୍ରାପଡ଼ା,୧୮।୭(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ପ୍ରସିଦ୍ଧ ତୁଳସୀ କ୍ଷେତ୍ର ଶ୍ରୀବଳଦେବଜୀଉଙ୍କ ରଥ ଯାତ୍ରାରେ ପ୍ରଦେଶ କଂଗ୍ରେସ ସେବାଦଳ ପକ୍ଷରୁ ଜିଲ୍ଲା କଂଗ୍ରେସ ସେବାଦଳର ଦୁଇ ଦିନିଆ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଜିଲ୍ଲା କଂଗ୍ରେସ ସଂଯୋଜକ ପ୍ରଫୁଲ୍ଲ କୁମାର ଦାସ ଶୁଭାରମ୍ଭ କରିଥିଲେ । ଜିଲ୍ଲାର ସମସ୍ତ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ରହି ଦୁଇ ଦିଅଁ ମାନଙ୍କ ପାଣି ଏବଂ ଓଆରଏସ ବନ୍ଟନ କାର୍ଯ୍ୟରେ ସହଯୋଗ କରିଥିଲେ । ସେହିପରି ଦ୍ୱିତୀୟ ଦିନରେ ପ୍ରଦେଶ କଂଗ୍ରେସ ସେବାଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଲୋକମାନଙ୍କୁ ପାଣି ବୋତଲ, ଓଆରଏସ, ଦହିପାଣି, ବିସ୍କୁଟ ପ୍ରଭୃତି ବନ କରିଥିଲେ । ଏହି କାର୍ଯ୍ୟରେ ପୂର୍ବତନ ବିଧାୟକ ବିଜୟ ପ୍ରସାଦ ବେହେରା, ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକ, ମିହିର ଆଚାର୍ଯ୍ୟ, ନିରଞ୍ଜନ ନାୟକ, ପୂର୍ବତନ ନଗରପାଳ ମହମ୍ମଦ ଆକବର ଅଲ୍ଲୀ, ବରିଷ୍ଠ କଂଗ୍ରେସ ନେତା ଫକୀର ଚରଣ ଖଟୁଆ, ବରିଷ୍ଠ କଂଗ୍ରେସ ନେତା ପ୍ରଦୀପ କୁମାର ମହାନ୍ତି, ଆଇନଜୀବୀ ବିଘ୍ନଭୂଷଣ ମହାପାତ୍ର, ଜୟଦେବ ପରିଡ଼ା, ସନ୍ତୋଷ ବେହେରା, ପ୍ରଦୀପ ପ୍ରଧାନ, ଭାଗିରଥୀ ଜେନା,ନଗର କଂଗ୍ରେସ ସଭାପତି ଦିଲୀପ ପ୍ରଧାନ, ମଲୟ ସସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମକୁ ସ୍ଥାନୀୟ ବରିଷ୍ଠ କଂଗ୍ରେସ ନେତା ହଳଧର ସେଠୀ ଓ ସେବାଦଳର କାର୍ଯ୍ୟକର୍ତ୍ତା କାଳନ୍ଦୀ ଚରଣ ସାହୁ ସଞ୍ଚାଳନ କରିଥିଲେ ।

## ଚିତ୍ତରଞ୍ଜନ ଦାସ କେନ୍ଦ୍ରାପଡ଼ା କଲେଜ ଅଧ୍ୟକ୍ଷ

କେନ୍ଦ୍ରାପଡ଼ା,୧୮।୭ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବେ କଟକ ଜିଲ୍ଲା କୁଆଁପାଳସ୍ଥିତ ଜବାହରଲାଲ ନେହେରୁ ଡିଗ୍ରୀ କଲେଜ ରସାୟନବିଜ୍ଞାନ ବିଭାଗର ପ୍ରାଧ୍ୟାପକ ଚିତ୍ତରଞ୍ଜନ ଦାସଙ୍କୁ ଉଚ୍ଚଶିକ୍ଷା ବିଭାଗ ନିଯୁକ୍ତି ପ୍ରଦାନ କରିଛି। ସେହିପରି ଏଠାରେ ଥିବା ଭାରପ୍ରାପ୍ତ ଅଧ୍ୟକ୍ଷ ଶାନ୍ତନୁ କୁମାର ଜେନାଙ୍କୁ ଭଦ୍ରକ ଜିଲ୍ଲାର ଅଗରପଡା ଡିଗ୍ରୀ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ଭାବରେ ବଦଳି କରାଯାଇଛି । ଏତଦ୍‌ବ୍ୟତୀତ ପ୍ରାଣୀବିଜ୍ଞାନ ବିଭାଗ ପ୍ରାଧ୍ୟାପକ ଡ. ଗୌରପ୍ରସାଦ ଷଡଙ୍ଗୀଙ୍କୁ ପଟ୍ଟାମୁଣ୍ଡାଇ ଡିଗ୍ରୀ କଲେଜର ଅଧ୍ୟକ୍ଷ ଭାବରେ ନିଯୁକ୍ତ ପ୍ରଦାନ କରାଯାଇଛି । ଏହାଛଡା କେନ୍ଦ୍ରାପଡା କଲେଜ ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପକ ରଞ୍ଜିତ କୁମାର ଦାସଙ୍କୁ ମହାକାଳପଡାର ଶ୍ରୀ ଶ୍ରୀ ବାୟାବାବା ଡିଗ୍ରୀ କଲେଜର ଅଧ୍ୟକ୍ଷ ଭାବରେ ବଦଳି କରାଯାଇଛି। ଆସନ୍ତା ୨୦ତାରିଖ ସୋମବାର ସୁଦ୍ଧା ସମସ୍ତଙ୍କୁ ନିଜ ନିଜ ସ୍ଥାନରେ ଯୋଗଦେବା ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି ।

## ଚୋରା ମଦ ଜବତ, ୬ ଗିରଫ



କେନ୍ଦ୍ରାପଡ଼ା,୧୮।୭(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ମାର୍ଶାଘାଇ, ଜମ୍ବୁ ସାମୁଦ୍ରିକ ଓ କେନ୍ଦ୍ରାପଡ଼ା ସଦର ଥାନା ଅଳର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଚଢ଼ାଉ କରାଯାଇଥିଲା । ଏହି ଚଢ଼ାଉ ସମୟରେ ଜଗଦିଶପୁର ଗ୍ରାମର ସରୋଜ ସାମଲ(୩୨)ଙ୍କ ଠାରୁ ୩୨ ଲିଟର ଚୋରା ବିଦେଶୀ ମଦ, ନାଗପଟଣା ଗ୍ରାମର ଶଶୀକାନ୍ତ ମଲିକ(୪୩)ଙ୍କ ଠାରୁ ୨୯ ଲିଟର ଚୋରା ବିଦେଶୀ ମଦ, ନେମ୍ବଳା ଗ୍ରାମର ବିଶ୍ୱଜିତ ସ୍ୱାଇଁ (୪୫)ଙ୍କ ଠାରୁ ୧୫ ଲିଟର ଚୋରା ଦେଶୀ ମଦ, ପ୍ରଭାକରପୁର ଗ୍ରାମର ପୁନୀ ରାଉତ(୪୦)ଙ୍କ ଠାରୁ ୧୮ ଲିଟର ଚୋରା ବିଦେଶୀ ମଦ, ଛିଲି ଖିଲର(୩୬)ଙ୍କ ନିକଟରୁ ୨୦ ଲିଟର ଚୋରା ଦେଶୀ ରକ୍ଷୀ ମଦ ଓ ଦୀନବନ୍ଧୁ ରାଉତ(୫୬)ଙ୍କ ଠାରୁ ୩୫ ଲିଟର ଚୋରା ବିଦେଶୀ ମଦ ଜବତ କରାଯାଇ ସେମାନଙ୍କ ଗିରଫ କରାଯାଇଛି । ସେମାନଙ୍କ ପାଖରୁ ସମୁଦାୟ ୧୪୯ ଲିଟର ଚୋରା ଦେଶୀ ରକ୍ଷୀ ମଦ, ଦେଶୀ ମଦ ଓ ବିଦେଶୀ ମଦ ଜବତ କରାଯାଇ ୬ ଜଣ ଚୋରା ମଦବେପାରୀଙ୍କୁ ଗିରଫ କରାଯାଇ ଆଇନାନୁସାରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି ।

### ସରକାରୀ ସୂଚନା ଫଳକ ଭାଙ୍ଗିବା ଘଟଣା

## ସ୍ୱଚ୍ଛତା ଉପରେ ପ୍ରଶ୍ନ, ତଦନ୍ତ ଦାବି ଜୋରଦାର




ଗରଦପୁର,୧୮।୭(ସଂଚାର ବ୍ୟୁରୋ): ଗରଦପୁର ବ୍ଲକ ଅଧୀନ ଗରଦପୁର ପଞ୍ଚାୟତର ଭଦାଲୋ ଗ୍ରାମରେ ସରକାରୀ ପ୍ରକଳ୍ପର ସୂଚନା ଫଳକ ଭାଙ୍ଗି ଦିଆଯାଇଥିବା ଅଭିଯୋଗକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ସୃଷ୍ଟି ହୋଇଛି । ଘଟଣାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ପ୍ରଶାସନ ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି ।

ସୂଚନା ଅନୁସାରେ, ପ୍ରାୟ ଦୁଇ ମାସ ପୂର୍ବରୁ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନା ଅଧୀନରେ ଧୋବା- ଗୋହିରୀ ଢଳେଇ ରାସ୍ତା ନିର୍ମାଣ ପାଇଁ ୩ ଲକ୍ଷ ୨୨ ହଜାର ୪୯ ଟଙ୍କା ବ୍ୟୟରେ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏହି କାର୍ଯ୍ୟର ସମସ୍ତ ବିବରଣୀ ସାଧାରଣ ଲୋକଙ୍କୁ ଜଣାଇବା ପାଇଁ ସରକାରୀ ଅର୍ଥରେ ଏକ ସୂଚନା ଫଳକ ମଧ୍ୟ ସ୍ଥାପନ କରାଯାଇଥିଲା ।

ତେବେ ସେହି ସୂଚନା ଫଳକକୁ ଭାଙ୍ଗି ତାହାର ଇଟା ନେଇଯାଇଥିବା ଅଭିଯୋଗ ଉଠିଛି । କେତେକ ସ୍ଥାନୀୟ ଲୋକ ଏହି ଘଟଣା ପଛରେ କିଛି ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ଦାବି କରୁଛନ୍ତି । ଏହି ଘଟଣାକୁ ନେଇ ଅନେକ ପ୍ରଶ୍ନ ଉଠୁଛି । ସରକାରୀ ଅର୍ଥରେ ନିର୍ମିତ ସୂଚନା ଫଳକ କାହିଁକି ଭଙ୍ଗାଗଲା ? କାହାର ସ୍ୱାର୍ଥରେ ଏଭଳି କାର୍ଯ୍ୟ କରାଗଲା ? ଏହା ପଛରେ କୌଣସି ବ୍ୟକ୍ତିଗତ କିମ୍ବା ରାଜନୈତିକ ଉଦ୍ଦେଶ୍ୟ ରହିଛି କି? ଏଭଳି ଘଟଣା ସରକାରୀ ପ୍ରକଳ୍ପର ସ୍ୱଚ୍ଛତା ଓ ଜବାବଦେହିତା ଉପରେ ପ୍ରଶ୍ନ ସୃଷ୍ଟି କରୁଛି ।

ସ୍ଥାନୀୟ ଅଞ୍ଚଳରେ ଏହି ଘଟଣାକୁ ନେଇ ବିଭିନ୍ନ ଚର୍ଚ୍ଚା ହେଉଥିବା ବେଳେ, ପ୍ରଶାସନ ନିରପେକ୍ଷ ଭାବେ ତଦନ୍ତ କରି ପ୍ରକୃତ ଦୋଷୀଙ୍କୁ ଚିହ୍ନଟ କରି ଆଇନାନୁଗ ପଦକ୍ଷେପ ନେବା ସହ ଭଙ୍ଗା ସୂଚନା ଫଳକକୁ ପୁନଃ ସ୍ଥାପନ କରିବାକୁ ସାଧାରଣରେ ଦାବି ହେଉଛି ।

ବର୍ତ୍ତମାନ ସମସ୍ତଙ୍କ ନଜର ଗରଦପୁର ବ୍ଲକ ପ୍ରଶାସନ ଓ ସମ୍ପୃକ୍ତ ବିଭାଗର ପରବର୍ତ୍ତୀ ପଦକ୍ଷେପ ଉପରେ ରହିଛି । ତଦନ୍ତରେ ପ୍ରକୃତ ସତ୍ୟ ସାମ୍ନାକୁ ଆସିବ କି ନାହିଁ, ତାହା ଦେଖିବାକୁ ବାକି ରହିଲା ।

## ପରମହଂସ ପ୍ରଜ୍ଞାନାନନ୍ଦଙ୍କ ଜୟନ୍ତୀ ଉପଲକ୍ଷେ ଅଗଷ୍ଟ ୧୦ରେ ରକ୍ତଦାନ ଶିବର

ପଟ୍ଟାମୁଣ୍ଡାଇ,୧୮।୭ (ସଂଚାର ବ୍ୟୁରୋ): ଆନ୍ତର୍ଜାତିକ ଖ୍ୟାତି ସଂପନ୍ନ କ୍ରୀୟାଯୋଗୀ ପରମହଂସ ପ୍ରଜ୍ଞାନାନନ୍ଦଜୀଙ୍କ ୬୭ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ଅଗଷ୍ଟ ୧୦ ତାରିଖରେ ଏକ ମେଗା ରକ୍ତଦାନ ଶିବର ଆୟୋଜନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏହି ରକ୍ତଦାନ ଶିବିରକୁ ସବୁ ମତେ ସଫଳ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ବେଲତଳ ହରିହରାନନ୍ଦ ଧ୍ୟାନ ମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଆଦିତ୍ୟନାଥ ଗିରି, ସ୍ୱାମୀ ବ୍ରଜେଶାନନ୍ଦ ଗିରି , ସ୍ୱାମୀ ଧ୍ୟାନ ନିଷ୍ଠାନନ୍ଦ ଗିରି, ବାବା ଗୋପିନାଥ କର,ବାବା ବ୍ରଜ କିଶୋର ପଣ୍ଡା, ବାବା ଅଭିମନ୍ୟୁ ପଢ଼ିହାରୀ, ଗୋପୀନାଥ ତ୍ରିପାଠୀ, ପ୍ରମୋଦ ସାହୁଙ୍କ ସମେତ ପରମ ହଂସ ପ୍ରଜ୍ଞାନାନନ୍ଦଙ୍କ ବହୁ ଶିଷ୍ୟ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ । ଏହି ରକ୍ତଦାନ ଶିବିର ଆଗାମୀ ଅଗଷ୍ଟ ୧୦ତାରିଖ ସକାଳ ୯ଟାରୁ ଅପରାହ୍ନ ୨. ୩୦ ମିନିଟ ପର୍ଯ୍ୟନ୍ତ ଚାଲୁ ରହିବ । ରକ୍ତଦାନ ଶିବିରକୁ ସଫଳ କରିବା ପାଇଁ ବ୍ୟାପକ ପ୍ରଚାର ପ୍ରସାର କରାଯିବାକୁ ବୈଠକରେ ନିଷ୍ପତି ନିଆଯାଇଥିଲା । ଶେଷରେ ବାବା ଦୁଷ୍ମନ୍ତ ସାହୁ ଧନ୍ୟବାଦ ଦେଇଥିଲେ ।

## ବାବା ବୈକୁଣ୍ଠନାଥ ସେବାସଂସ୍ଥା ପକ୍ଷରୁ ପୁରୀରେ ଶୁଖିଲାଖାଦ୍ୟ ବଣ୍ଟନ



କେନ୍ଦ୍ରାପଡ଼ା,୧୮।୭ (ସଂଚାର ବ୍ୟୁରୋ): କେନ୍ଦ୍ରାପଡାର ଗରାପୁରସ୍ଥିତ ବାବା ବୈକୁଣ୍ଠନାଥ ସେବା ସଂସ୍ଥା ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ପବିତ୍ର ରଥଯାତ୍ରା ଅବସରରେ ପୁରୀ ବଡଦାଣ୍ଡର ଗୋୟେଙ୍କା ଧର୍ମଶାଳା ସମ୍ମୁଖରେ ୧୦ହଜାର ଭକ୍ତଙ୍କ ପାଇଁ ଶୁଖିଲା ଖାଦ୍ୟ ସହ ଦହି ପାଣି, ଚା ଓ ବିସ୍କୁଟ ପ୍ରଭୃତି ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ପ୍ରଶାନ୍ତ ଆଚାର୍ଯ୍ୟ, ସରୋଜ ସାହୁ, ପ୍ରଶାନ୍ତ ବେହେରା, ବିଭୁଦ ମଲିକ, କାଳିଆ ସାହୁ,ଟିଟୁ କୁଣ୍ଡୁ, ବିଶ୍ୱଜିତ ତରେଇ, ଧନ ସାହୁ, ପ୍ରତାପ ମହାନ୍ତି, ଶିବେନ୍ଦ୍ର ସାହୁ, କୃପାସିନ୍ଧୁ ମଲିକ, ମୃତ୍ୟୁଞ୍ଜୟ ମହାନ୍ତି, ସନାତନ ବେହେରା, ରାଜେନ୍ଦ୍ର ମହାପାତ୍ର, କାବୁ ଦାସଙ୍କ ସମେତ ସେବା ସଂସ୍ଥାର ୮୦ ସଦସ୍ୟ ସହଯୋଗ କରିଥିଲେ।

### ଗ୍ରୁପ ମହିଳାଙ୍କୁ ଋଣ ପ୍ରଦାନ ପ୍ରକ୍ରିୟାରେ ଅନିୟମିତତା

## ହାତଗୁଞ୍ଜା ନଦେଲେ ଫାଇଲ୍ ଯାଉନି ଆଗକୁ




ଆନନ୍ଦପୁର,୧୮।୭ (ସଂଚାର ବ୍ୟୁରୋ): ଆନନ୍ଦପୁର ବ୍ଲକର ମିଶନ ଶକ୍ତି ବିଭାଗକୁ ନେଇ ପୁଣି ଚର୍ଚ୍ଚା ଜୋର ଧରିଛି। ଏସଏଚଜି ଗ୍ରୁପ ମହିଳାଙ୍କୁ ଋଣ ପ୍ରଦାନ ପ୍ରକ୍ରିୟାରେ ଅନିୟମିତତା ଏବଂ ହାତଗୁଞ୍ଜା ଆଦାୟ ଅଭିଯୋଗ ଆସିଥିବା ବେଳେ, ସମ୍ପୃକ୍ତ ଏମ୍ବୀକେ ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ଖଣ୍ଡନ କରିଛନ୍ତି। ଆନନ୍ଦପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ଗଠିତ ସ୍ୱୟଂ ସହାୟକ ଗୋଷ୍ଠୀ ବା ଏସଏଚଜି ଗ୍ରୁପର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଋଣ ଓ ସହାୟତା ଯୋଜନା କାର୍ଯ୍ୟକରୀ କରାଯାଉଛି। ହେଲେ ଏହି ଯୋଜନାର ସୁଯୋଗ ନେଇ କିଛି ପଞ୍ଚାୟତ ସ୍ତରୀୟ ମିଶନ ଶକ୍ତି କର୍ମଚାରୀ ଋଣ ପ୍ରଦାନ ଏବଂ ଅନ୍ୟାନ୍ୟ କାର୍ଯ୍ୟ ନାମରେ ଏସଏଚଜି ଗ୍ରୁପ ମହିଳାଙ୍କ ଠାରୁ ହାତଗୁଞ୍ଜା ଦାବି କରୁଥିବା ଅଭିଯୋଗ ହୋଇଛି।

ଅଭିଯୋଗ ଅନୁଯାୟୀ, ହାତଗୁଞ୍ଜା ନ ଦେଲେ ଫାଇଲ ଦୀର୍ଘ ଦିନ ଧରି ଆଗକୁ ବଢୁନଥିବାରୁ ମହିଳାମାନେ ହଇରାଣ ହେଉଛନ୍ତି। ବିଶେଷ କରି ଜଳସୁଆଁ ପଞ୍ଚାୟତରୁ ଏଭଳି ଅଭିଯୋଗ ସାମ୍ନାକୁ ଆସିଥିବା କୁହାଯାଉଛି। ପ୍ରତ୍ୟେକ ଏସଏଚଜି ଗ୍ରୁପ ଠାରୁ ଦୁଇରୁ ତିନି ହଜାର ଟଙ୍କା ପର୍ଯ୍ୟନ୍ତ ଆଦାୟ କରାଯାଉଛି। ଫଳରେ ସରକାରଙ୍କ ସ୍ୱାବଲମ୍ବୀ ଯୋଜନାର ଉଦ୍ଦେଶ୍ୟ ବାଧାପ୍ରାପ୍ତ ହେଉଥିବା ଅଭିଯୋଗକାରୀ ମାନେ କହିଛନ୍ତି। ଏପଟେ ସରକାର ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା ନୀତି ଗ୍ରହଣ କରି ବିଭିନ୍ନ ବିଭାଗକୁ ବାରମ୍ବାର ତାଗିଦ କରୁଥିବା ବେଳେ, ଏଭଳି ଅଭିଯୋଗ ଚିନ୍ତାର ବିଷୟ ପାଲଟିଛି।

## କାଳିଜାଇ ଉଚ୍ଚ ବିଦ୍ୟାଳୟ କମିଟି ଗଠନରେ ବେନିୟମ ଅଭିଯୋଗ

### ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଦ୍ୱାରସ୍ଥ ହେଲେ ଅଭିଭାବକ




ଖୋର୍ଦ୍ଧା,୧୮।୭ (ସଂଚାର ବ୍ୟୁରୋ): ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ ମାନସିଂହପୁର ଗ୍ରାମ ପଞ୍ଚାୟତ କାଳିଜାଇ ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟି ଗଠନରେ ବ୍ୟାପକ ଅନିୟମିତତା ଓ ବେନିୟମ କାର୍ଯ୍ୟକଳାପ ହୋଇଥିବା ନେଇ ଅଭିଭାବକ ମାନେ ଅଭିଯୋଗ କରିଛନ୍ତି ବ୍ଲକ ଗୋଷ୍ଠି ଶିକ୍ଷା ଅଧିକାରୀଙ୍କୁ । ଏହି ସମ୍ପର୍କରେ କାଳିଜାଇ ଉଚ୍ଚ ବିଦ୍ୟାଳୟର ବହୁ ସଂଖ୍ୟକ ଅଭିଭାବକ ଏକତ୍ରିତ ହୋଇ ବ୍ଲକ ଗୋଷ୍ଠି ଶିକ୍ଷା ଅଧିକାରୀଙ୍କ ନିକଟକୁ ଦ୍ୱାରସ୍ତ ହୋଇଥିଲେ ।

୧୭-୦୭-୨୦୨୬ (ଶୁକ୍ରବାର) ଅପରାହ୍ନ ୨ ଟାରେ ବୈଠକ ପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଗତକାଲି ସରକାରୀ ନିୟମକୁ ଜଳାଞ୍ଜଳି ଦେଇ ନିଜ ମନମୁଖୀ ଶୈଳୀରେ କମିଟି ଗଠନ ପ୍ରକ୍ରିୟା ଆରମ୍ଭ କରିଥିଲେ ସ୍କୁଲର ପ୍ରଧାନ ଶିକ୍ଷକ । ଏହାକୁ ନେଇ ଉପସ୍ଥିତ ଅଭିଭାବକ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବାରୁ ଏବଂ ହଟ୍ଟଗୋଳ ପରିସ୍ଥିତି ସୃଷ୍ଟି ହେବାରୁ ବୈଠକକୁ ସାମୟିକ ଭାବେ ବନ୍ଦ ନକରି ମନଇଚ୍ଛା କମିଟି ଗଠନ କଲେ ସ୍କୁଲର ପ୍ରଧାନ ଶିକ୍ଷକଙ୍କ ଜରିଆରେ । ଏହା ଦେଖି ବହୁ ସଂଖ୍ୟକ ଅଭିଭାବକ ସେଠାରୁ ଚାଲିଯାଇଥିଲେ । ମାତ୍ର ଅଭିଭାବକମାନଙ୍କ ଅନୁପସ୍ଥିତିର ସୁଯୋଗ ନେଇ ସ୍କୁଲର ପ୍ରଧାନ ଶିକ୍ଷକ ଜଣକ ଅଳ୍ପ କେତେକ ବ୍ୟକ୍ତିଙ୍କୁ ନେଇ ପୂର୍ବ ପ୍ରସ୍ତୁତ ଯୋଜନା ମୁତାବକ ବେନିୟମ ଭାବେ କମିଟି ଗଠନ କରିଥିବା ଅଭିଯୋଗ ହୋଇଛି।

ଏକାଧିକ ଅଭିଭାବକଙ୍କୁ ଚୟନ ପ୍ରକ୍ରିୟାରେ ସାମିଲ ନକରି ପୂର୍ବରୁ ଥିବା ପୁରୁଣା ମେମ୍ବରଙ୍କୁ ନେଇ ଆଉ କିଛି ନୂଆ ବ୍ୟକ୍ତିଙ୍କୁ ଧରି କମିଟି ଗଠନ ପ୍ରସ୍ତୁତ କରାଯାଇଛି । ପୂର୍ବରୁ କମିଟି ସଦସ୍ୟ ଥିବା ବ୍ୟକ୍ତିଙ୍କୁ ପୁନର୍ବାର ବେନିୟମ ଭାବେ ଚୟନ କରାଯାଇଛି ବୋଲି ଅଭିଯୋଗ ଆଣିଛନ୍ତି କିଛି ଛାତ୍ରଛାତ୍ରୀଙ୍କ ଅଭିଭାବକ । ଏହି ମନମୁଖୀ ଚୟନ ପ୍ରକ୍ରିୟାକୁ ରଦ୍ଦ କରିବା ସହ ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ଅଭିଭାବକ ମାନେ ଦାବି କରିଛନ୍ତି। ଏହା ସହିତ ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ସ୍ୱଚ୍ଛ ଭାବେ ପୁନର୍ବାର ଶିକ୍ଷା କମିଟି ଗଠନ ପାଇଁ ଅନୁରୋଧ କରାଯାଇଛି।

## ବିପୁଳ ପରିମାଣର ଚୋରା ବିଦେଶୀ ମଦ ଜବତ, ୨ ଗିରଫ



ପାରାଦ୍ୱୀପ,୧୮।୭ (ସଂଚାର ବ୍ୟୁରୋ): ଜଗତସିଂହପୁର ଅବକାରୀ ଅଧିକ୍ଷକ ଶ୍ରୀମତି ଅନିତା ପ୍ରଧାନ ଙ୍କ ତତ୍ତ୍ୱାବଧାନରେ ପାରାଦୀପ ଅବକାରୀ ରେଞ୍ଜ ଏଵଂ ଭାରା ପ୍ରାପ୍ତ ଅଧିକାରୀ ପାରାଦୀପ ଅବକାରୀ ଥାନା ପକ୍ଷରୁ ପାରାଦୀପ ଥାନା ଅନ୍ତର୍ଗତ ଟର୍ମିନାଲ ଛକ ଏବଂ ବାଉରିଆପାଳନ୍ଧା ଅଞ୍ଚଳରେ ଚଢାଉ କରାଯାଇ ୩.୮୬୦ ଲିଟର ଆଇଏମଏଫଏଲ ଏବଂ ୫.୮୫୦ଲିଟର ବିଅର ଜବତ କରାଯାଇଛି। ଏଥି ସହିତ ଚୋରା ବିଦେଶୀ ମଦ ବିକ୍ରି ଅଭିଯୋଗରେ ଆସାମୀ ରବୀନ୍ଦ୍ର ମଲ୍ଲିକ୍ ଏବଂ ସୁଶୀଲ ତରାଇଙ୍କୁ ଗିରଫ କରାଯାଇ ଅବକାରୀ କେସ ନଂ ୨୨/୨୬-୨୭ ଏବଂ ୫୫/୨୦୨୬-୨୭ରେ ସଂଯୋଗ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏହି ଚଢାଉରେ ପାରାଦୀପ ଅବକାରୀ ରେଞ୍ଜ ନିରୀକ୍ଷକ ଶ୍ରୀକାନ୍ତ କୁମାର ପଟ୍ଟନାୟକ, ଓଆଇସି ପାରାଦୀପ ଅବକାରୀ ଥାନା ଧର୍ମପଦ ଦାସ ପ୍ରମୁଖ ସାମିଲ ଥିଲେ।

## ଜଗା ଦର୍ଶନ ପାଇଁ ୨୦କିମି ହୁଇଲ ଚେୟାରରେ ଆସିଲେ ଦିବ୍ୟାଙ୍ଗ

### ଦୃଢ଼ ମନ ବଳ ଆଗରେ ହାର ମାନିଛି ସମୟ ଓ ପରିସ୍ଥିତି



ନୀଳଗିରି,୧୮।୭ (ସଂଚାର ବ୍ୟୁରୋ): କଥାରେ ଅଛି ପ୍ରବଳ ଇଚ୍ଛା ଶକ୍ତି ଓ ଦୃଢ ମନବଳ ଥିଲେ କିଛିବି କାର୍ଯ୍ୟ ଅସାଧ୍ୟ ନାହିଁ। ଯେପରିକି ଏକ କଥାରେ ଅଛି ପଙ୍ଗୁ ଲଂଘୟତେ ଗିରି ଶ୍ଳୋକର ପ୍ରତିପାଦନ କରିଦେଖେଇଛନ୍ତି ୩ ଦିବ୍ୟାଙ୍ଗ। ତେବେ ଦୃଢ଼ ମନବଳ ଆଗରେ ହାର ମାନିଛି ଭିନ୍ନକ୍ଷମତା ।

ଜଗା ଦର୍ଶନ ପାଇଁ ୨୦କିମି ହୁଇଲ ଚେୟାର ରେ ଆସି ଜଗାକୁ ଦର୍ଶନ କରି ଫେରିଛନ୍ତି ୩ ଦିବ୍ୟାଙ୍ଗ। ଏଭଳି ଏକ ରୋଚକ ଦୃଶ୍ୟତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ବଡ ଦାଣ୍ଡରେ ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ ନୀଳଗିରି ବ୍ଲକ ଅଧିନ ମାଟିଆଳି ପଞ୍ଚାୟତ ମାଟିଆଳି ଗ୍ରାମର ବସନ୍ତ ପ୍ରଧାନଙ୍କ ଦିବ୍ୟାଙ୍ଗ ପୁତ୍ର ସୁମନ୍ତ ପ୍ରଧାନ (୪୫) ଶତକଡ଼ା ୭୫ ଭାଗ ଦିବ୍ୟାଙ୍ଗ ଅଟନ୍ତି। ତେଓ୍ୱେ ଜଗା ଦର୍ଶନ ର ଅଭିଳାସା ନେଇ ଦୀର୍ଘ ୨୦କିମି ବଣ ପାହାଡ଼ ଘେରା ଇଲାକା ପାର କରି ନିଜ ହୁଇଲ ଚେୟାର ରେ ନୀଳଗିରି ପହଞ୍ଚି ଜଗା ଦର୍ଶନ କରିଥିଲେ। ଠିକ ସେହିଭଳି ଅଯୋଧ୍ୟା ଅଞ୍ଚଳ ର ସୁମନ ଦାସ(୨୨) ଓ ସନ୍ତରାଗଡିଆ ଅଞ୍ଚଳର କୃପା ସିନ୍ଧୁ(୧୯) ଶତ ପ୍ରତିଶତ ଦୁଇ ଦିବ୍ୟାଙ୍ଗ କାଠ ରେ ତିଆରି କାଠବିଛଣା ଚେୟାର ରେ ଆସି ଉକ୍ତ ଚେୟାର ରେ ଶୋଇ ରହି ଜଗା ଦର୍ଶନ କରିଥିଲେ। ବଡ ଦାଣ୍ଡ ଦେଇ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ଫେରୁଥିବା ବେଳେ ତାଙ୍କ ନଜରରେ ପଡିଥିଲା। ସାଂସଦ କିଛି ସମୟ ସେଠାରେ ଅଟକି ସେମାନଙ୍କ ସମସ୍ୟା ପଚାରି ବୁଝିବା ସହିତ କିଛି ଆର୍ଥିକ ସହାୟତା ରଶି ପ୍ରଦାନ କରିଥିଲେ। ୩ ଜଣ ଭିନ୍ନକ୍ଷମ ବ୍ୟାଟେରୀ ଚାଳିତ ହୁଇଲ ଚେୟାର ପ୍ରଦାନ ଏବଂ ମାସିକ ୩୫୦୦ ଭତ୍ତା ଦେବାକୁ ଭିନ୍ନକ୍ଷମ ମାନେ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଥିଲେ। ତୁରନ୍ତ ବାଲେଶ୍ୱର ଜିଲ୍ଲାପାଳ ତଦନ୍ତ କରି ଭିନ୍ନକ୍ଷମଙ୍କୁ ସହଯୋଗ କରିବାକୁ ଦାବୀ ହୋଇଛି।

## ରାସ୍ତାକଡ଼ରୁ ଯୁବକଙ୍କ ମୃତଦେହ ଉଦ୍ଧାର



ବାଲିଅନ୍ତା,୧୮।୭ (ସଂଚାର ବ୍ୟୁରୋ): ବାଲିଅନ୍ତା ଥାନା ଅଧୀନ ଖମଙ୍ଗ - ପ୍ରତାପରୁଦ୍ରପୁର ଗ୍ରାମ ଉନ୍ନୟନ ବିଭାଗ ରାସ୍ତା କଡ଼ରୁ ଆଜି ଅପରାହ୍ନରେ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ମୃତ ଯୁବକ ହେଲେ ବାଲିଅନ୍ତା ଥାନା ଅଧୀନ କାକରୁଦ୍ରପୁର ନାଏକ ସାହିର ସୁରେନ୍ଦ୍ର ନାଏକ (୪୨) । ସୁରେନ୍ଦ୍ର ପୂର୍ବାହ୍ନ ୧୦ଟା ସମୟରୁ ରାସ୍ତା କଡରେ ଗୁରୁତର ଅବସ୍ଥାରେ ପଡିଥିଲେ। ଅତ୍ୟଧିକ ମଦ ନିଶାରେ ଦୀର୍ଘ ସମୟ ଧରି ପଡ଼ିରହିବା ପରେ ସାହି ବାସିନ୍ଦା ଅପରାହ୍ନ ୪ଟା ବେଳକୁ ହସ୍ପିଟାଲ ନେବାକୁ ଉଦ୍ୟମ କରିଥିଲେ। ହେଲେ ସୁରେନ୍ଦ୍ରଙ୍କ ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ବାଲିଅନ୍ତା ଥାନା ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନେଇ କ୍ୟାପିଟାଲ ହସ୍ପିଟାଲ ପଠାଇ ଥିଲେ । ଅନ୍ୟପକ୍ଷରେ ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପୁଲିସ ସୂଚନା ଦେଇଛି । ସୁରେନ୍ଦ୍ର ବାଜା ବଜାଇ ପରିବାର ଚଳାନ୍ତି । ଆଜି ଶ୍ୱଶୁର ଘର ଯିବାର ଥିଲା । ହେଲେ ଶ୍ୱଶୁର ଘରକୁ ନଯାଇ ମଦ ପିଇ ନିଶାଗ୍ରସ୍ତ ଅବସ୍ଥାରେ ରାସ୍ତାରେ ପଡ଼ିଥିବା ପ୍ରତ୍ୟକ୍ଷ ଦର୍ଶୀ କହିଛନ୍ତି ।

# ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ରଥଟଣା ସମ୍ପୂର୍ଣ୍ଣ

### ଆଜି ରାତ୍ରୀରେ ତିନି ଠାକୁରଙ୍କ ମାଉସୀମା ମନ୍ଦିରକୁ ପହଣ୍ଡି ବିଜେ



ବାରିପଦା,୧୮।୭ (ସଂଚାର ବ୍ୟୁରୋ): ପ୍ରଥା ଅନୁଯାୟୀ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ପହଣ୍ଡି ପର ଦୁଇଦିନ ରଥଟଣା ହୋଇଥାଏ। ଗତକାଲି ରଥଟଣାର ପ୍ରଥମ ଦିନରେ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ମାଉସୀମା ମନ୍ଦିର ପାଖରେ ପହଁଞ୍ଚିଥିଲା । ସେହିପରି ମା ସୁଭଦ୍ରାଙ୍କ ଦର୍ପୋଦୋଳନ ରଥ ବଦଦାଣ୍ଡର ଟାଉନ ଥାନା ସମ୍ମୁଖ ପର୍ଯ୍ୟନ୍ତ ଆସିଥିଲା। ଆଜି ଦ୍ୱିତୀୟ ଦିବସରେ ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ହୋଇଥିବା ସମୟ ଅନୁଯାୟୀ ଅପରାହ୍ନରେ ରଥଟଣା ଆରମ୍ଭ ହୋଇଥିଲା । ବଡ଼ଦାଣ୍ଡ ହୋଇଥିଲା ଲୋକାରଣ୍ୟ। ଭକ୍ତଙ୍କର ମହାମିଳନ ଦେଖିବାକୁ ମିଳିଥିଲା । ଶଙ୍ଖ, ହୁଳହୁଳି, ହିରିବୋଲ, ଜୟ ଜଗନ୍ନାଥ ଧ୍ୱନୀରେ ବଡ଼ଦାଣ୍ଡ ପ୍ରକୋମ୍ପିତ ହୋଇଉଠିଥିଲା ବଡ଼ଦାଣ୍ଡ ।

ପ୍ରଶାସନ ପକ୍ଷରୁ ନିର୍ଦ୍ଧାରୀତ ସମୟ ଅନୁଯାୟୀ ଆଜି ଅପରାହ୍ନରେ ପ୍ରଥମେ ବଡ଼ଦାଣ୍ଡର ମଝିରେ ଅଟକିଥିବା ମା ସୁଭଦ୍ରାଙ୍କ ଦର୍ପୋଦୋଳନ ରଥକୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ର ପୂର୍ବରୁ ରହିଥିବା ପ୍ରଥା ଅନୁଯାୟୀ କେବଳ ମହିଳାମାନେ ଟାଣି ମାଉସୀମା ମନ୍ଦିର ସମ୍ମୁଖରେ ପହଞ୍ଚାଇଥିଲେ । ଏହାପରେ ଜଗତର ନାଥ ପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଭକ୍ତମାନଙ୍କ ଗହଣରେ ଆସି ସନ୍ଧ୍ୟା ପୂର୍ବରୁ ମାଉସୀମା ମନ୍ଦିର ପାଖରେ ପହଁଞ୍ଚିଥିଲା । ଆଜି ରାତ୍ରୀରେ ତିନି ଠାକୁରଙ୍କ ପହଣ୍ଡିବିଜେ ହୋଇ ମାଉସୀମା ମନ୍ଦିର ଭିତରକୁ ପ୍ରବେଶ କରିବେ । ଆସନ୍ତାକାଲି ପାଖରୁ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ବିଭିନ୍ନ ବେଶରେ ସଜ୍ଜିତ ହୋଇ ତିନି ଠାକୁର ଭକ୍ତମାନଙ୍କୁ ଦର୍ଶନ ଦେବେ ।

ରଥଟଣାରେ ଭିଡ଼କୁ ନଜରରେ ରଖି ବଡ଼ଦାଣ୍ଡରେ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଥିଲା। ରଥଟଣା ସମୟରେ ପ୍ରଶାସନିକ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ବଡ଼ଦାଣ୍ଡରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଭକ୍ତମାନଙ୍କୁ ଦହିସର୍ବତ, ଥଣ୍ଡାପାଣି, ଅନ୍ନଭୋଗ ଆଦି ବଣ୍ଟନ କରାଯାଇଥିଲା । ରଥଟଣା ସମୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଜଗନ୍ନାଥ ସଂସ୍କୃତି ସହିତ ଧାରା ବିବରଣୀ ପ୍ରଦାନ କରାଯାଉଥିବା ବେଳେ ରଥ ଉପରୁ ଜଗନ୍ନାଥ ସଂସ୍କୃତି ପ୍ରଚାରକ ଭାଗବତ ପଣ୍ଡା ଧାରା ବିବରଣୀ ପ୍ରଦାନ କରିଥିଲେ ।

## ବାଲ୍ୟ ବିବାହ ମୁକ୍ତ ପାଇଁ ଜିଲ୍ଲାସ୍ତରୀୟ କାର୍ଯ୍ୟାନ୍ୱୟନ ଖସଡ଼ା ଉନ୍ମୋଚିତ



ମାଲକାନଗିରି,୧୮।୭ (ସଂଚାର ବ୍ୟୁରୋ): ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ବାଲ୍ୟ ବିବାହ ନିରାକରଣ ନିମନ୍ତେ ଏକ ଜିଲ୍ଲାସ୍ତରୀୟ ସ୍ୱତନ୍ତ୍ର କାର୍ଯ୍ୟାନ୍ୱୟନ ତାଲିମ କାର୍ଯ୍ୟକ୍ରମ ଓ ସମୀକ୍ଷା ବୈଠକ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ସୁଚିନ୍ତିତ ନିର୍ଦ୍ଦେଶ କ୍ରମେ ଆୟୋଜିତ ଏହି ଉଚ୍ଚସ୍ତରୀୟ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ ଜିଲ୍ଲାରୁ ବାଲ୍ୟ ବିବାହର ସମ୍ପୂର୍ଣ୍ଣ ଉଚ୍ଛେଦ ପାଇଁ ଏକ ଦୀର୍ଘକାଳୀନ ରଣନୀତି "ଜିଲ୍ଲା ଏକ୍ସନ୍ ପ୍ଲାନ୍ (ଡ଼ାପ୍ ୨୦୨୬- ୨୦୨୯)" ପୁସ୍ତିକାକୁ ଉପସ୍ଥିତ ଅତିଥିମାନେ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥୀ ସରାବୁ, ଉପ-ଜିଲ୍ଲାପାଳ ଦୂର୍ଯ୍ୟୋଧନ ଭୋଇ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଚିତା ପଣ୍ଡା, ୟୁନିସେଫର ରିସୋର୍ସ ପର୍ସନ ଘାସିରାମ ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଡାକ୍ତର ରଣସିଂ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ ।

# ଶ୍ରବଣ ଶକ୍ତିବାଧିତ ବାଳିକାଙ୍କ ସହ ରାଜ୍ୟପାଳଙ୍କ ଭାବବିନିମୟ



ଭୁବନେଶ୍ୱର,୧୮।୭(ସଂଚାର ବ୍ୟୁରୋ): ରାଜ୍ୟପାଳ ଡ ହରି ବାବୁ କମ୍ପମ୍ପାଟି ଆଜି ଶ୍ରବଣ ଶକ୍ତିବାଧିତ ବାଳିକାମାନଙ୍କ ସହ ଭାବବିନିମୟ କରିଛନ୍ତି। ଏହି ଅବସରରେ ରାଜ୍ୟପାଳ ଶ୍ରବଣ ଶକ୍ତିବାଧିତ ବାଳିକାଙ୍କ ନିମନ୍ତେ ଦକ୍ଷତା ବିକାଶ ଓ ରୋଜଗାର ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଛନ୍ତି। ରାଜ୍ୟର ଶିଳ୍ପ କ୍ଷେତ୍ର ସହ ସେମାନଙ୍କୁ ଯୋଡ଼ିବା ପାଇଁ ପ୍ରୟାସ କରିବାକୁ ମଧ୍ୟ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି। ଆଜି ଲୋକ ଭବନର ଅଭିଷେକ ହଲରେ କେନ୍ଦୁଝରର ସେବା ଫାଉଣ୍ଡେସନ୍‌ର ପ୍ରାୟ ୫୦ ଜଣ ସଦସ୍ୟଙ୍କ (ଶ୍ରବଣ ଶକ୍ତିବାଧିତ ବାଳିକା ଓ ଶାରୀରିକ ଭିନ୍ନକ୍ଷମ ବ୍ୟକ୍ତିଙ୍କ ସମେତ) ସହ ଆଲୋଚନା କରିବା ସମୟରେ ଏହି ବାଳିକାମାନଙ୍କୁ ଦରଜି ଓ ହସ୍ତଶିଳ୍ପ ପ୍ରଶିକ୍ଷଣ ଦିଆଯାଉଛି ବୋଲି ରାଜ୍ୟପାଳଙ୍କୁ ଅବଗତ କରାଯାଇଥିଲା। ଏହି ଅବସରରେ ଓଡ଼ିଶାରେ ଏକାଧିକ ବୟନ ଶିଳ୍ପ ପ୍ରତିଷ୍ଠା ହେବାକୁ ଯାଉଥିବା ଦୃଷ୍ଟିରୁ ପ୍ରଶିକ୍ଷିତ ବାଳିକାମାନଙ୍କ ପାଇଁ ଏହି ଶିଳ୍ପସଂସ୍ଥାଗୁଡ଼ିକରେ ରୋଜଗାର ସୁଯୋଗ ଖୋଜିବାକୁ ସଂଗଠନକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ସେମାନେ ଆର୍ଥିକ ସ୍ୱାବଲମ୍ବୀ ହୋଇ ସମ୍ମାନଜନକ ଜୀବନଯାପନ କରିପାରିବେ ବୋଲି ରାଜ୍ୟପାଳ କହିଥିଲେ। ଅଂଶଗ୍ରହଣକାରୀଙ୍କ ସହ ଭାବ ବିନିମୟ ସମୟରେ ସେମାନଙ୍କୁ ପ୍ରଦାନ କରାଯାଉଥିବା ଶ୍ରବଣ ଯନ୍ତ୍ର, କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ଆଦି ସହାୟତା ବିଷୟରେ ରାଜ୍ୟପାଳ ପଚାରି ବୁଝିଥିଲେ। ଏହି ପ୍ରସଙ୍ଗରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରଶାସନ କର୍ପୋରେଟ ସାମାଜିକ ଦାୟିତ୍ୱ (ସିଏସଆର) ମାଧ୍ୟମରେ ଶ୍ରବଣ ଶକ୍ତି ଯନ୍ତ୍ର ଯୋଗାଇ ଦେବା ନିମନ୍ତେ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ଏହାପରେ ଶ୍ରବଣ ଶକ୍ତିବାଧିତ ବାଳିକା ଓ ଶାରୀରିକ ଭିନ୍ନକ୍ଷମ ବ୍ୟକ୍ତିମାନେ ଲୋକ ଭବନ ପରିସରସ୍ଥିତ ଉଦ୍ୟାନ, ଅଟଳ ବନ ଓ ହରିଣ ପାର୍କ ପରିଦର୍ଶନ କରିଥିଲେ। ଏହିସହ ଆସନ୍ତାକାଲି ସେମାନଙ୍କର ପୁରୀ ଗସ୍ତ ନିମନ୍ତେ ବିହିତ ବ୍ୟବସ୍ଥା ଲୋକ ଭବନ ପକ୍ଷରୁ କରାଯାଇଥିବା ଜଣାପଡ଼ିଛି।

**ଦିବ୍ୟାଙ୍ଗ ଓ ବାକ୍ ଶ୍ରବଣବାଧିତ ବାଳିକାଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ**

# ମହାପ୍ରଭୁଙ୍କ ଦର୍ଶନ କରିବେ ଦିବ୍ୟାଙ୍ଗ

- ପ୍ରଶିକ୍ଷିତ ବାଳିକାମାନଙ୍କୁ ବୟନ ଶିଳ୍ପ ସହ ଯୋଡ଼ାଯିବ
- ଆର୍ଥିକ ସ୍ୱାବଲମ୍ବୀ କରିବାକୁ ଦିବ୍ୟାଙ୍ଗଙ୍କ ପ୍ରତିଭାକୁ ସ୍ଥାୟୀ ରୋଜଗାର
- ଦିବ୍ୟାଙ୍ଗଙ୍କ ସାମାଜିକ ଓ ଆର୍ଥିକ ସୁରକ୍ଷା ପ୍ରାଥମିକତା: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୮।୭ (ସଂଚାର ବ୍ୟୁରୋ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାରୀ ବାସଭବନ ଆଜି ଏକ ଅପୂର୍ବ ଆତ୍ମୀୟତାଭରା ମୁହୂର୍ତ୍ତର ସାକ୍ଷୀ ହୋଇଛି। କେନ୍ଦୁଝରର 'ସେବା ଫାଉଣ୍ଡେସନ୍' ସଂଗଠନର ପ୍ରାୟ ୫୦ ଜଣ ବାକ୍ ଶ୍ରବଣ ଶକ୍ତିବାଧିତ ବାଳିକା ଓ ଶାରୀରିକ ଦିବ୍ୟାଙ୍ଗ ବ୍ୟକ୍ତି ଆଜି ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସାକ୍ଷାତ ଆଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସରଳ ଓ ସ୍ନେହପୂର୍ଣ୍ଣ ବ୍ୟବହାର ଦେଖି ଏହି ସ୍ୱତନ୍ତ୍ର ଅତିଥିମାନେ ଉତ୍ସାହିତ ହୋଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ସେମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ, ଦକ୍ଷତା ବିକାଶ ଓ ଆତ୍ମନିର୍ଭରଶୀଳତାକୁ ନେଇ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ଅନୁଷ୍ଠିତ ହୋଇଛି।

ଆଲୋଚନାରେ ବାଳିକାମାନଙ୍କୁ ବର୍ତ୍ତମାନ ସଂଗଠନ ପକ୍ଷରୁ ସିଲେଇ ଓ ହସ୍ତଶିଳ୍ପର ପ୍ରଶିକ୍ଷଣ ଦିଆଯାଉଛି ବୋଲି ଅବଗତ ହେବା ପରେ ମୁଖ୍ୟମନ୍ତ୍ରୀ ସଂଗଠନର କର୍ମକର୍ତ୍ତା ଓ ବାଳିକାମାନଙ୍କୁ ପରାମର୍ଶ ଦେଇ କହିଛନ୍ତି ଯେ ବର୍ତ୍ତମାନ ରାଜ୍ୟରେ ଏକାଧିକ ବୟନ ଶିଳ୍ପ ପ୍ରତିଷ୍ଠା ହେବା ଦେଇ ଏହି ପ୍ରଶିକ୍ଷିତ ବାଳିକାମାନଙ୍କୁ ସେହିସବୁ ଶିଳ୍ପସଂସ୍ଥା ସହ ଯୋଡ଼ି ସେମାନଙ୍କ ପାଇଁ ନିଯୁକ୍ତିର ନୂତନ ସୁଯୋଗ ସୃଷ୍ଟି କରାଯିବ। ଏହାଦ୍ୱାରା ସେମାନେ ଆର୍ଥିକ ସ୍ୱାବଲମ୍ବୀ ହେବା ସହ ସମାଜରେ ସମ୍ମାନଜନକ ଜୀବନ ବିତାଇ ପାରିବେ। ଆଲୋଚନା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ସମ୍ପର୍କରେ ଆଲୋକପାତ କରିଥିଲେ। ନୂତନ ଉଦ୍ୟୋଗୀଙ୍କ ବିକାଶ ତଥା ସେମାନଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ ପ୍ରଧାନମନ୍ତ୍ରୀଙ୍କ ଅବଦାନ ଓ ବିଭିନ୍ନ କଲ୍ୟାଣକାରୀ ଯୋଜନା ବିଷୟରେ ସେ ଆଲୋଚନା କରିଥିଲେ। ଏହିସହ ସାମ୍ପ୍ରତିକ ସମୟରେ ଜୀବନ ଧାରଣ ଓ ସଫଳତା ପାଇଁ 'ଦକ୍ଷତା' କେତେ ଗୁରୁତ୍ୱପୂର୍ଣ୍ଣ ସେନେଇ ମୁଖ୍ୟମନ୍ତ୍ରୀ ବାଳିକାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ସ୍ୱତନ୍ତ୍ର ଅତିଥିମାନେ ରାଜଧାନୀର ବିଭିନ୍ନ ଦର୍ଶନୀୟ ସ୍ଥାନ ବୁଲି ଦେଖିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଆସନ୍ତାକାଲି ସେମାନଙ୍କର ପୁରୀ ଶ୍ରୀକ୍ଷେତ୍ର ଗସ୍ତ ଓ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସୁରକ୍ଷିତ ଓ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସାରା ରାଜ୍ୟରେ ସବୁ ଦିବ୍ୟାଙ୍ଗ ପିଲାଙ୍କୁ ସରକାରଙ୍କ ପକ୍ଷରୁ ବାସଗୃହ ଯୋଗାଇ ଦିଆଯିବା ଏହିସହ ସେମାନଙ୍କ ପାଇଁ ହଷ୍ଟେଲ ସଂଯୋଗ, ଶୌଚାଳୟ ନିର୍ମାଣ, ଉନ୍ନତ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ଭଳି ସମସ୍ତ ମୌଳିକ ସୁବିଧା ସୁଯୋଗ ସୁନିଶ୍ଚିତ କରାଯିବା ରାଜ୍ୟର ପ୍ରତିଟି ସାରା ରାଜ୍ୟରେ ଯେପରି ସମସ୍ତ ସରକାରୀ ସୁବିଧା ପାଇ ସୁରକ୍ଷିତ ଜୀବନଯାପନ କରିପାରିବେ, ସେଥିପାଇଁ ସରକାର ବ୍ୟବସ୍ଥା କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ବାଳିକାମାନଙ୍କୁ ପ୍ରଦାନ କରାଯାଉଥିବା ଶ୍ରବଣ ଯନ୍ତ୍ର ଓ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ଓ ସହାୟତା ନେଇ ପଚାରି ବୁଝିଥିଲେ।

## ସୋନମ ୱାଙ୍ଗଚୁକଙ୍କୁ ବଳପୂର୍ବକ ହଟାଇବା ବିରୋଧରେ ବିକ୍ଷୋଭ

କଟକ, ୧୮।୭ (ସଂଚାର ବ୍ୟୁରୋ): ଦିଲ୍ଲୀର ଯନ୍ତର-ମନ୍ତରଠାରେ ଗତ ୨୦ ଦିନ ଧରି ଅନଶନ ମାଧ୍ୟମରେ ଚାଲିଥିବା ଆନ୍ଦୋଳନକୁ ଭଙ୍ଗ କରିବା ଉଦ୍ଦେଶ୍ୟରେ ପୁଲିସ ଚଢ଼ାଉ କରି ସୋନମ ୱାଙ୍ଗଚୁକଙ୍କୁ ବଳପୂର୍ବକ ଉଠାଇନେବା ବିରୋଧରେ ଏବଂ ଅନଶନକାରୀଙ୍କ ସହିତ ଗଣତାନ୍ତ୍ରିକ ଉପାୟରେ ଆଲୋଚନା କରିବା, ଏନଡିଏକୁ ଉଚ୍ଛେଦ କରିବା ଦାବି କରି ଛାତ୍ର ସଂଗଠନ ଏଆଇଡିଏସଓ କଟକ ଜିଲ୍ଲା କମିଟି ପକ୍ଷରୁ ରେଭେନ୍ସା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଏକ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ବିକ୍ଷୋଭରେ ଏଆଇଡିଏସଓ ରାଜ୍ୟ ପରିଷଦର ଉପସଭାପତି ଭଗୀରଥି ଦାସ, ସମ୍ପାଦକମଣ୍ଡଳୀ ସଦସ୍ୟ ବିନୋଦ ସେଠୀ, ସଂଗଠନର କଟକ ଜିଲ୍ଲା କମିଟି ସଭାପତି ଈଶା ଧର ପ୍ରମୁଖ ପ୍ରମୁଖ ଉପସ୍ଥିତ ଥିଲେ।

## କଟକ ଜିଲ୍ଲାପାଳଙ୍କ ବନ୍ୟାଞ୍ଚଳ ଗସ୍ତ



କଟକ,୧୮।୭(ସଂଚାର ବ୍ୟୁରୋ): ଗତ କିଛିଦିନ ଧରି ଜାରି ରହିଥିବା ଲଗାଣ ବର୍ଷା ଯୋଗୁଁ କଟକ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ଉପୁଜିଛି। ଏହି ପରିସ୍ଥିତିର ପ୍ରତ୍ୟକ୍ଷ ଅନୁଧ୍ୟାନ କରିବା ପାଇଁ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଶନିବାର ଆଠଗଡ଼ ଉପଖଣ୍ଡର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ପ୍ରଶାସନିକ ଟିମ୍ ଆଠଗଡ଼ ବ୍ଲକର କୁଲେଇଲୋ ପଞ୍ଚାୟତ ଅନ୍ତର୍ଗତ କରକାମାଳ, ତଡଙ୍ଗ ପଞ୍ଚାୟତର ତଡଙ୍ଗ, ଗଜାନନପୁର ଓ ବାଇଲୋ, ଅଙ୍ଗୁଳା ପଞ୍ଚାୟତର ଅଙ୍ଗୁଳା ଏବଂ ଟିଗିରିଆ ବ୍ଲକର ଗୋଡ଼ିହରିଆ ଅଞ୍ଚଳ ପରିଦର୍ଶନ କରି ବନ୍ୟା ସ୍ଥିତିର କ୍ଷେତ୍ରଭିତ୍ତିକ ସମୀକ୍ଷା କରିଛନ୍ତି। ପରିଦର୍ଶନ ସମୟରେ ଜିଲ୍ଲାପାଳ ପ୍ରଭାବିତ ପରିବାରମାନଙ୍କ ସହ ସିଧାସଳଖ ଆଲୋଚନା କରିଛନ୍ତି। ସେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ରିଲିଫ୍ ବଣ୍ଟନ, କ୍ଷୟକ୍ଷତି ଆକଳନ, ଉଦ୍ଧାର ଏବଂ ପୁନରୁଦ୍ଧାର କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ସହ ପ୍ରଭାବିତ ଲୋକଙ୍କ ନିକଟରେ ସମସ୍ତ ସରକାରୀ ସହାୟତା ଶୀଘ୍ର ପହଞ୍ଚାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ବନ୍ୟାରେ କ୍ଷତିଗ୍ରସ୍ତ ଘରବାଡ଼ି ପାଇଁ ସରକାରଙ୍କ ପ୍ରଚଳିତ ନିୟମାନୁଯାୟୀ ଆବଶ୍ୟକ ଆର୍ଥିକ ସହାୟତା ତୁରନ୍ତ ଯୋଗାଇ ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

## ଆଶୀର୍ବାଦ ଫାଉଣ୍ଡେସନ ପକ୍ଷରୁ ଖାଦ୍ୟ ପାନୀୟ ବଣ୍ଟନ

କଟକ,୧୮।୭ (ସଂଚାର ବ୍ୟୁରୋ): ସ୍ୱେଚ୍ଛାସେବୀ ସଂଗଠନ ଆଶୀର୍ବାଦ ଫାଉଣ୍ଡେସନ ପକ୍ଷରୁ ପୁରୀ ରଥଯାତ୍ରାରେ ଭକ୍ତମାନଙ୍କ ନିମନ୍ତେ ଦୁଇଦିନ ଧରି ଖାଦ୍ୟ ଓ ସ୍ୱଚ୍ଛ ବିଶୁଦ୍ଧ ପାନୀୟ ଜଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁରୀ ବଡ଼ଶଙ୍ଖ ସଂଗ୍ରାମ କ୍ଲବ ନିକଟରେ ଜଗନ୍ନାଥ ପ୍ରେମୀ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ଅନୁଷ୍ଠିତ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମର ପ୍ରଥମ ଦିନରେ ସକାଳ ୭ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଅନବରତ ଜଳଖିଆ, ଅନ୍ନପ୍ରସାଦ ଓ ରାତ୍ରୀ ଖାଇବା ବନ୍ଦୋବସ୍ତ କରାଯାଇଥିଲା। ଦ୍ୱିତୀୟ ଦିନରେ ଶୁଖିଲା ଖାଦ୍ୟ ସେଓ, କଦଳୀ, ବିସ୍କୁଟ, ଆଇସକ୍ରିମ, ଲେମ୍ବୁପାଣି ସହିତ ଜୁସର ମଧ୍ୟ ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ପ୍ରସାଦ ବିତରଣ କରାଯାଇଥିଲା। ଆଶୀର୍ବାଦ ଫାଉଣ୍ଡେସନର ପ୍ରତିଷ୍ଠାତା ଦେବଦତ୍ତ ଧଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମାଗୁଣି ଚରଣ ଦାସ, ସରୋଜ ରାଉତ, ସମୀର କର ପ୍ରମୁଖ ପଚାଶରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ସହାୟତା କରିଥିଲେ।

## ସୋମବାର ଯୁଗ୍ମ ଜନ ଅଭିଯୋଗ ଶୁଣାଣି

କଟକ, ୧୮।୭ (ସଂଚାର ବ୍ୟୁରୋ): ଜୁଲାଇ ୨୦ ତାରିଖ ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସପ୍ରାଇ କକ୍ଷଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଏହି ଅଭିଯୋଗ ଶୁଣାଣି ଶିବିର ପୂର୍ବାହ୍ନ ୧୦ରେ ଆରମ୍ଭ ହୋଇ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଚାଲିବ। ଅଭିଯୋଗକାରୀମାନେ ଏହି ସମୟରେ ଉପସ୍ଥିତ ରହି ନିଜ ଅଭିଯୋଗଗୁଡ଼ିକ ପଞ୍ଜୀକରଣ କରି ପାରିବେ। ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବା ସହ ଶୃଙ୍ଖଳିତ ଭାବେ ଅଭିଯୋଗ ଶୁଣାଣିରେ ଭାଗ ନେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ଶିବିରରେ ଜିଲ୍ଲାପାଳ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗର ଶୁଣାଣି କରିବେ। ଏଥିସହ ଜିଲ୍ଲାର ବିଭିନ୍ନ ପଞ୍ଚାୟତ ସ୍ତରରେ ହେଉଥିବା ଜନ ଅଭିଯୋଗ ଶୁଣାଣିଗୁଡ଼ିକ ମଧ୍ୟ ସକାଳ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

## ଲଗାତାର ୩ ବର୍ଷ ତ୍ରୁଟିଶୂନ୍ୟ ରଥଯାତ୍ରା ଆୟୋଜନରେ ବିଫଳ: ବିଜେଡି



ଭୁବନେଶ୍ୱର,୧୮।୭(ସଂଚାର ବ୍ୟୁରୋ): ଚଳିତ ବର୍ଷ ରଥଯାତ୍ରାକୁ ତ୍ରୁଟିଶୂନ୍ୟ ଭାବେ ପରିଚାଳନା କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କରିଥିବା ଦୃଢ଼ୋକ୍ତି ପାଣିର ଗାର ସଦୃଶ ହୋଇଛି। ଶ୍ରୀଜଗନ୍ନାଥ ମନ୍ଦିରର ସୁପରିଚାଳନା ଓ ଓଡ଼ିଆ ଅସ୍ମିତାର ଦୁହାଇ ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାରଙ୍କ ତତ୍ତ୍ୱାବଧାନରେ ଚଳିତ ବର୍ଷକୁ ମିଶାଇ କରାଯାଇଥିବା ତିନୋଟିଯାକ ରଥଯାତ୍ରାରେ ବିଭ୍ରାଟ ଦେଖିବାକୁ ମିଳିଛି, ଯାହା କୋଟି କୋଟି ଜଗନ୍ନାଥପ୍ରେମୀଙ୍କୁ ବ୍ୟଥିତ କରିବା ସହ ବିଜେପି ସରକାରଙ୍କର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ବିଜେଡି କହିଛି।

ଆଜି ଦଳର ମୁଖପାତ୍ର ଡ ଲେଲିନ ମହାନ୍ତି ଏକ ପ୍ରେସ୍ ବିବୃତ୍ତିରେ କହିଛନ୍ତି ଯେ ଶ୍ରୀଜଗନ୍ନାଥ ମନ୍ଦିରର ସୁପରିଚାଳନା ଓ ତ୍ରୁଟିଶୂନ୍ୟ ରଥଯାତ୍ରା ଆୟୋଜନ ରାଜ୍ୟ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇଥିବା ବେଳେ ଗତ ତିନି ରଥଯାତ୍ରା ସମୟରେ ସରକାର ନିଜର ଦାୟିତ୍ୱହୀନତାର ପରିଚୟ ଦେଇଛନ୍ତି। ବିଜେପି ସରକାରର ପ୍ରଥମ ବର୍ଷ ରଥଯାତ୍ରା ସମୟରେ ଆଡ଼ପ ମଣ୍ଡପକୁ ବିଜେ ସମୟରେ ବଡ଼ ଠାକୁର ପ୍ରଭୁ ବଳଭଦ୍ର ପଡ଼ିଯିବା ଭଳି ଏକ ବିରଳ ଅଘଟଣ ଘଟିଥିଲା। ସରକାର ଏକ ତଦନ୍ତ ଘୋଷଣା କରିଦେଇଥିଲେ, ଯାହାର ରିପୋର୍ଟ ଆଜିପର୍ଯ୍ୟନ୍ତ ସାର୍ବଜନୀନ ହେଲା ନାହିଁ। ଦ୍ୱିତୀୟ ବର୍ଷ ରଥଯାତ୍ରା ସମୟରେ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦଳାଚକଟା ସୃଷ୍ଟି ହୋଇ ୩ ଜଣ ଭକ୍ତଙ୍କ ମୃତ୍ୟୁ ହୋଇଥିଲା। ଚଳିତ ବର୍ଷ ମଧ୍ୟ ଦଳାଚକଟାରେ ୨ ଜଣଙ୍କର ମୃତ୍ୟୁ ହେବା ସହ ଶତାଧିକ ଆହତ ହୋଇଛନ୍ତି। କିନ୍ତୁ ରାଜ୍ୟ ସରକାର ଏହାକୁ ହାଲୁକା ଭାବେ ନେଇ ଏହା ଦଳାଚକଟା ନୁହେଁ, ବରଂ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ଘଟିଛି ବୋଲି କହୁଛନ୍ତି। ପହଣ୍ଡି ସମୟରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଟାହିଆ ନ ଥିବାକୁ ନେଇ ଏକ ବଡ଼ ବିବାଦ ସୃଷ୍ଟି ହୋଇଛି। ରାଜ୍ୟ ସରକାର ବିଭିନ୍ନ ଆଳ ଦେଖାଇ ଘଟଣାକୁ ଗୌଣ କରିବାକୁ ଚେଷ୍ଟା କରୁଛନ୍ତି ବୋଲି ସେ କହିଛନ୍ତି।

**● ମହାପ୍ରଭୁଙ୍କ ମଥାରେ ଟାହିଆ ନ ରହିବା ବିବାଦ**

## ମୁହଁ ଖୋଲିଲେ ଶ୍ରୀଜଗନ୍ନାଥଙ୍କ ବାଡ଼ଗ୍ରାହୀ

- ବର୍ଷାରେ ଭିଜି ଓଜନିଆ ହୋଇଯାଇଥିଲା ଟାହିଆ
- ହାର୍ ମାନିଯାଇଥିଲେ ୭ ଜଣ ସେବାୟତ



ପୁରୀ,୧୮।୭(ସଂଚାର ବ୍ୟୁରୋ): ଘୋଷଯାତ୍ରା ଦିନ କଳା ଠାକୁରଙ୍କ ବିନା ଟାହିଆରେ ପହଣ୍ଡି ବିଜେ ଆଉ ରଥାରୂଢ଼ ହେବା ଘଟଣା କୋଟି କୋଟି ଭକ୍ତ ଓ ଜଗନ୍ନାଥପ୍ରେମୀଙ୍କୁ ଶକ୍ତ ଆଘାତ ଦେଇଛି। ଜଗନ୍ନାଥଙ୍କ ମଥାରେ କାହିଁକି ଟାହିଆ ଶୋଭା ପାଉ ନ ଥିଲା, ତାକୁ ନେଇ ଧମୁନି ବାଦବିବାଦ। ଆଉ ଆଜି ପ୍ରଥମ ଥର କରି ଏ ପ୍ରସଙ୍ଗରେ ମୁହଁ ଖୋଲିଛନ୍ତି ଶ୍ରୀଜଗନ୍ନାଥଙ୍କ ବାଡ଼ଗ୍ରାହୀ ରାଜକୁମାର ସ୍ୱାଇଁ ମହାପାତ୍ର। ଜଗନ୍ନାଥଙ୍କ ମୁଖ୍ୟ ବାଡ଼ଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ରଙ୍କ ପୁଅ ରାଜକୁମାର କହିଛନ୍ତି ଯେ କାଳିଆର ଟାହିଆଶୂନ୍ୟ ପହଣ୍ଡି ପଛର କଥା। ସେ କହିଛନ୍ତି ଯେ ଟାହିଆକୁ ଜଣେ କି ଦୁଇ ଜଣ ସେବାୟତ ରୁହାରେ ଭରି କରୁଥିବା ବେଳେ ସେଦିନ କିନ୍ତୁ ୭ ଜଣ ସେବାୟତ ହାର ମାନିଯାଇଥିଲେ। ଟାହିଆ ଲାଗିବାକୁ ୧୦ରୁ ୧୫ ମିନିଟରେ ଲାଗୁଥିବା ବେଳେ ସେଦିନ ଲାଗିଥିଲା ପ୍ରାୟ ୪୦ ମିନିଟରୁ ଅଧିକ ସମୟ। ଆଉ ତା'ପରେ ବି ବର୍ଷାରେ ଓଦା ହୋଇ ବେଶ ଓଜନିଆ ହୋଇଯାଇଥିବା ଟାହିଆଟି ଅଳକ ବଜାର ଗୁମୁଟ ପାଖରେ ଆପେ ଆପେ ପଛରୁ ଭାଙ୍ଗିଯାଇଥିଲା। ତେଣୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଯେପରି କୌଣସି କ୍ଷତି ନ ଘଟେ, ତାକୁ ଦୃଷ୍ଟିରେ ରଖି ଟାହିଆ କାଢ଼ିବାକୁ ବାଧ୍ୟ ହୋଇଥିବା ସେ କହିଛନ୍ତି। ଟାହିଆ ପ୍ରସ୍ତୁତ ପରେ ରାଘବ ଦାସ ମଠରୁ ଶ୍ରୀମନ୍ଦିରକୁ ନିଆଯାଇଥିଲା। ଲକ୍ଷ୍ମୀ ମନ୍ଦିର ଜଗମୋହନ ପାଖରେ ପ୍ରାୟ ୪୫ ମିନିଟ ଯାଏଁ ଟାହିଆ ଧରି ଅପେକ୍ଷା କରିଥିଲେ ସେବାୟତ। ଏହି ସମୟରେ ପ୍ରବଳ ବର୍ଷାରେ ଭିଜିଥିଲା ଟାହିଆରେ ଲାଗିଥିବା ସୋଲ, ଫୁଲ ଆଉ ତୁଳସୀ ଯାହାକି ଟାହିଆର ଓଜନକୁ ବଢ଼ାଇ ଦେଇଥିଲା। ସେପଟେ ଅଧିକ ଓଜନରୁ ଟାହିଆ ଖସିବା ପରେ ସେବାୟତଙ୍କ ଦେହରେ ବାଜିଥିଲା ବାଉଁଶ କାଠି। ଯେଉଁ କାରଣ ପାଇଁ ପହଣ୍ଡିରେ ସେବାରେ ଥିବା ସେବାୟତ ଟାହିଆକୁ ଖୋଲିଦେଇଥିଲେ ବୋଲି କହିଛନ୍ତି ଟାହିଆ ପ୍ରସ୍ତୁତକାରୀ ସତ୍ୟ ନାରାୟଣ ବେହେରା।

## ଆଇଭିଏମ୍‌ଡିସି କାର୍ଯ୍ୟକ୍ରମ ଉଦ୍‌ଘାଟିତ



ଭୁବନେଶ୍ୱର,୧୮।୭(ସଂଚାର ବ୍ୟୁରୋ): ବିଭିନ୍ନ କାରଣରୁ ଏବେ ଦେଶ ଓ ରାଜ୍ୟରେ ସ୍ନାୟୁଜନିତ ରୋଗ କ୍ରମଶଃ ବୃଦ୍ଧି ପାଉଥିବାରୁ ଲାଗିଛି। ରୋଗିଏ ପଟେ ରୋଗୀମାନଙ୍କ ତୁଳନାରେ ଡାକ୍ତରଙ୍କ ସଂଖ୍ୟା କମ୍ ଥିବା ବେଳେ ଲୋକେକାଶରେ ସଚେତନତା ଅଭାବରୁ ରୋଗୀ ପଙ୍ଗୁ ମଧ୍ୟ ହୋଇଯାଉଛନ୍ତି। ତେଣୁ ସ୍ନାୟୁଜନିତ ରୋଗ ସମ୍ପର୍କରେ ଅଧିକରୁ ଅଧିକ ସଚେତନତାମୂଳକ କାର୍ଯ୍ୟକ୍ରମ ହେବା ଦରକାର। ଏଥିପାଇଁ ଏସବୁ ରୋଗର ନିରାକରଣ ନେଇ ଅଧିକ ଗବେଷଣାର ଆବଶ୍ୟକତା ମଧ୍ୟ ରହିଛି। ତିନିଦିନିଆ ଇଣ୍ଟରନ୍ୟାସନାଲ ଭୁବନେଶ୍ୱର ମୁଭମେଣ୍ଟ ଡିଜଅର୍ଡର ମାଷ୍ଟର କ୍ଲାସ (ଆଇଭିଏମ୍‌ଡିସି) କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ଅତିଥିମାନେ ଉପରେ ପ୍ରକାଶ କରିଛନ୍ତି। ବରିଷ୍ଠ ସ୍ନାୟୁରୋଗ ବିଶେଷଜ୍ଞ ଡାକ୍ତର ସୌମ୍ୟଦର୍ଶନ ନାୟକଙ୍କ ନେତୃତ୍ୱରେ ଭୁବନେଶ୍ୱରରେ ଆରମ୍ଭ ହୋଇଛି ଆଇଭିଏମ୍‌ଡିସି କାର୍ଯ୍ୟକ୍ରମ। ନ୍ୟୁରୋଲୋଜି ଆସୋସିଏସନ ଅଫ୍ ଓଡ଼ିଶା ଦ୍ୱାରା ଆୟୋଜିତ ଏହି ଶିକ୍ଷାଭିତ୍ତିକ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଡାକ୍ତର ତଥା ପ୍ରଫେସର କୈଳାସ ପି. ଭାଟିଆ ଯୋଗଦେଇଥିଲେ। ଯୁକ୍ତରାଷ୍ଟ୍ର ଆମେରିକାର ଅନ୍ୟ ଜଣେ ପ୍ରଫେସର ଆଲବର୍ଟୋ ଜେ ଏସ୍ପେ ମଧ୍ୟ ଏଥିରେ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ।

**■ ଏଲ୍‌ଏଲବି ପାଠ୍ୟକ୍ରମରେ ନାମ ଲେଖା ପାଇଁ ବିଜ୍ଞପ୍ତି ପ୍ରକାଶ**

## ଆବେଦନ ପ୍ରକ୍ରିୟା ଆରମ୍ଭ, ୩୦ ପର୍ଯ୍ୟନ୍ତ ଚାଲିବ

ଭୁବନେଶ୍ୱର,୧୮।୭(ସଂଚାର ବ୍ୟୁରୋ): ତିନିବର୍ଷିଆ ଏଲଏଲବି (ଆଇନ) ପାଠ୍ୟକ୍ରମରେ ନାମ ଲେଖାଇବା ନିମନ୍ତେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶିତ ହୋଇଛି। ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲକୁ ଯାଇ ତିନିବର୍ଷିଆ ଏଲଏଲବି ପାଠ୍ୟକ୍ରମ ନିମନ୍ତେ ନିଜର କମନ୍ ଆପ୍ଲିକେସନ ଫର୍ମ ପୂରଣ କରିପାରିବେ। ଆଜି ଅପରାହ୍ନ ୪ଟାରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଏହା ଆସନ୍ତା ୩୦ ତାରିଖ ରାତି ୧୧.୪୫ଟା ପର୍ଯ୍ୟନ୍ତ ଚାଲିବ। ଏହି ସମୟ ସୂଚୀ ଛାତ୍ରଛାତ୍ରୀମାନେ କମନ ଆପ୍ଲିକେସନ ଫର୍ମ ପୂରଣ କରିପାରିବେ। ଆସନ୍ତା ୬ ତାରିଖ ଅପରାହ୍ନ ୨ଟାରେ ପ୍ରଥମ ମେଧା ତାଲିକା ପ୍ରକାଶ ପାଇବ। ପ୍ରଥମ ମେଧା ତାଲିକାରେ ମନୋନୀତ ହୋଇଥିବା ଛାତ୍ରଛାତ୍ରୀମାନେ ଆସନ୍ତା ୬ ତାରିଖ ଅପରାହ୍ନ ୪ଟା ଠାରୁ ଅଗଷ୍ଟ ୧୧ ତାରିଖ ଅପରାହ୍ନ ୨ଟା ପର୍ଯ୍ୟନ୍ତ ନିଜର ସିଟ୍ ପାଇଁ ସ୍ଲାଇଡ୍ ବିକଳ୍ପ ବାଛିପାରିବେ। ଆସନ୍ତା ୭ଠାରୁ ୧୧ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଆଡମିଶନ ପ୍ରକ୍ରିୟା ଅନୁଷ୍ଠିତ ହେବ। ଆସନ୍ତା ୧୭ ତାରିଖ ଅପରାହ୍ନ ୨ଟାରେ ଦ୍ୱିତୀୟ ମେଧା ତାଲିକା ପ୍ରକାଶିତ ହେବ। ଏଥିସହ ତିନିବର୍ଷିଆ ଏଲଏଲବି (ଆଇନ) ପାଠ୍ୟକ୍ରମର ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଅଗଷ୍ଟ ୨୧ ତାରିଖରୁ ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ପିଏମ୍‌ସି ଦେଉଛି ନିରବଚ୍ଛିନ୍ନ ନାଗରିକ ସେବା



ପୁରୀ,୧୮।୭(ସଂଚାର ବ୍ୟୁରୋ): 'ସ୍ୱଚ୍ଛତା ହିଁ ସେବା' ଅଭିଯାନର ଆଭିମୁଖ୍ୟକୁ ଆଧାର କରି ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ସାମିଲ ହେଉଥିବା ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସ୍ୱାଗତ ପାଇଁ ପବିତ୍ର ଶ୍ରୀକ୍ଷେତ୍ରରେ ଏକ ବୃହତ୍ ନାଗରିକ ସେବା ଅଭିଯାନ ଜାରି ରହିଛି। ଏହି ବ୍ୟାପକ ସ୍ୱଚ୍ଛତା ଅଭିଯାନର ପ୍ରକୃତ କର୍ଣ୍ଣଧାର ହେଉଛନ୍ତି ହଜାର ହଜାର ଉତ୍ସର୍ଗୀକୃତ ସଫେଇ କର୍ମଚାରୀ, ଯେଉଁମାନେ ସହରକୁ ନିର୍ମଳ ରଖିବା ପାଇଁ କ୍ଷେତ୍ର ସ୍ତରରେ ୨୪ ଘଣ୍ଟା ନିରନ୍ତର ଶ୍ରମଦାନ କରୁଛନ୍ତି। ମୌସୁମୀ ବର୍ଷା ଭଳି ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଭକ୍ତମାନଙ୍କୁ ଏକ ସ୍ୱଚ୍ଛ, ସୁରକ୍ଷିତ ଏବଂ ଆରାମଦାୟକ ଅନୁଭୂତି ପ୍ରଦାନ କରିବା ନିମନ୍ତେ ପୁରୀ ମହାନଗର ନିଗମ (ପିଏମସି) ପକ୍ଷରୁ ଏକ ବୃହତ୍ତମ ନାଗରିକ ସେବା ନିୟୋଜନ କରାଯାଇଛି। ଜିଲ୍ଲା ପ୍ରଶାସନ, ପୁଲିସ, ଅଗ୍ନିଶମ ସେବା ଓ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗ ସହ ଉତ୍କୃଷ୍ଟ ସମନ୍ୱୟ ରକ୍ଷା କରି ପୌରପାଳିକା ପକ୍ଷରୁ ସହରର ବିଭିନ୍ନ ଭାଗରେ ବ୍ୟାପକ ମାନବ ସମ୍ବଳ, ଯନ୍ତ୍ରପାତି ଓ ଭିତ୍ତିଭୂମି ନିୟୋଜିତ କରାଯାଇଛି।

ଏହି ଅଭିଯାନରେ ସହରରେ ଦିନସାରା ବିଭିନ୍ନ ସ୍ଥାନରେ ସେବା ଜାରି ରହିଥିବା ବେଳେ ବଡ଼ଦାଣ, ରଥର ବର୍ଜ୍ୟବସ୍ତୁର ତୁରନ୍ତ ନିଷ୍କାସନ ଓ ଆବର୍ଜନା ଜମା ନ ହେବା ପାଇଁ ବଡ଼ଦାଣ, ରଥର ଆଖପାଖରେ ସ୍ଥଳ, ମନ୍ଦିର ପରିସର, ବେଳାଭୂମି ରାସ୍ତା ତଥା ଅଧିକ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ବିଶେଷ ସଫେଇ ଦଳ ସହ ଆବର୍ଜନା ସଂଗ୍ରହ ଗାଡ଼ିଗୁଡ଼ିକୁ ମୁତୟନ କରାଯାଇଛି। ରଥଯାତ୍ରା ଲାଗି ପୌରପାଳିକା ପକ୍ଷରୁ ହାତକୁ ନିଆଯାଇଥିବା ଏହି ବୃହତ୍ତମ ସଫେଇ ଅଭିଯାନରେ ୧,୪୫୧ ସଫେଇ କର୍ମଚାରୀ, ୫୭ଟି ଆବର୍ଜନା ସଂଗ୍ରହ ଗାଡ଼ି, ୧୫ଟି ସେସପୁଲ୍ ଗାଡ଼ି ଏବଂ ୩ଟି ମେକାନିକାଲ୍ ରୋଡ୍ ସ୍ୱିପିଂ ମେସିନ୍ ନିୟୋଜିତ ହୋଇଛି। ବର୍ଷାର ମୁକାବିଲା ପାଇଁ ୨୩ଟି ନିର୍ଦ୍ଧାରିତ ପାଇଁ ସ୍ଥଳରେ ରକ୍ଷଣାବେକ୍ଷଣ ଦଳ ସହ ଜରୁରୀକାଳୀନ ମରାମତି ପାଇଁ ଦଳ ନିର୍ମାଣ ସାମଗ୍ରୀ ପ୍ରସ୍ତୁତ ରଖାଯାଇଛି, ଯାହାଦ୍ୱାରା ଯଥାଶୀଘ୍ର ପୁନରୁଦ୍ଧାର ସମ୍ଭବ ହେଉଛି। ଜଳବନ୍ଦୀ ଅଞ୍ଚଳକୁ ତୁରନ୍ତ ଜଳ ନିଷ୍କାସନ ପାଇଁ ମହାନଗର ନିଗମ ୩ଟି ଡିୱାଟରିଂ ପମ୍ପ, ଅଗ୍ନିଶମ ସେବା ବିଭାଗର ୫ଟି ଅତିରିକ୍ତ ପମ୍ପ ଏବଂ ମିନିଟ୍ ପ୍ରତି ପ୍ରାୟ ୩ ହଜାର ଲିଟର ଜଳ ନିଷ୍କାସନ କ୍ଷମତା ସମ୍ପନ୍ନ ୧୦ଟି ଉଚ୍ଚ କ୍ଷମତାସମ୍ପନ୍ନ ପମ୍ପସେଟ୍ କାର୍ଯ୍ୟ କରୁଛି।

## ରଥଯାତ୍ରା ପରେ ରିଲିଜ୍ ହେବ 'ମହାପ୍ରଭୁ ଜଗନ୍ନାଥ'



ଭୁବନେଶ୍ୱର,୧୮।୭ (ସଂଚାର ବ୍ୟୁରୋ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣା ଓ ଆଶୀର୍ବାଦରୁ ଶେଷରେ ସବୁ ବାଧାବିଘ୍ନ ଦୂର ହୋଇଛି। ଆସନ୍ତା ରଥଯାତ୍ରା ପରେ ବହୁ ପ୍ରତୀକ୍ଷିତ ଆନିମେସନ୍ ଫିଲ୍ମ 'ମହାପ୍ରଭୁ ଜଗନ୍ନାଥ' ରିଲିଜ୍ ହେବା ନେଇ ସର୍ବୋଚ୍ଚ ନ୍ୟାୟାଳୟ ସବୁଜ ସଙ୍କେତ ଦେଇଛନ୍ତି। ସ୍ୱଳ୍ପ ବିବାଦ ଓ ଆଇନଗତ ଲଢ଼େଇ ପରେ ପ୍ରଡକ୍ସନ ହାଉସ୍ ସପକ୍ଷରେ ସୁପ୍ରିମକୋର୍ଟ ଏକ ସକାରାତ୍ମକ ରାୟ ଶୁଣାଇଛନ୍ତି। ସୁପ୍ରିମକୋର୍ଟ ରଥଯାତ୍ରା ଶେଷ ପରେ ଅର୍ଥାତ ଆସନ୍ତା ୨୮ରୁ ସାରା ଦେଶରେ ଫିଲ୍ମ ମୁକ୍ତି ପାଇଁ ଅନୁମତି ଦେଇଛନ୍ତି।

ବିଚାରପତି ନିଜ ରାୟରେ ଏକ ସ୍ପଷ୍ଟ ବାର୍ତ୍ତା ଦେଇ କହିଛନ୍ତି ଯେ ଆନିମେସନ୍ କେବେବି ଲୋକଙ୍କ ଭକ୍ତିଭାବକୁ କ୍ଷୁଣ୍ଣ କରିପାରିବ ନାହିଁ। ଏହି ରାୟ କେବଳ ପ୍ରଡକ୍ସନ ହାଉସ୍ ପାଇଁ ଏକ ବଡ଼ ଆଶ୍ୱସ୍ତି ଆଣିଦେଇନାହିଁ, ବରଂ ଓଡ଼ିଶାର କଳା,ସଂସ୍କୃତି ଓ ପ୍ରଭୁ ଜଗନ୍ନାଥଙ୍କ ଭକ୍ତି କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ପ୍ରଭୁଙ୍କ ଅଲୌକିକ ଲୀଳା ଓ ଗାଥାକୁ ଆଧୁନିକ ଜ୍ଞାନକୌଶଳ ମାଧ୍ୟମରେ ବିଶ୍ୱ ସ୍ତରରେ ପହଞ୍ଚାଇବା ପାଇଁ ଏହି ଆନିମେସନ ଯେଉଁ ମହତ ପ୍ରୟାସ କରିଥିଲା, ତାହା ଶେଷରେ ପ୍ରଭୁଙ୍କ ଆଶୀର୍ବାଦରୁ ସଫଳତାର ସ୍ୱର୍ଣ୍ଣ ପାଇଛି। ଜଗନ୍ନାଥ ସଂସ୍କୃତିକୁ କୋମଳମତି ପିଲା ତଥା ଯୁବପିଢ଼ିଙ୍କ ନିକଟରେ ସହଜରେ ପହଞ୍ଚାଇବା ପାଇଁ ଆନିମେସନ୍ ଏକ ପ୍ରଭାବଶାଳୀ ମାଧ୍ୟମ। କିଛି ସମାଲୋଚନା ଓ ପ୍ରତିବନ୍ଧକ ସତ୍ତ୍ୱେ ନିର୍ମାଣ ସଂସ୍ଥାର ଧୈର୍ଯ୍ୟ ଓ ଜାଳିଆ ଆସ୍ଥାରେ ଉପରେ ଥିବା ଅତୁଟ ବିଶ୍ୱାସ ଆଜି ବିଜୟୀ ହୋଇଛି। ମହାପ୍ରଭୁ ଜଗନ୍ନାଥଙ୍କ ଇଚ୍ଛା ବିନା ଏ ସଂସାରରେ କିଛି ବି ଘଟେନାହିଁ। ଅନେକ ସମୟରେ ପରୀକ୍ଷା ଓ ପ୍ରତିବନ୍ଧକ ହିଁ ବଡ଼ ସଫଳତାର ପଥ ପ୍ରସ୍ତୁତ କରେ। ମହାପ୍ରଭୁ ଜଗନ୍ନାଥ ଆନିମେସନ ଚଳଚ୍ଚିତ୍ରକୁ ନେଇ ସୃଷ୍ଟି ହୋଇଥିବା ଚର୍ଚ୍ଚା ଆଜି ଦେଶବ୍ୟାପୀ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏହାରୁ ଅନେକ ଭକ୍ତ ମହାପ୍ରଭୁଙ୍କ ଅପାର ଲୀଳା ବୋଲି ଦେଖୁଛନ୍ତି। ସମୟ ଆସିଲେ ତାଙ୍କ ଆଶୀର୍ବାଦରେ ଏହି ଚଳଚ୍ଚିତ୍ର ମାଧ୍ୟମରେ ଜଗନ୍ନାଥ ସଂସ୍କୃତି, ଭକ୍ତି ଓ ମାନବତାର ବାର୍ତ୍ତା ବିଶ୍ୱର କୋଣ ଅନୁକୋଣରେ ପହଞ୍ଚିବ ବୋଲି ଏଲି ଆନିମେସନ୍ସ ପକ୍ଷରୁ କୁହାଯାଇଛି।

**ଏମ୍ସ ଭୁବନେଶ୍ୱରର ଷଷ୍ଠ ସମାବର୍ତ୍ତନ ଉତ୍ସବ**

# ଆତ୍ମବିଶ୍ୱାସ ଓ କରୁଣା ସହ ଧଳା କୋଟ୍ ପିନ୍ଧନ୍ତୁ: କେନ୍ଦ୍ର ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ

ଭୁବନେଶ୍ୱର,୧୮।୭(ସଂଚାର ବ୍ୟୁରୋ): ଏମ୍ସ ଭୁବନେଶ୍ୱର ଆଜି ତା'ର ଷଷ୍ଠ ସମାବର୍ତ୍ତନ ସମାରୋହ ପାଳନ କରିଛି। ଚିକିତ୍ସା ଶିକ୍ଷା, ଗବେଷଣା, ନବସୃଜନ ଓ

**୬୮୪ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ, ୩୨ ମେଧାବୀଙ୍କୁ ୬୧ ସ୍ୱର୍ଣ୍ଣ ପ୍ରଦାନ**



ରୋଗୀ ସେବାରେ ପ୍ରତିଷ୍ଠାନର ଉତ୍କର୍ଷତା ଯାତ୍ରାରେ ଆଉ ଏକ ଅଧ୍ୟାୟ ଯୋଡ଼ି ହୋଇଛି। ଉତ୍ସବରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ରସାୟନ ଓ ସାର ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ, ଡ. ମୁକେଶ ମହାଲିଙ୍ଗ ମଧ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମାବର୍ତ୍ତନ ଭାଷଣ ଦେଇ ଶ୍ରୀମତୀ ପଟେଲ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ଡାକ୍ତରୀ ବୃତ୍ତି ସହ ଜଡ଼ିତ ମୂଲ୍ୟବୋଧ ଉପରେ ଗୁରୁତ୍ୱାରୋପ ପୂର୍ବକ କହିଥିଲେ ଯେ ଧଳା କୋଟ୍ ବିଶ୍ୱାସ, ଦାୟିତ୍ୱ, ପ୍ରତିବଦ୍ଧତା ଓ ଅପାର ସୁବିଧାର ପ୍ରତୀକ। ଏହାକୁ ଆତ୍ମବିଶ୍ୱାସ ଓ କରୁଣା ସହ ସମସ୍ତେ ପିନ୍ଧିବା ଆବଶ୍ୟକ। ଭାରତର ସ୍ୱାସ୍ଥ୍ୟସେବା କ୍ଷେତ୍ରର ଅଭିବୃଦ୍ଧି ଓ ପରିବର୍ତ୍ତନ ଉପରେ ଆଲୋକପାତ କରି ଶ୍ରୀମତୀ ପଟେଲ ଦେଶରେ ପ୍ରମୁଖ ଚିକିତ୍ସା ପ୍ରତିଷ୍ଠାନର ବିସ୍ତାର ବିଷୟରେ ଉଲ୍ଲେଖ କରିଥିଲେ। ଦେଶରେ ପୂର୍ବରୁ ଏମ୍ସ ସଂଖ୍ୟା ୭ ଥିବା ବେଳେ ବର୍ତ୍ତମାନ ତାହା ୨୩କୁ ବୃଦ୍ଧି ପାଇଛି, ଯାହା ସାରା ଦେଶରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଏବଂ ଚିକିତ୍ସା ଶିକ୍ଷାର ପ୍ରବେଶକୁ ସୁଦୃଢ଼ କରିଛି। ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମହାଲିଙ୍ଗ ଓଡ଼ିଶା ଓ ପୂର୍ବ ଭାରତରେ ସ୍ୱାସ୍ଥ୍ୟସେବା ପ୍ରଦାନକୁ ସୁଦୃଢ଼ କରିବାରେ ଏମ୍ସ ଭୁବନେଶ୍ୱରର ଭୂମିକାକୁ ପ୍ରଶଂସା କରିଥିଲେ। ସେ ଚିକିତ୍ସା ଶିକ୍ଷା, ବିଶେଷଜ୍ଞ ସ୍ୱାସ୍ଥ୍ୟସେବା ଏବଂ ଗବେଷଣା ପ୍ରତି ପ୍ରତିଷ୍ଠାନର ଅବଦାନକୁ ପ୍ରଶଂସା କରିବା ସହ ସ୍ନାତକ ଛାତ୍ରଛାତ୍ରୀଙ୍କ ସେମାନଙ୍କ ଭବିଷ୍ୟତ ପ୍ରୟାସ ପାଇଁ ଶୁଭକାମନା ଜଣାଇଥିଲେ।

# ଆନ୍ତର୍ଜାତିକ ସହାନୁଭୂତି ଖେଳ

କାଶ୍ମୀର ପ୍ରସଙ୍ଗ ପୁନର୍ବାର ଆନ୍ତର୍ଜାତିକ ମଞ୍ଚରେ ଉଠାଇବାକୁ ପାକିସ୍ତାନର ଅନ୍ତହୀନ ପ୍ରୟାସ ଜାରି ରହିଛି। ସମ୍ପ୍ରତି ପାକିସ୍ତାନ କୌଣସି ଏକ ଆନ୍ତର୍ଜାତିକ ମଞ୍ଚ ବା ଦେଶରେ କାଶ୍ମୀରରେ ମାନବାଧିକାର ଉଲ୍ଲଙ୍ଘନ ଏବଂ ଅନ୍ୟାୟର ଚିତ୍ର ଉପସ୍ଥାପନ କରି ବିଶ୍ୱ ସହାନୁଭୂତି ଆକର୍ଷଣ କରିବାର ଚେଷ୍ଟା ଚଳାଇଛି। କିନ୍ତୁ ଏହା କେବଳ ଏକ ରାଜନୈତିକ ଖେଳ ଏବଂ ସତ୍ୟ ଲୁଚାଇବାର ପ୍ରୟାସ। ଅନ୍ୟପକ୍ଷରେ ଭାରତ ସ୍ପଷ୍ଟ ଭାବେ କହୁଛି ଯେ କାଶ୍ମୀର ଭାରତର ଅନ୍ତର୍ଗତ ବିଷୟ ଏବଂ ଏହାକୁ ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ ହେବ । ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ପାକିସ୍ତାନ-ଅଧିକୃତ କାଶ୍ମୀର (ପିଓକେ)କୁ ମୁକ୍ତ କରିବାର ଭାରତର ଦୃଢ଼ ପ୍ରତିବଦ୍ଧତା।



ଐତିହାସିକ ପ୍ରସଙ୍ଗ ଦେଖିଲେ ସ୍ପଷ୍ଟ ହୁଏ ଯେ କାଶ୍ମୀର ଭାରତର ଅବିଭାଜ୍ୟ ଅଙ୍ଗ। ୧୯୪୭ରେ ମହାରାଜା ହରି ସିଂହଙ୍କ ଦ୍ୱାରା ଭାରତ ସହ ଯୋଗଦାନ ପରେ ପାକିସ୍ତାନ ଯୁଦ୍ଧ ଆରମ୍ଭ କରି କିଛି ଅଞ୍ଚଳ ଦଖଲ କରିଥିଲା। ଜାତିସଂଘ ପ୍ରସ୍ତାବ ଆସିଥିଲା କିନ୍ତୁ ପାକିସ୍ତାନ ସୈନ୍ୟ ପ୍ରତ୍ୟାହାର କରିନଥିଲା। ୧୯୭୨ ଶିମ୍ଲା ଚୁକ୍ତିରେ ଉଭୟ ଦେଶ ସ୍ୱୀକାର କରିଥିଲେ ଯେ ସମସ୍ତ ବିବାଦ ଦ୍ୱିପାକ୍ଷିକ ଆଲୋଚନା ଦ୍ୱାରା ସମାଧାନ ହେବ। ତଥାପି ପାକିସ୍ତାନ ବାରମ୍ବାର ଆନ୍ତର୍ଜାତିକ ମଞ୍ଚକୁ ଟାଣି ଆଣୁଛି। ଏହା କେବଳ ନିଜର ଆଭ୍ୟନ୍ତରୀଣ ସଙ୍କଟ ଏବଂ ଆର୍ଥିକ ବିପର୍ଯ୍ୟୟକୁ ଲୁଚାଇବାର କୌଶଳ।

ପାକିସ୍ତାନର କାଶ୍ମୀର ନୀତି ସବୁବେଳେ ଆତଙ୍କବାଦ ଉପରେ ଆଧାରିତ। ଏହା ହିଜବୁଲ୍, ଲସ୍କର-ଏ-ତୋଇବା, ଜୈଶ-ଏ-ମହମ୍ମଦ ପରି ସଂଗଠନକୁ ପୋଷଣ କରୁଛି ଯାହା ଭାରତରେ ରକ୍ତପାତ ଘଟାଉଛି। ପୁଲୱାମା, ଉରି ଆକ୍ରମଣ ଏବଂ ଅନେକ ଘଟଣା ଏହାର ପ୍ରମାଣ। ଅନ୍ୟପକ୍ଷରେ ପିଓକେରେ ପାକିସ୍ତାନ ସେନା ଏବଂ ଆଇଏସ୍ଆଇର ନିର୍ଯାତନା ଅସହ୍ୟ ହୋଇଛି। ସେଠାରେ ବାଲୋଚିସ୍ତାନ ଏବଂ ଗିଲଗିଟ-ବାଲ୍ଟିସ୍ତାନରେ ମାନବାଧିକାର ଉଲ୍ଲଙ୍ଘନ, ଗଣହତ୍ୟା ଏବଂ ପ୍ରାକୃତିକ ସମ୍ପଦ ଲୁଟ ଚାଲିଛି। ପାକିସ୍ତାନ ନିଜ ଦେଶରେ ଏହି ଅତ୍ୟାଚାର ଲୁଚାଇ କାଶ୍ମୀରରେ ଭାରତ ବିରୋଧରେ ପ୍ରଚାର ଚଳାଉଛି। ଏହା ଚରମ କପଟତା ବୋଲି ବୁଦ୍ଧିଜୀବୀମାନେ କହୁଛନ୍ତି।

୨୦୧୯ରେ ଭାରତ ସରକାର ଆର୍ଟିକଲ୍ ୩୭୦ ରଦ୍ଦ କରି ଜମ୍ମୁ-କାଶ୍ମୀରକୁ କେନ୍ଦ୍ର-ଶାସିତ ଅଞ୍ଚଳ କରିବା ପରେ ସ୍ଥିତି ବଦଳିଛି। ନିର୍ବାଚନ, ଉନ୍ନୟନ କାର୍ଯ୍ୟକ୍ରମ, ପର୍ଯ୍ୟଟନ ଏବଂ ସୁରକ୍ଷାରେ ଉନ୍ନତି ହୋଇଛି। କାଶ୍ମୀରୀ ଯୁବକମାନେ ଏବେ ଆତଙ୍କବାଦ ପରିବର୍ତ୍ତେ ଶିକ୍ଷା ଏବଂ ରୋଜଗାର ପ୍ରତି ଆଗ୍ରହୀ । ଏହା ପାକିସ୍ତାନର ପ୍ରଚାରକୁ ଖଣ୍ଡନ କରୁଛି । ଭାରତ ସରକାର ବାରମ୍ବାର କହୁଛନ୍ତି ଯେ ଆଲୋଚନା ହେବ କେବଳ ଆତଙ୍କବାଦ ସମାପ୍ତି ପରେ ଏବଂ ଦ୍ୱିପାକ୍ଷିକ ଭିତ୍ତିରେ। କୌଣସି ତୃତୀୟ ପକ୍ଷ ହସ୍ତକ୍ଷେପ ଗ୍ରହଣଯୋଗ୍ୟ ନୁହେଁ। ପିଓକେର ସ୍ଥିତି ଅତ୍ୟନ୍ତ ଦୟନୀୟ। ସେଠାରେ ପାକିସ୍ତାନୀ ସେନାର ଅତ୍ୟାଚାର, ଭୂମି ଅଧିଗ୍ରହଣ, ଚୀନ ସହ ପ୍ରକଳ୍ପ ମାଧ୍ୟମରେ ଆର୍ଥିକ ଶୋଷଣ ଚାଲିଛି। ଲୋକମାନେ ସ୍ୱାଧୀନତା ପାଇଁ ଆନ୍ଦୋଳନ କରୁଛନ୍ତି କିନ୍ତୁ ଦମନର ଶିକାର ହେଉଛନ୍ତି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ବିଦେଶ ମନ୍ତ୍ରୀ ଏସ୍ ଜୟଶଙ୍କର ବାରମ୍ବାର କହୁଛନ୍ତି ଯେ ପିଓକେ ଭାରତର ଏବଂ ଏହାକୁ ଫେରାଇ ଆଣିବା ଆମର ଲକ୍ଷ୍ୟ । ଏହା କେବଳ ରାଜନୈତିକ ନୁହେଁ, ଐତିହାସିକ ଏବଂ ସାଂସ୍କୃତିକ ଭାବେ ମଧ୍ୟ ଭାରତର ଅଂଶ।

ଆନ୍ତର୍ଜାତିକ ସମାଜକୁ ବୁଝିବାକୁ ପଡ଼ିବ ଯେ ପାକିସ୍ତାନ ଏକ ଆତଙ୍କବାଦୀ ରାଷ୍ଟ୍ର। ଏହା ଆର୍ଥିକ ଭାବେ ଦୁର୍ବଳ, ରାଜନୈତିକ ଭାବେ ଅସ୍ଥିର ଏବଂ ଚୀନର ଆର୍ଥିକ ଉପନିବେଶ ହୋଇଯାଇଛି । ଯେଉଁ ଦେଶ ନିଜର ଲୋକଙ୍କୁ ଖାଦ୍ୟ ଏବଂ ସୁରକ୍ଷା ଦେଇ ପାରୁନାହିଁ ସେ କାଶ୍ମୀରରେ ମାନବାଧିକାର କଥା କହିବାର ଅଧିକାର ରଖେ ନାହିଁ। ଯୁକ୍ତରାଷ୍ଟ୍ର, ଇଉରୋପୀୟ ସଂଘ ଏବଂ ଅନ୍ୟାନ୍ୟ ଦେଶମାନେ ପାକିସ୍ତାନର ଏହି ପ୍ରଚାରକୁ ପ୍ରତ୍ୟାଖ୍ୟାନ କରିବା ଉଚିତ୍। ସେମାନେ ଭାରତର ଦ୍ୱିପାକ୍ଷିକ ସ୍ଥିରତାକୁ ସମର୍ଥନ କରନ୍ତୁ।

ଭାରତ ଶାନ୍ତି ଚାହୁଁଛି କିନ୍ତୁ ଏହା ନିଜର ସାର୍ବଭୌମତ୍ୱ ଏବଂ ଅଖଣ୍ଡତାରେ କୌଣସି ଆପୋସ କରିବ ନାହିଁ । ପିଓକେରେ ରହୁଥିବା ଲୋକଙ୍କୁ ମୁକ୍ତି ଦେବା ଭାରତର ନୈତିକ ଦାୟିତ୍ୱ। ଆଗାମୀ ଦିନରେ ଭାରତର କୂଟନୈତିକ ଏବଂ ସାମରିକ ଶକ୍ତି ଏହି ଲକ୍ଷ୍ୟକୁ ପୂରଣ କରିବ। ପାକିସ୍ତାନ ଯଦି ସତ୍ୟର ପଥ ଗ୍ରହଣ କରେ ଏବଂ ଆତଙ୍କବାଦ ପରିତ୍ୟାଗ କରେ ତେବେ ଦ୍ୱିପାକ୍ଷିକ ଆଲୋଚନା ସମ୍ଭବ, ନହେଲେ ଏହାର ଆନ୍ତର୍ଜାତିକ ସହାନୁଭୂତି ଅଭିଯାନ କେବଳ ଏକ ବିଫଳ ପ୍ରୟାସ ହୋଇ ରହିବ।

# ଡିଜିଟାଲ କ୍ରାନ୍ତି ବନାମ ସତ୍ୟ ସୂଚନା


ଗୋପାଳ ମହାପାତ୍ର




ଡିଜିଟାଲ କ୍ରାନ୍ତି ସୂଚନାକୁ ଲୋକତାନ୍ତ୍ରିକ କରିଦେଇଛି। ଏବେ ସୂଚନା ବା ଖବର ଜାଣିବା ପାଇଁ କୌଣସି ଖବରକାଗଜ ଦେଖିବା ବା ପଢ଼ିବାର ଆବଶ୍ୟକତା ନାହିଁ। ପକେଟରେ ଥିବା ମୋବାଇଲ ଫୋନ ସାରା ଦୁନିଆର ପ୍ରତିଟି ଗୁରୁତ୍ୱପୂର୍ଣ୍ଣ ଖବର ଆମ ପାଖରେ ପହଞ୍ଚାଇ ଦେଇ ପାରୁଛି। ସମୟ ଥିଲା ସୂଚନା /ସମ୍ବାଦଙ୍କୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଦି ଦିନ ଲାଗୁଥିଲା ହେଲେ ଏବେ ଗୋଟିଏ ସେକେଣ୍ଡରେ ସାରା ବିଶ୍ୱର ସୂଚନା ମିଳି ଯାଉଛି। ନିସନ୍ଦେହ ଭାବେ ଏହା ମାନବ ଇତିହାସର ଏକ ବଡ଼ ଉପଲବ୍ଧି। କିନ୍ତୁ ଉପଲବ୍ଧି ମଧ୍ୟ ଏକ ଗୁରୁତର ବିରୋଧାଭାଷକୁ ଜନ୍ମଦେଇଛି। ମାନବ ଇତିହାସରେ ବୋଧହୁଏ ପ୍ରଥମ ଥର ପାଇଁ ଏତେ ଅଧିକ ସୂଚନା ଉପଲବ୍ଧ ହେଉଛି, ତଥାପି ସତ୍ୟକୁ ନେଇ ଅନିଶ୍ଚିତତା ରହିଛି। ବିଡ଼ମ୍ବନା ହେଉଛି ଆଜିର ସଙ୍କଟ ସୂଚନାର ଅଭାବକୁ ନେଇ ନୁହେଁ ବରଂ ସୂଚନାର ପ୍ରାମାଣିକତାକୁ ନେଇ। କଥା ଏତିକିରେ ସରି ନାହିଁ ଯେ ସୂଚନା ବା ସମ୍ବାଦ କେଉଁ ସୂତ୍ରରୁ ବା କେଉଁଠାରୁ ମିଳିଲା ବରଂ କଥା ହେଉଛି ଅସଂଖ୍ୟ ସୂଚନା, ଦାବି, ଭିଡିଓ, ପୋଷ୍ଟ ଏବଂ ମନ୍ତବ୍ୟ ଭିତରୁ କେଉଁଟା ସତ୍ୟ ସେ କଥା ଜାଣିବା କେମିତି?

ଏକଦା ସୂଚନା ଦୁର୍ଲଭଥିଲା କିନ୍ତୁ ଏବେ ସୂଚନା ସର୍ବତ୍ର। ଏହି ପରିବର୍ତ୍ତନ ଗଣମାଧ୍ୟମର ଭୂମିକାକୁ ମଧ୍ୟ ବଦଳାଇ ଦେଇଛି। ପ୍ରଶ୍ନ ଏବେ ନୁହେଁ ଯେ ପ୍ରଥମେ ସୂଚନା/ସମ୍ବାଦ କିଏ ଦେଇଛି ବରଂ ପ୍ରଶ୍ନ ହେଉଛି କିଏ ବିଶ୍ୱସନୀୟ ସୂଚନା ଦେଇଛି ବା ଦେଉଛି। ଏଠାରେ ହିଁ ମୁଦ୍ରିତ ଗଣମାଧ୍ୟମର ପ୍ରାସଙ୍ଗିକତାର ପ୍ରଶ୍ନ ଆରମ୍ଭ ହୋଇଥାଏ। ଡିଜିଟାଲ ମାଧ୍ୟମ ଏବଂ ସାମାଜିକ ଗଣ ମାଧ୍ୟମ ସୂଚନାର ପ୍ରବାହକୁ ଗତି ଦେଇଛି। ଏମାନେ ସୂଚନା / ସମ୍ବାଦକୁ ଅଧିକ ଖୋଲା ଏବଂ ସହଭାଗିତା ପୂର୍ଣ୍ଣ କରିଦେଇଛନ୍ତି। ପରନ୍ତୁ ଏମାନେ ସମ୍ବାଦ, ମତ, ପ୍ରଚାର, ମନଗଢ଼ା କାହାଣୀ ଏବଂ ଅପପ୍ରଚାର ମଧ୍ୟରେ ସୀମାକୁ ଧୂଆଁଳିଆ କରି ଦେଇଛନ୍ତି। ଏବେ ଏକ ଅସତ୍ୟ ଅର୍ଦ୍ଧସତ୍ୟ ସମ୍ବାଦ ଲକ୍ଷ ଲକ୍ଷ ଲୋକଙ୍କ ନିକଟରେ ପହଞ୍ଚି ପାରିଛି। ଭ୍ରାମକ ଭିଡ଼ିଓ ଜନ ମତକୁ ପ୍ରଭାବିତ କରି ପାରୁଛି ଏବଂ ଏକ ମିଥ୍ୟା ସୂଚନା ସାମାଜିକ ସଂଘର୍ଷର କାରଣ ମଧ୍ୟ ହୋଇପାରିବ ନୁହେଁ ହୋଇପାରୁଛି। ସୂଚନାର ଲୋକତାନ୍ତ୍ରିକକରଣ ହୋଇଛି କିନ୍ତୁ ସତ୍ୟର ନୁହେଁ। ଏଣୁ ପ୍ରଶ୍ନ ଉଠିବା ସ୍ୱାଭାବିକ୍ ଯେ - ଯଦି ପ୍ରତି ବ୍ୟକ୍ତି ପ୍ରକାଶକ ତେବେ ସମ୍ପାଦକ? ଏଭଳି କାରଣ ମୁଦ୍ରିତ ଗଣମାଧ୍ୟମକୁ ବିଶିଷ୍ଟ କରିଦେଇଛି। ଖବର କାଗଜର ଶକ୍ତି କେବଳ କାଗଜରେ ଛାପିବାରେ ନଥାଏ, ଶକ୍ତି ତାର ସମ୍ପାଦକୀୟ ପ୍ରକ୍ରିୟାରେ ନିହିତ ରହିଛି। ରିପୋର୍ଟିଙ୍ଗ, ତଥ୍ୟର ତର୍ଜମା, ତଥ୍ୟର ସ୍ରୋତ, ଆଇନଗତ ପରୀକ୍ଷଣ ଏବଂ ସମ୍ପାଦକୀୟ ଉତ୍ତର ଦାୟୀତ୍ୱ ଏସବୁ ପ୍ରକ୍ରିୟା ମିଶି ସୂଚନାକୁ ସମ୍ବାଦରେ ଏବଂ ସମ୍ବାଦକୁ ବିଶ୍ୱସନୀୟ ସାର୍ବଜନିକ ଜ୍ଞାନରେ ପରିବର୍ତ୍ତିତ କରିଥାଏ। ଡିଜିଟାଲ ଯୁଗରେ ଏହି ପ୍ରକ୍ରିୟା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି।

ଭାରତୀୟ ସାମ୍ବାଦିକତାର ଇତିହାସ ମଧ୍ୟ ଏହି ତଥ୍ୟକୁ ପୁଷ୍ଟି କରିଥାଏ। ସ୍ୱାଧିନତା ଆନ୍ଦୋଳନ ବେଳେ ଖବର କାଗଜ ସୂଚନାର ମାଧ୍ୟମ ନଥିଲା ବରଂ ରାଷ୍ଟ୍ରୀୟ ଚେତନାର ବାହକ ଥିଲା। ସ୍ୱାଧିନ ଭାରତରେ ଗଣମାଧ୍ୟମର ଭୂମିକାର କଠିନ ପରୀକ୍ଷା ୧୯୭୫ର ଜରୁରୀ କାଳୀନ ପରିସ୍ଥିତି ବେଳେ ହୋଇଥିଲା। ସେ ସମୟରେ ସୂଚନା ଉପରେ ନିୟନ୍ତ୍ରଣ ପାଇଁ ଉଦ୍ୟମ କରାଯାଇଥିଲା। ଖବର କାଗଜର ପ୍ରକାଶନ ଉପରେ ସେନସରସିପ ଲାଗୁ କରାଯାଇଥିଲା ଏବଂ ଅଭିବ୍ୟକ୍ତିର ସ୍ୱାଧିନତାକୁ ସୀମିତ କରି ଦିଆ ଯାଇଥିଲା। ଅନେକ ସମ୍ପାଦକ / ସମ୍ବାଦିକ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସତ୍ୟ ପରିବେଷଣରେ ବ୍ରତୀ ଥିଲେ, କିନ୍ତୁ ମଜାଦାର କଥା ହେଉଛି ଆଜିର ସଙ୍କଟ ସେଇ ଜରୁରୀକାଳୀନ ପରିସ୍ଥିତି ସମୟର ସଙ୍କଟ ଠାରୁ ଭିନ୍ନହେଲେ ମଧ୍ୟ ତାହା ସହ ଯୋଡି ହୋଇଛି। ୧୯୭୫ରେ ସୁଚନାକୁ ରୋକା ଯାଉଥିଲା ଏବେ ସୂଚନାର ବଢ଼ି ମାଡ଼ିଚାଲିଛି। ସେତେବେଳେ ଲୋକଙ୍କୁ ସତ୍ୟ ଜାଣିବାକୁ ଦିଆଯାଉନଥିଲା କିନ୍ତୁ ଏବେ ସୂଚନାର ସାଗର ମଧ୍ୟରେ ବାସ୍ତବିକ ସତ୍ୟ କେଉଁଟା ତାକୁ ଜାଣିବା ମୁସ୍କିଲ ହୋଇ ପଡୁଛି। ପରିସ୍ଥିତି ବଦଳିଛି କିନ୍ତୁ ପ୍ରଶ୍ନ ହେଉଛି - ଲୋକଙ୍କ ପାଖରେ ବିଶ୍ୱସନୀୟ ସୂଚନ ପହଞ୍ଚିବ କେମିତି?

ଏଠାରେ ମୁଦ୍ରିତ ଗଣମାଧ୍ୟମର ସମକାଳୀନ ପ୍ରାସଙ୍ଗିକତା ନିହିତ ରହିଛି। ଏମାନେ ଡିଜିଟାଲ ମାଧ୍ୟମ ଭଳି ଗତିଶୀଳ ନୁହଁନ୍ତି। କିନ୍ତୁ ଏମାନେ ବିଶ୍ୱସନୀୟତା, ଉତ୍ତରଦାୟୀତ୍ୱ ଏବଂ ସମ୍ପାଦକୀୟ ଅନୁଶାସନର ପରମ୍ପରାର ପ୍ରତିନିଧିତ୍ୱ କରୁଛନ୍ତି ଯାହାର ଆବଶ୍ୟକତା ସୂଚନାର ଉପଲବ୍ଧତାରେ ନୁହେଁ ବରଂ ବିଶ୍ୱସନୀୟ ସୂଚନାର ଉପଲବ୍ଧତାରେ ସୁଦୃଢ଼ ହୋଇଥାଏ। ଗଣମାଧ୍ୟମ ତାର ପରମ୍ପରା, ସମ୍ପାଦକୀୟ ସଂସ୍କୃତି ଏବଂ ସାର୍ବଜନିକ ଉତ୍ତରଦାୟିତ୍ୱ ବଜାୟ ରଖିଲେ ଏହାର ଗୁରୁତ୍ୱ କମିବ ନାହିଁ ବରଂ ବଢ଼ିବ ଓ ଲୋକତନ୍ତ୍ରକୁ ସୁଦୃଢ଼ କରିବାରେ ସହାୟକ ହେବ।


ରାମଚନ୍ଦ୍ରପୁର, ରଣପୁର
ମୋବାଇଲ୍:୯୪୩୮୪୫୦୯୪


# ଶିକ୍ଷା ଶିଶୁର ମୌଳିକ ଅଧିକାର




କିଶୋର ଚନ୍ଦ୍ର ବେହେରା


ଭାରତୀୟ ଶିକ୍ଷା ବ୍ୟବସ୍ଥା ବିଶ୍ୱର ଅନ୍ୟତମ ବୃହତମ ବ୍ୟବସ୍ଥା, ଯାହା ପ୍ରାଥମିକ, ଉଚ୍ଚ ପ୍ରାଥମିକ, ମାଧ୍ୟମିକ, ଉଚ୍ଚ ମାଧ୍ୟମିକ ଏବଂ ଉଚ୍ଚଶିକ୍ଷା ସ୍ତରରେ ବିଭକ୍ତ। ବର୍ତ୍ତମାନ ଏହା ଜାତୀୟ ଶିକ୍ଷାନୀତି - ୨୦୨୦ ଦ୍ୱାରା ପରିଚାଳିତ, ଯାହା ଶିକ୍ଷାକୁ ବ୍ୟବହାରିକ ଏବଂ ରୋଜଗାରକ୍ଷମ କରିବା ଉପରେ ଗୁରୁତ୍ୱ ଦେଇଥାଏ। ଯେଉଁ ଦେଶରେ ଶିକ୍ଷାର ଅଗ୍ରଗତି ଯେତିକି ଅଧିକ, ସେ ଦେଶ ସେତିକି ବିକଶିତ ବୋଲି ଗଣାଯାଏ। ଶିକ୍ଷା ହିଁ ବ୍ୟକ୍ତିକୁ ପୂର୍ଣ୍ଣତା ପ୍ରଦାନ କରିଥାଏ। ଏକ ସର୍ବସ୍ପର୍ଶୀ ଶିକ୍ଷା ବ୍ୟବସ୍ଥା ସମାଜରେ ସମ୍ପୂର୍ଣ୍ଣତା ଆଣିବାରେ ସହାୟକ ହୋଇଥାଏ। ଶିକ୍ଷା ହେଉଛି ସେହି ମୂଳଦୁଆ, ଯାହା ଉପରେ ଏକ ପ୍ରଗତିଶୀଳ, ସମବେଶୀ ଏବଂ ସମୃଦ୍ଧ ସମାଜ ଗଠନ କରାଯାଏ। ପ୍ରାଥମିକ ଓ ଉଚ୍ଚଶିକ୍ଷା କ୍ଷେତ୍ରରେ ପୁଞ୍ଜି ନିବେଶ ହେଉଛି ରାଜ୍ୟର ଭବିଷ୍ୟତ ପାଇଁ ଏକ ବିଶେଷ ବିନିଯୋଗ, ଯାହାକି ଜ୍ଞାନ, ନବସୃଜନ, ନିଯୁକ୍ତି ସୁଯୋଗ ଏବଂ ସାମାଜିକ ସଶକ୍ତିକରଣକୁ ପ୍ରୋତ୍ସାହିତ କରିଥାଏ। ଏହା ହେଉଛି ସବୁଠାରୁ ପ୍ରଭାବଶାଳୀ ମାଧ୍ୟମ, ଯାହାଦ୍ୱାରା ସରକାର ସମତାଗତ ସୁଯୋଗ ସୃଷ୍ଟି କରିପାରିବେ ଏବଂ ପ୍ରତ୍ୟେକ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ସମ୍ପୂର୍ଣ୍ଣତା ହାସଲ କରିବାରେ ସକ୍ଷମ କରିପାରିବେ। ଦେଶର ଶିକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ କେନ୍ଦ୍ର ସରକାରଙ୍କ ଅନେକ ଯୋଜନା କାର୍ଯ୍ୟକାରୀ କରୁଛି, ଯେଉଁଥିରେ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର (ଆର୍ ଟି ଇ) ଏବଂ ଓଡ଼ିଶାରେ 'ମୋ ସ୍କୁଲ୍' ଭଳି ସଂପ୍ରତି ଚଳିତ ଶିକ୍ଷା ବର୍ଷରୁ "ଜ୍ଞାନୋଦୟ- ଶିକ୍ଷାରୁ ସମୃଦ୍ଧି" ଯୋଜନା ମାଧ୍ୟମରେ କେ.ଜି.ରୁ ପି.ଜି. ପର୍ଯ୍ୟନ୍ତ ଦେୟମୁକ୍ତ ଶିକ୍ଷା ଅଭିଯାନ ସାମିଲ କରାଯାଇଛି। ଜ୍ଞାନର ଶକ୍ତିରେ ଦ୍ୱାରା ସଶକ୍ତ ଯୁବପିଢ଼ି ଗଢ଼ିବା ଓ ସମୃଦ୍ଧ ଓଡ଼ିଶା ନିର୍ମାଣ ଦିଗରେ ଏହା ଏକ ଐତିହାସିକ ପଦକ୍ଷେପ ହେବ। ଯାହାଫଳରେ ପ୍ରତିବର୍ଷ ପ୍ରାଥମିକ ଶିକ୍ଷା ଠାରୁ ଆରମ୍ଭ କରି ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ୩୨ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଏହି ଯୋଜନାରେ ଉପକୃତ ହେବେ। ଆର୍ଥିକ ଅଭାବରୁ ଅଧାରୁ ପାଠ ଛାଡୁଥିବା ଛାତ୍ରଛାତ୍ରୀଙ୍କ ହାର ହ୍ରାସ କରିବା ପାଇଁ ସରକାର ଏଭଳି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। କୌଣସି ଛାତ୍ରଛାତ୍ରୀ ଯେପରି ଆର୍ଥିକ ଅବସ୍ଥାରେ ଶିକ୍ଷାରୁ ଦୂରେଇ ନଯିବେ, ସେଥିପାଇଁ ଏହି ଯୋଜନା କରଯାଇଛି। ରାଜ୍ୟର ଛାତ୍ରଛାତ୍ରୀମାନଙ୍କ ପାଇଁ ଗୁଣାତ୍ମକ ଶିକ୍ଷାକୁ ଅଧିକ ସହଜଲଭ୍ୟ, ସମାନତା ଭିତ୍ତିକ ଏବଂ ସୁଲଭ କରିବା ପାଇଁ ରାଜ୍ୟ ସରକାରଙ୍କର ଏହା ଏକ ଐତିହାସିକ ପଦକ୍ଷେପ।

"ଜ୍ଞାନୋଦୟ - ଶିକ୍ଷାରୁସମୃଦ୍ଧି" ମାର୍ଗଦର୍ଶୀକା ପରିଚାଳନା ନିୟମାବଳୀ ଓଡ଼ିଶା ସରକାରଙ୍କ ଉଭୟ ଗଣଶିକ୍ଷା ଓ ଉଚ୍ଚଶିକ୍ଷା ବିଭାଗର ପ୍ରଶାସନିକ ନିୟନ୍ତ୍ରଣାଧୀନ ସମସ୍ତ ଯୋଗ୍ୟ ଶିକ୍ଷାନୁଷ୍ଠାନଗୁଡ଼ିକ ପାଇଁ ପ୍ରଯୁଜ୍ୟ ଅଟେ। ଏହି ଯୋଜନାଟି ୨୦୨୬-୨୭ ଶିକ୍ଷାବର୍ଷରୁ କାର୍ଯ୍ୟକାରୀ ହୋଇ ୨୦୩୦-୩୧ ଶିକ୍ଷାବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହେବ। ଯାହାକି ପ୍ରାରମ୍ଭିକ ଭାବେ ୫ ବର୍ଷ ନିମନ୍ତେ ବଳବତ୍ତର ରହିବ। ଓଡ଼ିଆରେ ଏକ ଜନଶ୍ରୁତି ପ୍ରବାଦଟି ଭଳି 'କାହାରି ପୁଷ ମାସ ହୋଇଥିଲା ବେଳେ କାହାରି ସର୍ବନାଶ'ର ପରିସ୍ଥିତି ସୃଷ୍ଟି ହୋଇଛି। ଗୋଟିଏ ପାର୍ଶ୍ୱରେ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ଖୁସିର ସମୟ ହୋଇଥିବାବେଳେ, ଅନ୍ୟ ପାର୍ଶ୍ୱରେ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ ପାଇଁ ତାହା ସମ୍ପୂର୍ଣ୍ଣ ବିନାଶକାରୀ ବା ଦୁଃଖଦାୟକ ପରିସ୍ଥିତି ସୃଷ୍ଟି ହବାକୁ ଯାଉଛି। ରାଜ୍ୟରେ ଅଙ୍ଗନବାଡି ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ପୂର୍ବରୁ ଦେୟମୁକ୍ତ ଥିବାରୁ ଏହି ପଦକ୍ଷେପ ରାଜ୍ୟ ସରକାରଙ୍କ କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷା ପ୍ରଦାନର ସ୍ୱପ୍ନକୁ ସାକାର କରିଛନ୍ତି। ଆର୍ଥିକ ଅଭାବ ଅନାଟନ ଯୋଗୁଁ ଯେପରି କୌଣସି ଯୋଗ୍ୟ ଛାତ୍ରଛାତ୍ରୀ ଶିକ୍ଷାରୁ ବଞ୍ଚିତ ନ ହୁଅନ୍ତି, ତାହା ନିଶ୍ଚିତ କରିବା ପାଇଁ ଏହି ଯୋଜନାର ପରିକଳ୍ପନା କରାଯାଇଛି। ସମାଜରେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଏବଂ ପଛୁଆ ବର୍ଗର ପରିବାରଗୁଡ଼ିକ ଉପରୁ ଆର୍ଥିକ ବୋଝ ହ୍ରାସ କରି ଏହି ଯୋଜନା ନାମଲେଖା କ୍ଷେତ୍ରରେ ବୃଦ୍ଧି କରିବ। ବିଦ୍ୟାଳୟ ଓ ମହାବିଦ୍ୟାଳୟ ଉପସ୍ଥାନରେ ସୁଧାର ଆସିବ। ପାଠପଢ଼ା ଅଧାରୁ ଛାଡ଼ିବା ହାର ହ୍ରାସ ହେବ। ଅଧିକରୁ ଅଧିକ



ଛାତ୍ରଛାତ୍ରୀ ବିନା କୌଣସି ବାଧାରେ ଉଚ୍ଚଶିକ୍ଷା ଜାରି ରଖିବାରେ ସକ୍ଷମ ହେବେ।

ଉଚ୍ଚଶିକ୍ଷା କ୍ଷେତ୍ରରେ ରାଜ୍ୟରେ ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ ମହାବିଦ୍ୟାଳୟ, ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ, ଅଣ-ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ, ଘରୋଇ (ଅନୁଦାନବିହୀନ / ସ୍ୱ-ଅର୍ଥଲଗାଣ) ଉଚ୍ଚ ଶିକ୍ଷାନୁଷ୍ଠାନ କାର୍ଯ୍ୟ କରୁଛି। ଏହି ଯୋଜନାର ସୀମିତ ଉଦ୍ଦେଶ୍ୟ ନିମନ୍ତେ, "ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ" କହିଲେ ସମୟ ସମୟରେ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ବିଭିନ୍ନ ଗ୍ରାଣ୍ଟ-ଇନ୍-ଏଡ୍ ବା ଅନୁଦାନ-ପ୍ରଦାନ ନିର୍ଦ୍ଦେଶନାମା ଅଧୀନରେ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ ଭାବରେ ଘୋଷିତ ହୋଇଥିବା ମହାବିଦ୍ୟାଳୟଗୁଡିକୁ ବୁଝାଇଥାଏ। ଏହି ମହାବିଦ୍ୟାଳୟକୁ ସରକାରଙ୍କ ଠାରୁ କେବଳ ଅଧ୍ୟାପକ ଓ କର୍ମଚାରୀଙ୍କ ଦରମା ମିଳିଥାଏ। ମହାବିଦ୍ୟାଳୟର ଦୈନନ୍ଦିନ ପରିଚାଳନା କରିବା, ଅତିଥି ଅଧ୍ୟାପକ ଓ ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ଦରମା ପୈଠ କରିବା ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଛାତ୍ରଛାତ୍ରୀଙ୍କ ନାମଲେଖା ଶୁଳ୍କ ଓ ଉନ୍ନୟନ ଶୁଳ୍କ ବାବଦରେ ଯେଉଁ ଅର୍ଥ ନିଆଯାଇଥଏ, ସେହି ଅର୍ଥ ସଠିକ୍ ସମୟରେ ଭରଣ କରାଯାଇ ପରିଚାଳନା କରାଯାଇଥାଏ। ରାଜ୍ୟ ସରକାରଙ୍କ ଶିକ୍ଷାନୁଷ୍ଠାନକୁ ଟଙ୍କା ଫେରସ୍ତ ୧୦ ଶତକଡା , ୧୫ ଶତକଡା ଓ ବକେୟା ୭୫ ଶତକଡା (ପ୍ରତ୍ୟେକ ତ୍ରୈମାସିକରେ ୨୫ ଶତକଡା)ମାର୍ଗଦର୍ଶୀକା ନିର୍ଦ୍ଦେଶାବଳି ଅତ୍ୟନ୍ତ ନିରୁତ୍ସାହିତ, ଶିକ୍ଷାନୁଷ୍ଠାନ ପରିଚାଳନା କ୍ଷେତ୍ରରେ ସମସ୍ୟା ସୃଷ୍ଟି ହେବ। ସରକାରଙ୍କ ମାଗଣା ଶିକ୍ଷାନୀତି ଏବେ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ପାଇଁ ମୁଣ୍ଡ ବିନ୍ଧର କାରଣ ପାଲଟିଗଲାଣି। ଅନୁଦାନପ୍ରାପ୍ତ ବିଦ୍ୟାଳୟ , ଉଭୟ ୬୬୨ ଓ ୪୮ବର୍ଗର ମହାବିଦ୍ୟାଳୟ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନେ ବିଭିନ୍ନ ସମସ୍ୟା ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସମାଧାନର ସୂତ୍ର ବାହାରି ନକରି, ହଠାତ୍ ଏପରି ଦେୟମୁକ୍ତ ଶିକ୍ଷା ଘୋଷଣା କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଶିକ୍ଷାବିତମାନେ ମତପୋଷଣ କରିଛନ୍ତି। ଏହି ବର୍ଗରେ କାର୍ଯ୍ୟରତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନଙ୍କୁ ଚାକିରି ସର୍ତାବଳୀ, ଅବସର ପରେ ଅବସରକାଳୀନ ସୁବିଧା ସୁଯୋଗ ଓ ଭତ୍ତା ପ୍ରଦାନ କରିବାକୁ ଉଚ୍ଚନ୍ୟାୟାଳୟ ଏବଂ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶନାମା ଜାରି କରିଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହେଉ ନାହିଁ। ନ୍ୟାୟାଳୟର ଆଦେଶନାମାକୁ ଭ୍ରମରେ ପକାଇବା ଏକ ମାଧ୍ୟମ ହୋଇପାରେ ବୋଲି କାର୍ଯ୍ୟରତ ଓ ଅବସରପ୍ରାପ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନେ ଉଦବେଗ ପ୍ରକାଶ କରିଛନ୍ତି।

ଶିକ୍ଷା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଦ୍ୱାରା ବୃହତ୍ତମ ପୁଞ୍ଜିନିବେଶ ମଧ୍ୟରୁ ଏହା ଅନ୍ୟତମ। ଏହା ଦ୍ୱାରା ପ୍ରତିବର୍ଷ ୩୨ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପକୃତ ହେବେ। ସେମାନଙ୍କ ପରିବାରର ଆର୍ଥିକ ବୋଝ ଯଥେଷ୍ଟ ମାତ୍ରାରେ ହ୍ରାସ ପାଇବ। ଏହି ପ୍ରୟାସ ଜାତୀୟ ଶିକ୍ଷା ନୀତି ୨୦୨୦, ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ ର ଉଦ୍ଦେଶ୍ୟକୁ ପୂରଣ କରିବାରେ ସହାୟକ ହେବ। "ଜ୍ଞାନୋଦୟ - ଶିକ୍ଷାରୁ ସମୃଦ୍ଧି" କେବଳ ଏକ ଶୁଳ୍କ ଛାଡ଼ କାର୍ଯ୍ୟକ୍ରମ ନୁହେଁ ବରଂ ଆର୍ଥିକ ପୃଷ୍ଠଭୂମି ନିର୍ବିଶେଷରେ ଓଡ଼ିଶାର ପ୍ରତ୍ୟେକ ଶିଶୁ ଏବଂ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଗ୍ରହଣର ସମାନ ସୁଯୋଗ ମିଳିବ। ଏହାକୁ ନିଶ୍ଚିତ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ପ୍ରୟାସ ଶିକ୍ଷା ମାଧ୍ୟମରେ ପ୍ରତ୍ୟେକ ପରିବାରକୁ ସଶକ୍ତ କରିବା ଜ୍ଞାନ, ସୁଯୋଗ ଓ ସାମଗ୍ରିକ ବିକାଶ ଉପରେ ଆଧାରିତ ଏକ "ବିକଶିତ ଓଡ଼ିଶା"ର ସଂକଳ୍ପକୁ ସାକାର କରିବା ପାଇଁ ରାଜ୍ୟ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାର ପ୍ରମାଣ। ରାଜ୍ୟରେ ପ୍ରାଥମିକ ଏବଂ ଉଚ୍ଚଶିକ୍ଷାକୁ ବିକଶିତ କରିବା ପାଇଁ ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ତଥାପି, ଆଦିବାସୀ ଅଞ୍ଚଳରେ ଶିକ୍ଷାର ଗୁଣବତ୍ତା ଏବଂ ଭିତ୍ତିଭୂମି ବିକାଶ ଏବଂ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ମଧ୍ୟରେ ଶିକ୍ଷାଗତ ପାର୍ଥକ୍ୟ ଏକ ବଡ଼ ଆହ୍ୱାନ ଦେଖାଦେଇଛି।


**ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ**
**ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ**
**ନନ୍ଦପୁର, ଜିଲ୍ଲାଃ କୋରାପୁଟ**
**ମୋବାଇଲ୍:୯୪୩୭୯୫୫୫୬୮**


# ନିର୍ବାଚିତ ଲୋକ ପ୍ରତିନିଧି ବନାମ ବିଶେଷଣ




ଡମ୍ବରୁଧର ଘଣା


ନବେ ଦଶକର ସମୟ। ପାଠ ପଢ଼ା ଶେଷ ହୋଇଥାଏ। ଅଧିକ ପଢ଼ିବାର ଇଚ୍ଛା ଥିଲେବି, ପରିବାରର ସାଧନ ମତେ ପାଠ ପଢ଼ାକୁ ବିରାମ ଦେବାକୁ ପଡ଼ିଥିଲା। ଚାକିରି ଖୋଜିବାର ବେଳ। ଖବରକାଗଜ, ପତ୍ର ପତ୍ରିକା ପଢ଼ିବାରେ ବେଶ୍ ଆଗ୍ରହ ଥାଏ। ଚାକିରି ଆଶାୟୀ ପିଲାଙ୍କ ପାଇଁ ବେଶି କିଛି ଉପାଦେୟ ନ ହେଲେ ବି, " ପ୍ରଜାତନ୍ତ୍ର ସାପ୍ତାହିକୀ" ପାଠକଙ୍କ ମନ ଜିଣି ପାରିଥାଏ ସେତେବେଳେ। ମୁଁ ମଧ୍ୟ ଏହାର ନିୟମିତ ପାଠକ ଥାଏ। ଶ୍ରୀଯୁକ୍ତ ଭର୍ତ୍ତୃହରି ମହତାବଙ୍କ ନିଜର ଏକ ଲେଖା ସେଥିରେ ନିୟମିତ ପ୍ରକାଶ ପାଉଥାଏ। ତାହା ପୁଣି ପତ୍ରିକାର ପଛ ଆଡକୁ। ମୁଁ ଏକା କାହିଁକି, ଅନେକ ପାଠକ ସେଇଠୁ ଆରମ୍ଭ କରନ୍ତି ଏଇ ପତ୍ରିକାର ପଢ଼ା। ଆଜିର ନିର୍ବାଚିତ ଲୋକ ପ୍ରତିନିଧି , ସେମାନଙ୍କ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଥିବା ବିଶେଷଣ, ତାଙ୍କ ଉପରେ ଅଜାଡି ଦିଆଯାଉଥିବା ସମ୍ମାନ ଓ ଆତ୍ମ ବିଭୋର ନେତାଙ୍କୁ ଦେଖିବା ବେଳେ, ସେଦିନ ଉକ୍ତ ସାପ୍ତାହିକୀ ରେ ପ୍ରକାଶିତ ଏକ ଲେଖା ମୋର ମନେ ପଡୁଛି। ଆଜି ଏହାର ପ୍ରାସଙ୍ଗିକତା ଥିବା ଅନୁଭବ କରି, ଏଠାରେ ଉଲ୍ଲେଖ କରିବାକୁ ଚେଷ୍ଟା କରୁଛି । ବିଷୟଟି ହେଉଛି - ପୃଥିବୀ ପ୍ରସିଦ୍ଧ ହାସ୍ୟ ଅଭିନେତା " ଚାର୍ଲି ଚାପଲିନ୍" ଙ୍କ ଏକ କ୍ଷୁଦ୍ର ନାଟକ। ନାଟକଟି ଏହିପରି: ଆମେରିକାର ଏକ ରାଜପଥ କଡ଼ରେ ଛିଡା ହୋଇଥାନ୍ତି ଚାପଲିନ୍ । ସେତିକିବେଳେ ସେହି ରାସ୍ତା ଦେଇ ଯାଉଥାଏ ଆମେରିକୀୟ ସୈନ୍ୟ ବାହିନୀର ଏକ ଦଳ । ଚାପଲିନ୍ ଦେଖୁଥାନ୍ତି। ଯେତେବେଳେ ଜୱାନ ମାନଙ୍କ ମାର୍ଚିଙ୍ଗ୍ ଚାପଲିନ୍ ଙ୍କ ନିକଟବର୍ତ୍ତୀ ହେଲା, ପ୍ଲାଟୁନ୍ କମାଣ୍ଡର ଆଦେଶ ଦେଲେ - ଦାହିନେ ଦେଖ୍ । ତତ୍ କ୍ଷଣାତ, ଯୱାନ ମାନେ ଡାହାଣକୁ ଦେଖି ସାଲ୍ୟୁଟ୍ ମୁଦ୍ରାରେ ମାର୍ଚିଙ୍ଗ୍ ଆରମ୍ଭ କରିଦେଲେ। ଚାପଲିନ୍ ଏହା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। ମନକୁ ମନ କହିଲେ - " ମୋତେ ତେବେ ଏତେ ବଡ ସମ୍ମାନ ଦେଉଛି ଆମ ଦେଶ । କଳାକାର ମାନଙ୍କୁ ମଧ୍ୟ ଉଚ୍ଚ ସମ୍ମାନ ଦେବାକୁ ଦେଶ ବିଚାର କରୁଛି। ଦେବ ନାହିଁ କାହିଁକି ? ମୁଁ ଯେ ଦୁନିଆଁର ସର୍ବଶ୍ରେଷ୍ଠ ହାସ୍ୟ ଅଭିନେତା। ମୋଠୁ କ'ଣ ଆଉ କିଏ ବଡ ଅଛି ? " କିଛି ସମୟ ପାଇଁ ଆତ୍ମ ବିଭୋର ହୋଇଗଲେ ଚାପଲିନ୍। ଦୀର୍ଘ ନିଃଶ୍ୱାସ ଟାଏ ଛାଡିଲେ। ଛାତି କିଛିଟା ତଉଡା ଚଉଡା ଲାଗିଲା। ମନଟା ଏମିତି ଖୁସି ହେଉଥିଲା , ଭାବୁଥିଲା। ତଥାପି ଚାପଲିନ୍ ନିଜର ବାମ, ଡାହାଣ କୁ ଅନାଇଲେ । ପଛକୁ ବୁଲି ଯେତେବେଳେ ଦେଖନ୍ତି - ପଛରେ ଶୋଭା ପାଉଥାଏ ଆମେରିକାର ପ୍ରଥମ ରାଷ୍ଟ୍ରପତି ଜର୍ଜ୍ଜ ଓ୍ୱାସିଂଟନ ଙ୍କ ପ୍ରତିମୂର୍ତ୍ତି। କ୍ଷୁଦ୍ର ନାଟକଟି ର ଏଇଠି ଯବନିକା ପଡିଲା।

କେହି କେହି ନିର୍ବାଚିତ ଲୋକ ପ୍ରତିନିଧିଙ୍କୁ କହୁଥିବା ଓ ଲେଖୁଥିବା ର ଦେଖିବାକୁ ମିଳୁଛି - ଲୋକଙ୍କ ନେତା , ଲୋକ ପ୍ରିୟ ନେତା, ପ୍ରିୟ ମନ୍ତ୍ରୀ, ଲୋକଙ୍କ ମୁଖ୍ୟମନ୍ତ୍ରୀ, ଯଶସ୍ୱୀ ସଭାପତି, ଯଶସ୍ୱୀ ମୁଖ୍ୟମନ୍ତ୍ରୀ, ଜନ ସେବକ, ଜନ ନାୟକ। ବିଶ୍ୱ ଗୁରୁ। କିଏ କ'ଣ କହୁଛି, କାହିଁକି କହୁଛି, ତାହା ତାଙ୍କୁ ବେଶ୍ ଜଣା। ଏ' ଯେତେ ସବୁ ବିଶେଷଣ, ଅଳଙ୍କାର ନେତାଙ୍କ ପାଇଁ ବ୍ୟବହାର ହେଉଛି, ସେସବୁ ଅଭିଧାନରେ ଅଛି । ଶବ୍ଦ ରହିଛି, ନେତା ବି ଅଛନ୍ତି। ଯେମିତି ଚାଷୀର କ୍ଷେତରେ ବିଭିନ୍ନ ପ୍ରକାର ଶସ୍ୟ ରହିଛି, ବଜାରରେ ବିଭିନ୍ନ ସାର ମିଳୁଛି। ଚାଷୀ ଯେ କୌଣସି ସାର, ଯେ କୌଣସି କ୍ଷେତରେ ବ୍ୟବହାର କରେ ନାହିଁ। ଯେଉଁ ଶସ୍ୟକୁ ଯେଉଁ ସାର ଦରକାର ବା ଉପାଦେୟ, ସେ ସେହି ସାର ପ୍ରୟୋଗ କରେ। ନଚେତ୍, ସାର ତ ଲାଗିବ, କିନ୍ତୁ ଶସ୍ୟ ର କ୍ଷତି ହେବ। ସେହି ନ୍ୟାୟରେ, କେଉଁ ଶବ୍ଦ, କେଉଁ ବିଶେଷଣ କେଉଁ ନେତା ପାଖରେ ଲାଗିବ, ତାହାହିଁ ହେଉଛି ପ୍ରସଙ୍ଗ।

ଆମର ବି ନିଜସ୍ୱ ଅନୁଭୂତି, ଅନୁଭବ ରହିଛି। ଆମେବି କେତେ ନେତାଙ୍କୁ ଦେଖିଛୁ। ଛାତ୍ର ଜୀବନରେ ବିଜୁ ବାବୁଙ୍କୁ ଦେଖିଛୁ। ଜାନକୀ ବାବୁଙ୍କୁ ଦେଖିଛୁ, ଶୁଣିଛୁ। ଆଡଭାନୀଙ୍କ ଭାଷଣ ଶୁଣିବାକୁ ଘଣ୍ଟା ଘଣ୍ଟା ଅପେକ୍ଷା କରିଥାଉ। ବାଜପେୟୀ, ପ୍ରମୋଦ ମହାଜନ ଙ୍କ ପରି ନେତାଙ୍କୁ ଶୁଣିବାକୁ ରାସ୍ତାରେ, ଖୋଲା ପଡ଼ିଆରେ ବସିବାକୁ ବି ସଙ୍କୋଚ ଲାଗେ ନାହିଁ। ଉମା ଭାରତୀଙ୍କ କଥାତ ପୁରା ନିଆରା। ବୈଶାଖ ମାସର ପ୍ରଚଣ୍ଡ ଖରାରେ ମଧ୍ୟ ଘଣ୍ଟା ଘଣ୍ଟା ଅପେକ୍ଷା କରିଥାଉ ତାଙ୍କୁ ଦେଖିବାକୁ, ଶୁଣିବାକୁ। ଯେଉଁ ନେତା ଭୋଟ ଗୋଟେଇବା ପାଇଁ ଭୋଟର ପିଛା ଟଙ୍କା ବାଣ୍ଟେ, କର୍ମୀଙ୍କ ପଛରେ ମଦ , ମାଂସ, ଅର୍ଥ ଖର୍ଚ୍ଚ କରେ, ଦରକାର ପଡ଼ିଲେ ବୁଥ୍ ଜବର ଦଖଲ କରେ, ତାକୁ ପୁଣି ସେହି ଭୋଟର, ସେହି କର୍ମୀ " ଲୋକ ପ୍ରିୟ ନେତା" ବୋଲି ସଜାନ୍ତି,

ଆଜି କାଲି ଯିଏ ମନ୍ତ୍ରୀ ହେଲା, ମୁଖ୍ୟମନ୍ତ୍ରୀ ହେଲା, ଦଳ ସଭାପତି ହେଲା, ସେ ସମସ୍ତେ " ଯଶସ୍ୱୀ" । ଶାସନ କେମିତି ଚାଲିଛି ସମସ୍ତଙ୍କୁ ଜଣା। ନେତା, ମନ୍ତ୍ରୀଙ୍କୁ ବି ଜଣା। ଅଳ୍ପ କେଇ ମାସ ଆସନରେ ବସିଗଲେ, ସେ କି ଯଶ ଅର୍ଜିଲେ ଯେ ସେ ଆଜି ଯଶସ୍ୱୀ। ଶବ୍ଦଟି ଅଭିଧାନରେ ଅଛି ବୋଲି ଲଗାଇ ଦେଲେ ହେବ ନାହିଁ। ଶବ୍ଦ ତା' ନିଜ ପାଇଁ ସେଠି ଅର୍ଥ ସାଙ୍ଗକୁ ତା' ବ୍ୟାକରଣ ଖୋଜି ପାଉଥିବା ଦରକାର। ନଚେତ୍ ନେତା, ମନ୍ତ୍ରୀଙ୍କର କ'ଣ ହେବ, ତାହାତ ଭିନ୍ନ କଥା, ବିଶେଷ ଅର୍ଥ ବହନ କରୁଥିବା ଏ ଶବ୍ଦର ଦୁର୍ବ୍ୟବହାର ହିଁ ହେବ। ପୁଣି କିଛି କର୍ମୀ ( ଛଦ୍ମ ବେଶରେ ଥିବା ବ୍ୟବସାୟୀ ) , କେତେକ ଭୋଟର ( ଛଦ୍ମବେଶୀ ଠିକାଦାର ) ନେତାଙ୍କୁ ଜନ ନାୟକ ର ଆଖ୍ୟା ଦେଉଛନ୍ତି। କ'ଣ ବୁଝନ୍ତି ଏମାନେ ଏ ଶବ୍ଦର ଅର୍ଥ ? ଆଜି ଓଡ଼ିଶାରେ କିଏ ଅଛି ଜନ ନାୟକ ? ନବୀନ ବାବୁ ନିଜେ ନିର୍ବାଚନ ହାରି ଗଲେ। ଏବେତ ସେ ବିଜୁ ଜନତା ଦଳ ମଧ୍ୟରେ ସୀମିତ। ନବୀନ ନିବାସ ମଧ୍ୟରେ ଆବଦ୍ଧ। କାଲି ଯେଉଁମାନେ ନବୀନ ବାବୁଙ୍କ ଶତ ଗୁଣ ଗାନ କରୁଥିଲେ, ତାଙ୍କୁ ଦେଖାକରିବାକୁ ଫୁଲ ତୋଡା ଧରି ଧାଡିରେ ଛିଡା ହେଉଥିଲେ, ଆଜି ତାଙ୍କ ଯିବା ଆସିବା ର ରାସ୍ତା ବଦଳି ଯାଇଛି। ପୁଣି ଶୁଣିବାକୁ ମିଳିଲା - ଏଇ ଦୁଇ ବର୍ଷ ହେବ ରାଜ୍ୟର ମଙ୍ଗ ଧରିଥିବା ଜନୈକ ଲୋକ ପ୍ରତିନିଧିଙ୍କୁ ମଧ୍ୟ ଲୋକେ ଜନ ନାୟକ କହୁଛନ୍ତି। ସେ ବି କେମିତି ଏ ଆସନ ପାଇଛନ୍ତି, ତାହା ସମସ୍ତଙ୍କୁ ଜଣା। ଯେଉଁ ନେତାଟି ତା' ନିର୍ବାଚନ ମଣ୍ଡଳୀ ମଧ୍ୟରେ ସୀମିତ, ଯେ କେବେ ନିଜ ଜିଲ୍ଲା ଲୋକଙ୍କ ନେତା ହୋଇ ପାରି ନାହିଁ, ସେ ପୁଣି ଜନ ନାୟକ? ଏ ବିଶେଷଣ କେତେ ଗ୍ରହଣୀୟ ?

ଆଜି ଯେଉଁ ନେତା ଆମେ ଦେଖୁଛନ୍ତି, ସେମାନଙ୍କ ନୀତି କ'ଣ ? ନିୟତ କ'ଣ ? ଜ୍ଞାନ କ'ଣ ? ସିଦ୍ଧାନ୍ତ କ'ଣ ? ଏମାନେ କ'ଣ କହିବେ ଯେ ଲୋକେ ଏମାନଙ୍କୁ ଶୁଣିବାକୁ ଆସିବେ? ଯଦି ଗାଡି ଲଗାଇ ଲୋକ ବୁହା ନହେବେ, ତେବେ ଏମାନଙ୍କ ସଭାର ଅବସ୍ଥା କ'ଣ ହେବ? ତଥାପି ତ ଶହ ଶହ ଚେୟାର ଖାଲି ପଡୁଥିବା ର ଚିତ୍ର ଦେଖିବାକୁ ମିଳେ।

" ଜନ ନାୟକ" ରାସ୍ତା କଡ଼ର ପୋଷ୍ଟର କି କଟ୍ ଆଉଟ୍ ନୁହେଁ। ଏଥି ପାଇଁ ଲୋକଙ୍କ ମନରେ, ହୃଦୟରେ ଛାପ ଛାଡ଼ିବାକୁ ପଡିବ। କାହିଁ ସେପରି ନେତା, ଲୋକ ପ୍ରତିନିଧି? ଲୋକଙ୍କ ମନ୍ତ୍ରୀ, ଲୋକଙ୍କ ମୁଖ୍ୟମନ୍ତ୍ରୀ କଥାଟା ବେଶି କିଛି ନ ହେଲେ ବି, କିଛି ବୁଝି ହେଉଛି। ପାଠ ଅନୁଯାୟୀ, ସରକାର ଲୋକଙ୍କ ଦ୍ୱାରା, ଲୋକଙ୍କର , ଲୋକଙ୍କ ପାଇଁ। ସେହି ନ୍ୟାୟରେ କହିବା ଆବଶ୍ୟକ ନାହିଁ, କହିଲେ କିଛି ଭୂଲ ହେବ ନାହିଁ।

କେବଳ ସେତିକିରେ ସରୁ ନାହିଁ, ନେତାଙ୍କ ପ୍ରଶଂସା। ଗୋଡାଣିଆ ଙ୍କ ଚାଟୁକାରିତା। କାଲି ସକାଳେ ଯେଉଁ ନିର୍ବାଚିତ ପ୍ରତିନିଧିର ଜନ୍ମ ତାରିଖ ଗାଁ ଲୋକଙ୍କୁ ଜଣା ନଥିଲା, ଆଜି ତାଙ୍କର ଜନ୍ମଦିନ ଚାରିଆଡେ ପାଳନ ହେଉଛି। ଏହା କ'ଣ କହୁଛି? କେବଳ ସେତିକି ନୁହେଁ, ଏ ଦିନରେ ରକ୍ତଦାନ ଶିବିର ଲାଗୁଛି। ଯେଉଁ ନେତା ସାଧାରଣ ଲୋକଙ୍କ ଚିକିତ୍ସା ପାଇଁ ଯତ୍ନବାନ ନୁହେଁ, ଯେଉଁ ନେତା ନିଜ ଚିକିତ୍ସା ପାଇଁ ଘରୋଇ ହାସପାତାଳକୁ ପସନ୍ଦ କରେ, ଯେଉଁ ନେତା ଗୋଟିଏ ବିଧବା ମହିଳାକୁ ଭତ୍ତା ଯୋଗାଇ ଦେବାକୁ ତା'ର କର୍ତ୍ତବ୍ୟ ଭାବୁ ନାହିଁ, ଯେ ଗୋଟିଏ ବୃଦ୍ଧର ପେଟର ଭୋକ ବୁଝିବାକୁ ଉଚିତ୍ ମଣେ ନାହିଁ, ତା' ନାମରେ ପୁଣି ରକ୍ତ ଦାନ ?

ଏ ପ୍ରଶଂସା ଆସୁଛି, ତୋଷାମୋଦ ଛୁଟୁଛି କେବଳ ଓ କେବଳ ଆସନ ପାଇଁ। ଆସନ ମିଳିଛି ଭୋଟରୁ । ଏ ଯେଉଁ କ୍ଷମତା ମିଳିଛି, ତାହା ଲୋକଙ୍କ କ୍ଷମତା । ଏହା ନେତାଙ୍କ ଶାସନ ନୁହେଁ, ଏହା ଲୋକ ଶାହି। ସବୁ କ୍ଷମତା ଲୋକଙ୍କର। **"WE THE PEOPLE" IS THE SOURCE OF POWER**। ଲୋକେ ପଛରେ ଛିଡା ହୋଇଛନ୍ତି ବୋଲି, ସାମନାରେ ସମ୍ମାନ ମିଳୁଛି। ସାମୟିକ କ୍ଷମତାରେ ଅନ୍ଧ ହୋଇ, ଏ ବାସ୍ତବ ସତ୍ୟକୁ ଭୁଲିଗଲେ, ଲାଗିବ - ଏ କ୍ଷମତା ନିଜ ପୁଞ୍ଜି। ଚିରସ୍ଥାୟୀ।

ଲୋକଙ୍କୁ ଅଣଦେଖା କରି, ଲୋକ ସେବା ଠାରୁ ନିଜକୁ ଦୂରେଇ ନେଇ, ଲୋକ କଲ୍ୟାଣ ପ୍ରତି ଉଦାସୀନ ହୋଇ, ସୁଖ ଭୋଗରେ ବୁଡି ରହି, ନିଜକୁ ପ୍ରତିନିଧି ବୋଲି ଭୁଲି ଶାସକ ବୋଲାଉଥିବା ନେତା-ଲୋକ ପ୍ରିୟ, ଜନ ସେବକ, ଯଶସ୍ୱୀ, ଜନ ନାୟକ ପରି ପ୍ରଶଂସା ଶୁଣିବାକୁ ଭଲ ପାଉଛନ୍ତି, ବିଭୋର ହେଉଛନ୍ତି। ସେମାନେ ମନେ ରଖିବା ଉଚିତ୍ - ସେହି ଆମେରିକୀୟ ସୈନ୍ୟଙ୍କ ସାଲ୍ୟୁଟ୍ ଚାପଲିନ୍ ଙ୍କ ଆଡ଼କୁ ଥିଲା ସତ, କିନ୍ତୁ ତାଙ୍କ ଉଦ୍ଦେଶ୍ୟରେ ନ ଥିଲା।


ଭୁବନେଶ୍ୱର
ମୋବାଇଲ୍:୭୯୭୮୨୧୦୮୨୧

# ନିର୍ଣ୍ଣାୟକ ଆକ୍ରମଣ ପାଇଁ ଇରାନର ଚେତାବନୀ



● ଆମେରିକା ସହଯୋଗୀ ରାଷ୍ଟ୍ର ପାଇଁ କଠୋର ମନୋଭାବ
● ୧୦ ଦିନରେ ୯୫ଟି ସ୍ଥାନ ଉପରେ ଆମେରିକାର ଆକ୍ରମଣ
● ୧୦ ଦିନରେ ୫୦ରୁ ଅଧିକ ମୃତ, ୫୦୦ରୁ ଊର୍ଦ୍ଧ୍ୱ ଆହତ

ତେହେରାନ/ୱାଶିଂଟନ, ୧୮।୭: ସପ୍ତମ ଦିନରେ ଇରାନ-ଆମେରିକା ଯୁଦ୍ଧ ଏକପ୍ରକାର ଭୟଙ୍କର ସ୍ଥିତିରେ ପହଞ୍ଚିଛି। ଶୁକ୍ରବାର ଇରାନ୍ ଆମେରିକାକୁ ସମର୍ଥନ ଯୋଗାଉଥିବା ପଡ଼ୋଶୀ ଉପସାଗରୀୟ ରାଷ୍ଟ୍ର କୁଏତ୍‌ର ବିଦ୍ୟୁତ ଉତ୍ପାଦନ କେନ୍ଦ୍ର ଓ ସାମୁଦ୍ରିକ ଜଳ ବିଶୋଧନ (ୱାଟର ଡିସାଲାଇନେସନ୍) କେନ୍ଦ୍ର ଉପରେ ଆକ୍ରମଣ କରି ତାହାକୁ ଧ୍ୱଂସ କରିଦେଇଥିବା ବେଳେ ଶନିବାର ଆମେରିକା ଇରାନ ଉପରେ ଏହାର ଆକ୍ରମଣକୁ ବଢ଼ାଇ ଦେଇଛି। ଶନିବାର ଆମେରିକା ଇରାନ ଉପରେ ପ୍ରଚଣ୍ଡ ମିସାଇଲ୍ ଓ ଡ୍ରୋନ୍ ଆକ୍ରମଣ କରିଛି। ଆମେରିକା ଆକ୍ରମଣରେ ଦକ୍ଷିଣ ଇରାନରେ ଥିବା ଏକ ଡିସାଲାଇନେସନ୍ ୟୁନିଟ୍ କ୍ଷତିଗ୍ରସ୍ତ ହୋଇଛି।

ଆମେରିକା ଲଗାତାର ୭ ଦିନ ଧରି ଇରାନର ବେସାମରିକ ଓ ବାଣିଜ୍ୟିକ ଭିତ୍ତିଭୂମି ଉପରେ ଆକ୍ରମଣ ଜାରି ରଖିଛି। ଏଥିରେ ଇରାନ୍ ଅତିଷ୍ଠ ହୋଇ ବିଶୋଧ୍ୱଗାର କରିଛି। ଇରାନର ଜଣେ ଶୀର୍ଷ ସାମରିକ ଉପଦେଷ୍ଟା ଆମେରିକାକୁ ସତର୍କ କରାଇଦେଇ କହିଛନ୍ତି ଯେ, ଆମେରିକା ଲଗାତାର ବେସାମରିକ ଭିତ୍ତିଭୂମି ବିଶେଷକରି ସାଧାରଣ ଲୋକ ଯାତାୟାତ କରୁଥିବା ସେତୁଗୁଡ଼ିକୁ ଧ୍ୱଂସ କରିବାରେ ଲାଗିଛି। ଇତିମଧ୍ୟରେ ଇରାନର ୬ଟି ସେତୁକୁ ଆମେରିକା ଧ୍ୱଂସ କରିସାରିଲାଣି। ଯଦି ଆମେରିକା ଏଭଳି ସପ୍ତାହ ମଧ୍ୟରେ ଆଉ କୌଣସି ଗୋଟିଏ ବି ସେତୁକୁ ଟାର୍ଗେଟ୍ କରେ ତା'ହେଲେ ଏହା ନିର୍ଣ୍ଣାୟକ ଆକ୍ରମଣ (ଫୁଲ୍‌ସ୍କେଲ ଅଫେନସିଭ୍)କୁ ସାମ୍ନା କରିବ।

ଯେଉଁ ଦେଶଗୁଡ଼ିକ ଆମେରିକାର ସୈନ୍ୟମାନଙ୍କୁ ରହିବାକୁ ସ୍ଥାନ ଦେଉଛନ୍ତି ଓ ଆକ୍ରମଣ ପାଇଁ ସେମାନଙ୍କର ବନ୍ଦର ତଥା ବିମାନଘାଟି ଯୋଗାଇ ଦେଉଛନ୍ତି ସେମାନଙ୍କ ପାଇଁ ଇରାନ୍ କଠୋର ହୋଇଛି। ସେହିସବୁ ଦେଶ ଉପରେ ଇରାନର ଆକ୍ରମଣ ପ୍ରତିଶୋଧାତ୍ମକ ହୋଇପାରେ ବୋଲି ଇରାନ୍ ସ୍ପଷ୍ଟ କରିଛନ୍ତି। ଗତ ୧୦ ଦିନ ମଧ୍ୟରେ ଆମେରିକା ଇରାନର ଦକ୍ଷିଣ-ପଶ୍ଚିମ ପ୍ରଦେଶର ୯୫ଟି ସ୍ଥାନ ଉପରେ ଆକ୍ରମଣ କରିଥିବା ଖୁଜେସ୍ତାନ ପ୍ରଦେଶର ସୁରକ୍ଷା ବ୍ୟାପାର ଡେପୁଟି ଗଭର୍ଣ୍ଣର ଭାଲିଉଲ୍ଲାହ ହୟାତି କହିଛନ୍ତି। ତସନିମ୍ ଖବରସଂସ୍ଥାକୁ ସୂଚନା ଦେଇ ହୟାତି କହିଛନ୍ତି ଯେ, କେବଳ ଖୁଜେସ୍ତାନର ୧୨ଟି ସ୍ଥାନ ଉପରେ ଆକ୍ରମଣ କରି ଆମେରିକା ଶତ୍ରୁତା ଅପରାଧର ସୀମା ଅତିକ୍ରମ କରିସାରିଛି। ଏହି ୧୦ ଦିନ ମଧ୍ୟରେ ଅଞ୍ଚଳରେ ୮ ଜଣ ନାଗରିକଙ୍କ ମୃତ୍ୟୁ ଘଟିଛି। ଜୁଲାଇ ୬ ତାରିଖ ଆକ୍ରମଣ ପରଠାରୁ ଇରାନରେ ୫୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୫୦୦ ରୁ ଅଧିକ ଆହତ ହୋଇଛନ୍ତି।

## ୪ ଜାହାଜ ରୋକିଲା ଇରାନ୍



ତେହେରାନ, ୧୮।୭: ଆମେରିକା ଝାର୍ଗ ଦ୍ୱୀପରେ ଇରାନ୍ ହୋଇଥିବା ଏକ ଇରାନୀ ତୈଳ ଟ୍ୟାଙ୍କର୍ ଉପରେ ଆକ୍ରମଣ କରିଛି। ଇରାନର ରିଭୋଲ୍ୟୁସନାରୀ ଗାର୍ଡସ କହିଛି, ହର୍ମୁଜ ପ୍ରଣାଳୀ ପାର କରିବାକୁ ଚେଷ୍ଟା କରିବା ସମୟରେ ସମୁଦ୍ର ମାଇନ୍ସ ଯୋଗୁଁ ଦୁଇଟି ତେଲ ଟ୍ୟାଙ୍କରରେ ନିଆଁ ଲାଗିଯାଇଥିଲା। ତେଲ ଟ୍ୟାଙ୍କର୍ ଦୁଇଟି କୁଟି ଆମେରିକୀୟ ଗୁପ୍ତଚର ସଂସ୍ଥା ଦ୍ୱାରା ହର୍ମୁଜ୍ ପ୍ରଣାଳୀର ଦକ୍ଷିଣରେ ଥିବା ସାମୁଦ୍ରିକ ଜାହାଜ ଚିହ୍ନାଯାଇଥିବା ଅଞ୍ଚଳ ଦେଇ ଯିବାକୁ ଚେଷ୍ଟା କରୁଥିବା ବେଳେ ବିସ୍ଫୋରଣ ଘଟିଥିଲା। ଫଳରେ ଟ୍ୟାଙ୍କରଗୁଡ଼ିକରେ ନିଆଁ ଲାଗିଯାଇଥିଲା। ତେବେ ଜାହାଜଗୁଡ଼ିକ କାହାର ସେନେଇ ଇରାନ କୌଣସି ସୂଚନା ପ୍ରଦାନ କରିନାହିଁ। ଏହା ସହିତ ହର୍ମୁଜକୁ ଅତିକ୍ରମ କରିବାକୁ ଚେଷ୍ଟା କରୁଥିବା ଚାରୋଟି ଜାହାଜକୁ ରୋକା ଯାଇଛି। ଆମେରିକୀୟ ସେନାର ସହାୟତାରେ ଜାହାଜଗୁଡ଼ିକ ହର୍ମୁଜ୍ ପ୍ରଣାଳୀ ଦେଇ ଯିବାକୁ ଚେଷ୍ଟା କରୁଥିବାବେଳେ କ୍ଷେପଣାସ୍ତ୍ର ଓ ଡ୍ରୋନ୍ କରାଯାଇ ଜାହାଜଗୁଡ଼ିକୁ ଅଟକାଯାଇଥିବା ରିଭୋଲ୍ୟୁସନାରୀ ଗାର୍ଡସ କହିଛି।

ଏନ୍‌ସିପିରେ କନ୍ଦଳ

# ପାର୍ଥ ପାୱାରଙ୍କୁ କେନ୍ଦ୍ର କ୍ୟାବିନେଟ୍ ପଦବୀ ଦାବି



ମୁମ୍ବାଇ, ୧୮।୭: ମହାରାଷ୍ଟ୍ରର ନ୍ୟାସନାଲିଷ୍ଟ କଂଗ୍ରେସ ପାର୍ଟି (ଏନସିପି) ମଧ୍ୟରେ ପୁଣି ଥରେ ଆଭ୍ୟନ୍ତରୀଣ ବିବାଦ ମୁଣ୍ଡ ଟେକିଛି। ଦଳର ରାଜ୍ୟ ଉପସଭାପତି ଉଦୟକୁମାର ଆହେର ଜାତୀୟ ସଭାପତି ସୁନେତ୍ରା ପାୱାରଙ୍କୁ ଏକ ଚିଠି ଲେଖି ଆଗାମୀ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣରେ ସାଂସଦ ପାର୍ଥ ପାୱାରଙ୍କୁ କେନ୍ଦ୍ର କ୍ୟାବିନେଟ୍ ପଦବୀ ଦାବି ସପକ୍ଷରେ ମତ ଦେଇଛନ୍ତି।

ଅଜିତ ପାୱାରଙ୍କ ପୁଅ ପାର୍ଥ ପାୱାରଙ୍କ ନେତୃତ୍ୱ ଦଳର ଜାତୀୟ ଅଭିବୃଦ୍ଧି ପାଇଁ ଅତ୍ୟନ୍ତ ଜରୁରୀ ବୋଲି ଆହେର ଚିଠିରେ ଦର୍ଶାଇଛନ୍ତି। ଚଳିତ ବର୍ଷ ଜାନୁଆରୀ ମାସରେ ଏକ ବିମାନ ଦୁର୍ଘଟଣାରେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ଦେହାନ୍ତ ପରେ ଦଳରେ ନେତୃତ୍ୱ ପରିବର୍ତ୍ତନକୁ ନେଇ କ୍ଷମତା ଯୁଦ୍ଧ ତୀବ୍ର ହେବାରେ ଲାଗିଛି, ଯାହା ଏହି ଚିଠି ମାଧ୍ୟମରେ ସ୍ପଷ୍ଟ ହୋଇଛି।

ବର୍ତ୍ତମାନ ଏନସିପିର ବରିଷ୍ଠ ନେତା ତଥା ରାଜ୍ୟସଭା ସାଂସଦ ପ୍ରଫୁଲ୍ଲ ପଟେଲ ଏବଂ ମହାରାଷ୍ଟ୍ର ଏନସିପି ମୁଖ୍ୟ ସୁନୀଲ ତଟକରେ ମଧ୍ୟ କେନ୍ଦ୍ରମନ୍ତ୍ରୀ ପଦ ଦୌଡ଼ରେ ଥିବା ବେଳେ ପାର୍ଥ ପାୱାରଙ୍କ ନାମ ସାମ୍ନାକୁ ଆସିବା ପରେ ବରିଷ୍ଠ ଓ ଯୁବ ପିଢ଼ିଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଆହୁରି ବଢ଼ିଯାଇଛି। ସୁନେତ୍ରା ପାୱାରଙ୍କ ନେତୃତ୍ୱରେ ଦଳରେ ଗୋଷ୍ଠୀ କନ୍ଦଳ ବଢ଼ୁଥିବା ବେଳେ କିଛି ନେତା ପାର୍ଟିର ମନୋବଳ ଭାଙ୍ଗିବାକୁ ଉଦ୍ୟମ କରୁଥିବା ଆହେର ଅଭିଯୋଗ କରିଛନ୍ତି।

## ଲିଟର ପିଛା ୧୬୮ ଟଙ୍କା ହେବ ପେଟ୍ରୋଲ!

ନୂଆଦିଲ୍ଲୀ, ୧୮।୭: କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଏଥେନଲ୍ ମିଶ୍ରିତ ପେଟ୍ରୋଲକୁ ନେଇ ଚାଲିଥିବା ବିବାଦ ଉପରେ ସବିଶେଷ ତଥ୍ୟ ରଖିଛନ୍ତି। ସାକ୍ଷାତକାରରେ ଗଡ଼କରୀ କହିଛନ୍ତି ଯେ ଭବିଷ୍ୟତରେ ଯଦି ଗ୍ରାହକମାନଙ୍କୁ ଅଲଗା ଅଲଗା ବିକଳ୍ପ ଦିଆଯାଏ, ତେବେ ୧୦୦% ଶୁଦ୍ଧ ପେଟ୍ରୋଲର ମୂଲ୍ୟ ପ୍ରତି ଲିଟର ପିଛା ପ୍ରାୟ ୧୬୮ ଟଙ୍କା ହୋଇପାରେ, ଯେଉଁଠି ଏଥେନଲ୍ ମିଶ୍ରିତ ପେଟ୍ରୋଲର ମୂଲ୍ୟ ଏହାଠାରୁ ଯଥେଷ୍ଟ କମ୍ ରହିବ। ସେ ଏହା ମଧ୍ୟ କହିଛନ୍ତି ଯେ ସରକାର ପ୍ରତି ଲିଟର ପ୍ରାୟ ୫୪ ଟଙ୍କାରୁ ୬୬ ଟଙ୍କା ଦରରେ ଏଥେନଲ୍ କିଣୁଛନ୍ତି। ଗଡ଼କରୀଙ୍କ ଅନୁଯାୟୀ, ଅନେକ ଅଟୋମୋବାଇଲ୍ କମ୍ପାନୀ ଫ୍ଲେକ୍ସ-ଫ୍ୟୁଏଲ୍ ଇଞ୍ଜିନ୍ ପ୍ରସ୍ତୁତ କରିସାରିଛନ୍ତି। ଏହି ଗାଡ଼ିଗୁଡ଼ିକ ୧୦୦% ପେଟ୍ରୋଲ, ୧୦୦% ଏଥେନଲ୍ କିମ୍ବା ଉଭୟର ମିଶ୍ରଣରେ ଚାଲିପାରିବ। ସେ ଦାବି କରିଛନ୍ତି ଯେ ଟୟୋଟା, ମାରୁତି ସୁଜୁକି, ଟାଟା ମୋଟର୍ସ, ମହିନ୍ଦ୍ରା,



ହ୍ୟୁଣ୍ଡାଇ ସମେତ ଅନେକ କମ୍ପାନୀ ଏହି ପ୍ରଯୁକ୍ତିବିଦ୍ୟା ଉପରେ କାମ କରିସାରିଛନ୍ତି। ଅନ୍ୟପଟେ ବାଜାଜ୍, ଟିଭିଏସ୍, ହିରୋ ଏବଂ ହୋଣ୍ଡା ମଧ୍ୟ ଫ୍ଲେକ୍ସ-ଫ୍ୟୁଏଲ୍ ଦୁଇଚକିଆ ଯାନ ପ୍ରସ୍ତୁତ କରିଛନ୍ତି।

## ଭାରତ- ପାକ୍ ଉତ୍ତେଜନା, ଏଲଓସିରେ ଗୁଳି ବିନିମୟ



ଶ୍ରୀନଗର, ୧୮।୭: ପାକ୍ ଅଧିକୃତ ଜାମ୍ମୁ ଓ କାଶ୍ମୀରରେ ଚାଲିଥିବା ରାଜନୈତିକ ଅସ୍ଥିରତା ମଧ୍ୟରେ, ଶୁକ୍ରବାର-ଶନିବାର ରାତିରେ ରାଜୌରୀ ଜିଲ୍ଲାର ତାରକୁଣ୍ଡି ସେକ୍ଟରରେ ପାକିସ୍ତାନୀ ସୈନ୍ୟମାନେ ପ୍ରବଳ ଗୁଳିଚାଳନା ଆରମ୍ଭ କରିଥିବା ଜଣାପଡ଼ିଛି। ଏହାର କଡ଼ା ଜବାବରେ ଭାରତୀୟ ସେନା ମଧ୍ୟ ପାଲଟା ଗୁଳିଚାଳନା କରିଛି। ପ୍ରାଥମିକ ସୂଚନା ଅନୁଯାୟୀ, ରାତି ପ୍ରାୟ ୧୧ଟାରେ ପାକିସ୍ତାନୀ ସେନା ତାରକୁଣ୍ଡି ସେକ୍ଟରରେ ଗୁଳି ଚଳାଇଥିଲା। ପ୍ରାରମ୍ଭରେ, ଭାରତୀୟ ସେନା ଏହାକୁ ଉସୁକାଇବା ଗୁଳିଚାଳନା ଭାବରେ ଗ୍ରହଣ କରିଥିଲା ଏବଂ କୌଣସି ଜବାବ ଦେଇନଥିଲା। ତଥାପି, ଗୁଳିଚାଳନା ବୃଦ୍ଧି ପାଇବାରୁ, ଭାରତୀୟ ସେନା ପାଲଟା ଜବାବ ଦେଇଥିଲା। ଉଭୟ ପକ୍ଷଙ୍କ ମଧ୍ୟରେ ବହୁ ଘଣ୍ଟା ଧରି ଗୁଳି ବିନିମୟ ଜାରି ରହିଥିଲା। ସାମରିକ ଅଧିକାରୀମାନେ ପରିସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି। ଗତ ବର୍ଷ ଅପରେସନ୍ ସିନ୍ଦୂର ପରେ ସୀମାପାରରୁ ପ୍ରବଳ ଗୁଳିମାଡ଼ ହେବାର ଏହା ପ୍ରଥମ ରିପୋର୍ଟ। ଏହି ଘଟଣା ପୂର୍ବରୁ, ନିୟନ୍ତ୍ରଣ ରେଖା (ଏଲଓସି) ନିକଟରେ ଅନେକ ଅନୁପ୍ରବେଶ ପ୍ରୟାସକୁ ଭାରତୀୟ ସେନା ପଣ୍ଡ କରିଥିଲା। ସେହିଭଳି ପ୍ରୟାସର ଆଶଙ୍କାକୁ ଦୃଷ୍ଟିରେ ରଖି ଏଲଓସିରେ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରାଯାଇଛି।

## ଅଭିଷେକଙ୍କ କାର୍ଯ୍ୟାଳୟରେ ଚାଲିଲା ବୁଲଡୋଜର

କୋଲକାତା, ୧୮।୭: ମମତା ବାନାର୍ଜୀଙ୍କ ପୁତୁରା ତଥା ସାଂସଦ ଅଭିଷେକ ବାନାର୍ଜୀଙ୍କ କାର୍ଯ୍ୟାଳୟ ଉପରେ ବୁଲଡୋଜର ଚଲାଯାଇଛି। ପ୍ରଶାସନ ଏହାକୁ ବେଆଇନ ଭାବରେ ନିର୍ମିତ ବୋଲି କହିଛି। ତାଙ୍କ କାର୍ଯ୍ୟାଳୟ ଦକ୍ଷିଣ ୨୪ ପରଗଣାର ଅମତାଲା-ବରୁଇପୁର ରୋଡରେ ଅବସ୍ଥିତ। ଏହି ମାମଲାରେ ପ୍ରଶାସନ ଏକ ନୋଟିସ୍ ଜାରି କରିଥିବା ସୂଚନା ମିଳିଛି, କିନ୍ତୁ ଅଭିଷେକ ବାନାର୍ଜୀ କୌଣସି ପ୍ରତିକ୍ରିୟା ଦେଇ ନଥିଲେ। ଏହା ପରେ ଶନିବାର ଭଙ୍ଗା କାର୍ଯ୍ୟ ଆରମ୍ଭ ହୋଇଥିଲା। କାର୍ଯ୍ୟାନୁଷ୍ଠାନ ପୂର୍ବରୁ ଘଟଣାସ୍ଥଳରେ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ଏହି କାର୍ଯ୍ୟାନୁଷ୍ଠାନ ପଶ୍ଚିମବଙ୍ଗରେ ରାଜନୈତିକ ଉଷ୍ମତା ବୃଦ୍ଧି କରିଛି।

## ଘରୁ ୫ ସଦସ୍ୟଙ୍କ ମୃତଦେହ ଉଦ୍ଧାର



ରାୟପୁର, ୧୮।୭: ଛତିଶଗଡ଼ର ରାୟପୁର ସ୍ଥିତ ସଞ୍ଜୟ ନଗର ଅଞ୍ଚଳରେ ଶନିବାର ଭୋର ସମୟରେ ଗୋଟିଏ ଭଡ଼ା ଘରୁ ଗୋଟିଏ ପରିବାରର ୫ ଜଣ ସଦସ୍ୟଙ୍କ ମୃତଦେହ ମିଳିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ପାରିପାର୍ଶ୍ୱିକ ସ୍ଥିତିରୁ ପରିବାରର ସମସ୍ତ ସଦସ୍ୟ କୌଣସି ବିଷାକ୍ତ ଦ୍ରବ୍ୟ ସେବନ କରି ଆତ୍ମହତ୍ୟା କରିଥିବା ପୁଲିସ ପ୍ରାଥମିକ ଯାଞ୍ଚରୁ ସନ୍ଦେହ କରୁଛି। ମୃତକମାନଙ୍କୁ ପରିବାରର ମୁଖ୍ୟ ସୟଦ ସାଜିଦ ସାଜୁ, ତାଙ୍କ ପତ୍ନୀ ରାବିଆ ବାନୋ, ସେମାନଙ୍କ ୨୦ ବର୍ଷର ପୁଅ ସୟଦ ଇରଶାଦ ଅଲି ଓ ଦୁଇ ନାବାଳିକା ଝିଅ ଶାହିନା ଓ ଶବା ଭାବେ ଚିହ୍ନଟ କରାଯାଇଛି। ପୁଲିସ ଏବେ ଘରର ବିଭିନ୍ନ ଆସବାବପତ୍ର, ମୋବାଇଲ୍ ଫୋନ୍, ଦସ୍ତାବିଜ୍ ଏବଂ ସ୍ଥାନୀୟ ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ପଡ଼ୋଶୀମାନଙ୍କୁ ପଚରାଉଚରା ଜାରି ରଖିଛି।

## ଅମିର ଖାନଙ୍କୁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍‌ର ଧମକ



ମୁମ୍ବାଇ, ୧୮।୭: ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ପକ୍ଷରୁ ଆରଜୁ ବିଷ୍ଣୋଇ ଓ ଟାଇସନ ବିଷ୍ଣୋଇ ସୋସିଆଲ ମିଡିଆରେ ଅମିର ଖାନଙ୍କୁ ଧମକ ଦେଇ ପୋଷ୍ଟ ଏବଂ ଅଡିଓ ମେସେଜ ପଠାଇଛନ୍ତି। ଆରଜୁ ବିଷ୍ଣୋଇ ଏବଂ ଟାଇସନ ବିଷ୍ଣୋଇଙ୍କ ସୋସିଆଲ ମିଡିଆ ପୋଷ୍ଟ ମାଧ୍ୟମରେ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ପକ୍ଷରୁ ଅମିର ଖାନଙ୍କୁ ମିଳିଥିବା ଧମକରେ ଲେଖାଯାଇଛି, 'ଜୟ ଶ୍ରୀ ରାମ, ଜୟ ସୀତା ରାମ', ମୁଁ ଆରଜୁ ବିଷ୍ଣୋଇ ଏବଂ ଟାଇସନ ବିଷ୍ଣୋଇ (ଲରେନ୍ସ ବିଷ୍ଣୋଇ ଗୋଷ୍ଠୀ) ଆମିର ଖାନଙ୍କ ପରି ଲୋକମାନେ ଆମ ଦେଶରେ ଲଭ୍ ଜିହାଦ ନାମରେ ଆମ ସଂସ୍କୃତି ବିରୋଧୀ କାର୍ଯ୍ୟକୁ ପ୍ରୋତ୍ସାହିତ କରୁଛନ୍ତି। ଆମେ ଏହି କୁକୁରକୁ ସହ୍ୟ କରିବୁ ନାହିଁ ଏବଂ ଖୁବ୍ ଶୀଘ୍ର ତାକୁ ଉଚିତ ଜବାବ ଦେବୁ। ଏହା ଆମର ସନାତନ ଧର୍ମ ଏବଂ ଦେଶ ବିରୋଧୀ କାର୍ଯ୍ୟ। ଆମେ ଆମର ଭାଇ, ଭଉଣୀ ଏବଂ ଦେଶବାସୀଙ୍କୁ ପ୍ରତିଶ୍ରୁତି ଦେଉଛୁ ଯେ ଯେଉଁମାନେ ଏହି ଘୃଣ୍ୟ ଆଚରଣକୁ ପ୍ରୋତ୍ସାହିତ କରିବେ, ଆମେ ସେମାନଙ୍କୁ ଉଚିତ୍ ଜବାବ ଦେବୁ। ଯେଉଁମାନେ ଷ୍ଟାରଡମ୍ ନାମରେ ଏହାକୁ ପ୍ରୋତ୍ସାହିତ କରିବେ, ସେମାନଙ୍କର ମୁହଁ ବନ୍ଦ କରିଦିଆଯିବ।

## କାଶ୍ମୀର ବିବାଦରେ ୟୁକେ ଓ ଇୟୁକୁ ସାମିଲ କରିବ ପାକିସ୍ତାନ



ଇସଲାମାବାଦ, ୧୮।୭: କାଶ୍ମୀର ପ୍ରସଙ୍ଗରେ ଅନ୍ତର୍ଜାତୀୟ ମହଲରେ ଧ୍ୟାନ ଆକର୍ଷଣ କରିବା ପାଇଁ ପାକିସ୍ତାନ ୟୁନାଇଟେଡ କିଙ୍ଗଡମ୍ ଓ ୟୁରୋପରେ ଏକ କୂଟନୈତିକ ପ୍ରଚାର ଅଭିଯାନ କରିବା ପାଇଁ ଯୋଜନା କରୁଛି। ଯେଉଁଥିରେ ସଂସଦୀୟ ପ୍ରତିନିଧି, ଆଇନଜୀବୀ, ନୀତି ନିର୍ଦ୍ଧାରକ, ଥିଙ୍କ୍ ଟ୍ୟାଙ୍କ ଏବଂ ଗଣମାଧ୍ୟମ ସଂଗଠନଗୁଡ଼ିକୁ ସାମିଲ କରାଯିବ ବୋଲି ଜଣାପଡ଼ିଛି। ଜମ୍ମୁ ଏବଂ କାଶ୍ମୀର ଏକ ଆଭ୍ୟନ୍ତରୀଣ ମାମଲା ଏବଂ ଆତଙ୍କବାଦ ଦ୍ୱାରା ପ୍ରଭାବିତ ପରିବେଶରେ ପାକିସ୍ତାନ ସହିତ ଆଲୋଚନା ଆଗକୁ ବଢ଼ିପାରିବ ନାହିଁ ବୋଲି ଭାରତ ବାରମ୍ବାର ଦାବି କରୁଥିବା ସତ୍ତ୍ୱେ ଇସଲାମାବାଦ କାଶ୍ମୀର ଉପରେ ନିଜର ବିଶ୍ୱସ୍ତରୀୟ ଅଭିଯାନକୁ ଜୋରଦାର୍ କରିବା ପାଇଁ ଏହି ପଦକ୍ଷେପ ନେବାକୁ ଯୋଜନା କରିଛି।

ଇତିମଧ୍ୟରେ ଗୁରୁବାର ମନ୍ତ୍ରୀ ରାଣା ମହମ୍ମଦ କାସିମ ନୂନ୍‌ଙ୍କ ନେତୃତ୍ୱରେ ପାକିସ୍ତାନର କାଶ୍ମୀର ସଂସଦୀୟ କମିଟି ଏବଂ ଇସଲାମାବାଦରେ ଇସଲାମାବାଦ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ଏକ ପ୍ରତିନିଧିମଣ୍ଡଳୀ ମଧ୍ୟରେ ବୈଠକ ସମୟରେ ଏହି ପ୍ରସ୍ତାବ ଉପରେ ଆଲୋଚନା ହୋଇଛି। ସୂତ୍ର ଅନୁସାରେ, ନୂନ୍ ପ୍ରତିନିଧିମଣ୍ଡଳୀକୁ ସୂଚନା ଦେଇଥିଲେ ଯେଏଏହି ସଂସଦୀୟ କମିଟି ୟୁକେ ଏବଂ ୟୁରୋପୀୟ ସଂଘ ଗସ୍ତ କରିବାକୁ ଯୋଜନା କରୁଛି। ଏହି ଯୋଜନାବଦ୍ଧ ପ୍ରଚାରର ଲକ୍ଷ୍ୟ ହେଉଛି କାଶ୍ମୀର ଉପରେ ପାକିସ୍ତାନର ସ୍ଥିତି ଉପସ୍ଥାପନ କରିବା ଏବଂ ପାଶ୍ଚାତ୍ୟ ଦେଶଗୁଡ଼ିକର ରାଜନୈତିକ ଏବଂ ଜନମତରୁ ସମର୍ଥନ ହାସଲ କରିବା।

## ରୁଷର ତୈଳ ଡିପୋ ଉପରେ ଡ୍ରୋନ୍ ମାଡ଼

● ୮ ମୃତ, ୬୦ ରୁ ଅଧିକ ଆହତ

ମସ୍କୋ, ୧୮।୭: ରୁଷ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ପଞ୍ଚମ ବର୍ଷରେ ପ୍ରବେଶ କରିଥିବା ବେଳେ ୟୁକ୍ରେନ ଡ୍ରୋନ ଆକ୍ରମଣ କରିଛି। ଶନିବାର ରୁଷର ଅଧିକାରୀମାନେ ଦେଇଥିବା ସୂଚନା ଅନୁଯାୟୀ, ରାତିଅଧିଆ ହୋଇଥିବା ଏହି ଡ୍ରୋନ୍ ଆକ୍ରମଣରେ ରୁଷରେ ୮ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୬୦ ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଏହି ଆକ୍ରମଣରେ ଏକ ପ୍ରମୁଖ ଅନଲାଇନ୍ ରିଟେଲର୍ 'ୱାଇଲ୍ଡବେରିଜ୍' ର ଗୋଦାମ ଗୃହ, ଏକ ତୈଳ ଡିପୋ ଏବଂ ଅନ୍ୟାନ୍ୟ ସ୍ଥାନକୁ ଟାର୍ଗେଟ୍ କରାଯାଇଛି। ୟୁକ୍ରେନ ଡ୍ରୋନ ଆକ୍ରମଣ କରିଥିବା ନେ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ମଧ୍ୟ ସ୍ପଷ୍ଟ କରିଛନ୍ତି । ରୁଷର ମସ୍କୋ ଏବଂ ତାମ୍ବୋଭ୍ ଅଞ୍ଚଳରେ ଥିବା ଦୁଇଟି ପ୍ରମୁଖ ଲଜିଷ୍ଟିକାଲ୍ ପ୍ରତିଷ୍ଠାନ ଉପରେ ସଫଳତାର ସହ ଏହି ଡ୍ରୋନ ଆକ୍ରମଣ କରାଯାଇଛି ବୋଲି କହିଛନ୍ତି ଜେଲେନସ୍କି। ଶତ୍ରୁପକ୍ଷ ଏହି ସ୍ଥାନଗୁଡ଼ିକୁ ଡ୍ରୋନ୍ ଏବଂ ନେଭିଗେସନ୍ ସରଞ୍ଜାମ ତିଆରି ପାଇଁ ଆବଶ୍ୟକ ସାମଗ୍ରୀ ଯୋଗାଇବାରେ ବ୍ୟବହାର କରୁଥିଲା । ଏହା ସହିତ ଏକ ତୈଳ ପ୍ରତିଷ୍ଠାନକୁ ମଧ୍ୟ ଧ୍ୱଂସ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି ।

# ସୋନମ ୱାଙ୍ଗଚୁକଙ୍କୁ ଉଠାଇନେଲା ପୁଲିସ



ନୂଆଦିଲ୍ଲୀ, ୧୮।୭: ପ୍ରାୟ ୨୦ ଦିନ ଧରି ଧାରଣାରେ ବସିଥିବା ସାମାଜିକ କର୍ମୀ ସୋନମ ୱାଙ୍ଗଚୁକଙ୍କୁ ଦିଲ୍ଲୀ ପୁଲିସ ଜନ୍ତର ମନ୍ତରରୁ ହଟାଇ ସଫଦରଜଙ୍ଗ ହସ୍ପିଟାଲକୁ ନେଇଯାଇଛି। ପୁଲିସ ଅନେକ ଛାତ୍ରଙ୍କୁ ମଧ୍ୟ ହଟାଇ ଦେଇଛି। ମିଛରେ ଡାକ୍ତରୀ ଟିମ୍ କହି ପୁଲିସ ଧସେଇ ପଶି ସୋନମଙ୍କୁ ନେବା ସହ ଛାତ୍ରମାନଙ୍କ ଉପରେ ଲାଠିଚାର୍ଜ କରିଥିବା କକ୍ରୋଚ୍ ଜନତା ପାର୍ଟି(ସିଜେପି)ଅଭିଯୋଗ କରିଛି। ସୋନମ ୱାଙ୍ଗଚୁକ ଗତ ୨୦ ଦିନ ଧରି ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନଶନରେ ରହିଛନ୍ତି। ସୂତ୍ର ଅନୁସାରେ, ୱାଙ୍ଗଚୁକଙ୍କୁ ଜରୁରୀକାଳୀନ ୱାର୍ଡରେ ଭର୍ତ୍ତି କରାଯାଇଛି। ସେ ଚେତାଶୂନ୍ୟ ଅଛନ୍ତି ଓ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି।

ଦିଲ୍ଲୀ ପୁଲିସ ଅନୁଯାୟୀ, ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହେବାରୁ, ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶ ଏବଂ ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ତାଙ୍କୁ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପୁଲିସ କହିଛି ଯେ କାର୍ଯ୍ୟାନୁଷ୍ଠାନ ସମୟରେ କିଛି ପ୍ରଦର୍ଶନକାରୀ ବିରୋଧ କରିଥିଲେ, ଯାହା ଫଳରେ ସାମାନ୍ୟ ଝଗଡ଼ା ହୋଇଥିଲା, କିନ୍ତୁ ପୁଲିସ ସଂଯମତା ଅବଲମ୍ବନ କରି ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ସୁରକ୍ଷିତ ଭାବରେ ସମାପ୍ତ କରିଥିଲା। ପ୍ରତିବାଦ ସହିତ ଜଡିତ ସଂଗଠନଗୁଡ଼ିକ ପୁଲିସ କାର୍ଯ୍ୟାନୁଷ୍ଠାନ ଉପରେ ପ୍ରଶ୍ନ ଉଠାଇଛନ୍ତି। କକ୍ରୋଚ୍ ଜନତା ଦଳର ମୁଖ୍ୟ ମୁଖପାତ୍ର ସୌରଭ ଦାସ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଦାବି କରିଛନ୍ତି ଯେ ପୁଲିସ ସିଜେପି ପ୍ରତିଷ୍ଠାତା ଅଭିଜିତ୍ ଦୀପକେଙ୍କୁ ତାଙ୍କ ବାସସ୍ଥାନରେ ଅଟକ ରଖିଛି ଏବଂ ସୋନମ ୱାଙ୍ଗଚୁକ୍‌ଙ୍କୁ ପ୍ରତିବାଦ ସ୍ଥଳରୁ ହଟାଇ ଦିଆଯାଇଛି। ସେ ଛାତ୍ରମାନଙ୍କ ଉପରେ ଲାଠିଚାର୍ଜ କରାଯାଇଥିବା ମଧ୍ୟ ଅଭିଯୋଗ କରିଛନ୍ତି।

## ୨୦ ଲକ୍ଷର ଇନ୍ସ୍ୟୁରାନ୍ସ ପାଇଁ
## କ୍ଷୀରରେ ନିଦ ବଟିକା, ସ୍ୱାମୀ କମ୍ବଳରେ ସାପ ଛାଡ଼ିଲା ସ୍ତ୍ରୀ

ନୂଆଦିଲ୍ଲୀ, ୧୮।୭: ସାପ କାମୁଡ଼ାରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହେବା ପରେ ସମସ୍ତ ଏହାକୁ ଦୁର୍ଘଟଣା ବୋଲି ଭାବୁଥିଲେ। ସ୍ତ୍ରୀ କାନ୍ଦୁଥିଲେ। ପରିବାର ସ୍ତବ୍ଧ ଥିଲେ। ଶୋଇଥିବା ବେଳେ ବିଛଣାରେ ଏକ ବିଷାକ୍ତ ସାପ ବି ମିଳିଥିଲା। ହେଲେ କିଛି ଘଣ୍ଟା ପରେ ପୁଲିସ୍ ତଦନ୍ତରେ ସବୁକିଛି ଓଲଟପାଲଟ ହୋଇଗଲା। ଏ ମୃତ୍ୟୁ ଦୁର୍ଘଟଣା ନଥିଲା, ବରଂ ଦୁର୍ଘଟଣାର ରୂପ ଦିଆଯାଇଥିଲା। ସ୍ୱାମୀଙ୍କୁ ରାସ୍ତାରୁ ହଟାଇବାକୁ ପ୍ରେମିକ ସହ ମିଶି ଏହି ଭୟଙ୍କର ଷଡ଼ଯନ୍ତ୍ର କରିଥିଲା ସ୍ତ୍ରୀ। ପ୍ରଥମେ କ୍ଷୀରରେ ନିଦ ବଟିକା ମିଶାଇ ସ୍ୱାମୀଙ୍କୁ ପିଇବାକୁ ଦେଇଥିଲା ସ୍ତ୍ରୀ। ଏହା ପରେ ହତ୍ୟାକୁ ଦୁର୍ଘଟଣାର ରୂପ ଦେବାକୁ ସେ ଘୋଡି ହୋଇଥିବା କମ୍ବଳ ତଳେ ବିଷାକ୍ତ ସାପ ଛାଡି ଦେଇଥିଲା। ଉତ୍ତରପ୍ରଦେଶ ମେରଟରୁ ଆସିଛି ଏହି ଛାତିଥରା ଘଟଣା।

ପୁଲିସର ସୂଚନା ଅନୁଯାୟୀ, ତାଙ୍କ ପତ୍ନୀ ଦାମିନୀ, ତାଙ୍କ ପ୍ରେମିକ ତୁଷାର, ଦୁଇ ସହଯୋଗୀଙ୍କ ସହିତ ମିଶି ପ୍ରଥମେ ତାଙ୍କ ସ୍ୱାମୀଙ୍କୁ କ୍ଷୀରରେ ନିଦ ବଟିକା ଦେଇ ପିଆଇଥିଲେ ଏବଂ ତା'ପରେ ତାଙ୍କ ବେଡସିଟ୍ ତଳେ ଏକ ବିଷାକ୍ତ ସାପ ଛାଡି ଦେଇଥିଲେ।



ପରକୀୟା ପ୍ରୀତି ଓ ବୈବାହିକ ବିବାଦର ପରିଣାମ

# ୬ ମାସରେ ୫୫୪ ପୁରୁଷଙ୍କ ହତ୍ୟା ଓ ଆତ୍ମହତ୍ୟା



ନୂଆଦିଲ୍ଲୀ, ୧୮।୭: ଗୁରୁଗ୍ରାମଭିତ୍ତିକ ସ୍ୱେଚ୍ଛାସେବୀ ସଂଗଠନ 'ଏକମ୍ ନ୍ୟାୟ ଫାଉଣ୍ଡେସନ' ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ, ୨୦୨୬ ମସିହାର ପ୍ରଥମ ୬ ମାସରେ ଦେଶରେ ୫୫୪ଟି ପୁରୁଷଙ୍କର ହତ୍ୟା ଓ ଆତ୍ମହତ୍ୟା ସମ୍ପର୍କିତ ଘଟଣା ସାମ୍ନାକୁ ଆସିଛି। ଏହି ତଥ୍ୟ ଜୁଲାଇ ୧୪ ପର୍ଯ୍ୟନ୍ତ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ଖବର ଓ ଫାଉଣ୍ଡେସନ ସଂଗ୍ରହ କରିଥିବା ଘଟଣା ଉପରେ ଆଧାରିତ ବୋଲି ସଂସ୍ଥା ସ୍ପଷ୍ଟ କରିଛି।

ରିପୋର୍ଟ ଅନୁଯାୟୀ, ୩୨୨ଟି ଘଟଣାରେ ସ୍ୱାମୀଙ୍କୁ ସେମାନଙ୍କ ପତ୍ନୀ କିମ୍ବା ପତ୍ନୀଙ୍କ ପ୍ରେମିକଙ୍କ ସହଯୋଗରେ ହତ୍ୟା କରାଯାଇଛି। ସେହିପରି ୨୩୨ ଜଣ ସ୍ୱାମୀ ବୈବାହିକ ବିବାଦ, ଘରୋଇ ହିଂସା, ମାନସିକ ନିର୍ଯାତନା, ମିଥ୍ୟା ମାମଲା ଓ ଅନ୍ୟାନ୍ୟ ସମ୍ପର୍କଜନିତ କାରଣରୁ ଆତ୍ମହତ୍ୟା କରିଥିବା ଦର୍ଶାଯାଇଛି।

ରିପୋର୍ଟ ଅନୁଯାୟୀ, ୩୨୨ଟି ସ୍ୱାମୀ ହତ୍ୟା ମାମଲା ମଧ୍ୟରୁ ୧୯୪ଟି (୬୦.୨%) ପରକୀୟା ପ୍ରୀତି ସହ ଜଡିତ। ଏଥିରେ ଅଭିଯୋଗ ରହିଛି ଯେ, ପତ୍ନୀମାନେ ସେମାନଙ୍କ ପ୍ରେମିକଙ୍କ ସହ ମିଶି ସ୍ୱାମୀଙ୍କୁ ହତ୍ୟା କରିଥିଲେ, କାରଣ ସ୍ୱାମୀ ପରକୀୟା ସମ୍ପର୍କର ବିରୋଧ କରୁଥିଲେ କିମ୍ବା ସେଥିରେ ବାଧକ ସାଜୁଥିଲେ। ଏହି ହତ୍ୟାକାଣ୍ଡରେ

### ସର୍ବେକ୍ଷଣରେ ଚାଞ୍ଚଲ୍ୟକର ରିପୋର୍ଟ

ବିଷ ପ୍ରୟୋଗ, ଜୀବନ୍ତ ଜାଳିଦେବା, ବିଦ୍ୟୁତ୍ ଝଟକା ଦେବା, ଶ୍ୱାସରୁଦ୍ଧ କରି ମାରିଦେବା, ଶରୀରକୁ ଖଣ୍ଡଖଣ୍ଡ କାଟିଦେବା, ଘର ତଳେ ପୋତିଦେବା ଏବଂ ହତ୍ୟାକୁ ଦୁର୍ଘଟଣା କିମ୍ବା ଆତ୍ମହତ୍ୟା ଭାବେ ଦର୍ଶାଇବା ଭଳି ପଦ୍ଧତି ବ୍ୟବହାର ହୋଇଥିବା ରିପୋର୍ଟରେ କୁହାଯାଇଛି।

ରିପୋର୍ଟରେ ଦର୍ଶାଯାଇଥିବା ୨୩୨ଟି ଆତ୍ମହତ୍ୟା ଘଟଣା ମଧ୍ୟରୁ ୧୦୪ଟି (୪୪.୮୩%) ଦୀର୍ଘଦିନର ଘରୋଇ ବିବାଦ ସହ ଜଡିତ। ଏହାଛଡ଼ା ୫୭ଟି (୨୪.୫୭%) ଘଟଣାରେ ପତ୍ନୀ କିମ୍ବା ଶ୍ୱଶୁରଘର ପକ୍ଷରୁ ନିର୍ଯାତନାର ଅଭିଯୋଗ ରହିଛି। ୨୯ଟି (୧୨.୫%) ଘଟଣା ପରକୀୟା ସମ୍ପର୍କ ସହ ସମ୍ପୃକ୍ତ ଥିବାବେଳେ, ଅନ୍ୟ ମାମଲାଗୁଡ଼ିକରେ ମିଥ୍ୟା ଆପରାଧିକ ମାମଲା, ପ୍ରେମିକା କିମ୍ବା ତାଙ୍କ ପରିବାର ପକ୍ଷରୁ ହଇରାଣ ଓ ଅନ୍ୟାନ୍ୟ କାରଣ ରହିଥିବା କୁହାଯାଇଛି।

ଫାଉଣ୍ଡେସନ ଚଳିତ ବର୍ଷର ୨୫ଟି ଅତ୍ୟନ୍ତ ନୃଶଂସ ଘଟଣାର ବିବରଣୀ ମଧ୍ୟ ରିପୋର୍ଟରେ ସାମିଲ କରିଛି। ଏଥିରେ ସ୍ୱାମୀଙ୍କ ମୁଣ୍ଡ କାଟିଦେବା, ଶରୀରକୁ ଖଣ୍ଡଖଣ୍ଡ କରିବା, ବିଷ ଦେଇ ହତ୍ୟା, ଘର ତଳେ ପୋତିଦେବା, ଜୀବନ୍ତ ଜାଳିଦେବା, ଗଭୀର ଖାଇକୁ ଠେଲିଦେବା ଏବଂ ପତ୍ନୀ ଓ ତାଙ୍କ ପ୍ରେମିକଙ୍କ ଷଡଯନ୍ତ୍ରରେ ହତ୍ୟା ଭଳି ଅଭିଯୋଗ ରହିଛି।

# ଆଡ଼ପ ମଣ୍ଡପ ବିଜେକଲେ ଶ୍ରୀଜିଉ



ପୁରୀ,୧୮ା୭(ସଂଚାର ବ୍ୟୁରୋ): ଶୁକ୍ରବାର ଶରଧାବାଲିରେ ତିନି ରଥ ପହଞ୍ଚିବା ପରେ ଆଜି ଆଡ଼ପ ମଣ୍ଡପେ ବିଜେ କରିଛନ୍ତି ଚତୁର୍ଦ୍ଧା ମୂରତି। ଶନିବାର ସମସ୍ତ ନୀତିକାନ୍ତି ପରେ ୭ଟା ପରେ ଶ୍ରୀଜିଉଙ୍କ ଆଡ଼ପ ବିଜେ ନୀତି ଆରମ୍ଭ ହୋଇଥିଲା। ଏହି ସମୟରେ ହୁଳହୁଳି, ଘଣ୍ଟ ବାଦ୍ୟ ଓ ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇ ଉଠିଥିଲା ଶରଧାବାଲି। ଆଉ ଗୋଟି ପହଣ୍ଡିରେ ଯାଇ ଆଡ଼ପ ମଣ୍ଡପରେ ବିଜେ କରିଛନ୍ତି ତିନି ଠାକୁର। ଆସନ୍ତାକାଲି ଗୁଣ୍ଡିଚା ମନ୍ଦିରରେ ବାହାରିବ ପ୍ରଥମ ଆଡ଼ପ ଅବଢ଼ା।

ଆଜି ସକାଳେ ତିନି ରଥରେ ମହାପ୍ରଭୁଙ୍କ ମଙ୍ଗଳଆଳତି ଅନୁଷ୍ଠିତ ହେବା ପରେ ମଇଲମ, ତଡ଼ପ ଲାଗି, ଅବକାଶ, ବେଶ ଶେଷ, ଗୋପାଳବଲ୍ଲଭ, ସକାଳ ଧୂପ, ମଧ୍ୟାହ୍ନ ଧୂପ ଶେଷ ହୋଇଥିଲା। ଅପରାହ୍ଣରେ ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ଓ ସନ୍ଧ୍ୟା ଆଳତି ପରେ ରଥରେ ମଦନ ମୋହନ ବିଜେ କରିଥିଲେ। ଏହାପରେ ଚକ୍ରରାଜ ସୁଦର୍ଶନ ଗୋଟି ପହଣ୍ଡିରେ ଯାଇଥିଲେ। ପରେ ପ୍ରଭୁ ବଳଭଦ୍ର ଓ ତାଙ୍କ ପରେ ଦେବୀ ସୁଭଦ୍ରା ଗୋଟି ପହଣ୍ଡିରେ ଗୁଣ୍ଡିଚା ବାଡ଼ିରେ ପ୍ରବେଶ କରିଥିଲେ। ଶେଷରେ ସୁଶୋଭିତ ଟାହିଆ ଲଗାଇ ଝୁଲି ଝୁଲି ପହଣ୍ଡିରେ ଆସିଥିଲେ କଳା ଠାକୁର। ଘଣ୍ଟଘଣ୍ଟା, ବାଦ୍ୟରେ ଗୁଞ୍ଜରିତ ହୋଇ ଉଠିଥିଲା ଶରଧାବାଲି। ଆଉ ନାକଚଣା ଦ୍ୱାର ଦେଇ ଆଡ଼ପ ମଣ୍ଡପରେ ବିଜେ କରିଛନ୍ତି ମହାପ୍ରଭୁ ଜଗନ୍ନାଥ।

ଆସନ୍ତାକାଲି ଗୁଣ୍ଡିଚା ମନ୍ଦିରରେ ବାହାରିବ ପ୍ରଥମ ଆଡ଼ପ ଅବଢ଼ା। ଗୁଣ୍ଡିଚା ମନ୍ଦିର ଜଗମୋହନରେ ଆସନ୍ତାକାଲିଠାରୁ ଲାଗିଶୋଭା କରିବେ ମହାପ୍ରଭୁ। ଏଣୁ ଜଗମୋହନ ଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କର ଦର୍ଶନ ପାଇଁ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହେବା ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ ସହ ଆଡ଼ପ ଅବଢ଼ା ପାଇବା ପାଇଁ ବେଶ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ସହ ସୁଆର ମହାସୁଆର ନିଯୋଗ ମଧ୍ୟରେ ଉତ୍ତମ ସମନ୍ୱୟ ରଖାଯାଇ ସମସ୍ତ ପ୍ରସ୍ତୁତି କରାଯାଇଛି। ସୁଆର ମହାସୁଆର ନିଯୋଗ ସମ୍ପାଦକ ନାରାୟଣ ମହାସୁଆରଙ୍କ ସୂଚନାନୁଯାୟୀ, ଆସନ୍ତାକାଲି ଦିନ ସାଢ଼େ ୨ଟା ସୁଦ୍ଧା ଗୁଣ୍ଡିଚା ମନ୍ଦିରରେ ସକାଳ ଧୂପରେ ପ୍ରଥମ ଆଡ଼ପ ଅବଢ଼ା ବାହାରିବ। ୫୦ ହଜାର ଭକ୍ତଙ୍କ ପାଇଁ ଆଡ଼ପ ଅବଢ଼ା ବ୍ୟବସ୍ଥା କରାଯାଇଛି। ୨୪୦ଟି ଚୁଲିରେ ଆଡ଼ପ ଅବଢ଼ା ପ୍ରସ୍ତୁତ ହେବ।

## ଆଜି ବାହାରିବ ପ୍ରଥମ ଆଡ଼ପ ଅବଢ଼ା

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପ୍ରଥମ ଅର୍ବିଟାଲ...

ସ୍ଥାନୀୟ ସମୟ ୧୨ଟା ୦୫ ମିନିଟରେ ଶ୍ରୀହରିକୋଟାର ସତୀଶ ଧୱନ ମହାକାଶ କେନ୍ଦ୍ରରୁ ପ୍ରଚଣ୍ଡ ନିଆଁ ଓ ଧୂଆଁର କୁଣ୍ଡଳୀ ସୃଷ୍ଟିକରି ବିକ୍ରମ-୧ ଅନ୍ତରୀକ୍ଷକୁ ଉଡ଼ାଣ ଭରିଛି। 'ମିଶନ ଆଗମନ' ନାମରେ ନାମିତ ଏହା ପ୍ରଥମ କକ୍ଷୀୟ ଅଭିଯାନ (ଅର୍ବିଟାଲ ମିଶନ)ରେ ଏହା ଏକାଧିକ କଷ୍ଟମର ପେଲୋଡ (ଷ୍ପେସ ମିଶନ ନିମନ୍ତେ ଆବଶ୍ୟକ ଯନ୍ତ୍ରାଂଶ) ଓ ଇନ-ଅର୍ବିଟ୍ ଏକ୍ସପେରିମେଣ୍ଟ ନେଇ ମହାକାଶକୁ ଯାତ୍ରା କରିଛି। ଉତ୍କ୍ଷେପଣ ହେବାର ମାତ୍ର ୧୪ ମିନିଟ୍ ପରେ ବିକ୍ରମ-୧ ନିଜ ସହ ବୋହି ନେଇଥିବା ପେ'ଲୋଡ଼ ସବୁକୁ ୪୫୦ କିମି କକ୍ଷପଥରେ ସଫଳତାର ସହ ଅବସ୍ଥାପିତ କରିଛି। ଏହାପରେ ଭାରତ ବିଶ୍ୱର ତୃତୀୟ ଦେଶ ଭାବରେ କୌଣସି ଏକ ଘରୋଇ ଉଦ୍ୟୋଗ ମାଧ୍ୟମରେ କକ୍ଷପଥ ପ୍ରକ୍ଷେପଣ କ୍ଷମତା ହାସଲ କରିବାର ଐତିହାସିକ ସଫଳତାର ଭାଗିଦାରୀ ହୋଇଛି। ବିକ୍ରମ-୧କୁ ପ୍ରଥମେ ସାଢ଼େ ୧୧ଟା ବେଳେ ଉତକ୍ଷେପଣ କରାଯିବାକୁ ଯୋଜନା କରାଯାଇଥିବା ବେଳେ ପରେ କେତେକ ଅନ୍ତରୀଣ ଜାଞ୍ଚବାଶତଃ ଉତ୍କ୍ଷେପଣକୁ ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଥିଲା। ଭବିଷ୍ୟତର ବାଣିଜ୍ୟିକ ପ୍ରକ୍ଷେପଣ ପାଇଁ ତଥ୍ୟ ସଂଗ୍ରହ କରିବା ସହ ଉଡ଼ାଣ ସମୟରେ ରକେଟ୍‌ର ପ୍ରପଲସନ୍, ଏଭିଓନିକ୍ସ, ଟେଲିମେଟ୍ରି, ମାର୍ଗଦର୍ଶନ, ନାଭିଗେସନ୍ ଓ ନିୟନ୍ତ୍ରଣ ପ୍ରଣାଳୀକୁ ବୈଧ କରିବା ଏହି ମିଶନର ଉଦ୍ଦେଶ୍ୟ ବୋଲି ସ୍କାଇରୁଟ୍ କହିଛି। ଉତ୍କ୍ଷେପଣ ପରେ 'ମିଶନ ଆଗମନ' ସଫଳ ହୋଇଛି ବୋଲି କମ୍ପାନୀ ଏକ ବିବୃତିରେ କହିଛି। ବିକ୍ରମ-୧ର ସଫଳ ଉତ୍କ୍ଷେପଣକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦେଶର ମହାକାଶ ଯାତ୍ରା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ବୋଲି ବର୍ଣ୍ଣନା କରିଛନ୍ତି। ଦ୍ରୁତ ଗତିରେ ବୃଦ୍ଧିପାଉଥିବା ନବସୃଜନ ଇକୋସିଷ୍ଟମର ଏହା ଏକ ଶକ୍ତିଶାଳି ପ୍ରତିଫଳନ ବୋଲି ସେ କହିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମାଝୀ ହାଇଦ୍ରାବାଦର ସ୍କାଏରୁଟ୍ ଏରୋସ୍ପେଶକୁ ଏହି ଐତିହାସିକ ସଫଳତା ପାଇଁ ଅଭିନନ୍ଦନ ଜଣାଇବା ସହ ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କ ସଫଳ ନେତୃତ୍ୱକୁ ଶ୍ରେୟ ପ୍ରଦାନ କରିଛନ୍ତି।

### ରାଜନୀତି କ୍ଷମତା...

ଅଧ୍ୟକ୍ଷ ଓ ଉପାଧ୍ୟକ୍ଷମାନଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲ୍ଲାର ୨୩ଟି ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷମାନେ ଯୋଗ ଦେଇଥିଲେ। ନବନିଯୁକ୍ତ ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷଙ୍କ ଆଞ୍ଚଳିକ ସମସ୍ୟାଗୁଡିକୁ ଗୁରୁତ୍ୱର ସହ ଶୁଣି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆପଣମାନେ ଧୈର୍ଯ୍ୟର ସହ କାମ କରନ୍ତୁ। ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ଦୃଷ୍ଟିକୁ ସମସ୍ୟା ଆଣନ୍ତୁ। ତା' ସହିତ ବିଭାଗୀୟ ଅଧିକାରୀ ଓ ମନ୍ତ୍ରୀ ମଧ୍ୟ ଆପଣମାନଙ୍କ ବିଭିନ୍ନ ବିଷୟ ଉପରେ ପଦକ୍ଷେପ ନେବେ। ଜିଲ୍ଲା ସ୍ତରରେ ଆପଣମାନେ ଯେଭଳି ଉପଯୁକ୍ତ ସମ୍ମାନର ସହ କାମ କରିବେ, ସେଥିପାଇଁ ସମସ୍ତ ବ୍ୟବସ୍ଥା କରାଯାଉଛି। ସେ କହିଥିଲେ ଆମେ କଥାରେ ନୁହେଁ, କାମରେ ବିଶ୍ୱାସ କରୁ। ନିୟମିତ ଭାବେ କ୍ଷେତ୍ର ସ୍ତରରେ ବୁଲି ଲୋକଙ୍କ ସମସ୍ୟା ବୁଝନ୍ତୁ, ସେହି ଅନୁଯାୟୀ ପଦକ୍ଷେପ ନିଅନ୍ତୁ। 'ୟେସ୍, ୱି କ୍ୟାନ' ମନୋବୃତ୍ତି ନେଇ ଲୋକଙ୍କ ସେବା କରନ୍ତୁ। ନିଶ୍ଚିତ ରୂପେ ସଫଳତା ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅଧ୍ୟକ୍ଷ ଓ ଉପାଧ୍ୟକ୍ଷମାନଙ୍କୁ ଉପଦେଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଶାର ଜନସଂଖ୍ୟାର ଏକ-ଚତୁର୍ଥାଂଶ ହେଉଛନ୍ତି ଜନଜାତି। କିନ୍ତୁ ଏହି ବର୍ଗର ଲୋକମାନେ ବିକାଶଧାରାଠାରୁ ବହୁତ ପଛରେ ଅଛନ୍ତି। ଆମ ସରକାର କ୍ଷମତାକୁ ଆସିବା ପରେ ସେଥିପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି। ତେଣୁ ଆମେ କିଭଳି ସେହି ଲୋକମାନଙ୍କ ପାଖରେ ବିକାଶର ଚିତ୍ର ପହଞ୍ଚାଇପାରିବା, ସେଥିପ୍ରତି ନିଷ୍ଠାର ସହ କାମ କରିବା ଉଚିତ। ସେ କହିଥିଲେ ଯେ ଆମ ଜନଜାତି ସମ୍ପ୍ରଦାୟଙ୍କ ଭାଷା, କଳା ଓ ସଂସ୍କୃତି ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର। ଜନଜାତି କଳା ଓ ସଂସ୍କୃତିର ବିବିଧତା ଆମ ଓଡ଼ିଶାର ଓ ଦେଶର ସାମଗ୍ରିକ ସଂସ୍କୃତିକୁ ଋଦ୍ଧିମନ୍ତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ବିକାଶ ଭି, ବିରାସତ ଭି' ମନ୍ତ୍ରକୁ ଆଧାର କରି ଆମେ ଆଜି ଯେତେବେଳେ ବିକାଶର ମାର୍ଗରେ ଆଗକୁ ବଢ଼ୁଛୁ, ସେତେବେଳେ ଆମର ଏହି ମହାନ ସଂସ୍କୃତିକୁ ପଛରେ ପକେଇ ହେବ ନାହିଁ। ତା'ର ସଂରକ୍ଷଣ ଓ ବିକାଶ ପାଇଁ ଆମକୁ କାମ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି। ସମ୍ବିଧାନର ଧାରା ୨୭୫(୧)ର ପ୍ରାବଧାନ ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଜନଜାତି ଉନ୍ନୟନ ପାଇଁ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ବିକାଶମୂଳକ ଯୋଜନା ଓ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସମସ୍ତ ଯୋଜନା ମିଳିତ ଭାବେ କାର୍ଯ୍ୟକାରୀ ହେଲେ ଜନଜାତି ବିକାଶ କ୍ଷେତ୍ରରେ ଆମେ ସଫଳତା ହାସଲ କରିବା। ମୁଖ୍ୟମନ୍ତ୍ରୀ ଜନଜାତି ବିକାଶ ପାଇଁ ରାଜ୍ୟ ସରକାର ବୈଷୟିକ ଶିକ୍ଷାରେ ସମାନୁପାତିକ ସଂରକ୍ଷଣ, ସହିଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା, ପ୍ରି-ମାଟ୍ରିକ ସ୍କଲାରସିପରେ ବୃଦ୍ଧି, ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନରେ ଅଣୁ-ଉଦ୍ୟୋଗ ପ୍ରତିଷ୍ଠା ପାଇଁ ସହାୟତା ଆଦି ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି କେନ୍ଦ୍ର ସରକାରଙ୍କ ଯୋଜନା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ ଆଦି କର୍ମଯୋଗୀ ଅଭିଯାନ, ଧର୍ତୀ ଆବା ଜନଭାଗିଦାରୀ ଅଭିଯାନ, ପିଏମ୍ ଜନମନ ଆଦି ଯୋଜନା ଉପରେ ସୂଚନା ପ୍ରଦାନ କରିବା ସହ ସମ୍ବିଧାନର ଧାରା ୨୭୫(୧) ଅନୁଯାୟୀ ରାଜ୍ୟ ସରକାରଙ୍କୁ ଜନଜାତି ଉନ୍ନୟନ ଓ କଲ୍ୟାଣ ପାଇଁ ୧୮,୩୭୧ କୋଟି ଟଙ୍କା ପ୍ରଦାନ କରାଯାଇଥିବା କହିଥିଲେ। କାର୍ଯ୍ୟକ୍ରମରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ମଧ୍ୟ ଅଭିଭାଷଣ ପ୍ରଦାନ କରିଥିଲେ।

### ବାଣ କାରଖାନାରେ...

ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆହତ ହୋଇଥିବା ଲୋକଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ମୃତ୍ୟୁ ସଂଖ୍ୟା ଅଧିକ ହେବ ବୋଲି ସ୍ଥାନୀୟ ଅଧିକାରୀମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ଏହି ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଃଖ ପ୍ରକାଶ କରିବା ସହ ପ୍ରଧାନମନ୍ତ୍ରୀ ରିଲିଫ୍ ଫଣ୍ଡରୁ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏଁ ଓ ଆହତ କର୍ମଚାରୀମାନଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପା ରାଶି ପ୍ରଦାନ କରିବାକୁ ଘୋଷଣା କରିଛନ୍ତି।

### ପୁଞ୍ଜି ନିବେଶର...

ରସାୟନ, ପେଟ୍ରୋକେମିକାଲ୍, ବସ୍ତ୍ର, ଖାଦ୍ୟ ପ୍ରକ୍ରିୟାକରଣ, ଇଲେକ୍ଟ୍ରୋନିକ୍ସ, ନବୀକରଣଯୋଗ୍ୟ ଶକ୍ତି, ଗ୍ରୀନ ହାଇଡ୍ରୋଜେନ, ଆଇଟି ଏବଂ ଗ୍ଲୋବାଲ୍ କ୍ୟାପାବିଲିଟି ସେଣ୍ଟର ପରି କ୍ଷେତ୍ରରେ ବ୍ୟାପକ ବିନିଯୋଗ ଆସୁଛି। ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱରେ ରାଜ୍ୟ ସରକାର ଓ ସ୍ୱଚ୍ଛ ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଇକୋସିଷ୍ଟମ ପ୍ରସ୍ତୁତ କରିବେ। ସରକାର ଶିଳ୍ପର ବିକାଶ ସହ ପ୍ରକଳ୍ପ କାର୍ଯ୍ୟକାରିତା, ଦକ୍ଷତା ବିକଶ ଓ ବିଶ୍ୱସ୍ତରୀୟ ଭିତ୍ତିଭୂମୀ ସୃଷ୍ଟି କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି। ରାଜ୍ୟ ସରକାର ନୀତିରେ ନୂତନତ୍ୱ, ଦ୍ରୁତ ଅନୁମୋଦନ, ଭିତ୍ତିଭୂମିର ବିକାଶ ଏବଂ ଶିଳ୍ପ କ୍ଷେତ୍ର ସହ ଘନିଷ୍ଠ ସମନ୍ୱୟ ଜରିଆରେ ଓଡ଼ିଶାକୁ ଦେଶ ଓ ବିଶ୍ୱର ଅନ୍ୟତମ ପସନ୍ଦର ବିନିଯୋଗ ଗନ୍ତବ୍ୟସ୍ଥଳରେ ପରିଣତ କରିବା ଦିଗରେ ପ୍ରୟାସ ଜାରି ରଖିଛନ୍ତି। ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଲକ୍ଷ୍ୟ ପୂରଣରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ରାଜ୍ୟ ସରକାର କହିଛନ୍ତି।

### ୟାମି ଶ୍ରେଷ୍ଠ...

ମୂଲ୍ୟବୋଧକୁ ପ୍ରୋତ୍ସାହିତ କରୁଥିବା ଶ୍ରେଷ୍ଠ ଚଳଚ୍ଚିତ୍ର ବର୍ଗରେ 'କ୍ୟାପ୍ଟେନ ମିଲର' ବିଜେତା ହୋଇଛି। ଏଥିସହ ଶ୍ରେଷ୍ଠ ସହ ଅଭିନେତା ଭାବେ 'ଭକ୍ଷକ' ପାଇଁ ସଞ୍ଜୟ ମିଶ୍ରଙ୍କୁ ବିଜେତା ଘୋଷଣା କରାଯାଇଛି। ଶ୍ରେଷ୍ଠ ସହ ଅଭିନେତ୍ରୀ ଭାବେ 'ମିଥା (କନ୍ନଡ)' ପାଇଁ ରୋପାଶ୍ରୀ ଭାର୍କାଡି ଓ 'ମହାରାଜା (ତାମିଲ)' ପାଇଁ ସଚ୍ଚାନା ନମିଦାସ୍‌ଙ୍କ ନାମ ଘୋଷଣା କରାଯାଇଛି। 'ଶ୍ରୀକାନ୍ତ'କୁ ସର୍ବଶ୍ରେଷ୍ଠ ହିନ୍ଦୀ ଚଳଚ୍ଚିତ୍ର, 'ରାୟଣ'କୁ ଶ୍ରେଷ୍ଠ ତାମିଲ୍ ଚଳଚ୍ଚିତ୍ର, 'କମିଟି କୁରୋଲୁ'କୁ ଶ୍ରେଷ୍ଠ ତେଲୁଗୁ ଚଳଚ୍ଚିତ୍ର, 'ମୁକ୍କମ୍ ପୋଷ୍ଟ ବୋମ୍ବିଲୱାଡି'କୁ ଶ୍ରେଷ୍ଠ ମରାଠୀ ଚଳଚ୍ଚିତ୍ର ଘୋଷଣା କରାଯାଇଛି। 'ସୁନୀତା' ଶ୍ରେଷ୍ଠ ମଣିପୁରୀ ଚଳଚ୍ଚିତ୍ର ହୋଇଥିବା ବେଳେ ଅଭୟ ଯୋଧପୁର ଶ୍ରେଷ୍ଠ ପୁରୁଷ ପ୍ରଚ୍ଛଦପଟ୍ଟ ଗାୟକ ଓ ଭାଇକମ୍ ବିଜୟଲକ୍ଷ୍ମୀ ଶ୍ରେଷ୍ଠ ମହିଳା ପ୍ରଚ୍ଛଦପଟ୍ଟ ଗାୟିକା ହୋଇଛନ୍ତି। ମାଲାୟଲମ ଚଳଚ୍ଚିତ୍ର ନିର୍ମାତା ଜୟରାଜ ଫିଲ୍ମ ଜୁରୀର ଅଧ୍ୟକ୍ଷତା କରିଥିଲେ।

### ନୂଆ ଟ୍ରାକ୍‌ରେ...

ପୁଣିଥରେ ନବୀନଙ୍କୁ ଆଗକୁ ଆଣିବାରେ ଲାଗିଛି। କେବଳ ସଭାପତିଙ୍କ ନିର୍ଦ୍ଦେଶରେ ବୋଲି ଦଳ ପକ୍ଷରୁ ପ୍ରେସ ବିବୃତ୍ତି ଜାରି ହେଉନାହିଁ, ଦଳ ଭିତରେ ଏବେ ନୂଆ ସମୀକରଣ ବି ଆରମ୍ଭ ହୋଇଛି। ସୁଜାତା ଦଳରେ ଯୋଗଦେବା ପରେ ତାଙ୍କ ଟିମରେ କିଏ କିଏ ରହିବେ, ତାହାକୁ ନେଇ କସରତ ଚାଲିଥିବା ବେଳେ ଆଗାମୀ ପଞ୍ଚାୟତ, ପୌର ଓ ପରେ ହେବାକୁ ଥିବା ସାଧାରଣ ନିର୍ବାଚନ ପାଇଁ ମଧ୍ୟ ତା'ର ସଂଗଠନକୁ ବଦଳାଇବା ପାଇଁ ଉଦ୍ୟମ କରିଛି। ବିଶେଷକରି ଦଳରେ ଯୁବ ଚେହେରାଙ୍କୁ ପ୍ରାଧାନ୍ୟ ଦେବା ପାଇଁ ବିଧିବଦ୍ଧ ଭାବେ ପ୍ରକ୍ରିୟା ଆରମ୍ଭ ହୋଇଛି। ସେହିଭଳି ନବୀନ ନିବାସକୁ ଏବେ ବିଭିନ୍ନ ଜିଲ୍ଲାରୁ ନେତାଙ୍କ ସୁଅ ଛୁଟିବାରେ ଲାଗିଛି। ଜିଲ୍ଲାସ୍ତରୀୟ ନେତା ଓ କର୍ମୀମାନେ ଆସି ନବୀନଙ୍କୁ ଦେଖା କରିବା ସହ ତାଙ୍କ ନେତୃତ୍ୱକୁ ସମର୍ଥନ କରୁଛନ୍ତି। ଏହାରି ଭିତରେ ନବୀନ ଗତ ନିର୍ବାଚନରେ ହାରିଥିବା ନେତାଙ୍କୁ ଭେଟି ସେମାନଙ୍କ ମତାମତ ଲୋଡ଼ିଛନ୍ତି। ବିଧାୟକମାନେ ମଧ୍ୟ ନିୟମିତ ଆସି ନବୀନଙ୍କୁ ଭେଟୁଛନ୍ତି। ଏହାକୁ ନେଇ ବିଜେଡି ଏକପ୍ରକାର ନୂଆ ଟ୍ରାକ୍‌ରେ ଗଡ଼ିବା ଆରମ୍ଭ କରିଥିବା ବେଳେ ଆଗକୁ ଏହା କିଭଳି ଗତି ନେବ, ତାକୁ ନେଇ ଆଲୋଚନା ଆରମ୍ଭ ହୋଇଛି।

● ଡେଙ୍ଗୁ ଦମନ ପାଇଁ ବିଏମ୍‌ସିର ବ୍ୟାପକ ପଦକ୍ଷେପ

## ୩ ହଜାର ମଶା ଉତ୍ସ ଧ୍ୱଂସ; ଅଭିଯାନ ଜାରି



ଭୁବନେଶ୍ୱର,୧୮ା୭(ସଂଚାର ବ୍ୟୁରୋ): ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଅଞ୍ଚଳକୁ ଡେଙ୍ଗୁ ଦମନ ପାଇଁ ବ୍ୟାପକ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଛି। ମୁଖ୍ୟତଃ ଜନ ସଚେତନତା ସୃଷ୍ଟି କରିବା, ମଶା ବଂଶ ଉତ୍ପତ୍ତିସ୍ଥଳଗୁଡ଼ିକୁ ଚିହ୍ନଟ କରିବା ସହ ସେଗୁଡ଼ିକୁ ଧ୍ୱଂସ କରିବାରେ ବିଏମସି ଜୋରଦାର ଉଦ୍ୟମ ଜାରି ରଖିଛି। କମିଶନର ଚଞ୍ଚଳ ରାଣାଙ୍କ ନିର୍ଦ୍ଦେଶ କ୍ରମେ ୩ଟି ଜୋନରେ ଗଠନ କରାଯାଇଥିବା ସ୍ୱତନ୍ତ୍ର ଟିମ ପ୍ରତି ୱାର୍ଡ, ଗଳିକନ୍ଦି, ସାହିବସ୍ତି ଆଦି ତନ୍ନତନ୍ନ କରି ସର୍ଭେ କରିବା ସହ ମଶା ବଂଶ ନାଶ କରିବା ପାଇଁ ବିଭିନ୍ନ ପଦ୍ଧତି ଅବଲମ୍ବନ କରୁଛି। ଏହି କାର୍ଯ୍ୟରେ ସ୍ୱାସ୍ଥ୍ୟ କର୍ମୀ, ସ୍ୱଚ୍ଛ ସାଥୀ, ଗୋଷ୍ଠୀ ସଂଚାଳକ, ସ୍ୱତନ୍ତ୍ର ଆଣ୍ଟି ଲାର୍ଭା ଟିମ, ନିୟୋଜିତ ସ୍ୱେଚ୍ଛାସେବୀ ପ୍ରମୁଖ ଘର ଘର ବୁଲି ଲୋକମାନଙ୍କୁ ସଚେତନ କରାଇବା ସହ ମଶା ଲାର୍ଭା ଉତ୍ପତ୍ତି ସ୍ଥଳଗୁଡ଼ିକୁ ନଷ୍ଟ କରୁଛନ୍ତି। ଗତ ୧ ତାରିଖରୁ ଆରମ୍ଭ ହୋଇଥିବା ଏହି ଅଭିଯାନରେ ବର୍ତ୍ତମାନ ସୁଦ୍ଧା ସହରର ୪୦ ହଜାର ୬୩୧ ପରିବାରର ୧ ଲକ୍ଷ ୨୭ ହଜାର ୫୧୨ ଜଣ ବ୍ୟକ୍ତିଙ୍କୁ ଭେଟି ଡେଙ୍ଗୁ ରୋଗର ଭୟାବହତା ସମ୍ପର୍କରେ ବୁଝାଇଛନ୍ତି। ସେମାନଙ୍କ ଘରେ ବା ଆଖପାଖରେ ଥିବା ମଶା ଉତ୍ସଗୁଡ଼ିକୁ ନଷ୍ଟ କରିଛନ୍ତି। ଏଥିରୁ ୩ ହଜାର ୫୫୪ ଜଣଙ୍କ ଘରେ ମଶା ଲାର୍ଭା ସ୍ଥାନ ଚିହ୍ନଟ କରିବା ସହ ସେଗୁଡ଼ିକୁ ନଷ୍ଟ କରାଯାଇଛି। ତେବେ ଘରେ ଓ ବାହାରେ ଏଯାବତ ୩୪ ହଜାର ୨୮୩ଟି ମଶା ଲାର୍ଭା ଉତ୍ପନ୍ନ ହେଲା ଭଳି ପାଣି ଜମି ରହୁଥିବା ପାତ୍ର ଚିହ୍ନଟ କରାଯାଇଛି ଓ ସେଗୁଡ଼ିକୁ ସ୍ଥାନାନ୍ତର କରାଯାଇଛି। ସେଥିରୁ ୨ ହଜାର ୯୮୮ଟି ନିଶ୍ଚିତ ମଶା ଲାର୍ଭା ଉତ୍ସ ଚିହ୍ନଟ କରାଯିବା ସହ ସେଗୁଡ଼ିକୁ ନଷ୍ଟ କରିଦିଆଯାଇଛି। ବର୍ତ୍ତମାନ ଆଣ୍ଟି ଲାର୍ଭା ଅପରେସନ କାର୍ଯ୍ୟରେ ୨୨୦ ଜଣ କୁଶଳୀ ବ୍ୟକ୍ତିଙ୍କୁ ନିୟୋଜିତ କରାଯାଇଛି ଓ ସେମାନଙ୍କ ମଶା ତେଲ ସିଞ୍ଚନ କରିବା ପାଇଁ ୮୦ଟି ସ୍ପ୍ରେ ମେସିନ ଦିଆଯାଇଛି। ଏହି ସ୍ପ୍ରେ ମେସିନ୍‌ରେ ଦୈନିକ ସବୁ ୱାର୍ଡରେ ମଶା ତେଲ ସିଚନ କରାଯାଉଛି।

## ଟ୍ରକ୍ ଧକ୍କାରେ ମହିଳା ମୃତ

କୋଲକାତା, ୧୮ା୭ (ସଂଚାର ବ୍ୟୁରୋ): ବାଇପାସର ଅଭିଶିକ୍ତା ମୋଡରେ ଏକ ଟ୍ରକ ଧକ୍କାରେ ଜଣେ ମହିଳା ପଥଚାରୀଙ୍କ ମୃତ୍ୟୁ ଘଟିଛି। ମୃତକ ସୋମା ନସ୍କର (୪୭) ଆନନ୍ଦପୁରର ବାସିନ୍ଦା। ଶୁକ୍ରବାର ଏହି ଦୁର୍ଘଟଣା ଘଟିଥିଲା। ଗଡଫା ଥାନାର ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ଧକ୍କାରେ ମହିଳା ଗୁରୁତର ଆହତ ହୋଇଥିଲେ। ତାଙ୍କୁ ମୁକୁନ୍ଦପୁରର ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା, ଯେଉଁଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଦୁର୍ଘଟଣାରେ ଜଡିତ ଟ୍ରକଟିକୁ ଜବତ କରିଛି।

## ଆକସ୍ମିକ ବନ୍ୟାରେ ମଦାରିହାଟ ବିପର୍ଯ୍ୟସ୍ତ

କୋଲକାତା,୧୮ା୭(ସଂଚାର ବ୍ୟୁରୋ): ଭୁଟାନ ପାହାଡ଼ରେ ନିରନ୍ତର ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି, ଯାହାଦ୍ୱାରା ତିଥି ଏବଂ ବାଙ୍ଗ୍ରି ନଦୀରେ ପ୍ରବଳ ଜଳପ୍ରବାହ ସୃଷ୍ଟି ହୋଇଛି। ମଦାରିହାଟର ଟୋଟୋପଡା ବିଚ୍ଛିନ୍ନ ହୋଇଯାଇଛି। ହୋଲଙ୍ଗ ନଦୀର ପ୍ରଚଣ୍ଡ ଜଳ ଜଳଦାପଡା ଟୁରିଷ୍ଟ ଲଜ୍ ସାମ୍ନାରେ ଥିବା କାଠ ଫୁଟ୍ ବ୍ରିଜ୍‌କୁ ଧୋଇ ନେଇଛି। ଫଳରେ ତିନୋଟି ଜଳଦାପଡା ରେଞ୍ଜ ଅଫିସ୍ ଏବଂ ସହାୟକ ବନ୍ୟପ୍ରାଣୀ ୱାର୍ଡେନଙ୍କ ଅଫିସ୍ ମଦାରିହାଟ ସହରରୁ ବିଚ୍ଛିନ୍ନ ହୋଇଛି। ତେବେ ଜଙ୍ଗଲ ବର୍ତ୍ତମାନ ପରିଦର୍ଶକଙ୍କ ପାଇଁ ବନ୍ଦ ଥିବାରୁ ସେଠାରେ କୌଣସି ପର୍ଯ୍ୟଟକ ଉପସ୍ଥିତ ନାହାନ୍ତି। ତେଣୁ ଏହି କ୍ଷେତ୍ରରେ କୌଣସି ବଡ଼ ସମସ୍ୟା ନାହିଁ। ତେବେ ହାତୀ ଘଉଡ଼ାଇବାରେ ବନ କର୍ମଚାରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ସମତଳ ଅଞ୍ଚଳରେ ବର୍ଷା ହେବା ଫଳରେ ବୀରପଡା, ମଦାରିହାଟର ସୁଭାଷପଲ୍ଲି, କଲେଜପଡା ଏବଂ ଦେବୀନଗର ଅଞ୍ଚଳର ଘରେ ପାଣି ପଶିଯାଇଛି। ଜଳସେଚନ ବିଭାଗ ଜଣାଇଛି ଯେ ଗତ ୨୪ ଘଣ୍ଟା ମଧ୍ୟରେ ହାସିମାରାରେ ୧୦୦.୨୦ ମିମି ଏବଂ ଆଲିପୁରଦୁଆରରେ ୫୭.୪୦ ମିମି ବର୍ଷା ହୋଇଛି।

## କୋଲକାତାରେ ୨ ବିସ୍ଫୋରଣ, ଜଣେ ଆହତ

କୋଲକାତା,୧୮ା୭ (ସଂଚାର ବ୍ୟୁରୋ): ଶୁକ୍ରବାର ରାତିରେ ପଶ୍ଚିମବଙ୍ଗର କୋଲକାତା ନିକଟସ୍ଥ ରାଜରହାଟ ଅଞ୍ଚଳରେ ଏକ ଭଡା ଘରେ ଏକ ଶକ୍ତିଶାଳୀ ବିସ୍ଫୋରଣ ହୋଇଛି। ବିସ୍ଫୋରଣରେ ଘର ଭାଙ୍ଗି ଯାଇଥିବା ବେଳେ ଜଣେ ଆହତ ହୋଇଛନ୍ତି। ଆହତ ବ୍ୟକ୍ତିଙ୍କୁ ତୁରନ୍ତ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଜାତୀୟ ତଦନ୍ତ ସଂସ୍ଥା (ଏନ୍‌ଆଇଏ) ଘଟଣାର ତଦନ୍ତ ଦାୟିତ୍ୱ ଗ୍ରହଣ କରିଛି। ଏନ୍‌ଆଇଏର ଏକ ଦଳ ଘଟଣାସ୍ଥଳ ପରିଦର୍ଶନ କରି ଘଟଣାସ୍ଥଳ ଯାଞ୍ଚ କରିଛି। ତଦନ୍ତ ସମୟରେ ରାଜ୍ୟ ସିଆଇଡି, ବୋମା ନିଷ୍କ୍ରିୟକାରୀ ଦଳ ଓ ବିଧାନନଗର ପୁଲିସର ବରିଷ୍ଠ ଅଧିକାରୀମାନେ ସେଠାରେ ଉପସ୍ଥିତ ଥିଲେ। ବିଧାନନଗର ଡିସିପି ଜ୍ୟୋତିର୍ମୟ ରାୟ କହିଛନ୍ତି ଯେ ଘଟଣାସ୍ଥଳରୁ ଦୁଇଟି ବୋମା ଉଦ୍ଧାର କରାଯାଇଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଘଟଣାସ୍ଥଳରୁ ଅନେକ ସତେଜ ବୋମା ଏବଂ ବିସ୍ଫୋରକ ତିଆରି ପାଇଁ ବ୍ୟବହୃତ ସାମଗ୍ରୀର ଅବଶିଷ୍ଟାଂଶ ମଧ୍ୟ ମିଳିଛି। ସେହିଭଳି ଶୁକ୍ରବାର ରାତିରେ ନାରାୟଣପୁରର ସୁପାରିବାଗାନ ଅଞ୍ଚଳରେ ଏକ ବୋମା ବିସ୍ଫୋରଣ ଘଟି ଏକ ଘରର ଏକ ଅଂଶ କ୍ଷତିଗ୍ରସ୍ତ ହୋଇଛି। ତେବେ ଏଥିରେ କୌଣସି ମୃତାହତ ହୋଇନାହିଁ।

● ଜମି ଦଖଲ ଓ ଦାଦାବଟି ଆଦାୟ ଅଭିଯୋଗ

## ୨ ତୃଣମୂଳ ନେତା ଗିରଫ

କୋଲକାତା,୧୮ା୭(ସଂଚାର ବ୍ୟୁରୋ): ପୁରୁଲିଆର ବଡବଜାର ବ୍ଲକରେ ତୃଣମୂଳ କଂଗ୍ରେସ କର୍ମୀ ଶାଖାର ପୂର୍ବତନ ନେତା ଚନ୍ଦନ ସିଂହ ମଲ୍ଲଙ୍କୁ ଜମି ହଡ଼ପ ଏବଂ ପାଣ୍ଠିର ଅପବ୍ୟବହାର ଅଭିଯୋଗରେ ଗିରଫ କରାଯାଇଛି। ବଡବଜାର ଥାନାର ପୁଲିସ ତାଙ୍କୁ ଶୁକ୍ରବାର ରାତିରେ ଗିରଫ କରିଛି। ପୁଲିସ ସୂତ୍ର ଅନୁଯାୟୀ, ଗିରଫ ବ୍ୟକ୍ତିଙ୍କୁ ଶନିବାର ପୁରୁଲିଆ ଜିଲ୍ଲା କୋର୍ଟରେ ହାଜର କରାଯାଇଥିଲା। ଜଣେ ପଡ଼ୋଶୀ ତାଙ୍କ ବିରୁଦ୍ଧରେ ଏକ ଲିଖିତ ଅଭିଯୋଗ ଦାଖଲ କରିଥିଲେ, ଯେଉଁଥିରେ ସେ ପ୍ରଥମେ ଏକ ଜମି କିଣିବା ବିଷୟରେ ଆଲୋଚନା କରିବା ପରେ ପେମେଣ୍ଟ କରିବାରେ ବିଫଳ ହେବା ପରେ ଜୋରଜବରଦସ୍ତ ଦଖଲ କରିଥିଲେ ବୋଲି ଅଭିଯୋଗ କରାଯାଇଥିଲା। ସେହିଭଳି ହାଓଡ଼ା ମ୍ୟୁନିସିପାଲ କର୍ପୋରେସନର ପୂର୍ବତନ ତୃଣମୂଳ ପରିଷଦର ମହମ୍ମଦ ରୁସ୍ତମଙ୍କୁ ପୁଲିସ ଉପରେ ଆକ୍ରମଣ ଏବଂ ଦାଦାବଟି ଆଦାୟ ଅଭିଯୋଗରେ ଗିରଫ କରାଯାଇଛି। ତାଙ୍କୁ ଶନିବାର ହାଓଡ଼ା କୋର୍ଟରେ ହାଜର କରାଯାଇଥିଲା। ପୁଲିସ ସୂତ୍ର ଅନୁଯାୟୀ, ପିଲଖାନାରେ ଜଣେ ପ୍ରମୋଟରଙ୍କ ହତ୍ୟା ଘଟଣାରେ ରୁସ୍ତମ ଏବଂ ତାଙ୍କ ସହଯୋଗୀମାନେ ପୁଲିସ କର୍ମଚାରୀଙ୍କ ଉପରେ ପଥର ମାଡ଼ କରିଥିଲେ ଏବଂ ଆକ୍ରମଣ କରିଥିଲେ।

## କୋଲକାତାରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ

● ଓଡ଼ିଆଙ୍କ ସ୍ୱାର୍ଥ ରକ୍ଷା ଲାଗି କାମ କରିବାକୁ ଆହ୍ୱାନ



କୋଲକାତା,୧୮ା୭(ସଂଚାର ବ୍ୟୁରୋ): ଆଜି ସନ୍ଧ୍ୟାରେ ଏଠାରେ ପହଞ୍ଚିଛନ୍ତି ରାଜ୍ୟ ସଂସ୍କୃତି ଓ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ପଶ୍ଚିମବଙ୍ଗରେ ଓଡ଼ିଆ ସଂଗଠନ ସମୂହର କେନ୍ଦ୍ରୀୟ ସଂଗଠନ ଉତ୍କଳୀୟ ମିଳିତ ମଞ୍ଚ, ଉତ୍କଳ ଯୁବକ ସଂଘ, ନୀଳଚକ୍ର, ଖଡ଼ଦହ ଓଡିଆ ସମାଜ ସହ ଓଡ଼ିଶା ପ୍ରଫେସନାଲ ଆସୋସିଏସନ ସହ ବହୁ ଅନୁଷ୍ଠାନର କର୍ମକର୍ତ୍ତା ବାଜା ବଜାଇ ଫୁଲମାଳ ପକାଇ ବନ୍ଦାପନା କରି ସ୍ୱାଗତ କରିଥିଲେ। ଏହି ଅବସରରେ ଉତ୍କଳ ଭବନ ସଭାକକ୍ଷରେ ଆୟୋଜିତ ଏକ ସଭାରେ ଯୋଗଦେଇ ଶ୍ରୀ ସୂରଜ କହିଛନ୍ତି ଯେ ରାଜନୈତିକ ଉଦ୍ଦେଶ୍ୟ ପାଇଁ ନୁହେଁ, ବଂର ଆମେ ସଂସ୍କୃତି ପ୍ରଚାର ପ୍ରସାର ସହ ଓଡ଼ିଆଙ୍କ ସ୍ୱାର୍ଥ ରକ୍ଷା ଲାଗି କାମ କରିବା ଉଚିତ। ଏଥର ଟ୍ରିପଲ ଇଞ୍ଜିନ ସରକାର ବ୍ରହ୍ମାଣ୍ଡର ମଣିମା ଜଗନ୍ନାଥ ସଂସ୍କୃତିକୁ ଉଜ୍ଜ୍ୱଳିତ କରିବ। ଉତ୍କଳୀୟ ମିଳିତ ମଞ୍ଚର ଶିକ୍ଷା ସେଲ ସମ୍ପାଦକ ପ୍ରଶାନ୍ତ କୁମାର ଦାସ ସଭା ସଂଯୋଜନା କରିଥିବା ବେଳେଯୁବନେତା ନରେନ୍ଦ୍ର କୁମାର ରାଉତ, ଭଗବାନ ବିଶ୍ୱାଳ, ପ୍ରଦୀପ କୁମାର ସାହୁ, ପ୍ରଫୁଲ୍ଲ ପୁହାଣ, ଶେଷଦେବ ସାମଲ, ସିଏ ସମ୍ବିତ ଜେନା ମଧ୍ୟ ଅଭିଭାଷଣ ଦେଇଥିଲେ।

## ନିଟ୍‌ରେ କାର୍ଗିଲ୍ ଝିଅଙ୍କୁ ବଡ଼ ସଫଳତା

ଲଦାଖ,୧୮ା୭: କେନ୍ଦ୍ରଶାସିତ ଅଞ୍ଚଳ ଲଦାଖର କାର୍ଗିଲ ଜିଲ୍ଲାର ଜଣେ ସାଧାରଣ ଝିଅ ଆଜି ସାରା ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛନ୍ତି। ଜାତୀୟସ୍ତରରେ ମେଡିକାଲ ପ୍ରବେଶିକା ପରୀକ୍ଷା ନିଟ-ୟୁଜିରେ ଚମତ୍କାର ପ୍ରଦର୍ଶନ କରି ସମସ୍ତଙ୍କୁ ଚକିତ କରିଛନ୍ତି ମୁସ୍କାନ୍ ଜହରା କାଲ୍‌ବି। ତାଙ୍କର ଏହି ଅଭୂତପୂର୍ବ ସଫଳତା ପାଇଁ ଭାରତୀୟ ସେନା ମଧ୍ୟ ତାଙ୍କୁ ଖୋଲା ହୃଦୟରେ ପ୍ରଶଂସା କରିଛି। ଭାରତୀୟ ସେନାର ଫାୟାର୍ ଆଣ୍ଡ୍ ଫ୍ୟୁରି କର୍ପସ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ରେ ମୁସ୍କାନ୍‌ଙ୍କ ଫଟୋ ଶେୟାର କରି ତାଙ୍କୁ ଶୁଭେଚ୍ଛା ଜଣାଇଛି। "ଶ୍ରେଷ୍ଠ ପ୍ରଦର୍ଶନର ଉତ୍ସବ, ସପ୍ନକୁ ମିଳିଲା ନୂଆ ଉଡ଼ାଣ। ଆର୍ମି ଗୁଡ୍‌ୱିଲ୍ ସ୍କୁଲ୍ର ପୂର୍ବତନ ଛାତ୍ରୀ କୁମାରୀ ମୁସ୍କାନ୍ ଜହରା କାଲ୍‌ବିଙ୍କୁ ନିଟ୍ ୨୦୨୬ ରେ ଭଲ ପ୍ରଦର୍ଶନ ପାଇଁ ଭାରତୀୟ ସେନା ଗର୍ବର ସହ ଅଭିନନ୍ଦନ ଜଣାଉଛି" ବୋଲି ସେନା ଟ୍ୱିଟ୍ କରିଛି।

## ଗୋରୁଙ୍କ ପାଇଁ ବିଛାଯାଇଥିଲା ବିଦ୍ୟୁତ୍ ତାର

## ସକ୍ ଖାଇ ବିଲ ମାଲିକଙ୍କ ସମେତ ୨ ମୃତ



ବାଲେଶ୍ୱର,୧୮ା୭ (ସଂଚାର ବ୍ୟୁରୋ): ବୁଲା ଗୋରୁଗାଈଙ୍କ କବଳରୁ ଫସଲକୁ ରକ୍ଷା କରିବା ସକାଶେ ବିଦ୍ୟୁତ୍ ତାର ବିଛାଯାଇଥିଲା। କିନ୍ତୁ ଏହା ସଂସ୍ପର୍ଶରେ ଅଜାଣତରେ ଦୁଇ ଜଣ ଲୋକ ଆସିଯିବା ଫଳରେ ସେମାନଙ୍କର ମୃତ୍ୟୁ ଘଟିଛି। ଏପରି ଏକ ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ସିମୁଳିଆ ଥାନାଞ୍ଚଳରେ। ମୃତକଙ୍କ ମଧ୍ୟରେ ନିଜେ ବିଦ୍ୟୁତ୍ ତାର ବିଛାଯାଇଥିବା ବିଲର ମାଲିକ ମଧ୍ୟ ସାମିଲ୍ ଅଛନ୍ତି। ମିଳିଥିବା ସୂଚନାନୁସାରେ, ସିମୁଳିଆ ଥାନାଞ୍ଚଳର ମହିଶାପଣ୍ଡା ଗ୍ରାମର ବାବୁଲାଲ୍ ଦାସ ତାଙ୍କ ବିଲ ଚାରିପାଖରେ ବିଦ୍ୟୁତ୍ ତାର ବିଛାଇଥିଲେ। ତେବେ ଆଜି ସେ ତାଙ୍କ ବିଲକୁ ଯାଉଥିବା ସମୟରେ ଅସାବଧାନତାବଶତଃ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲେ। ଫଳରେ ସେ ବିଦ୍ୟୁତ୍ ସକ୍ ଖାଇ ସେଠାରେ ପଡ଼ିଯାଇଥିଲେ। ଏହି ସମୟରେ ପାର୍ବତୀ ମୁଣ୍ଡା ନାମ୍ନୀ ମହିଳା ତାଙ୍କୁ ରକ୍ଷା କରିବା ସକାଶେ ଉଦ୍ୟମ କରିବା ସମୟରେ ସେ ମଧ୍ୟ ସକ୍ ଖାଇଥିଲେ। ଫଳରେ ଉଭୟଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଥିବା ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି। ଏ ସଂକ୍ରାନ୍ତରେ ଖବର ପାଇ ବିଦ୍ୟୁତ୍ ବିଭାଗର କର୍ମଚାରୀ, ଅଗ୍ନିଶମ ବାହିନୀ କର୍ମଚାରୀ ଓ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୁଲିସ୍ ଉଭୟ ମୃତଦେହକୁ ବ୍ୟବଚ୍ଛେଦ ସକାଶେ ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଛି। ତେବେ ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ବରିଷ୍ଠ ନାଗରିକ ମଞ୍ଚ ଓ କେୟାର ହସ୍ପିଟାଲର ସ୍ୱାସ୍ଥ୍ୟ ଶିବିର



ଭୁବନେଶ୍ୱର,୧୮ା୭(ସଂଚାର ବ୍ୟୁରୋ): କଳିଙ୍ଗ ନଗର-୮ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ କେୟାର ହସ୍ପିଟାଲ ସହଯୋଗରେ ସ୍ଥାନୀୟ କମ୍ୟୁନିଟି ହଲ (କେ-୮)ଠାରେ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ କେୟାର ହସ୍ପିଟାଲର ଡା. ବିଶ୍ୱଦେବ ମହାପାତ୍ର (କାର୍ଡିଓଲୋଜି), ଡା. ରେଶମା ଅଗ୍ରୱାଲ (ମେଡିସିନ), ଡା. ମିତାଲି କର (ନ୍ୟୁରୋଲୋଜି) ଓ ଡା. ଜ୍ୟୋତି ମୋହନ ଦାଶ (ୟୁରୋଲୋଜି) ଯୋଗଦେଇ ଲୋକମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ବିଭିନ୍ନ ପରାମର୍ଶ ଦେଇଥିଲେ। ଶିବିରରେ ଶତାଧିକ ବ୍ୟକ୍ତି ଯୋଗଦେଇ ରକ୍ତ ଶର୍କରା, ରକ୍ତ ଚାପ, ଇସିଜି, ଚକ୍ଷୁ ଓ ମୂତ୍ର ପ୍ରବାହ ଆଦିର ପରୀକ୍ଷା କରାଇଥିଲେ। ମଞ୍ଚ ସଭାପତି ବୃନ୍ଦାବନ ବସ୍ତିଆ, ସମ୍ପାଦକ ଦାଶରଥି ସାହୁ, ସହସମ୍ପାଦକ ଚନ୍ଦ୍ରକାନ୍ତ ଦାସ ମହାପାତ୍ର, ଗିରିଜା ପ୍ରସାଦ ମହାପାତ୍ର, ବିରଞ୍ଚି ନାରାୟଣ ଧଳ, ଆର୍ତ୍ତତ୍ରାଣ ବସ୍ତିଆ, ପ୍ରହ୍ଲାଦ ପଣ୍ଡା, ପ୍ରମୋଦ ସତପଥୀ, କର୍ଣ୍ଣେଲ ଜଗନ୍ନାଥ ରାଓ, ପିଏସଏନ ପାତ୍ର, ପଦ୍ମନାଭ ମହାପାତ୍ର ଓ କେୟାର ହସ୍ପିଟାଲର ସୋନାଲି ପରିଜା ଶିବିର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମର ସଫଳତା ପାଇଁ କେୟାର ହସ୍ପିଟାଲ, ଆବାସିକ ଉନ୍ନୟନ ପରିଷଦ, ଶ୍ରୀ କୁଶଳେଶ୍ୱର ମନ୍ଦିର କମିଟି ଓ ବରିଷ୍ଠ ନାଗରିକ ମଞ୍ଚର ସମସ୍ତ କର୍ମକର୍ତ୍ତାଙ୍କୁ ସମ୍ପାଦକ ଶ୍ରୀ ସାହୁ ଧନ୍ୟବାଦ ଦେଇଥିଲେ।

## ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ

କଟକ,୧୮ା୭ (ସଂଚାର ବ୍ୟୁରୋ): କଟକ ସଦର ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ ଶନିବାର ପୂର୍ବାହ୍ନରେ ବିଧାୟକ ପ୍ରକାଶଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପ, ଭିତ୍ତିଭୂମି ବିକାଶ, ପାନୀୟ ଜଳ, ରାସ୍ତା, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ ଓ ଅନ୍ୟାନ୍ୟ ଜନକଲ୍ୟାଣମୂଳକ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ବିଭିନ୍ନ ବିଭାଗର ଅଧିକାରୀମାନେ ନିଜ ନିଜ ବିଭାଗର କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ପରମହଂସ ମନ୍ଦିରର ବିକାଶ ଓ ସୌନ୍ଦର୍ଯ୍ୟକରଣ ସହ ଅନ୍ୟାନ୍ୟ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ନେମାଳସ୍ଥିତ ମହାପୁରୁଷ ଅଚ୍ୟୁତାନନ୍ଦ ପୀଠରେ ଚାଲିଥିବା ବିକାଶମୂଳକ କାର୍ଯ୍ୟର ଅଗ୍ରଗତିର ସମୀକ୍ଷା କରାଯାଇଥିଲା। ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଜୀବିକା ବୃଦ୍ଧି, ଆର୍ଥିକ ସଶକ୍ତିକରଣ ଓ ବିଭିନ୍ନ ସରକାରୀ ଯୋଜନାର ଅଗ୍ରଗତି ସମ୍ପର୍କରେ ବ୍ଲକ ପ୍ରକଳ୍ପ ପରିଚାଳକ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଅଧିକରୁ ଅଧିକ ସରକାରୀ ସହାୟତା ଯୋଗାଇଦେବାକୁ ମାନ୍ୟବର ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ହିତାଧିକାରୀ ମାନଙ୍କର ରାସନ୍ କାର୍ଡ ସମ୍ପର୍କିତ ବିଭିନ୍ନ ସମସ୍ୟାକୁ ତ୍ୱରିତ ସମାଧାନ କରିବାକୁ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ବିକାଶ, ମରାମତି କାର୍ଯ୍ୟ, ଶିକ୍ଷକ ପଦବୀ ପୂରଣ ସମ୍ପର୍କରେ ଆଲୋଚନା କରିବା ସହ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀପ୍ରଶାନ୍ତ କୁମାର ନାୟକ, କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଲକ୍ଷେରୁ ଊର୍ଦ୍ଧ୍ୱ ସୂର୍ଯ୍ୟଘର ସଂଯୋଗ

### ବିତରଣ କମ୍ପାନୀର କାର୍ଯ୍ୟ ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ



ଭୁବନେଶ୍ୱର, ୧୮ା୭ (ସଂଚାର ବ୍ୟୁରୋ): ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଶନିବାର ରାଜ୍ୟର ୪ଟି ବିଦ୍ୟୁତ ବିତରଣ କମ୍ପାନୀର କାର୍ଯ୍ୟଦକ୍ଷତାର ସମୀକ୍ଷା କରିଛନ୍ତି। ବୈଠକରେ ଅକ୍ଷୟ ଶକ୍ତିର ବିକାଶ ନିମନ୍ତେ ପଦକ୍ଷେପ, ବିଦ୍ୟୁତ ବିତରଣ ଭିତ୍ତିଭୂମିର ସୁଦୃଢ଼ୀକରଣ ଓ ସ୍ମାର୍ଟ ମିଟରିଂ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା।

ବୈଠକରେ ପିଏମ୍ ସୂର୍ଯ୍ୟଘର ଓ ପିଏମ୍ କୁସୁମ ଯୋଜନାର ଉଲ୍ଲେଖନୀୟ କାର୍ଯ୍ୟକାରିତା ପାଇଁ ବିତରଣ କମ୍ପାନୀମାନଙ୍କୁ ସେମାନଙ୍କ କାର୍ଯ୍ୟଦକ୍ଷତା ପାଇଁ ପ୍ରଶଂସା କରିଥିଲେ। ଏ ପର୍ଯ୍ୟନ୍ତ ସମସ୍ତ ବଣ୍ଟନ କମ୍ପାନୀମାନଙ୍କ ଦ୍ୱାରା ପିଏମ୍ ସୂର୍ଯ୍ୟଘର ଯୋଜନାରେ ୧ଲକ୍ଷ ୫୬ହଜାର ୬୦୬ ସୂର୍ଯ୍ୟଘର ସଂଯୋଗ କରାଯାଇଛି। ଦେଶର ଶୀର୍ଷ ୧୦ଟି ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ ମଧ୍ୟରେ ଓଡ଼ିଶା ନିଜର ସ୍ଥାନ ସୁନିଶ୍ଚିତ କରିଛି। ସେହିଭଳି ସର୍ବାଧିକ ବିଦ୍ୟୁତ ଚାହିଦା (ପିକ୍ ଡିମାଣ୍ଡ) ସମୟରେ ପରିଚାଳନାରେ ଉଲ୍ଲେଖନୀୟ ଉନ୍ନତି ଓ ପ୍ରତିବର୍ଷ ଭରସାଯୋଗ୍ୟ ସୂଚକାଙ୍କରେ ଅଗ୍ରଗତି ହେଉଥିବାରୁ ଡିସ୍କମମାନଙ୍କୁ ପ୍ରଶଂସା କରାଯାଇଥିଲା। ଏଥିସହିତ ରଥଯାତ୍ରା ସମୟରେରେ ରାଜ୍ୟରେ ନିରବଚ୍ଛିନ୍ନ ଓ ସୁରକ୍ଷିତ ବିଦ୍ୟୁତ ଯୋଗାଣ ପାଇଁ ମଧ୍ୟ ଡିସ୍କମମାନଙ୍କୁ ପ୍ରଶଂସା କରିଥିଲେ ମୁଖ୍ୟ ଶାସନ ସଚିବ।

# ପ୍ରବଳ ବର୍ଷାରେ ଗୋପ ଅଞ୍ଚଳର ଅନେକ ଗାଁ ଜଳବନ୍ଦୀ



ଗୋପ,୧୮।୭ (ସଂଚାର ବ୍ୟୁରୋ): ପ୍ରବଳ ବର୍ଷା ଯୋଗୁଁ ଗୋପ ଅଞ୍ଚଳର ସ୍ଥିତି ଏବେ ସମ୍ପୂର୍ଣ୍ଣ ବେହାଲ ହୋଇପଡ଼ିଛି। ଚାରିଆଡ଼େ କେବଳ ପାଣି ଆଉ ପାଣିର ସାମ୍ରାଜ୍ୟ। ଗୋପର ବିଭିନ୍ନ ତଳିଆ ଅଞ୍ଚଳ ଏବେ ସମ୍ପୂର୍ଣ୍ଣ ରୂପେ ଜଳମଗ୍ନ ହୋଇଯାଇଛି। ବିଶେଷ କରି ଗୋପ ବସ୍ତି ଅଞ୍ଚଳରେ ଲୋକଙ୍କ ଘରେ ବର୍ଷା ଜଳ ପଶିଯାଇଥିବାରୁ ସେଠାରେ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି।

ସୂଚନା ଅନୁଯାୟୀ, ଗୋପ ବସ୍ତିର ୪, ୫, ୬ ଏବଂ ୧୫ ନମ୍ବର ୱାର୍ଡର ଶତାଧିକ ବାସିନ୍ଦା ଏବେ ଜଳ ବନ୍ଦୀ ଅବସ୍ଥାରେ ଅଛନ୍ତି। ପରିସ୍ଥିତି ଏଭଳି ହୋଇଛି ଯେ ଲୋକେ ଘରୁ ବାହାରିବା ମଧ୍ୟ ମୁସ୍କିଲ୍ ହୋଇପଡ଼ିଛି। ସବୁଠାରୁ ଦୁଃଖଦ ବିଷୟ ହେଉଛି, ଏତେ ବଡ଼ ବିପତ୍ତି ସତ୍ତ୍ୱେ ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ ସେମାନଙ୍କ ପାଖରେ କେହି ପହଞ୍ଚି ନଥିବା ସ୍ଥାନୀୟ ଲୋକେ ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ଅପରପକ୍ଷରେ, ଗୋପ ଚାରିଛକ ମୁଖ୍ୟ ରାସ୍ତା ଉପରେ ବନ୍ୟା ଭଳି ବର୍ଷା ଜଳ ପ୍ରବାହିତ ହେଉଛି। ସାରା ଗ୍ରାମ ଓ ବସ୍ତି ଅଞ୍ଚଳ ପାଣିରେ ବୁଡ଼ି ରହିଥିବାରୁ ରାସ୍ତାଘାଟ ସମ୍ପୂର୍ଣ୍ଣ ଅଦୃଶ୍ୟ ହୋଇଯାଇଛି। ଫଳରେ ସ୍କୁଲ ଓ କଲେଜ ଯାଉଥିବା ଛାତ୍ରଛାତ୍ରୀମାନେ ଘରୁ ବାହାରି ପାରିନାହାନ୍ତି ଏବଂ ସେମାନଙ୍କ ପାଠପଢ଼ା ବାଧାପ୍ରାପ୍ତ ହୋଇଛି। ରାସ୍ତା ଉପରେ ପ୍ରାୟ ୨ ରୁ ୩ ଫୁଟ୍‌ର ଉଚ୍ଚ ପାଣି ଚାଲୁଥିବାରୁ ଯାତାୟାତ ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇଯାଇଛି।

ଏହା ସହିତ ହଜାର ହଜାର ହେକ୍ଟର ଚାଷ ଜମି ଏବେ ବର୍ଷା ଜଳରେ ବୁଡ଼ି ରହିଛି, ଯାହା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ଘରେ ଆଣ୍ଠୁଏ ଆଣ୍ଠୁଏ ପାଣି। ଛୋଟ ପିଲାଙ୍କୁ ଧରି ଆମେ କୁଆଡ଼େ ଯିବୁ? ପ୍ରଶାସନର କେହି ଜଣେ ହେଲେ ବି ଆମ ଦୁଃଖ ବୁଝିବାକୁ ଆସିନାହାନ୍ତି। ତୁରନ୍ତ ପାଣି ନିଷ୍କାସନ ବ୍ୟବସ୍ଥା କରାଯାଉ ବୋଲି ବସ୍ତି ବାସିନ୍ଦା କହିଛନ୍ତି ବର୍ତ୍ତମାନ ସ୍ଥିତିରେ ପ୍ରଶାସନ ତୁରନ୍ତ ଏହି ଘଟଣାରେ ହସ୍ତକ୍ଷେପ କରି ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ବିପନ୍ନଙ୍କ ପାଖରେ ଶୁଖିଲା ଖାଦ୍ୟ ଓ ଜଳ ନିଷ୍କାସନ ପାଇଁ ପମ୍ପ ବ୍ୟବସ୍ଥା କରିବାକୁ ସ୍ଥାନୀୟ ଲୋକେ ଜୋରଦାର ଦାବି କରିଛନ୍ତି।

## ମଦ ବନ୍ଦ ପାଇଁ ଅଣ୍ଟା ଭିଡ଼ିଲେ ମହିଳା



ସୁନ୍ଦରଗଡ଼,୧୮।୭ (ସଂଚାର ବ୍ୟୁରୋ): ଆଜି ସୁନ୍ଦରଗଡ଼ର ଶିଲ୍ପାଞ୍ଚଳ ଦର୍ଲିପାଲି ପଞ୍ଚାୟତର ମହିଳାମାନେ ନିଜ ପଞ୍ଚାୟତରେ ସମ୍ପୂର୍ଣ୍ଣ ମଦବନ୍ଦ କରିବା ପାଇଁ ଅଣ୍ଟା ଭିଡ଼ିଛନ୍ତି। ଦର୍ଲିପାଲି ସରପଞ୍ଚ ନଳିନୀ କୁମରାଙ୍କ ନେତୃତ୍ୱରେ ଆଜି ଶତାଧିକ ମହିଳା ଭସ୍ମା ଥାନାରେ ପହଂଚି ଥାନା ଅଧିକାରୀ ଅମର କୁମାର ହୋତାଙ୍କୁ ବେଆଇନ ଭାବେ ମଦ ବିକ୍ରି ବନ୍ଦ, ନିୟମିତ ପେଟ୍ରୋଲିଂ, ଚୋରା ମଦ ବେପାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇ ଏକ ଦାବୀ ପତ୍ର ପ୍ରଦାନ କରିଛନ୍ତି।

ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ଘୋଷଯାତ୍ରା

# ଜନ୍ମ ବେଦୀରେ ପହଞ୍ଚିଲେ ଚତୁର୍ଦ୍ଧା ମୂର୍ତ୍ତି

## କାଳିଆ ସାଆନ୍ତଙ୍କ ଦର୍ଶନ ପାଇଁ ଲକ୍ଷରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ



ନୀଳଗିରି,୧୮।୭ (ସଂଚାର ବ୍ୟୁରୋ): ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଘୋଷଯାତ୍ରା ଆଜି ୨ୟ ବା ଶେଷଦିନରେ ପାରମ୍ପରିକ, ରୀତିନୀତି ଅନୁସାରେ ଅପରାହ୍ନରେ ୪ଟା ସମୟରେ ଭଜନ କୀର୍ତ୍ତନ ଓ ଲକ୍ଷରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ହରିବୋଲ, ଜୟ ଜଗନ୍ନାଥ ଧ୍ୱନୀରେ ବଡ଼ଦାଣ୍ଡ ପ୍ରକମ୍ପିତ ହୋଇଥିଲା। ଗତକାଲି ପ୍ରଥମଦିନ ଅବସରରେ ଭକ୍ତମାନେ ଶ୍ରୀମନ୍ଦିର ନିକଟରୁ ରଥଟାଣି ଅଧାରାସ୍ତା ତଥା ବଡଦାଣ୍ଡ ସବପୋଷ୍ଟ ଅଫିସ ସମ୍ମୁଖରେ ପହଞ୍ଚାଇ ଥିଲେ। ନୀଳଗିରିର ଆଦିସେବକ ରାଜା ଜୟନ୍ତ ମର୍ଦ୍ଦରାଜ ହରିଚନ୍ଦନ ରଥଟଣାର ପ୍ରଥମେ ଶୁଭାରମ୍ଭ କରିଥିଲେ। ଆଜି ୨ୟ ଦିନ ଘୋଷଯାତ୍ରା ଅପରାହ୍ନ ୪ଟାରେ ସବପୋଷ୍ଟ ଅଫିସରୁ ରଥ ଟଣା ଆରମ୍ଭ ହୋଇ ମାଉସୀମା ମନ୍ଦିରରେ ପହଞ୍ଚିଛି। ଝିପି ଝିପି ବର୍ଷା ସତ୍ତ୍ୱେ ଭକ୍ତମାନେ ମହାଆନନ୍ଦରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଟାଣି ନେବାର ଦୃଶ୍ୟ ଅତି ମନୋରମ ଥିଲା। ଶ୍ରଦ୍ଧାଳୁଙ୍କ ଭିଡ ନିୟନ୍ତ୍ରଣ ଓ ଶୃଙ୍ଖଳିତ ଦର୍ଶନ ପାଇଁ ବଡ଼ଦାଣ୍ଡ ସମେତ ବିଭିନ୍ନ ସ୍ଥାନରେ ପୁଲିସ ଫୋର୍ସ ନିୟୋଜନ କରାଯାଇଥିଲା।

ଅପରପକ୍ଷରେ ନୀଳଗିରି ଘୋଷ ଯାତ୍ରାରେ ମହାବୀର ସଙ୍ଗଠନ, ନୀଳଗିରି ମହିଳା କଲେଜ ଏନେଏସଏସ ଛାତ୍ରୀ, କେସି ହାଇସ୍କୁଲ ଏନସିସି ଛାତ୍ର, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବିଜେଡ଼ି ଓ ଶିଶିର ମହାପାତ୍ର ସଙ୍ଗଠନ ପକ୍ଷରୁ ଭକ୍ତ ପାଇଁ ଖେଚୁଡ଼ି ପ୍ରଦାନ କରାଯାଇଥିବା ବେଳେ ପ୍ରତିବର୍ଷ ଭଳି ସ୍ୱାମୀ ବିବେକାନନ୍ଦ ସଂଗଠନ ପକ୍ଷରୁ ଭକ୍ତ ମାନଙ୍କୁ ସେବା ଯୋଗାଉ ଥିବା ଦେଖିବାକୁ ମିଳିଛି। ଚଳିତ ବର୍ଷ ଘୋଷ ଯାତ୍ରାର ୩ଦିନରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନାହିଁ।

ତୃତୀୟ ଶ୍ରୀକ୍ଷେତ୍ରରେ ରୀତିନୀତି ପରମ୍ପରା ଅନୁଯାୟୀ ସନ୍ଧ୍ୟା ୬ଟାରେ ସନ୍ଧ୍ୟା ଆଳତୀ, ପରେ ଚତୁର୍ଦ୍ଧା ମୂର୍ତି ଭକ୍ତମାନଙ୍କୁ ଦର୍ଶନ ଦେଲା ପରେ ରାତି ୧୦ଘଟିକାରେ ଗୋଟି ପହଣ୍ଡି କରାଯାଇ ଜନ୍ମ ବେଦୀକୁ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ନିଆଯାଇ ବଡ଼ସିଂହାର ବେଶ ହେବା ନିଆରା ପରମ୍ପରା ତୃତୀୟ ଶ୍ରୀକ୍ଷେତ୍ରରେ ରହିଛି।

# ଫ୍ଲାଏଓଭର ସର୍ଭିସ୍ ରୋଡ୍ ଖୋଳାକୁ ନେଇ ବଢ଼ିଲା ଅସନ୍ତୋଷ

## ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ପାଇଁ ଚାଲିଛି ପ୍ରସ୍ତୁତି



ଯୋଡ଼ା,୧୮।୭ (ସଂଚାର ବ୍ୟୁରୋ): ପ୍ରାୟ ୨୧୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଯୋଡ଼ା ଫ୍ଲାଏଓଭରର ସର୍ଭିସ୍ ରୋଡ୍‌କୁ ପାଇପ୍ ବିଛାଇବା ନାମରେ ଖୋଳାଯାଇଥିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ନୂତନ ଭାବେ ନିର୍ମିତ ରାସ୍ତାକୁ ଭାଙ୍ଗି ଖୋଳାଯିବା ଫଳରେ ସାଧାରଣ ଲୋକଙ୍କ ଯାତାୟାତ ବାଧାପ୍ରାପ୍ତ ହେଉଥିବା ବେଳେ ସ୍କୁଲ, କଲେଜ, ଟ୍ୟୁସନ ଓ ହସ୍ପିଟାଲକୁ ଯାଉଥିବା ଛାତ୍ରଛାତ୍ରୀ ଓ ରୋଗୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, କାମ ଆରମ୍ଭ ପୂର୍ବରୁ ଆବଶ୍ୟକ ଅନୁମତି ନିଆଯାଇଥିଲା କି ନାହିଁ, କେଉଁ ସଂସ୍ଥାକୁ କାର୍ଯ୍ୟାଦେଶ ଦିଆଯାଇଥିଲା ଏବଂ ଯାତାୟାତ ବ୍ୟବସ୍ଥାକୁ ସ୍ୱାଭାବିକ ରଖିବା ପାଇଁ କେଉଁ ପଦକ୍ଷେପ ନିଆଯାଇଥିଲା, ସେନେଇ କୌଣସି ସ୍ପଷ୍ଟତା ନାହିଁ। ଫଳରେ ଲୋକମାନଙ୍କ ମଧ୍ୟରେ ସନ୍ଦେହ ଓ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଅଞ୍ଚଳବାସୀଙ୍କ କହିବା କଥା, ଯେଉଁ ରାସ୍ତା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା, ସେହି ରାସ୍ତାକୁ ଉଦ୍‌ଘାଟନର କିଛି ସମୟ ପରେ ଖୋଳିବା ସରକାରୀ ଯୋଜନା ଓ ବିଭାଗୀୟ ସମନ୍ୱୟ ଉପରେ ପ୍ରଶ୍ନଚିହ୍ନ ସୃଷ୍ଟି କରିଛି।

ସ୍ଥାନୀୟ ଲୋକଙ୍କ ମତରେ, କେତେକ ନ୍ୟସ୍ତ ସ୍ୱାର୍ଥଗୋଷ୍ଠୀଙ୍କ ସୁବିଧା ପାଇଁ ଜନସ୍ୱାର୍ଥକୁ ଅଣଦେଖା କରାଯାଇଥିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଘଟଣା ସମ୍ପର୍କରେ ସମ୍ପୃକ୍ତ ବିଭାଗ ଅବଗତ ଥିବା ସତ୍ତ୍ୱେ ଏପର୍ଯ୍ୟନ୍ତ କୌଣସି ଦୃଶ୍ୟମାନ ପଦକ୍ଷେପ ନ ନିଆଯିବାକୁ ନେଇ ଜନଅସନ୍ତୋଷ ଆହୁରି ବଢ଼ିଛି।

ଏହି ପ୍ରସଙ୍ଗରେ ଯୋଡ଼ାର କେତେକ ସଚେତନ ନାଗରିକ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ ଦାଖଲ କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ, ଘଟଣାର ନିରପେକ୍ଷ ତଦନ୍ତ, ଦାୟୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଏବଂ ଲୋକଧନର ଅପବ୍ୟୟ ରୋକିବା ଦାବିରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଜନସ୍ୱାର୍ଥ ମାମଲା ଦାଖଲ ପାଇଁ ପ୍ରସ୍ତୁତି ଚାଲିଥିବା ଚର୍ଚ୍ଚା ହେଉଛି।

ଅଞ୍ଚଳବାସୀଙ୍କ ଦାବି ହେଉଛି, କ୍ଷତିଗ୍ରସ୍ତ ସର୍ଭିସ୍ ରୋଡ୍‌ର ତୁରନ୍ତ ମରାମତି କରାଯାଉ, ସମଗ୍ର ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ହେଉ ଏବଂ ଯଦି କୌଣସି ଅନିୟମିତତା ପ୍ରମାଣିତ ହୁଏ ତେବେ ଦାୟୀ ବ୍ୟକ୍ତି ଓ ସଂସ୍ଥାଙ୍କ ବିରୋଧରେ କଠୋର ଆଇନଗତ ପଦକ୍ଷେପ ଗ୍ରହଣ କରାଯାଉ।

# ପୁଲିସ ଅଧିକାରୀଙ୍କୁ ଜଗନ୍ନାଥ କମିଟି ପକ୍ଷରୁ ସମ୍ବର୍ଦ୍ଧନା



ଯାଜପୁର ରୋଡ଼,୧୮।୭(ସଂଚାର ବ୍ୟୁରୋ): ବ୍ୟାସନଗର ପୌର ସହରର ବ୍ୟାସ ସରୋବରରେ ଥିବା ମହାପ୍ରଭୁ ଜଗନ୍ନାଥଙ୍କ ମନ୍ଦିରର ତିନି ଠାକୁରଙ୍କର ଘୋଷଯାତ୍ରା ପାଇଁ ଏକ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିଲା। ଯାଜପୁର ରୋଡ଼ ଥାନା ଅଧିକାରୀ ଆଶିଷ କୁମାର ସାହୁ'ଙ୍କ ନେତୃତ୍ୱରେ ଶାନ୍ତି ଶୃଙ୍ଖଳାରେ ଠାକୁରଙ୍କ ରଥ ମାଉସୀ ମା ମନ୍ଦିରରେ ପହଞ୍ଚିଥିଲା। ବ୍ୟାସ-ସରୋବରର ଶୃଙ୍ଖଳିତ ରଥଯାତ୍ରା କାର୍ଯ୍ୟ ପାଇଁ କମିଟି କର୍ମକର୍ତ୍ତା ରାକେଶ ରାଉତ, ନରେଶ ମସ୍କରା, ସମ୍ବାଦ ପ୍ରତିନିଧି ବିଜୟ କୁମାର ସାହୁ, ଅଶୋକ ରାଉତ, ନିରଞ୍ଜନ ଘଡାଇ, ଅମୂଲ୍ୟ ରାଉତ, ଥାନା ଅଧିକାରୀ ଆଶିଷ କୁମାର ସାହୁ, ସବ୍‌ଇନ୍ସପେକ୍ଟର କାର୍ତ୍ତିକ ଚନ୍ଦ୍ର ସାହୁ, ଏଏସ ଆଇ ହରେକୃଷ୍ଣ ସ୍ୱାଇଁ, ଜଗନ୍ନାଥ ଆଚାର୍ଯ୍ୟଙ୍କ ସମେତ ସମସ୍ତ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବଢୁଛି ମନ୍ଦିରରୁ ଲୁଟ୍ ଘଟଣା, ଧରାପଡୁନାହାନ୍ତି ଚୋର

## ଖାକିର ନୂଆ ମନ୍ତ୍ର 'ତଦନ୍ତ ଚାଲିଛି' / କିନ୍ତୁ ଚୋର ଧରିବାରେ ବିଫଳ



କାକଟପୁର/ଅସ୍ତରଙ୍ଗ,୧୮।୭ (ସଂଚାର ବ୍ୟୁରୋ): ଦେଶରେ ବିକାଶ ହେଉଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଂଚଳରେ ବି ବିକାଶ ହେଉଛି - ମନ୍ଦିର ଚୋରିର ବିକାଶ। ଶୁକ୍ରବାର ରାତିରେ ପୁଣି ଥରେ ପ୍ରମାଣ ହୋଇଗଲା ଯେ ଏ ଅଞ୍ଚଳରେ ଠାକୁର ବି ନିରାପଦ ନୁହଁନ୍ତି, କେବଳ ଚୋର ନିରାପଦ।

ଶୁକ୍ରବାର ବିଳମ୍ବିତ ରାତିରେ କେନ୍ଦ୍ରାପଟି ପଞ୍ଚାୟତ ମଠସାହି ଗ୍ରାମର ଶ୍ରୀ ଚୈତନ୍ୟ ମହାପ୍ରଭୁ ପତିତ ପାବନ ମନ୍ଦିରରୁ ଫାଟକ ତାଲା ଭାଙ୍ଗି ପିତଳ ଢାଳ, ୪ ଘଣ୍ଟି, ବଡ ଥାଳି, ପିତଳ ବାଲ୍ଟି ସହ ଠାକୁରଙ୍କ ଆସବାବ ପତ୍ର ସଫା। ଶନିବାର ଗ୍ରାମବାସୀ ଓ ପ୍ରମୋଦ କୁମାର ଦାଶ କାକଟପୁର ଥାନାରେ ଅଭିଯୋଗ ଦେଇଛନ୍ତି। ପୁଲିସ ଉତ୍ତର "ହଁ ମାମଲା ରୁଜୁ ହେଲା। ତଦନ୍ତ ଚାଲିଛି।" ସେହି ତଦନ୍ତ ଆଜି ବି ଚାଲିଛି, କେବେ ଶେଷ ହେବ ଠିକ ନାହିଁ।

ଗତ ଏକ ବର୍ଷରେ ଅସ୍ତରଙ୍ଗ ଥାନା ଅଞ୍ଚଳରୁ ଡଜନେ ମନ୍ଦିର ଲୁଟ ହୋଇସାରିଲାଣି। କିଛି ଦିନ ତଳେ ଭେଡାବନ୍ଧ ମା ଅମ୍ବିକା ମନ୍ଦିରରୁ ମଥା ମୁକୁଟରୁ ବାଲ୍ଟି ପର୍ଯ୍ୟନ୍ତ ସବୁ ଉଠିଗଲା। ପୂଜକ ସୁରେନ୍ଦ୍ର ମିଶ୍ର ଅଭିଯୋଗ ଦେଲେ। କାକଟପୁର ଥାନା ଅଞ୍ଚଳରେ ମଧ୍ୟ ସେହି କାହାଣୀ।

ପ୍ରତି ଚୋରି ପରେ ଥାନାରେ ଗୋଟେ ନୂଆ ଡାଏରୀ ବଢୁଛି। ଆଉ ଗାଁରେ ଗୋଟେ ନୂଆ ମନ୍ଦିର ଖାଲି ହେଉଛି। ଡାଏରୀ ଲେଖିବାରେ ହିଁ ପୁଲିସର ଦିନ ସରିଯାଉଛି। ଏକ ବର୍ଷରେ ଅସ୍ତରଙ୍ଗ ଥାନାରୁ ଥାନାଧିକାରୀ ବଦଳିଲେ। ଲୋକେ ଭାବିଲେ ଏବେ ହୁଏତ କିଛି ହେବ। କିନ୍ତୁ ତାଙ୍କ ଅମଳରେ ମଧ୍ୟ ସ୍କୋର - ଚୋରି ବଢ଼ିଲା , ଗିରଫ ଜିରୋ । ତାଙ୍କର ମଧ୍ୟ ଗୋଟିଏ ହିଁ ଡାଇଲଗ - "ମାମଲା ରୁଜୁ ହୋଇଛି, ତଦନ୍ତ ଚାଲିଛି"। ଲାଗୁଛି ଏହା ହିଁ ନୂଆ ଟ୍ରେନିଂ ମାନୁଆଲ।

କାକଟପୁର ଓ ଅସ୍ତରଙ୍ଗ ଥାନାର ପୁଲିସ ଏତେ ବ୍ୟସ୍ତ ଯେ ଚୋର ଧରିବାକୁ ସମୟ ନାହିଁ। ଗୁଇନ୍ଦା ଗିରି ଛାଡନ୍ତୁ, ପାଟ୍ରୋଲିଂ ବି ହେଉନି। ଲୁଟେରାଙ୍କ ପାଇଁ ଏହା ସ୍ୱର୍ଗ। କାରଣ ସେମାନେ ଜାଣିଛନ୍ତି - ଚୋରି କର, ମାମଲା ହେବ, ତାପରେ ଫାଇଲ ବନ୍ଦ। ହୁଣ୍ଡୀ ଭାଙ୍ଗୁଛି, ତାଲା ଭାଙ୍ଗୁଛି, ଆଉ ଖାକୀ ନିଦରେ ଘୁଙ୍ଗୁଡ଼ି ମାରୁଛି । ଠାକୁରଙ୍କ ସାମଗ୍ରୀ ବି ବଜାରରେ ବିକ୍ରି ହୋଇଯାଉଛି, କିନ୍ତୁ ପୋଲିସ କହୁଛି "ତଦନ୍ତ ଚାଲିଛି"।

# ପାଠ୍ୟପୁସ୍ତକ ତ୍ରୁଟି ପ୍ରତିବାଦରେ ବିଜେଡିର ବିକ୍ଷୋଭ




କୋରାପୁଟ,୧୮।୭ (ସଂଚାର ବ୍ୟୁରୋ): ପାଠ୍ୟପୁସ୍ତକରେ ଦେଖାଦେଇଥିବା ବ୍ୟାପକ ତ୍ରୁଟିକୁ ନେଇ କୋରାପୁଟରେ ରାଜନୈତିକ ଉଷ୍ମତା ବଢ଼ିଛି। ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ବିଶାଳ ପ୍ରତିବାଦ ଓ ବିକ୍ଷୋଭ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲ୍ଲା ଯୁବ ବିଜେଡି ସଭାପତି ଲଲାଟ ରଞ୍ଜନ ସେଠୀ ଓ ଜିଲ୍ଲା ଛାତ୍ର ବିଜେଡି ସଭାପତି ଫିରୋଜ ପଡାଲଙ୍କ ନେତୃତ୍ୱରେ ଆୟୋଜିତ ଏହି ଆନ୍ଦୋଳନରେ ରାଜ୍ୟ ଛାତ୍ର ବିଜେଡି ସଭାପତି ଇପ୍ସିତା ସାହୁ ଯୋଗଦେଇ ସରକାରଙ୍କ ଶିକ୍ଷା ନୀତିକୁ କଡ଼ା ସମାଲୋଚନା କରିଥିଲେ।

ସେ କହିଥିଲେ ଯେ,ପାଠ୍ୟପୁସ୍ତକରେ ଥିବା ତ୍ରୁଟି ଲକ୍ଷାଧିକ ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ଭବିଷ୍ୟତକୁ ପ୍ରଭାବିତ କରିଛି। ତେଣୁ ଏହି ଘଟଣାର ନିଷ୍ପକ୍ଷ ସିବିଆଇ ତଦନ୍ତ କରାଯିବା ସହ ଦାୟୀଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ସେ ଦାବି କରିଥିଲେ। ବିକ୍ଷୋଭକାରୀମାନେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ନୈତିକ ଦାୟିତ୍ୱ ସ୍ୱୀକାର କରି ଇସ୍ତଫା ଦେବାକୁ ଦାବି କରିଥିଲେ। ଏହା ସହ ପୁରୁଣା ସିଲାବସ ଅନୁଯାୟୀ ସଠିକ୍ ଓ ତ୍ରୁଟିମୁକ୍ତ ପାଠ୍ୟପୁସ୍ତକ ଯୋଗାଇଦେବା ପାଇଁ ସରକାରଙ୍କୁ ଆହ୍ୱାନ କରାଯାଇଥିଲା।

ପୂର୍ବତନ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ରବି ନାରାୟଣ ନନ୍ଦ ମଧ୍ୟ ଏହି ପ୍ରସଙ୍ଗରେ ସରକାରଙ୍କୁ ଘେରିଥିଲେ। ସେହିପରି ପୂର୍ବତନ ବିଧାୟକ ରଘୁରାମ ପଡାଲ ରାଜ୍ୟରେ ମୁଦ୍ରଣ ସୁବିଧା ଥିବା ସତ୍ତ୍ୱେ ବାହାର ରାଜ୍ୟରେ ପାଠ୍ୟପୁସ୍ତକ ଛପାଯାଇଥିବାକୁ ନେଇ ପ୍ରଶ୍ନ ଉଠାଇଥିଲେ। ପ୍ରତିବାଦ ସମୟରେ ବିକ୍ଷୋଭକାରୀମାନେ ମୁଖ୍ୟମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରି ଅସନ୍ତୋଷ ପ୍ରକାଶ କରିଥିଲେ। ପରେ ଜିଲ୍ଲାପାଳଙ୍କ ଜରିଆରେ ଗଣଶିକ୍ଷା ମନ୍ତ୍ରୀଙ୍କ ନାମରେ ଏକ ନୈତିକତା ପତ୍ର ପ୍ରଦାନ କରାଯାଇଥିଲା। ତେବେ ଆଗାମୀ ଦିନରେ ରାଜ୍ୟବ୍ୟାପୀ ଆନ୍ଦୋଳନ ସହ ବିଧାନସଭା ଘେରାଉ କରାଯିବ।

# ବିଦ୍ୟାଳୟରେ ନୂତନ ଶିକ୍ଷା ପରିଚାଳନା କମିଟି ଗଠିତ

ଧାମନଗର,୧୮।୭(ସଂଚାର ବ୍ୟୁରୋ): ରାଜ୍ୟ ଶିକ୍ଷା ବିଭାଗ ନିର୍ଦ୍ଦେଶ କ୍ରମେ ପ୍ରତିଟି ବିଦ୍ୟାଳୟରେ ବିଦ୍ୟାଳୟ ପରିଚାଳନା କମିଟି ଗଠନ କରି ସମସ୍ତ କ୍ଷେତ୍ରରେ କମିଟିକୁ ଆନ୍ତର୍ଭୁକ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଶନିବାର ଧାମନଗର ବ୍ଲକ ଅନ୍ତର୍ଗତ ବୟାଙ୍ଗଡିହି ପଞ୍ଚାୟତ ଅଧିନ ବହୁ ପୁରାତନ ଶିକ୍ଷାନୁଷ୍ଠାନ ଉତ୍କଳମଣି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟତ୍ରୀ ତିଲୋତମା ସାମଲଙ୍କ ସଭାପତିତ୍ୱରେ ନୂତନ ପରିଚାଳନା କମିଟି ଗଠନ ନିମନ୍ତେ ନିର୍ବାଚିତ ୧୫ ଜଣ ସଭ୍ୟ ଓ ସଭ୍ୟାଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବିଦ୍ୟାଳୟର ଶିକ୍ଷା ପରିଚାଳନା କମିଟିର ସଭାପତି ଭାବେ ମିର ସାହିଦ କାଦରୀ ଉପସଭାପତି ଭାବେ ରେସମା ବିବି ନିର୍ବାଚିତ ହୋଇଛନ୍ତି। କମିଟିର ନୂତନ ସଭାପତି ଓ ଉପସଭାପତିଙ୍କୁ ପ୍ରଧାନ ଶିକ୍ଷୟତ୍ରୀ ତିଲୋତମା ସାମଲ,ସହକାରୀ ଶିକ୍ଷକ ଶିବ ଚରଣ ସିଂ,ବିଳାସିନୀ ମହାପାତ୍ର,ମଞ୍ଜୁଲତା ମଲିକ ଓ ନୂତନ କମିଟିର ସମସ୍ତ ସଭ୍ୟ,ସଭ୍ୟା ଉପସ୍ଥିତି ରହି ନବନିର୍ବାଚିତ ସଭାପତି ଓ ଉପସଭାପତିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ତାଙ୍କ ସଫଳ କାମନା କରିଛନ୍ତି।

ସେହିପରି ଉକ୍ତ ପଞ୍ଚାୟତ ଅଧିନସ୍ଥ ମଧୁସୂଦନ ଉଚ୍ଚ ବିଦ୍ୟାଳୟର ପରିସରରେ ନୂତନ ଶିକ୍ଷା ପରିଚାଳନା କମିଟି ମଧ୍ୟ ଗଠିତ ହୋଇଯାଇଛି। ସମାଜସେବୀ ସୁବ୍ରତ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ନିର୍ବାଚିତ ୧୮ଜଣ ସଭ୍ୟ,ସଭ୍ୟାଙ୍କ ଉପସ୍ଥିତିରେ ନୂତନ ସଭାପତି ଭାବେ ସେକ ରିୟାସିନ୍ ମନୋନୀତ ହୋଇଥିବା ବେଳେ ଉପସଭାପତି ଭାବେ ସୁପ୍ରଭା ମହାପାତ୍ର ନିର୍ବ୍ୱାଚିତ ହୋଇଛନ୍ତି। ଓ୍ୱିଦ୍ୟାଳୟର ପ୍ରଧାନ ଶିକ୍ଷକ କରୁଣାକର ସାହୁ ସହକାରୀ ଶିକ୍ଷୟତ୍ରୀ ସୋନୀପ୍ରିୟଦର୍ଶିନୀ ଏକା,ପଲ୍ଲୀପୁଷ୍ପା ସିଂ ଓ ନୂତନ କମିଟିର ସମସ୍ତ ସଭ୍ୟ,ସଭ୍ୟା ଉପସ୍ଥିତ ରହି ନବ ନିର୍ବାଚିତ ସଭାପତି,ଉପସଭାପତିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ତାଙ୍କ ସଫଳତା କାମନା କରିଛନ୍ତି।




# ମରଣଯନ୍ତା ପାଲଟିଛି ରେମଣ୍ଡା ଛକରୁ ମଙ୍ଗସପୁର ମୁଖ୍ୟରାସ୍ତା



## ବାରମ୍ବାର ଗୁହାରୀ ପରେ ବି ପ୍ରଶାସନ ଉଦାସୀନ

ସୁନ୍ଦରଗଡ଼,୧୮।୭(ସଂଚାର ବ୍ୟୁରୋ): ରେମଣ୍ଡା ଛକ ଠାରୁ ମଙ୍ଗସପୁର ପର୍ଯ୍ୟନ୍ତ ଯାଇଥିବା ମୁଖ୍ୟ ରାସ୍ତାଟି ଦୀର୍ଘ ଦିନ ହେବ ଅତ୍ୟନ୍ତ ବିପର୍ଯ୍ୟସ୍ତ ଅବସ୍ଥାରେ ପଡ଼ିରହିଛି। ରାସ୍ତାର ଶୋଚନୀୟ ଅବସ୍ଥା ଯୋଗୁଁ ସ୍ଥାନୀୟ ଅଞ୍ଚଳବାସୀ ଓ ପ୍ରତିଦିନ ଯାତାୟାତ କରୁଥିବା ପଥଚାରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସାମାନ୍ୟ ବର୍ଷା ହେଲେ ସମ୍ପୂର୍ଣ୍ଣ ରାସ୍ତାଟି କାଦୁଅ ଓ 'ଦଳଦଳି'ରେ ପରିଣତ ହୋଇଯାଉଛି। ରାସ୍ତାରେ ସୃଷ୍ଟି ହୋଇଥିବା ବଡ଼ ବଡ଼ ଗାତ ଯୋଗୁଁ ଦୁଇଚକିଆ ଓ ଚାରିଚକିଆ ଯାନ ଚଳାଚଳ କରିବା ବିପଦଜନକ ହୋଇପଡ଼ିଛି। ଏହି ରାସ୍ତା ଉପରେ ନିର୍ଭର କରୁଥିବା ସ୍କୁଲ, କଲେଜର ଛାତ୍ରଛାତ୍ରୀ, ଚାଷୀ ଏବଂ ରୋଗୀମାନେ ପ୍ରତିଦିନ ନାନା ହଇରାଣ ହେଉଛନ୍ତି। ଏପରିକି ଜରୁରୀକାଳୀନ ସେବା ପାଇଁ ଆମ୍ବୁଲାନ୍ସଟିଏ ମଧ୍ୟ ଗାଁକୁ ଆସିବାକୁ ଅମଙ୍ଗ ହେଉଛି, ଯାହାଫଳରେ ଅଞ୍ଚଳରେ ଛୋଟବଡ଼ ଦୁର୍ଘଟଣା ନିତିଦିନିଆ ଘଟଣା ପାଲଟିଛି।

ଦୁର୍ଭାଗ୍ୟର ବିଷୟ, ବାରମ୍ବାର ଅନୁରୋଧ ପରେ ବି ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ସଚେତନ ଯୁବକ ଶୁଭମ୍ ମହାପାତ୍ର ବାରମ୍ବାର ବାରମ୍ବାର ଅଭିଯୋଗ କଲା ପରେ ମଧ୍ୟ ପ୍ରଶାସନ ଦିବା ସ୍ୱପ୍ନରେ ବ୍ୟସ୍ତ ।

ପ୍ରଶାସନର ଏଭଳି ଚରମ ଉଦାସୀନତା ଓ ଅବହେଳା ବିରୋଧରେ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏହି ରାସ୍ତାର ସ୍ଥାୟୀ ମରାମତି କରାନଗଲେ, ଆଗାମୀ ଦିନରେ ଅଞ୍ଚଳବାସୀ ରାଜପଥ ଅବରୋଧ ଓ ଗଣଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି।

## ରଥଯାତ୍ରାରେ ଦହି ସରବତ ଓ ଥଣ୍ଡା ପାନୀୟ ବଣ୍ଟନ



ନୀଳଗିରି,୧୮।୭(ସଂଚାର ବ୍ୟୁରୋ): ପବିତ୍ର ରଥଯାତ୍ରା ଅବସର ରେ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ଚଳଚଞ୍ଚଳ ହୋଇ ଉଠିଛି। ମହାପ୍ରଭୁଙ୍କୁ ଦର୍ଶନ ପାଇଁ ହଜାର ହଜାର ସଂଖ୍ୟାରେ ଭକ୍ତମାନଙ୍କ ସମାଗମ ହୋଇଥିଲା। ଏହି ଅବସରରେ ଉତ୍ତର ଓଡ଼ିଶା କଲ୍ୟାଣ ସମାଜ ଗୋଷ୍ଠୀ ମାନଙ୍କ ପକ୍ଷରୁ ୧୦ ହଜାର ଲୋକଙ୍କ ପାଇଁ ଦହି ସରବତ ଏବଂ ଥଣ୍ଡା ପାଣିର ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯୁବ ଗୋଷ୍ଠୀର ମୁଖ୍ୟ ଓମ୍ ପ୍ରକାଶ ଜେନା, ଶ୍ରୁତିସୁନ୍ଦରପ୍ରଧାନ, ଜଗେସ୍ୱର ବେହେରା, ଜସ୍ମିନ୍ ଦାସଙ୍କ ସମେତ ସମସ୍ତ ସଦସ୍ୟମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ମୌଳିକ ସୁବିଧାରୁ ବଞ୍ଚିତ ଗୁଡାଦଣି ସମେତ ୪ ଗାଁର ବାସିନ୍ଦା

## ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ଗାଁକୁ ନାହିଁ ପିଇବା ପାଣିର ସୁବିଧା

## ରାସ୍ତା ନଥିବାରୁ ଦୋଳାରେ ବୁହା ହୁଅନ୍ତି ରୋଗୀ ଓ ଗର୍ଭବତୀ

## ବର୍ଷା ଦିନେ ଯୋଗାଯୋଗ ବିଚ୍ଛିନ୍ନ





ଫୁଲବାଣୀ,୧୮।୭ (ସଂଚାର ବ୍ୟୁରୋ): ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ବି ଅବହେଳିତ ଫିରିଙ୍ଗିଆ ବ୍ଲକର ଅନେକ ଉପାନ୍ତ ଅଞ୍ଚଳବାସୀ ଏବେ ବିଭିନ୍ନ ସମସ୍ୟାରେ ପେଷି ହେଉଥିବା ବେଳେ ସରକାରଙ୍କ ବିଭିନ୍ନ ଯୋଜନା ଏମାନଙ୍କ ପାଇଁ ସ୍ୱପ୍ନ ପାଲଟିଛି । କେଉଁଠି ରାସ୍ତା ଘାଟ ନାହିଁତ କେଉଁଠି ପିଇବା ପାଣି ପାଇଁ ଲୋକେ ଡହଳ ବିକଳ ହେଉଛନ୍ତି। ଏଭଳି ଏକ ବିକଳ ଚିତ୍ର ଦେଖିବାକୁ ମିଳିଛି ଫିରିଙ୍ଗିଆ ବ୍ଲକ ମୁଖ୍ୟାଳୟ ଠାରୁ ମାତ୍ର ୧୫ କିଲୋମିଟର ଦୁର ଓ ନୂଆପଦର ପଞ୍ଚାୟତର କାଳିପାଙ୍ଗା ଗାଁ ଛକରୁ ମାତ୍ର ୪ରୁ ୫ କିଲୋମିଟର ଦୂର ଗୁଡାଦଣି, ଲଇଯୋଡି, ଦାମା ଯୋଡି, ବେଡା କେତା, ଲାଡୁ ମାହା ଭଳି ୫ରୁ ଉର୍ଦ୍ଧ୍ୱ ଗାଁରେ।

ଲୋକମାନେ ଆଜି ପର୍ଯ୍ୟନ୍ତ ଅବହେଳିତ ହୋଇ ରହିଛନ୍ତି। ଗାଁକୁ କେବଳ ବିଦ୍ୟୁତ ସଂଯୋଗ ହୋଇଛି ଯାହାକି ବିଦ୍ୟୁତ କଟିଲେ ଦୀର୍ଘ ଦିନ ଧରି ଅଞ୍ଚଳବାସୀ ଅନ୍ଧାରରେ ଜୀବନ କାଟନ୍ତି । ବର୍ଷା ଦିନେ ଆସିଲେ ଛୋଟ ଛୋଟ ନଦୀ ପାର କରିବା ଅସମ୍ଭବ ହୋଇ ପଡୁଛି। ନଦୀ ଉପରେ ପୋଲଟିଏ ପାଇଁ ଗ୍ରାମବାସୀ ବହୁ ବର୍ଷ ହେଲା ଗୁହାରି ଜଣାଇଥିଲେ ବି ଆଜି ପର୍ଯ୍ୟନ୍ତ ସଫଳ ମିଳିପାରିନାହିଁ। ଏହି ଗାଁକୁ ରାସ୍ତାଟିଏ ବି ହୋଇ ପାରି ନାହିଁ, ଯାହାଦ୍ୱାରା ଅଞ୍ଚଳବାସୀ ଯାତାୟତ ସମସ୍ୟା ଭୋଗୁଥିବା ବେଳେ ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାକୁ ହେଲେ ୭ ରୁ ୮ କିଲୋମିଟର ଯିବାକୁ ଅଞ୍ଚଳବାସୀ ନାହିଁ ନଥିବା ଅସୁବିଧା ଭୋଗୁଥିବା କହିଛନ୍ତି । ରୋଗୀ କିମ୍ବା ଗର୍ଭବତୀ ମହିଳାଙ୍କୁ ବର୍ଷା ଦିନେ ଖଟିଆ କିମ୍ବା ଦୋଳାରେ ବୋହି କିଲୋମିଟର କିଲୋମିଟର ଦୂର ଆଣିବା ଏମାନଙ୍କ ପାଇଁ ସାଧାରଣ ହୋଇଯାଇଛି । ଆଜି ପର୍ଯ୍ୟନ୍ତ ଏହି ଗାଁ ଲୋକେ ଆମ୍ବୁଲାନ୍ସ ଗାଡି ଯିବାର ଦେଖି ନାହାନ୍ତି ।

ଗାଁରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ଥିଲା କିନ୍ତୁ ଗତ କିଛି ବର୍ଷ ପୂର୍ବରୁ ତାହା ଉଠି ଯିବାରୁ ପିଲାଙ୍କ ପାଠ ପଢ଼ାରେ ମଧ୍ୟ ଡୋରି ବାନ୍ଧିଥିବା ବେଳେ ଅଧିକାଂଶ ପିଲା ପାଠ ନପଢି ଘରେ ରହିଥିବା କହିଛନ୍ତି ଗ୍ରାମବାସୀ। ଅଙ୍ଗନବାଡି କେନ୍ଦ୍ର ନଥିବାରୁ ଛୋଟ ଛୋଟ ପିଲାମାନେ କାଳିପାଙ୍ଗା ଯାଇ ପଢିବା ଅସମ୍ଭବ ହୋଇଥିବା ବେଳେ ଯିବାକୁ ହେଲେ ପାଖା ପାଖି ଜଙ୍ଗଲ ରାସ୍ତା ଦେଇ ୪ କିଲୋମିଟର ଯିବାକୁ ପଡୁଥିବାରୁ କେହି ପିଲାମାନଙ୍କୁ ଛାଡୁ ନାହାନ୍ତି । ଉପାନ୍ତ ଅଞ୍ଚଳ ଏବଂ ଜଙ୍ଗଲ ଏରିଆ ହୋଇଥିବାରୁ ପିଲାଙ୍କ ପାଠ ପଢା ସମସ୍ୟା ପାଲଟିଛି ।

ଗାଁକୁ ପାନୀୟ ଜଳ ସୁବିଧା ଓ ରାସ୍ତା ଖଣ୍ଡିଏ ବ୍ୟବସ୍ଥା କରିବା ପାଇଁ ଅଞ୍ଚଳବାସୀ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏମିତିକି ନିର୍ବାଚିତ ପ୍ରତିନିଧିଙ୍କୁ ବାରମ୍ବାର ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ । ଏହି ଘଟଣାକୁ ନେଇଁ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି । ତୁରନ୍ତ କାଳୀ ପଙ୍ଗା ଠାରୁ ବେଡା କେତା ପର୍ଯ୍ୟନ୍ତ ପ୍ରାୟ ୮ କିଲୋମିଟର ଦୁର ରାସ୍ତା ନିର୍ମାଣ କରିବା ସହ ପିଇବା ପାଣିର ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

ଟ୍ରକ ଧକ୍କାରେ ଯୁବକଙ୍କ ମୃତ୍ୟୁ ଘଟଣା

# ରେଡ଼କ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା ପ୍ରଦାନ, ୫ ଘଣ୍ଟା ପରେ ହଟିଲା ରାସ୍ତାରୋକ

ହିଞ୍ଜିଳିକାଟୁ,୧୮।୭(ସଂଚାର ବ୍ୟୁରୋ):ହିଞ୍ଜିଳି ବ୍ଲକ ବେଲଗାଁ ଥାନା ଅନ୍ତର୍ଗତ ଶିଖରପୁର ଗ୍ରାମ ସ୍କୁଲ ସମ୍ମୁଖରେ ଶୁକ୍ରବାର ସନ୍ଧ୍ୟାରେ ଏକ ଲୁହା ମାଲ ବୋଝେଇ ଟ୍ରକ (ଓଆର୦୭ଜେ୮୮୪୪) ଧକ୍କାରେ ଏକ ବାଇକ ଚାଳକଙ୍କ ମୃତ୍ୟୁ ଘଟିଥିଲା | ମୃତ ଯୁବକ ହେଲେ ଭାବନ୍ଧ ଗ୍ରାମର ଗଙ୍ଗା ଦାସ (୩୦) | ପରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ଟାୟାର ଜାଳି ମୁଖ୍ୟ ରାସ୍ତାରେ ପ୍ରତିବାଦ କରିଥିଲେ |



ଘଟଣାସ୍ଥଳରେ ହିଞ୍ଜିଳି ତହସିଲଦାର ତପନ ମହାପାତ୍ର, ବେଲ ଗାଁ ଥାନାଧିକାରୀ ସ୍ମିତାଞ୍ଜଳି ପ୍ରଧାନ, ହିଞ୍ଜିଳି ଥାନାଧିକାରୀ ଶ୍ରୀନିବାସ ସେଠୀ , ଆସ୍କା ଏସଡିପିଓ ସୌରଭ ପ୍ରଧାନ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ଆରମ୍ଭ କରିଥିଲେ | ଦୀର୍ଘ ୫ ଘଣ୍ଟାର ବୁଝାସୁଝା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ରେଡ଼କ୍ରସ ପାଣ୍ଠିରୁ ମୃତକର ପରିବାରବର୍ଗଙ୍କୁ ୩୦ ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଟ୍ରକ ମାଲିକ ମୃତକର ପରିବାରବର୍ଗଙ୍କୁ ୫୦ ହଜାର ଟଙ୍କା ପ୍ରଦାନ କରିଥିଲେ | ଏହା ପରେ ରାତି ୧୧ଟା ବେଳେ ତଥା ୫ଘଣ୍ଟା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ପରେ ମୃତ ଦେହକୁ ବ୍ରହ୍ମପୁର ବଡ଼ ମେଡିକାଲକୁ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଥିଲା | ଦୁଇ ଚାଳକଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରାଯାଉଥିବା ଥାନାଧିକାରୀ ସ୍ମିତାଞ୍ଜଳି ପ୍ରଧାନ ସୂଚନା ଦେଇଛନ୍ତି |

 କ୍ୟାନ୍ସର ରୋଗୀଙ୍କ ପାଇଁ ବଡ଼ ଆଶ୍ୱାସନା

# ଆୟୁଷ୍ମାନ କାର୍ଡରେ ମିଳିବ ମାଗଣା ଚିକିତ୍ସା



## ଆୟୁଷ୍ମାନ କାର୍ଡରେ ସାମିଲ ହେଲା ୧୨୧ ନୂଆ ପ୍ୟାକେଜ

ଭୁବନେଶ୍ୱର,୧୮।୭(ସଂଚାର ବ୍ୟୁରୋ): ଓଡ଼ିଶାର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆସିବା ସହ ଆଉ ଅର୍ଥ ଅଭାବରୁ ଅଧାରୁ ରହିବନି କ୍ୟାନ୍ସର ଚିକିତ୍ସା। ଆୟୁଷ୍ମାନ ଭାରତ ଯୋଜନାରେ ୧୨୧ଟି ନୂଆ ପ୍ୟାକେଜ ସାମିଲ କରି ରାଜ୍ୟର କୋଟି କୋଟି ଜନସାଧାରଣଙ୍କ ପାଇଁ ଆଶାର ନୂଆ କିରଣ ଦେଖାଇଛନ୍ତି ରାଜ୍ୟ ସରକାର। କ୍ୟାନସର ବା କର୍କଟ ଏପରି ଏକ ରୋଗ, ଯାହା କେବଳ ଶରୀରକୁ ନୁହେଁ, ବରଂ ରୋଗୀର ପରିବାରକୁ ଆର୍ଥିକ ଓ ମାନସିକ ସ୍ତରରେ ସମ୍ପୂର୍ଣ୍ଣ ଭାଙ୍ଗିଦିଏ। ବିଶେଷକରି ଗରିବ ଓ ମଧ୍ୟବିତ୍ତ ପରିବାର ପାଇଁ ଏହି ରୋଗର ବ୍ୟୟବହୁଳ ଚିକିତ୍ସା କରିବା ଅନେକ ସମୟରେ ଅସମ୍ଭବ ହୋଇପଡ଼େ। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ସରକାର ଆୟୁଷ୍ମାନ କାର୍ଡ ଜରିଆରେ କ୍ୟାନ୍ସର ରୋଗୀଙ୍କୁ ମାଗଣା ଓ ଉନ୍ନତ ମାନର ଚିକିତ୍ସା ସୁବିଧା ଯୋଗାଇ ଦେବେ ବୋଲି ସ୍ଥିର କରିଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଆଜି ଏହି ସୂଚନା ଦେଇ କହିଛନ୍ତି ଯେ ଆୟୁଷ୍ମାନ ଭାରତ ଯୋଜନାରେ କ୍ୟାନ୍ସର ଚିକିତ୍ସା ପାଇଁ ନୂଆ ୧୨୧ଟି ପ୍ୟାକେଜ ଯୋଡ଼ିବାକୁ ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ଉପଲବ୍ଧ ସୁବିଧା ଅପେକ୍ଷା ଏହି ନୂଆ ପ୍ୟାକେଜଗୁଡ଼ିକ କର୍କଟ ରୋଗୀଙ୍କ ପାଇଁ ଅଧିକ ସହାୟକ ହେବ। ଏଥିରେ କେମୋଥେରାପି, ରେଡିଓଥେରାପି ଆଦି ବିଭିନ୍ନ ଜଟିଳ ଅସ୍ତ୍ରୋପଚାରକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହାଦ୍ୱାରା ରୋଗୀମାନେ ଅତ୍ୟାଧୁନିକ ଚିକିତ୍ସା ସୁବିଧା ପାଇପାରିବେ। ଏହି ଯୋଜନାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଏହାର ଆର୍ଥିକ ବ୍ୟବସ୍ଥା। ସମସ୍ତ ଚିକିତ୍ସା ଖର୍ଚ୍ଚ ରାଜ୍ୟ ପାଣ୍ଠିରୁ ଭରଣା କରାଯିବ। ସରକାର କ୍ୟାନ୍ସର ରୋଗୀଙ୍କ ଆରୋଗ୍ୟ ଯୋଜନାକୁ ଅଧିକ ବ୍ୟାପକ କରି ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛନ୍ତି। ଅନେକ ସମୟରେ ଅର୍ଥ ଅଭାବରୁ ରୋଗୀମାନେ ଅଧାରୁ ଚିକିତ୍ସା ଛାଡ଼ି ଦିଅନ୍ତି, କିନ୍ତୁ ଏହି ନୂଆ ପଦକ୍ଷେପ ପରେ ସେମାନଙ୍କୁ ଆଉ ଚିକିତ୍ସା ପାଇଁ ଘର-ଜମି ବିକିବାକୁ ପଡ଼ିବ ନାହିଁ। ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ କୌଣସି ବି ଗରିବ ଲୋକ ଯେପରି ଚିକିତ୍ସା ସେବାରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଆୟୁଷ୍ମାନ କାର୍ଡଧାରୀମାନେ ଉଭୟ ସରକାରୀ ଓ ଏମ୍ପାନେଲ ହୋଇଥିବା ବେସରକାରୀ ହସ୍ପିଟାଲ୍‌ରେ ଏହି ସୁବିଧା ପାଇପାରିବେ। ଏହା କେବଳ ରୋଗୀଙ୍କ ଜୀବନ ବଞ୍ଚାଇବାରେ ସାହାଯ୍ୟ କରିବ ନାହିଁ, ବରଂ ଓଡ଼ିଶାର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ନୂଆ ଯୁଗର ଆରମ୍ଭ କରିବ।

ଏକା ସାଙ୍ଗେ ହେବ ପଞ୍ଚାୟତ ଓ ପୌର ନିର୍ବାଚନ

# ଏପ୍ରିଲରୁ ଜୁନରେ ହେବ ଭୋଟ୍



ଭୁବନେଶ୍ୱର,୧୮।୭(ସଂଚାର ବ୍ୟୁରୋ): ଆସନ୍ତା ବର୍ଷ ଏପ୍ରିଲରୁ ଜୁନ୍ ମାସ ମଧ୍ୟରେ ପଞ୍ଚାୟତ ଓ ପୌର ନିର୍ବାଚନ ହେବ। ଉଭୟ ପଞ୍ଚାୟତ ଓ ପୌର ଭୋଟ ଏକା ସାଙ୍ଗରେ ହେବ। ରାଜ୍ୟରେ ଜନଗଣନା କାର୍ଯ୍ୟ ଶେଷ ହେବା ପରେ ପଞ୍ଚାୟତ ଓ ପୌର ନିର୍ବାଚନ କରାଯିବ। ଏଥିପାଇଁ ରାଜ୍ୟ ନିର୍ବାଚନ ଆୟୋଗ ପ୍ରସ୍ତୁତି ଆରମ୍ଭ କରିଛି। ଏହା ପୂର୍ବରୁ ପୌରାଧ୍ୟକ୍ଷ ପଦ ପାଇଁ ସଂରକ୍ଷଣ ତାଲିକା ପ୍ରକାଶ ପାଇଛି। ସଂରକ୍ଷଣ ତାଲିକା ପ୍ରକାଶ ପରେ ଡୋର୍-ଟୁ-ଡୋର୍ ସର୍ଭେ କରାଯିବ। ଏନ୍‌ଏସି ଅଞ୍ଚଳର ପ୍ରତ୍ୟେକ ୱାର୍ଡ ପାଇଁ ଗୋଟିଏ ଲେଖାଏଁ ମତଦାନ କେନ୍ଦ୍ର ବ୍ୟବସ୍ଥା କରାଯିବ। ଆଜି ଏହି ସୂଚନା ଦେଇଛନ୍ତି ରାଜ୍ୟ ନିର୍ବାଚନ କମିଶନଙ୍କ ସଚିବ ସଉରଭ କୁମାର ଦାଶ।

ପୌର ନିର୍ବାଚନ ପାଇଁ ବର୍ତ୍ତମାନ ୧୨ ହଜାର ଇଭିଏମ ଉପଲବ୍ଧ ଥିବା ବେଳେ ଆଉ ୬ ହଜାର ନୂଆ ଇଭିଏମ ପାଇଁ ଅର୍ଡର କରାଯାଇଛି। ଏଥିସହ ବାଲଟ ପେପର, ପରିବହନ ବ୍ୟବସ୍ଥା ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ପାଇଁ ମଧ୍ୟ ପ୍ରସ୍ତୁତି ଚାଲିଛି। ରାଜ୍ୟ ନିର୍ବାଚନ ଆୟୋଗ ସୂଚନା ଦେଇଛି ଯେ ଗତ ମାର୍ଚ୍ଚରେ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବା ଅବ୍ୟବହିତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ଆରମ୍ଭ ହେବ। ଏଥର ରାଜ୍ୟର ୧୪୩ଟି ପୌର ସଂସ୍ଥା, ମ୍ୟୁନିସିପାଲ କର୍ପୋରେସନ, ପୌରପାଳିକା ଓ ଏନଏସିରେ ନିର୍ବାଚନ ହେବ। ସମ୍ବଲପୁର ମହାନଗର ନିଗମ ନିର୍ବାଚନକୁ ନେଇ ହାଇକୋର୍ଟରେ ଚାଲିଥିବା ମାମଲାର ସମାଧାନ ହୋଇସାରିଛି ଓ ଏ ସମ୍ପର୍କିତ ଆଦେଶ ମଧ୍ୟ ପ୍ରକାଶ ପାଇଛି।

## ପୋଲ ସୁରକ୍ଷାବାଡ଼ରେ ପିଟିହୋଇ ଯୁବକଙ୍କ ମୃତ୍ୟୁ

ପାଟଣା,୧୮।୭(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା କେନ୍ଦେଇପୋଷି ଡେଣୁଆ ରାସ୍ତାର ଜମ୍ଭେଇ ନାଳ ପୋଲ ସୁରକ୍ଷାବାଡ଼ରେ ଏକ ବୁଲେଟ ଧକ୍କା ହେବା ଫଳରେ ଜଣେ ୨୯ ବର୍ଷୀୟ ଯୁବକ ପୋଲ ତଳକୁ ଖସି ପଡ଼ିଥିଲେ। ତାଙ୍କୁ ଧରଣୀଧର ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ଆଜି ତାଙ୍କର ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଉଛନ୍ତି ପାଟଣା ବ୍ଲକ୍ ଡେଣୁଆ ଗ୍ରାମର ଡମ୍ବରୁଧର ମହାନ୍ତଙ୍କ ପୁଅ ସୌମ୍ୟରଞ୍ଜନ। ମିଳିଥିବା ସୂଚନାନୁଯାୟୀ, ସୌମ୍ୟ ଗତକାଲି ରାତିରେ କେନ୍ଦୁଝରରୁ ଘରକୁ ଫେରୁଥିବା ବେଳେ ତାଙ୍କ ବୁଲେଟ୍ ପୋଲର ସୁରକ୍ଷାବାଡ଼କୁ ଧକ୍କା ଦେଇଥିଲା। ଫଳରେ ବୁଲେଟ୍ ପୋଲ ଉପରେ ପଡ଼ିଥିଲେ ହେଁ ସୌମ୍ୟ ପୋଲ ତଳକୁ ଛିଟିକି ପଡ଼ିଥିଲେ। ଆଜି ସକାଳୁ ଲୋକେ ଦେଖିବା ପରେ ତାଙ୍କୁ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମୁଣ୍ଡରେ ଗଭୀର କ୍ଷତ ହୋଇଥିବାରୁ ତାଙ୍କୁ କେନ୍ଦୁଝର ଧରଣୀଧର ମେଡିକାଲ କଲେଜକୁ ପଠାଯାଇଥିଲା। ତେବେ ଆଜି ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

## ଚାଲାଣ ବେଳେ ୮୩ ମଇଁଷି ଉଦ୍ଧାର: ତିନି ଗିରଫ, ୩ ଟ୍ରକ୍ ଜବତ

ନୂଆପଡ଼ା,୧୮।୭(ସଂଚାର ବ୍ୟୁରୋ): ନୂଆପଡ଼ା ଜିଲ୍ଲା କୋମନା ଥାନା ଅନ୍ତର୍ଗତ ଭେଳା ବିଜୁ ଏକ୍ସପ୍ରେସ୍ ରାସ୍ତାକଡ଼ରେ କିଛିଦିନ ତଳେ ୭ଟି ମୃତ ମଇଁଷି ପଡ଼ିଥିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଥିଲା। ଏହି ଘଟଣାକୁ ଗୁରୁତର ସହ ନେଇ କୋମନା ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଉକ୍ତ ଘଟଣା ଆଧାରରେ ପୁଲିସ ବେଆଇନ ମଇଁଷି ଚାଲାଣ ନେଇ ବଡ଼ ଧରଣର ସଫଳତା ପାଇଛି। କୋମନା ଥାନାଧିକାରୀ ରଶ୍ମିତା ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଜାତୀୟ ରାଜପଥ କ୍ରିଷ୍ଟା ଛକ ନିକଟରେ ଚଢ଼ାଉ କରି ୩ଟି ଟ୍ରକ୍‌ରୁ ୮୩ଟି ମଇଁଷିକୁ ଉଦ୍ଧାର କରିବା ସହ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଉତ୍ତରପ୍ରଦେଶର ନବାବ କୁରେଶୀ (୩୪), ପରଭେଜ କୁରେଶୀ (୨୫) ଏବଂ ପଞ୍ଜାବର ଦେବେନ୍ଦ୍ର ସିଂହ (୨୪)। ପୁଲିସ ସିଜି ୦୭ ସିବି ୦୫୨୬, ସିବି ୦୪ ଏଚ୍‌ଏକ୍ସ ୯୦୧୧ ଓ ସିଜି ୧୦ ବିଟି ୪୧୯୦ ନମ୍ବର ବିଶିଷ୍ଟ ୩ଟି ଟ୍ରକ୍ ଜବତ କରିଛି। ମଇଁଷିଗୁଡ଼ିକୁ ଆନ୍ଧ୍ରପ୍ରଦେଶର ପାର୍ବତୀପୁରମ ଅଭିମୁଖେ ବେଆଇନ ଭାବେ ଚାଲାଣ କୁହାଯାଉଥିଲା। ଉଦ୍ଧାର ହୋଇଥିବା ସମସ୍ତ ମଇଁଷିକୁ ଖରିଆର ରୋଡ୍‌ସ୍ଥିତ ଆମସେନା ଗୁରୁକୁଳ ଆଶ୍ରମରେ ରଖାଯାଇଛି। ତେବେ ଭେଳାରେ ୭ଟି ମଇଁଷିର ମୃତ୍ୟୁ ଘଟଣା ଓ ଏହି ବେଆଇନ ଚାଲାଣ ଘଟଣା ମଧ୍ୟରେ କୌଣସି ସମ୍ପର୍କ ରହିଛି କି ନାହିଁ, ତା' ଜାଣିବା ସକାଶେ କୋମନା ପୁଲିସ ତଦନ୍ତ ଚଳାଇଛି। ସେପଟେ ଗିରଫ ପରେ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି।

## ଭାଇ ସହ କଳିରୁ ନାବାଳିକାଙ୍କ ଆତ୍ମହତ୍ୟା!

ଛତ୍ରପୁର,୧୮।୭(ସଂଚାର ବ୍ୟୁରୋ): ଛତ୍ରପୁର ଅଞ୍ଚଳରେ ଶନିବାର ପୂର୍ବାହ୍ନରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଜଣେ ୧୩ ବର୍ଷୀୟା ନାବାଳିକାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ପାରିବାରିକ କଳହ ପରେ ସେ ଏପରି ପଦକ୍ଷେପ ନେଇଥିବା ସନ୍ଦେହ କରାଯାଉଛି। ଖବର ପାଇ ଛତ୍ରପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନାନୁସାରେ, ଗତକାଲି ରାତିରେ ନାବାଳିକାଙ୍କର ଭାଇଙ୍କ ସହ ଭୋଜି ପାଇଁ ୩୦ ଟଙ୍କାକୁ ନେଇ ବଚସା ହୋଇଥିଲା। ଏହି ବଚସା ପରେ ସେ ମାନସିକ ଭାବେ ଭାଙ୍ଗିପଡ଼ିଥିବା ବୋଲି ତାଙ୍କ ଆଈ କୁନି ମହାରଣା କହିଛନ୍ତି। ନାବାଳିକାଙ୍କ ବାପା ପୂର୍ବରୁ ମୃତ୍ୟୁବରଣ କରିସାରିଥିବା ବେଳେ ମା' ପ୍ରମିଳା ମହାରଣା ଚେନ୍ନାଇରେ ରହୁଛନ୍ତି। ଗତ ପ୍ରାୟ ୧୧ ବର୍ଷ ଧରି ଭାଇଭଉଣୀ ତାଙ୍କ ଅଜା ଓ ଆଈଙ୍କ ପାଖରେ ରହିଆସୁଥିଲେ। ମୃତ ନାବାଳିକା ଜଣଙ୍କ ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିଲେ। ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି। ଏଥିସହ ଛତ୍ରପୁର ଥାନାରେ ୧୪/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଘଟଣାର ସମସ୍ତ ଦିଗକୁ ନେଇ ତଦନ୍ତ ଜାରି ରହିଛି।

## ମାଡ଼ ମାରିଲେ ଶିକ୍ଷୟିତ୍ରୀ, ଛାତ୍ର ହସ୍ପିଟାଲରେ ଭର୍ତ୍ତି

● ରଥଯାତ୍ରା ଦେଖିବାକୁ ଯାଇଥିବାରୁ ଦଣ୍ଡ

ଉଦଳା,୧୮।୭(ସଂଚାର ବ୍ୟୁରୋ): ୪ ଛାତ୍ରଙ୍କୁ ଶିକ୍ଷୟିତ୍ରୀଙ୍କ ନିର୍ଘାତ ମାଡ଼। ବିଦ୍ୟାଳୟରେ କାହାକୁ କିଛି ନଜଣାଇ ସେମାନେ ରଥଯାତ୍ରା ଦେଖିବାକୁ ଯାଇଥିବାରୁ ସେମାନଙ୍କୁ ଶିକ୍ଷୟିତ୍ରୀ ନିସ୍ତୁକ ମାଡ଼ ମାରିଛନ୍ତି। ମୟୂରଭଞ୍ଜ ଜିଲ୍ଲା ଉଦଳା ଗୁରୁକୁଳ ବିଦ୍ୟାମନ୍ଦିରରୁ ଏପରି ଅଭିଯୋଗ ଆସିଛି। ବିଦ୍ୟାଳୟ ହଷ୍ଟେଲରେ ଥିବା ୪ ଜଣ ଛାତ୍ର କିଛି ନ ଜଣାଇ ରଥଯାତ୍ରା ଦେଖିବା ପାଇଁ ଯାଇଥିଲେ। ଏଥିରେ ରାଗିଯାଇ ଶିକ୍ଷୟିତ୍ରୀ ସେମାନଙ୍କୁ ମାଡ଼ ମାରିଥିବା ବେଳେ ଏନେଇ ଛାତ୍ରମାନେ ଥାନାରେ ଅଭିଯୋଗ କରିଥିଲେ। ତେବେ ଶିକ୍ଷୟିତ୍ରୀଙ୍କ ମାଡ଼ରେ ଜଣେ ଛାତ୍ର ଅଧିକ ଆହତ ହୋଇଥିବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟ ୩ ଜଣ ଛାତ୍ରଙ୍କର ମଧ୍ୟ ଚିକିତ୍ସା କରାଯାଇଛି। ଛାତ୍ରମାନଙ୍କୁ ଏପରି ମାଡ଼ ନେଇ ଅଭିଭାବକ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ଏନେଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ କୌଣସି ପ୍ରତିକ୍ରିୟା ମିଳିନାହିଁ।

# ଅଗଷ୍ଟରେ ଦିଲ୍ଲୀରେ ଇନଭେଷ୍ଟର୍ସ ରୋଡ୍ ଶୋ'



ଫୋକସରେ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ର

ଭୁବନେଶ୍ୱର,୧୮।୭(ସଂଚାର ବ୍ୟୁରୋ): ଆସନ୍ତା ଅଗଷ୍ଟରେ ଦିଲ୍ଲୀରେ ଓଡ଼ିଶା ସରକାର କରିବେ ଇନଭେଷ୍ଟର୍ସ ରୋଡ୍ ଶୋ'। ଏନେଇ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଆଜି ସୂଚନା ଦେଇଛନ୍ତି। ଆଧୁନିକ ଶିଳ୍ପ ଉପରେ ଓଡ଼ିଶା ଗୁରୁତ୍ୱ ଦେଉଥିବା ବେଳେ ଏହି ଶୋ'ରେ ଫୋକସରେ ରହିବ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ର। ରୋଡ୍ ଶୋ'ର ନେତୃତ୍ୱ ନେବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବିଭିନ୍ନ ପୁଞ୍ଜିପତିଙ୍କ ସହ ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ଭାବେ ଆଲୋଚନା ମଧ୍ୟ କରିବେ ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି।

ଶିଳ୍ପ ମନ୍ତ୍ରୀ କହିଛନ୍ତି ଯେ ଗତ ୨ ବର୍ଷରେ ଓଡ଼ିଶାକୁ ଅନେକ ପୁଞ୍ଜି ଆସିଛି ଓ ଶିଳ୍ପ ମଧ୍ୟ ଆରମ୍ଭ ହୋଇଛି। ସରକାର ନିୟମିତ ଭାବେ ପୁଞ୍ଜି ନିବେଶ, ଶିଳ୍ପ ପ୍ରତିଷ୍ଠା ଓ ନିଯୁକ୍ତି ଉପରେ ସମୀକ୍ଷା କରୁଛନ୍ତି। ଶିଳ୍ପ ପ୍ରତିଷ୍ଠା ସହ ଓଡ଼ିଶାର ଯୁବକଯୁବତୀମାନେ କିପରି ଶିଳ୍ପ ବାତାନୁକୂଳ ଦକ୍ଷତା ପାଇବେ, ସେଥିପ୍ରତି ବି ଧ୍ୟାନ ଦିଆଯାଉଥିବା ଶିଳ୍ପ ମନ୍ତ୍ରୀ କହିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ ରାଜ୍ୟ ସରକାର ନିବେଶକଙ୍କୁ ଓଡ଼ିଶାରେ ପୁଞ୍ଜି ନିବେଶ କରିବା ପାଇଁ ଅପିଲ୍ କରୁଛନ୍ତି। ଏହି କ୍ରମରେ ଇନଭେଷ୍ଟର୍ସ ମିଟ୍ ଜରିଆରେ ପୁଞ୍ଜିପତିଙ୍କ ସହ ବିସ୍ତୃତ ଆଲୋଚନା କରାଯାଇ ଓଡ଼ିଶାରେ ନିବେଶ ପାଇଁ ପ୍ରସ୍ତାବ ଦିଆଯାଉଛି। ଏହା ପୂର୍ବରୁ ରାଜ୍ୟ ସରକାର ଗତ ବର୍ଷ ଡିସେମ୍ବର ତୃତୀୟ ସପ୍ତାହରେ ହାଇଦ୍ରାବାଦରେ ଇନଭେଷ୍ଟର୍ସ ମିଟ୍ ଆୟୋଜନ କରିଥିଲେ। ଏହାପରେ ମେ' ପ୍ରଥମ ସପ୍ତାହରେ ଗୁଜରାଟରେ ବି ନିବେଶକ ସମ୍ମିଳନୀ ଆୟୋଜନ କରାଯାଇଥିଲା।

ଗୁଜରାଟରୁ ଫେରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିଭିନ୍ନ ଶିଳ୍ପପତିଙ୍କଠାରୁ ୪୮ ହଜାର ୩୩୦ କୋଟିର ପୁଞ୍ଜି ନିବେଶ ପ୍ରତିଶ୍ରୁତି ମିଳିଛି। ଏସବୁ ପ୍ରକଳ୍ପରେ ୬୭ ହଜାର ୮୩୮ରୁ ଅଧିକ ନିଯୁକ୍ତି ସୃଷ୍ଟି ହେବ। ପାରାଦୀପ, ଧାମରା ଓ ଗୋପାଳପୁର ବନ୍ଦର ମାଧ୍ୟମରେ ଓଡ଼ିଶା ପୂର୍ବ ଏସିଆ ଓ ଇଣ୍ଡୋ-ପ୍ୟାସିଫିକ ବଜାର ସହ ସଂଯୋଗ ସୃଷ୍ଟି କରୁଛି। ଗୁଜରାଟ ରୋଡ ଶୋ'ରେ ଧାତୁ ଶିଳ୍ପ, ରସାୟନ, ଫାର୍ମା, ଗ୍ରୀନ ଏନର୍ଜି, ଖାଦ୍ୟ ପ୍ରକ୍ରିୟାକରଣ, ଟେକ୍ସଟାଇଲ୍, ଆଇଟି, ସେମିକଣ୍ଡକ୍ଟର, ପର୍ଯ୍ୟଟନ, ଏରୋସ୍ପେସ ଓ ଡିଫେନ୍ସ ସହ ବିଭିନ୍ନ କ୍ଷେତ୍ରରେ ନିବେଶ ପ୍ରସ୍ତାବ ଆସିଥିଲା।

| ସିଏମଓରୁ ଫାଇଲ୍ ଗାଏବ ମାମଲା |

# ଥାନାରେ ହାଜର ହେଲେ ମନୋଜ ମିଶ୍ର

ଭୁବନେଶ୍ୱର,୧୮।୭(ସଂଚାର ବ୍ୟୁରୋ): ରାଜ୍ୟ ରାଜନୀତି ତଥା ପ୍ରଶାସନିକ ସ୍ତରରେ ଆଲୋଡ଼ନ ସୃଷ୍ଟି କରିଥିବା ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ତଦନ୍ତ କମିଶନ ଫାଇଲ ହଜିବା ଘଟଣାରେ ପୁଲିସ ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରିଛି। ଏହି ବହୁଚର୍ଚ୍ଚିତ ମାମଲାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଓଏସଡି ତଥା ତତ୍କାଳୀନ ଆଇଟି ସଚିବ ମନୋଜ ମିଶ୍ର କ୍ୟାପିଟାଲ ଥାନାରେ ଆଜି ହାଜର ହୋଇଛନ୍ତି। କମିଶନରେଟ ପୁଲିସ ପକ୍ଷରୁ ପୂର୍ବରୁ ତାଙ୍କୁ ସମନ ଜାରି କରାଯାଇଥିବା ବେଳେ ସେ ଥାନାରେ ପହଞ୍ଚି ତଦନ୍ତକାରୀ ଅଧିକାରୀଙ୍କ ଆଗରେ ନିଜର ପକ୍ଷ ରଖିଛନ୍ତି।

ମିଳିଥିବା ସୂଚନାନୁଯାୟୀ, ମନୋଜ ମିଶ୍ର ଆଜି କ୍ୟାପିଟାଲ ଥାନାରେ ପହଞ୍ଚିବା ପରେ ପୁଲିସ ତାଙ୍କୁ ପ୍ରାୟ ୩୦ ମିନିଟ ଧରି ପଚରାଉଚରା କରିଥିଲା। ପଚରାଉଚରା ଶେଷ ହେବା ପରେ ଥାନାରୁ ବାହାରି ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନିଜର ପ୍ରତିକ୍ରିୟା ଦେଇ ମନୋଜ ମିଶ୍ର କହିଛନ୍ତି ଯେ ସେ ପୁଲିସର ତଦନ୍ତ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ସହଯୋଗ କରୁଛନ୍ତି। ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଦୁଇଟି ଫାଇଲ ହଜିଥିବା ନେଇ ପୁଲିସ ନିକଟରେ ଅଭିଯୋଗ ହୋଇଛି। ଏହି ଘଟଣା ଘଟିବା ସମୟରେ ସେ ଆଇଟି ବିଭାଗର ସଚିବ ଦାୟିତ୍ୱରେ ଥିଲେ। ତେଣୁ ସେତେବେଳେ ସରକାରୀ କାର୍ଯ୍ୟପ୍ରଣାଳୀ କିପରି ରହୁଥିଲା ଓ ଫାଇଲଗୁଡ଼ିକର ପରିଚାଳନା କିପରି ହେଉଥିଲା, ସେ ବିଷୟରେ ଜାଣିବା ପାଇଁ ପୁଲିସ ତାଙ୍କୁ ଡାକିଥିଲା।

● ବେଆଇନ ବାଲି ଗାଡ଼ି ଜବତ କରି ହଟହଟା

# ଅଟକ ରହେଲେ ୩ ମାଇନିଂ ଅଧିକାରୀ



ଉଦଳା,୧୮।୭(ସଂଚାର ବ୍ୟୁରୋ): ବାଲି ଟ୍ରାକ୍ଟର ଧରି ଥାନାରେ ଅଟକ ରହିଲେ ମାଇନିଂ ଅଧିକାରୀ। କଥାଟି ଶୁଣିବାକୁ ସାମାନ୍ୟ ଅଖାଡୁଆ ଲାଗୁଥିଲେ ମଧ୍ୟ ଏହା ସତ। ଏଭଳି ଘଟଣା ଘଟିଛି ମୟୂରଭଞ୍ଜ ଜିଲ୍ଲା ଉଦଳାରେ। ଜିଲ୍ଲା ମାଇନିଂ ଅଧିକାରୀ ଅନାମ ଚରଣ ସିଂ ଓ ଦୁଇ ଜଣ ଜୁନିଅର ମାଇନିଂ ଅଧିକାରୀ ଉଦଳା ଶ୍ମଶାନ କାଳୀ ନିକଟରେ ଏକ ବେଆଇନ ବାଲି ବୋଝେଇ ଟ୍ରାକ୍ଟର ଜବତ କରି ଥାନାକୁ ଆଣିଥିଲେ। ହେଲେ ସେହି ଟ୍ରାକ୍ଟରକୁ ନେଇ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଯିବାକୁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଲେ। ପରେ ମାଇନିଂ ଅଧିକାରୀ ଟ୍ରାକ୍ଟରକୁ ନେଇ ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକଙ୍କ ନିକଟକୁ ଯାଇଥିଲେ। ସେଠାରେ ବେଆଇନ ବାଲି ଗାଡ଼ି ଜବତ କରିବା ପରିବର୍ତ୍ତେ ଓଲଟା ଉପଜିଲ୍ଲାପାଳ ମାଇନିଂ ଅଧିକାରୀଙ୍କୁ ତାଗିଦ କରିଥିଲେ। ତାଙ୍କୁ ନ ଜଣାଇ କ'ଣ ପାଇଁ ତାଙ୍କ ଅଞ୍ଚଳରୁ ଗାଡ଼ି ଜବତ କରୁଛ ବୋଲି ପ୍ରଶ୍ନ କରିବା ସହ ୩ ଅଧିକାରୀଙ୍କୁ ଥାନାରେ ଅଟକ ରଖିବାକୁ ଉପଜିଲ୍ଲାପାଳ ପୁଲିସକୁ ନିର୍ଦ୍ଦେଶ ଦେଇଥିଲେ। ଏବେ ଉଦଳା ଥାନାରେ ଜିଲ୍ଲା ମାଇନିଂ ଅଧିକାରୀଙ୍କ ସହ ଦୁଇ ଜୁନିଅର ମାଇନିଂ ଅଧିକାରୀ ଅଟକ ରହିଛନ୍ତି।

| ରଥଯାତ୍ରା ଭିଡ଼ରେ ଲୁଟେରା ଗ୍ୟାଙ୍ଗ୍ ସକ୍ରିୟ |

# ୧୦୩ ଲୁଟେରା ଗିରଫ, ୨୦୩ ମୋବାଇଲ ଜବତ



ପୁରୀ,୧୮।୭(ସଂଚାର ବ୍ୟୁରୋ): ରଥଯାତ୍ରା ଭିଡ଼ ଲୁଟେରାଙ୍କ ପାଇଁ ପୁଷମାସ। ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଭିଡ଼ରେ କରିଛନ୍ତି ଲୁଟ୍‌ପାଟ। ଗୋଟିଏ ପରେ ଗୋଟିଏ ଲୁଟ୍ କରି ଖସିଯାଉଥିବା ବେଳେ ଶତାଧିକ ଲୁଟେରାଙ୍କୁ କାବୁ କରିଛନ୍ତି ଶ୍ରଦ୍ଧାଳୁ। ସେମାନଙ୍କ ମଧ୍ୟରୁ କେତେକ ଲୁଟେରାଙ୍କୁ ପୁଲିସ ଗିରଫ କରିଥିବା ବେଳେ ଅନ୍ୟମାନଙ୍କୁ ଅଟକ ରଖିଛି। ସହରର ବିଭିନ୍ନ ଥାନାରେ ୧୦୩ ଜଣ ଲୁଟେରାଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କଠାରୁ ୨୦୩ଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଏମାନଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ବଳିଆପଣ୍ଡା ଓ ସମୁଦ୍ରକୂଳ ଥାନା ପୁଲିସ ୧୯ ଜଣ ଲୁଟେରାଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୫୮ଟି ମୋବାଇଲ୍ ଫୋନ୍ ମଧ୍ୟ ଜବତ କରାଯାଇଛି।

ବଳିଆପଣ୍ଡା ଥାନା ପୁଲିସ ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗର କିଙ୍ଗ୍‌ପିନ୍ ସହ ୧୩ ଜଣଙ୍କୁ କାବୁ କରିଛି। ସେମାନଙ୍କଠାରୁ ୪୨ଟି ମୋବାଇଲ୍ ଓ ଧଳା ରଙ୍ଗର ଏକ ସ୍କର୍ପିଓ ଜବତ କରାଯାଇଛି। ଏଥିରୁ ପଶ୍ଚିମବଙ୍ଗରୁ ୧୧ ଜଣ ଥିବା ବେଳେ ଜଣେ ବିହାର ଓ ଅନ୍ୟ ଜଣେ ଝାଡ଼ଖଣ୍ଡର କିଙ୍ଗପିନ୍ ରାମା ଆଶିଷ କୁମାର ଯାଦବଙ୍କ ଲୁଟେରା ଟିମ୍‌ର ସଦସ୍ୟ ବୋଲି ଜଣାପଡ଼ିଛି। ସେହିଭଳି ସମୁଦ୍ରକୂଳ ଥାନା ପୁଲିସ ଜଣେ ନାବାଳକ ସମେତ ୬ ଜଣ ଲୁଟେରାଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କଠାରୁ ୧୬ଟି ମୋବାଇଲ୍ ଫୋନ୍ ଜବତ କରିଛି। ଟାଉନ୍ ଥାନା ପୁଲିସ ବଡ଼ଦାଣ୍ଡ ସମେତ ସଂଲଗ୍ନ ଗଳିରୁ ୪୭ ଜଣ ଅନ୍ତଃରାଜ୍ୟ ଲୁଟେରାଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୩ଟି ସୁନା ଚେନ୍, ୪ଟି ମନି ପର୍ସ, ଗୋଟିଏ ଭ୍ୟାନିଟି ବ୍ୟାଗ୍, ୨ଟି କଟର୍, ୩୩ଟି ମୋବାଇଲ ଓ ୩୨ ହଜାର ୪୦୦ ଟଙ୍କା ଜବତ କରିଛି।

# ପୃଥକ୍ ମାମଲାରେ ୬ ଗିରଫ

## ମାଉଜର ଓ ଗଞ୍ଜେଇ ଜବତ
## ପୁଲିସକୁ ଚକ୍‌ମା ଉଦ୍ୟମ ବିଫଳ



ଭଞ୍ଜନଗର,୧୮।୭(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲା ଭଞ୍ଜନଗର ପୁଲିସ ଆଜି ଦୁଇଟି ମାମଲାରେ ୬ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଗୋଟିଏ ମାଉଜର, ଗୋଟିଏ ମାଗାଜିନ୍, ୨ ରାଉଣ୍ଡ ଗୁଳି, ୨ଟି ବାଇକ୍, ଗୋଟିଏ କାର, ୩୫ କେଜି ଗଞ୍ଜେଇ ଜବତ କରାଯାଇଛି। ମାମଲା ନଂ.୬୬୬/୨୬ରେ ୨ ଜଣ ଇନ୍ଦ୍ରଗଡ଼ର ବାପୁଜୀ ନାୟକ ଓ ସୁଶାନ୍ତ ମଲ୍ଲିକଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କଠାରୁ ୩୫ କେଜି ୫୫୦ ଗ୍ରାମ ଓଜନର ଗଞ୍ଜେଇ ସହ ଗୋଟିଏ କାର୍ ଜବତ କରାଯାଇଛି। ଅଭିଯୁକ୍ତଦ୍ୱୟ କନ୍ଧମାଳରୁ କାର ଯୋଗେ ଗଞ୍ଜେଇ ବ୍ରହ୍ମପୁର ନେଉଥିବା ସମୟରେ ଭଞ୍ଜନଗର ପୁଲିସ ଡହ ରୋଡରେ ସନ୍ଦେହରେ ଉକ୍ତ ଦୁଇ ଅଭିଯୁକ୍ତଙ୍କୁ ଅଟକ ରଖିଥିଲେ। ତେବେ ସେମାନେ ସେଠାରୁ ଫେରାର ହେବା ପାଇଁ ଉଦ୍ୟମ କରିଥିଲେ। କିନ୍ତୁ ପୁଲିସ ଗୋଡ଼ାଇ ସେମାନଙ୍କୁ କାବୁ କରିଥିଲା। ସେହିଭଳି ଅନ୍ୟ ୪ ଅଭିଯୁକ୍ତ ଗତକାଲି ଭଞ୍ଜନଗର ଚକରା ବିଷୋୟୀ ଛକରେ ପୁଲିସ ଗାଡ଼ି ଦେଖି ଖସି ପଳାଇବାକୁ ଉଦ୍ୟମ କରିଥିଲେ। ପୁଲିସ୍ ସେମାନଙ୍କୁ ପିଛା କରି କାବୁ କରିବା ସମୟରେ ଅଭିଯୁକ୍ତମାନେ ବନ୍ଧୁକ ଦେଖାଇ ଧମକ ଦେଇଥିଲେ। କିନ୍ତୁ ପୁଲିସ୍ କୌଶଳ କ୍ରମେ ସେମାନଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ଅଭିଯୁକ୍ତମାନଙ୍କ ନାଁରେ ଜିଲ୍ଲାର ବିଭିନ୍ନ ଥାନାରେ ହତ୍ୟା ଭଳି ବହୁ ଅପରାଧିକ ମାମଲା ରହିଛି। ଏଥିସହ ଗଞ୍ଜେଇ ଚାଲାଣରେ ମଧ୍ୟ ଅଭିଯୁକ୍ତମାନେ ଜଡ଼ିତ ଅଛନ୍ତି। ସେମାନେ ଗଞ୍ଜେଇ ବ୍ୟବସାୟୀଙ୍କୁ ଏସ୍‌କର୍ଟ କରି ନେଉଥିଲେ। ମାମଲା ନଂ.୬୭୦/୨୬ରେ ଗିରଫ ୪ ଅଭିଯୁକ୍ତ ହେଲେ ଭୋଳା ନାହାକ, ଭାଗିରଥି ଗୌଡ଼, ବେଲାଲସେନ ସ୍ୱାଇଁ ଓ ବଂଶୀଧର ବିଷୋୟୀ। ଏନେଇ ଆଜି ଭଞ୍ଜନଗର ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ଡ. ଦୀପକ ମିଶ୍ର ସବିଶେଷ ସୂଚନା ଦେଇଛନ୍ତି।

● ଏସ୍‌ସିବି ମେଡିକାଲ ଆଇସିୟୁ ଅଗ୍ନିକାଣ୍ଡ ଘଟଣା

# ଦୁଇ ମାସ ବଢ଼ିଲା କମିଶନ୍‌ଙ୍କ କାର୍ଯ୍ୟକାଳ

ଭୁବନେଶ୍ୱର,୧୮।୭(ସଂଚାର ବ୍ୟୁରୋ): କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର ଟ୍ରମା କେୟାର ଆଇସିୟୁରେ ଘଟିଥିବା ଅଗ୍ନିକାଣ୍ଡ ଘଟଣାର ତଦନ୍ତ ପାଇଁ ଗଠିତ ନ୍ୟାୟିକ ତଦନ୍ତ କମିଶନଙ୍କ କାର୍ଯ୍ୟକାଳକୁ ରାଜ୍ୟ ସରକାର ପୁଣିଥରେ ବୃଦ୍ଧି କରିଛନ୍ତି। ଅବସରପ୍ରାପ୍ତ ଜିଲ୍ଲା ଜଜ୍ ଲକ୍ଷ୍ମୀଧର ବିଶ୍ୱାଳଙ୍କ ନେତୃତ୍ୱରେ ଗଠିତ ଏକକ ସଦସ୍ୟ ବିଶିଷ୍ଟ ଏହି କମିଶନଙ୍କୁ ରିପୋର୍ଟ ଦାଖଲ ପାଇଁ ଆଉ ଦୁଇ ମାସ ସମୟ ଦିଆଯାଇଛି। ନୂଆ ବିଜ୍ଞପ୍ତି ଅନୁଯାୟୀ, କମିଶନ ଏବେ ଆସନ୍ତା ସେପ୍ଟେମ୍ବର ୧୫ ସୁଦ୍ଧା ତାଙ୍କ ତଦନ୍ତ ରିପୋର୍ଟ ସରକାରଙ୍କୁ ପ୍ରଦାନ କରିବେ। ଗୃହ (ସ୍ୱତନ୍ତ୍ର) ବିଭାଗ ପକ୍ଷରୁ ଜାରି ହୋଇଥିବା ନୂତନ ବିଜ୍ଞପ୍ତିରେ କୁହାଯାଇଛି ଯେ କମିଶନଙ୍କ ତଦନ୍ତ କାର୍ଯ୍ୟ ଅଦ୍ୟାବଧି ଶେଷ ହୋଇନାହିଁ। ପୂର୍ବରୁ ତଦନ୍ତ ସମାପ୍ତି ପାଇଁ ଗତ ୧୫ ତାରିଖ ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ତଦନ୍ତ ଚାଲିଥିବାରୁ ସରକାର କମିଶନଙ୍କ କାର୍ଯ୍ୟକାଳକୁ ଆହୁରି ବୃଦ୍ଧି କରିଛନ୍ତି। ଏଥିପାଇଁ ଜୁଲାଇ ୧୫ ପରିବର୍ତ୍ତେ ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ରିପୋର୍ଟ ଦାଖଲର ସମୟସୀମାକୁ ବଢ଼ାଇ ଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ ଗତ ମାର୍ଚ୍ଚ ୧୬ ତାରିଖରେ ଏସ୍‌ସିବି ମେଡିକାଲର ଟ୍ରମା କେୟାର ଆଇସିୟୁରେ ଭୟାବହ ଅଗ୍ନିକାଣ୍ଡ ଘଟିଥିଲା। ଏହି ଦୁର୍ଘଟଣାରେ ଆଇସିୟୁରେ ଚିକିତ୍ସାଧୀନ ରୋଗୀଙ୍କ ମଧ୍ୟରୁ ୧୦ ଜଣଙ୍କ ପ୍ରାଣହାନି ଘଟିଥିବା ବେଳେ ଘଟଣା ସମଗ୍ର ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଅଗ୍ନିକାଣ୍ଡର କାରଣ, ସୁରକ୍ଷା ବ୍ୟବସ୍ଥାର ତ୍ରୁଟି, ହସ୍ପିଟାଲ ପରିଚାଳନାର ଦାୟିତ୍ୱ ଓ ଏଭଳି ଦୁର୍ଘଟଣା ପଛରେ ଥିବା ସମସ୍ତ ପରିସ୍ଥିତିର ତଦନ୍ତ ପାଇଁ ରାଜ୍ୟ ସରକାର ସେଦିନ ଅବସରପ୍ରାପ୍ତ ଜିଲ୍ଲା ଜଜ୍ ଲକ୍ଷ୍ମୀଧର ବିଶ୍ୱାଳଙ୍କୁ ନେଇ ନ୍ୟାୟିକ କମିଶନ ଗଠନ କରିଥିଲେ। ପ୍ରାରମ୍ଭିକ ବିଜ୍ଞପ୍ତି ଅନୁସାରେ, କମିଶନକୁ ୬୦ ଦିନ ମଧ୍ୟରେ ରିପୋର୍ଟ ଦେବାକୁ କୁହାଯାଇଥିଲା। ପରେ ତଦନ୍ତ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଗତ ମେ'ରେ କମିଶନ୍‌ଙ୍କ କାର୍ଯ୍ୟକାଳକୁ ଜୁଲାଇ ୧୫ ପର୍ଯ୍ୟନ୍ତ ବଢ଼ାଯାଇଥିଲା। ଏବେ ପୁଣିଥରେ କମିଶନ୍‌ଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଛି।

# କୌଣସି ନଦୀରେ ବନ୍ୟା ସ୍ଥିତି ନାହିଁ

■ ଆଜି ସୁଦ୍ଧା ନଦୀରୁ ପାଣି କମିଯିବ

■ ସ୍ପଷ୍ଟ କଲେ ସର୍ବୋଚ୍ଚ ଯନ୍ତ୍ରୀ

■ ଦୁର୍ବଳ ହେଉଛି ଲଘୁଚାପ



ଭୁବନେଶ୍ୱର,୧୮।୭(ସଂଚାର ବ୍ୟୁରୋ): ରାଜ୍ୟରେ ଏବେ କୌଣସି ନଦୀରେ ବନ୍ୟା ସ୍ଥିତି ନାହିଁ। ରବିବାର ସକାଳ ସୁଦ୍ଧା ପାଣି କମିଯିବ। ଏନେଇ ଆଜି ସୂଚନା ଦେଇଛନ୍ତି ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ। ଶୁକ୍ରବାର ଓ ତା' ପୂର୍ବ ଦିନ ବର୍ଷା ପାଇଁ ଜଳବନ୍ଦୀ ପରିସ୍ଥିତି ହୋଇଥିଲା। ସାପୁଆରୁ ଏବେ ପାଣି କମିଗଲାଣି। ଆସନ୍ତାକାଲି ସକାଳ ସୁଦ୍ଧା ପାଣି ପୂରା କମିଯିବ। କେତେକ ସ୍ଥାନରେ ମାଟି ବନ୍ଧ ଖସିଛି, ଯାହାର ସୋମବାର ସୁଦ୍ଧା ମରାମତି କାମ ହେବ। ଏଥିସହ କୌଣସି ନଦୀରେ ବନ୍ୟା ଆସିବନି ବୋଲି ଶ୍ରୀ ରାଉତ ସ୍ପଷ୍ଟ କରିଛନ୍ତି। ହୀରାକୁଦରେ ୬୧୦ ଫୁଟରେ ପାଣି ରହିଛି। ଏହା ଧୀରେ ଧୀରେ ବଢୁଛି। ରବିବାର ୬୧୪ ଫୁଟକୁ ଗଲା ପରେ ଜଳ ନିଷ୍କାସନ ପାଇଁ ନିଷ୍ପତ୍ତି ନିଆଯିବ। ସାଳନ୍ଦୀରେ ଗୋଟିଏ ଗେଟ୍ ଖୋଲା ଅଛି। ଶନିବାର ସନ୍ଧ୍ୟା ସୁଦ୍ଧା ମୁଣ୍ଡଳୀରେ ଅଢେଇ ଲକ୍ଷ କ୍ୟୁସେକ୍ ପାଣି ଆସିବ। ଯାହା ବିପଦ ନୁହେଁ ବୋଲି ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି।

ଅନ୍ୟପକ୍ଷରେ ବଙ୍ଗୋପ ସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ରମଶଃ ଦୁର୍ବଳ ହେଉଛି। ଗାଙ୍ଗେୟ ପଶ୍ଚିମବଙ୍ଗ ଓ ଉତ୍ତର ଝାଡ଼ଖଣ୍ଡ ଉପରେ ଥିବା ଲଘୁଚାପ କ୍ରମଶଃ ଦୁର୍ବଳ ହେବାରେ ଲାଗିଛି। ତେବେ ଏହା ସହ ସମାନ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ବାୟୁମଣ୍ଡଳର ୪.୫ କିମି ପର୍ଯ୍ୟନ୍ତ ବ୍ୟାପୀ ରହିଛି। ଦକ୍ଷିଣ ଓଡ଼ିଶା ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ମଧ୍ୟ ଏକ ସକ୍ରିୟ ଘୂର୍ଣ୍ଣିବଳୟ ରହିଛି। ଏହାର ପ୍ରଭାବରେ ଆଗାମୀ ୨୪ ଘଣ୍ଟାରେ ପଶ୍ଚିମ ଓ ଉତ୍ତର ପଶ୍ଚିମ ଓଡ଼ିଶାର ଅଧିକାଂଶ ଜିଲ୍ଲାରେ ବର୍ଷାର ସମ୍ଭାବନା ରହିଛି। ପ୍ରବଳ ବର୍ଷା ନେଇ ୧୧ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ। ଆସନ୍ତାକାଲି ମଧ୍ୟ ପ୍ରବଳ ବର୍ଷା ପାଇଁ ୭ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି ରହିଛି। ଆସନ୍ତା ୨୦ ତାରିଖରେ ମଧ୍ୟ ପ୍ରବଳ ବର୍ଷା ପାଇଁ ୪ ଜିଲ୍ଲା ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର ଓ ମୟୂରଭଞ୍ଜକୁ ୟେଲୋ ଆଲର୍ଟ ଜାରି କରାଯାଇଛି। ୨୦ ତାରିଖ ପରେ ବର୍ଷାର ପରିମାଣ ସାମାନ୍ୟ ହ୍ରାସ ପାଇବ। କିନ୍ତୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଥିବାରୁ ଅଧିକାଂଶ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ବର୍ଷକରେ ଯୋଡ଼ିହେଲେ ୭.୩ କୋଟି ଉପଭୋକ୍ତା




ମୁମ୍ବାଇ,୧୮।୭: ୫ଜି ଏବଂ ଡିଜିଟାଲ୍ କନେକ୍ଟିଭିଟି ବଳରେ ଜିଓ ଏହାର ନେତୃତ୍ୱ ସ୍ଥାନକୁ ଆହୁରି ସୁଦୃଢ଼କରିଛି। ଏହି ଧାରା ରିଲାଏନ୍ସର ତ୍ରୈମାସିକ ଫଳାଫଳରେ ସ୍ପଷ୍ଟ ଭାବରେ ପ୍ରତିଫଳିତ ହୋଇଛି। ଜିଓର ମୋଟ ଉପଭୋକ୍ତା ସଂଖ୍ୟା ଜୁନ ମାସ ଶେଷ ସୁଦ୍ଧା ୫୩ କୋଟି ୩୩ ଲକ୍ଷକୁ ବୃଦ୍ଧି ପାଇଥିବାବେଳେ ଜିଓ ଟ୍ରୁ ୫ଜି ଉପଭୋକ୍ତା ସଂଖ୍ୟା ୨୮ କୋଟି ୫୦ ଲକ୍ଷ ଅତିକ୍ରମ କରିଛି। ଗତ ୧୨ ମାସ ମଧ୍ୟରେ, ଜିଓର ୫ଜି ଉପଭୋକ୍ତା ସଂଖ୍ୟା ୭ କୋଟି ୩୦ ଲକ୍ଷ ବୃଦ୍ଧି ପାଇଛି।

କେବଳ ୫ଜି ଉପଭୋକ୍ତାଙ୍କ ସଂଖ୍ୟା ବୃଦ୍ଧି ପାଇଛି ତାହା ନୁହେଁ, ଜିଓ ନେଟୱାର୍କରେ ୫ଜି ଡାଟା ଟ୍ରାଫିକ୍ ଏବେ ୪ଜି ଡାଟା ଟ୍ରାଫିକ୍ ତୁଳନାରେ ପ୍ରାୟ ଦେଢ଼ ଗୁଣ ହୋଇଛି। କମ୍ପାନୀର ତ୍ରୈମାସିକ ଆର୍ଥିକ ଫଳାଫଳରେ ଆହୁରି ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଜଣାପଡିଛି। ଜିଓ ନେଟୱାର୍କରେ ପ୍ରତି ଗ୍ରାହକଙ୍କ ପିଛା ମାସିକ ଡାଟା ବ୍ୟବହାର ୪୩.୭ ଜିବିକୁ ବୃଦ୍ଧି ପାଇଥିବା ବେଳେ ଏହି ତ୍ରୈମାସିକରେ ଜିଓ ନେଟୱର୍କରେ ମୋଟ ଡାଟା ଟ୍ରାଫିକ୍ ୨୬.୯ ପ୍ରତିଶତ ବୃଦ୍ଧି ପାଇ ୬୯.୪ ବିଲିୟନ ଜିବିରେ ପହଞ୍ଚିଛି। ଏହା ସୂଚାଉଛି ଯେ ଜିଓ ଭାରତରେ ପରବର୍ତ୍ତୀ ପିଢ଼ିର ମୋବାଇଲ୍ ନେଟୱାର୍କ ଉପରେ ଜିଓ ଦ୍ରୁତ ଗତିରେ ନିଜର ପ୍ରାଧାନ୍ୟକୁ ଆହୁରି ଦୃଢ଼ କରୁଛି।

ମୋବାଇଲ୍ ସଂଯୋଗ କ୍ଷେତ୍ରରେ ମଧ୍ୟ ଜିଓ ତାର ଗତି ବଜାୟ ରଖିଛି। ଏହି ତ୍ରୈମାସିକରେ ଜିଓ ମୋଟ ୮୯ ଲକ୍ଷ ଗ୍ରାହକ ଯୋଡିବା ସହିତ ଜୁନ୍ ୨୦୨୬ ସୁଦ୍ଧା କମ୍ପାନୀର ମୋଟ ଗ୍ରାହକ ସଂଖ୍ୟା ୫୩ କୋଟି ୩୦ ଲକ୍ଷରେ ପହଞ୍ଚିଛି। ଗ୍ରାହକ ସଂଖ୍ୟାରେ ଏହି ବୃଦ୍ଧି ଏପରି ଏକ ସମୟରେ ଆସିଛି ଯେତେବେଳେ କମ୍ପାନୀ ଏହାର ୫ଜି ନେଟୱାର୍କର ବ୍ୟବହାର ଏବଂ ଡାଟା ବ୍ୟବହାର ଉଭୟରେ ଦ୍ରୁତ ଗତିର ଅଭିବୃଦ୍ଧି ପ୍ରଦର୍ଶନ କରୁଛି।

ବ୍ରଡବ୍ୟାଣ୍ଡ କ୍ଷେତ୍ରରେ ମଧ୍ୟ ଜିଓ ଏହାର ସ୍ଥିତିକୁ ଆହୁରି ମଜବୁତ କରିଛି। ଜୁନ୍ ୨୦୨୬ ସୁଦ୍ଧା ମୋଟ ଫିକ୍ସଡ୍ ବ୍ରଡବ୍ୟାଣ୍ଡ ଗ୍ରାହକଙ୍କ ସଂଖ୍ୟା ୨ କୋଟି ୮୬ ଲକ୍ଷରେ ପହଞ୍ଚିଛି। ଗତ ୧୨ ମାସ ମଧ୍ୟରେ ପ୍ରାୟ ୮୬ ଲକ୍ଷ ନୂଆ ଗ୍ରାହକ ଯୋଡି ହେବା ସହିତ, ଏହି କ୍ଷେତ୍ରରେ ଜିଓର ବଜାର ଅଂଶ ୪୩ ପ୍ରତିଶତରୁ ଅଧିକ ହୋଇଛି। ଜିଓଏୟାରଫାଇବରର ମୋଟ ଗ୍ରାହକ ସଂଖ୍ୟା ଏକ କୋଟି ୪୦ ଲକ୍ଷ ଅତିକ୍ରମ କରିଛି, ଯାହା ଏହି ୧୨ ମାସର ଅବଧି ମଧ୍ୟରେ ଯୋଡି ହୋଇଥିବା ମୋଟ ଫିକ୍ସଡ୍ ବ୍ରଡବ୍ୟାଣ୍ଡ ଗ୍ରାହକଙ୍କ ୭୫ ପ୍ରତିଶତରୁ ଅଧିକ ରହିଛି।

ଜିଓ ପ୍ଲାଟଫର୍ମସର ତ୍ରୈମାସିକ ପ୍ରଦର୍ଶନ ମଧ୍ୟ ଦୃଢ଼ ରହିଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ, ଜିଓ ପ୍ଲାଟଫର୍ମ ୨୦,୮୬୫ କୋଟି ଟଙ୍କାର ଇ.ବି.ଆଇ.ଟି.ଡି.ଏ ରେକର୍ଡ କରିଛି, ଯାହା ଗତ ବର୍ଷ ସମାନ ସମୟ ତୁଳନାରେ ୧୫.୧ ପ୍ରତିଶତ ବୃଦ୍ଧି ପାଇଛି। କମ୍ପାନୀର ଇ.ବି.ଆଇ.ଟି.ଡି.ଏ ମାର୍ଜିନ୍ ୫୩.୩ ପ୍ରତିଶତ ରହିଛି। ଏହି ଅବଧିରେ ଜିଓର ନେଟ୍ ଲାଭ ଗତବର୍ଷ ସମାନ ସମୟ ତୁଳନାରେ ୯.୨ ପ୍ରତିଶତ ବୃଦ୍ଧି ପାଇ ୭,୭୬୪ କୋଟି ଟଙ୍କାରେ ପହଞ୍ଚିଛି।

ମୋବାଇଲ୍ ୫ଜି, ଡାଟା ବ୍ୟବହାର ଏବଂ ହୋମ୍ ବ୍ରଡବ୍ୟାଣ୍ଡରେ ଅଭିବୃଦ୍ଧି ଦର୍ଶାଉଛି ଯେ ଜିଓ କେବଳ ଗ୍ରାହକ ସଂଖ୍ୟା ଦୃଷ୍ଟିରୁ ନୁହେଁ ବରଂ ପରବର୍ତ୍ତୀ ପିଢ଼ିର ଡିଜିଟାଲ୍ ସଂଯୋଗର ବାସ୍ତବ ରୂପାୟନ କ୍ଷେତ୍ରରେ ମଧ୍ୟ ନିଜର ସ୍ଥିତିକୁ ମଜବୁତ କରୁଛି।

# 'ଏନଭିଡିଆ'କୁ ପଛରେ ପକାଇ ପୁଣି ବିଶ୍ୱର ସବୁଠାରୁ ଦାମୀ କମ୍ପାନୀ ହେଲା ଆପଲ୍

ନୂଆଦିଲ୍ଲୀ: ବିଶ୍ୱର ପ୍ରମୁଖ ପ୍ରଯୁକ୍ତିବିଦ୍ୟା କମ୍ପାନୀ ଆପଲ୍ ଶୁକ୍ରବାର ଦିନ ଏକ ବଡ଼ ସଫଳତା ହାସଲ କରିଛି। ସେୟାର ବଜାରରେ ନିଜର ସେୟାର ମୂଲ୍ୟରେ ବ୍ୟାପକ ବୃଦ୍ଧି ଯୋଗୁଁ ଆପଲ୍, ସେମିକଣ୍ଡକ୍ଟର ଓ ଚିପ୍ ନିର୍ମାଣକାରୀ କମ୍ପାନୀ ଏନଭିଡିଆକୁ ପଛରେ ପକାଇ ଦେଇଛି। ଏହା ସହିତ ଆପଲ୍ ପୁଣିଥରେ ବିଶ୍ୱର ସବୁଠାରୁ ମୂଲ୍ୟବାନ ଲିଷ୍ଟେଡ୍ କମ୍ପାନୀ ଭାବେ ନିଜର ଶୀର୍ଷ ସ୍ଥାନ ଫେରିପାଇଛି। ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଚାହିଦା ଯୋଗୁଁ ଏନଭିଡିଆର ସେୟାର ମୂଲ୍ୟରେ ଅପ୍ରତ୍ୟାଶିତ ବୃଦ୍ଧି ଘଟିଥିଲା, ଯାହା ଆପଲକୁ ଦ୍ୱିତୀୟ ସ୍ଥାନକୁ ଠେଲି ଦେଇଥିଲା। ମାତ୍ର ଶୁକ୍ରବାର ବଜାର କାରବାର ସମୟରେ ଆପଲର ସେୟାରରେ ଏକ ବଡ଼ ବୃଦ୍ଧି ଦେଖିବାକୁ ମିଳିଥିଲା । ଏହା କମ୍ପାନୀର ମୋଟ ବଜାର ପୁଞ୍ଜି ବା ମାର୍କେଟ୍ କ୍ୟାପ୍‌କୁ ଏନଭିଡିଆ ତୁଳନାରେ ଅଧିକ କରିଦେଇଛି। ନିବେଶକମାନଙ୍କ ଆସ୍ଥା ଏବଂ ଆପଲର ରଣନୀତି ଯୋଗୁଁ କମ୍ପାନୀର ଷ୍ଟକ୍ ମୂଲ୍ୟରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି।

ଏନଭିଡିଆ ଏହାର ଏଆଇ ପ୍ରୋସେସର୍ ଯୋଗୁଁ ବଜାରରେ ଦବଦବା ଜାହିର କରିଥିଲା । ଆପଲ୍ ନିଜର ଇକୋସିଷ୍ଟମ୍‌ରେ ଏଆଇର ସଫଳ ସଂଯୋଗୀକରଣ କରି ନିବେଶକମାନଙ୍କୁ ଆକୃଷ୍ଟ କରିବାରେ ସଫଳ ହୋଇଛି। ଆଇଫୋନ୍ ଏବଂ ଅନ୍ୟାନ୍ୟ ପ୍ରିମିୟମ୍ ଗ୍ୟାଜେଟ୍ସର ସ୍ଥିର ବିକ୍ରି ଆପଲ୍‌କୁ ବିଶ୍ୱ ବଜାରରେ ଏକ ନିରାପଦ ଓ ମଜଭୁତ ସ୍ଥିତି ପ୍ରଦାନ କରିଆସିଛି। ବିଗତ କିଛି ମାସ ହେବ ବିଶ୍ୱର ସବୁଠାରୁ ମୂଲ୍ୟବାନ କମ୍ପାନୀ ଆଖ୍ୟା ପାଇଁ ଆପଲ୍, ମାଇକ୍ରୋସଫ୍ଟ ଏବଂ ଏନଭିଡିଆ ମଧ୍ୟରେ କଡ଼ା ପ୍ରତିଯୋଗିତା ଚାଲିଛି। ଶୁକ୍ରବାରର ଏହି ବଜାର ସଂଶୋଧନ ପରେ ଆପଲ୍ ପ୍ରମାଣିତ କରିଛି ଯେ, ବଜାରରେ ଉତ୍ଥାନ-ପତନ ସତ୍ତ୍ୱେ ବିଶ୍ୱ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ତାର ପ୍ରଭାବ ସବୁଠାରୁ ଅଧିକ। ଏହି ସଫଳତା ଆଗାମୀ ଦିନରେ କମ୍ପାନୀର ବ୍ୟବସାୟିକ ଅଭିବୃଦ୍ଧିକୁ ଆହୁରି ସୁଦୃଢ଼ କରିବ ବୋଲି ବଜାର ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।



## ଇ୨୦ ପେଟ୍ରୋଲ୍ ମାମଲାରେ କୋର୍ଟଙ୍କ ଐତିହାସିକ ରାୟ

# ଗ୍ରାହକ ଜିତିଲେ କେସ୍

## ନୂଆ କାର୍ ଦେବାକୁ କମ୍ପାନୀକୁ ନିର୍ଦ୍ଦେଶ



ଛତିଶଗଡ଼, ୧୬।୭: ଦେଶରେ ଇ୨୦ ଫୁଏଲକୁ ନେଇ ଚାଲିଥିବା ବିବାଦ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଖବର ସାମ୍ନାକୁ ଆସିଛି। ଇ୨୦ ପେଟ୍ରୋଲ କାରଣରୁ ଗାଡ଼ି ଖରାପ ହେବା ମାମଲାରେ ଗ୍ରାହକଙ୍କ ସପକ୍ଷରେ ଦେଶର ପ୍ରଥମ ବଡ଼ ରାୟ ଶୁଣାଇଛନ୍ତି କୋର୍ଟ। ଛତିଶଗଡ଼ର ରାୟପୁର ଜିଲ୍ଲା କନଜ୍ୟୁମର କୋର୍ଟ ଗାଡ଼ି ମାଲିକଙ୍କ ପକ୍ଷ ରଖି କାର୍ ନିର୍ମାତା କମ୍ପାନୀକୁ ଝଟ୍‌କା ଦେଇଛନ୍ତି। ଗାଡ଼ି ମାଲିକଙ୍କ ଅଭିଯୋଗ ଥିଲା ଯେ, ଇ୨୦ ତେଲ ପକାଇବା ପରେ ତାଙ୍କ ଗାଡ଼ି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା ଏବଂ ବାରମ୍ବାର ମରାମତି ପରେ ମଧ୍ୟ କୌଣସି ସୁଧାର ଆସିନଥିଲା।

ଗ୍ରାହକଙ୍କ ଦାବି ଅନୁଯାୟୀ, ଗାଡ଼ିରେ ଇ୨୦ ପେଟ୍ରୋଲ ଭରିବା ପରେ ହିଁ ଇଞ୍ଜିନରେ ସମସ୍ୟା ଦେଖାଦେଇଥିଲା। ଗାଡ଼ିର ପରଫରମାନ୍ସ ଖରାପ ହେବା ସହ ମିସ୍‌ଫାୟାରିଂ ଏବଂ ମାଇଲେଜ୍ କମିଯାଇଥିଲା। ୱାର୍କସପ୍‌ରେ ଯାଞ୍ଚ ବେଳେ ଇଞ୍ଜିନ୍ ଭିତରେ ଇ୨୦ ଫଏଲ୍ ଜମି ରହିଥିବା ପ୍ରମାଣ ମିଳିଥିଲା। ଏପରିକି ପେଟ୍ରୋଲ ଟାଙ୍କିରୁ ଏକ ପ୍ରକାର ଧଳା ତରଳ ପଦାର୍ଥ ବାହାରିଥିଲା, ଯାହା ଗାଡ଼ିର ଇଞ୍ଜିନ୍‌କୁ ବହୁତ କ୍ଷତି ପହଞ୍ଚାଇଥିଲା। ଏହି ମାମଲାଟି ପ୍ରସିଦ୍ଧ କାର୍ ନିର୍ମାତା କମ୍ପାନୀ ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ ବିରୋଧରେ ଥିଲା। କମ୍ପାନୀ ଏବଂ ଡିଲରଙ୍କ ପକ୍ଷରୁ କୋର୍ଟରେ ଦାବି କରାଯାଇଥିଲା ଯେ, ଉକ୍ତ କାର୍ ମଡେଲ୍‌ଟି ଇ୨୦ ଫ୍ୟୁଲ୍ ପାଇଁ ସମ୍ପୂର୍ଣ୍ଣ ଉପଯୁକ୍ତ। ଗାଡ଼ିର ଖରାପ ରକ୍ଷଣାବେକ୍ଷଣ ଏବଂ ସାଧାରଣ ତ୍ରୁଟି ଯୋଗୁଁ ଏପରି ହୋଇଛି ବୋଲି ଡିଲର କହିଥିଲେ। ମାତ୍ର ୨୦୨୪ରେ କିଣାଯାଇଥିବା ଏହି ନୂଆ ଗାଡ଼ିଟି ଇ୨୦ ପେଟ୍ରୋଲ ପକାଇବା ପୂର୍ବରୁ ସମ୍ପୂର୍ଣ୍ଣ ଠିକ୍ ଚାଲୁଥିବା ନେଇ ଗ୍ରାହକ ଜଣକ କୋର୍ଟରେ ଦୃଢ଼ ପ୍ରମାଣ ଉପସ୍ଥାପନ କରିଥିଲେ, ଯାହାକୁ କୋର୍ଟ ଗ୍ରହଣ କରିଛନ୍ତି। ମାରୁତି ସୁଜୁକି କମ୍ପାନୀକୁ ୪୫ ଦିନ ଭିତରେ ଅଭିଯୋଗକାରୀଙ୍କୁ ସେହି ସମାନ ମଡେଲ୍‌ର ଏକ ନୂଆ କାର୍ ଦେବାକୁ ହେବ, ଯାହା ସଫଳତାର ସହ ଇ୨୦ ଫ୍ୟୁଲ୍‌ରେ ଚାଲିପାରୁଥିବ। ଯଦି କମ୍ପାନୀ ନୂଆ ଗାଡ଼ି ଦେବାରେ ବିଫଳ ହୁଏ, ତେବେ ଗ୍ରାହକଙ୍କୁ କାର୍‌ର ସମ୍ପୂର୍ଣ୍ଣ ମୂଲ୍ୟ ଅର୍ଥାତ୍ ୨୦.୫୦ ଲକ୍ଷ ଟଙ୍କା ଫେରସ୍ତ କରିବାକୁ ପଡ଼ିବ। ମାନସିକ ନିର୍ଯାତନା ପାଇଁ ଗ୍ରାହକଙ୍କୁ ୧ ଲକ୍ଷ ଟଙ୍କା କ୍ଷତିପୂରଣ ଏବଂ କୋର୍ଟ ଖର୍ଚ୍ଚ ବାବଦକୁ ୧୦ ହଜାର ଟଙ୍କା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ଅର୍ଗାନେଲ୍ ଫାର୍ମର ନୂଆ ରିଟେଲ୍ ଷ୍ଟୋର ଉଦ୍‌ଘାଟିତ

ଭୁବନେଶ୍ୱର, ୧୮।୭: ଓଡ଼ିଶାର ଅର୍ଗାନିକ୍ ବ୍ରାଣ୍ଡ୍ ଅର୍ଗାନେଲ୍ ଫାର୍ମସ୍ ପକ୍ଷରୁ ପଟିଆ କଳାରାହାଙ୍ଗ ଜେଡ୍ - ୧ ଆପାର୍ଟମେଣ୍ଟ ନିକଟରେ ଗୁରୁବାର ଆଉ ଏକ ରିଟେଲ୍ ଷ୍ଟୋର ଉଦ୍‌ଘାଟନ ହୋଇଛି। ଏହି ଷ୍ଟୋର କମ୍ପାନୀର ବଜାର ଉପସ୍ଥିତିକୁ ଆହୁରି ସୁଦୃଢ଼ କରିବା ସହିତ ସମଗ୍ର ଓଡ଼ିଶାରେ ଜୈବିକ ଓ ପ୍ରାକୃତିକ ଉପାୟରେ ଉତ୍ପାଦିତ ଖାଦ୍ୟକୁ ଲୋକଙ୍କ ପାଖରେ ସହଜରେ ପହଞ୍ଚାଇବା ଲକ୍ଷ୍ୟ ରଖିଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଏମ୍‌ଜିଏମ୍ ଗ୍ରୁପ ପ୍ରତିଷ୍ଠାତା ରାଜୀବ ଲୋଚନ ମହାନ୍ତି ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଓଲିଉଡ୍ ଅଭିନେତା ଅର୍ଦ୍ଧେନ୍ଦୁ ସୁନ୍ଦର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶାର ଦୁଇ ସଫଳ ଉଦ୍ୟୋଗୀ ପୁନମ ମହାପାତ୍ର ଏବଂ ତନୁଜ ମହାନ୍ତିଙ୍କ ଦ୍ୱାରା ପ୍ରତିଷ୍ଠିତ 'ଅର୍ଗାନେଲ୍ ଫାମର୍ସ' ଏକ ସମନ୍ୱିତ ଏବଂ ସ୍ଥାୟୀ କୃଷି ପଦ୍ଧତିକୁ ଅନୁସରଣ କରୁଛି। ବୌଦ୍ଧ ଜିଲାରେ କମ୍ପାନୀର ୪୦୦ ଏକରରୁ ଅଧିକ ଚାଷ ଜମିରେ ୭୦ରୁ ଅଧିକ ସାହିୱାଲ ଗାଈ, ୨୦୦ରୁ ଅଧିକ ମହୁମାଛି ବାକ୍ସ ଏବଂ ୧,୨୦୦ରୁ ଅଧିକ କୁକୁଡା ପାଳନ କରାଯାଉଛି। ଏହାସହ ପାଟିଆରେ କମ୍ପାନୀର ନିଜସ୍ୱ ପ୍ରୋସେସିଂ ଓ ପ୍ୟାକେଜିଂ ୟୁନିଟ୍ ରହିଛି, ଯାହା ଚାଷଜମିରୁ ଗ୍ରାହକଙ୍କ ପର୍ଯ୍ୟନ୍ତ ସାମଗ୍ରୀର ଗୁଣବତ୍ତା ସୁନିଶ୍ଚିତ କରୁଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।



# ଗୁପ୍ତ ମେସେଜ୍ ଉପରେ ଏଆଇ ନଜର

ନୂଆଦିଲ୍ଲୀ, ୧୮।୭: ଆଜିର ଡିଜିଟାଲ୍ ଯୁଗରେ ଆମେ ସମସ୍ତେ ନିଜର ବ୍ୟକ୍ତିଗତ ଏବଂ ବ୍ୟବସାୟିକ କାମ ପାଇଁ ଜି-ମେଲ୍ ବ୍ୟବହାର କରୁଛୁ। କିନ୍ତୁ କଣ ଆପଣ ଜାଣନ୍ତି, ଯେଉଁ ଏଆଇ ଆପଣଙ୍କ କାମକୁ ସହଜ କରୁଛି, ସେହି ଏଆଇ ହିଁ ଆପଣଙ୍କ ଜିମେଲ୍ ପାଇଁ ବିପଦ ସାଜିପାରେ ! ରିପୋର୍ଟ ଅନୁଯାୟୀ, ଗୁଗଲ୍‌ର ଏଆଇ ଆସିଷ୍ଟାଣ୍ଟ ଆପଣଙ୍କ ଇମେଲ୍, ଆଟାଚ୍‌ମେଣ୍ଟ ଏବଂ ଅତ୍ୟନ୍ତ ବ୍ୟକ୍ତିଗତ ମେସେଜ୍‌ଗୁଡ଼ିକୁ କ୍ରମାଗତ ଭାବରେ ସ୍କାନ କରୁଛି। ତେବେ ଚିନ୍ତା କରିବାର କୌଣସି ଆବଶ୍ୟକତା ନାହିଁ। ମାତ୍ର ୭ଟି ସହଜ ଷ୍ଟେପ୍ସ ମାଧ୍ୟମରେ ଆପଣ ଏହି ସେଟିଂକୁ ବନ୍ଦ କରିପାରିବେ। 'ସାଇବର ଦୋସ୍ତ'ର ସୂଚନା ଅନୁଯାୟୀ, ଜି-ମେଲ୍ ର 'ସ୍ମାର୍ଟ ଫିଚର୍ସ' ନାଁରେ ଏଆଇ ଆପଣଙ୍କ ବ୍ୟକ୍ତିଗତ ଡାଟାକୁ ପଢ଼ିଥାଏ। ଯଦି ଆପଣ ନିଜ ଜି-ମେଲ୍‌କୁ ସମ୍ପୂର୍ଣ୍ଣ ସୁରକ୍ଷିତ ରଖିବାକୁ ଚାହୁଁଛନ୍ତି, ତେବେ ତୁରନ୍ତ ଏହି ସେଟିଂସ ବଦଳାନ୍ତୁ।

ପ୍ରଥମେ ଆପଣଙ୍କ କମ୍ପ୍ୟୁଟର କିମ୍ବା ଡେସ୍କଟପ୍‌ରେ ଜି-ମେଲ୍ ଓପନ କରନ୍ତୁ। ଡାହାଣ ପଟେ ଥିବା ସେଟିଙ୍ଗ୍ସ ଉପରେ କ୍ଲିକ୍ କରନ୍ତୁ। ଏବେ ଆପଣଙ୍କୁ "See all settings" ର ବିକଳ୍ପ ଦେଖାଯିବ, ସେଥିରେ କ୍ଲିକ୍ କରନ୍ତୁ। ଏଠାରେ General ଟ୍ୟାବ୍‌ରେ ତଳକୁ ସ୍କ୍ରୋଲ୍ କରନ୍ତୁ ଏବଂ 'Smart Features and Personalization' ର ଚେକବକ୍ସକୁ ଅନ-ଟିକ୍ କରିଦିଅନ୍ତୁ। ଏହାପରେ ଏକ ପପ୍-ଅପ୍ ଆସିବ, ସେଠାରେ




### ଜି-ମେଲ୍ ୟୁଜର୍ସଙ୍କ ପାଇଁ ବଡ଼ ଚେତାବନୀ

ଏହାକୁ ଟର୍ଣ୍ଣ ଅଫ୍ କରନ୍ତୁ। ସେହି ପେଜ୍‌ରେ ଟିକେ ତଳକୁ ଗଲେ ଆପଣଙ୍କୁ 'Google Workspace smart features' ର ଏକ ସେକ୍ସନ ମିଳିବ। ଏଠାରେ 'Manage Workspace smart features settings' ଉପରେ କ୍ଲିକ୍ କରି ସେଠାରେ ଥିବା ଉଭୟ ବକ୍ସକୁ ଅନ-ଟିକ୍ କରନ୍ତୁ। ଶେଷରେ ସେଟିଙ୍ଗ୍ସକୁ Save କରିଦିଅନ୍ତୁ।

ଡେସ୍କଟପ୍‌ର ଏହି ସେଟିଙ୍ଗ୍ସ ଆପଣଙ୍କ ମୋବାଇଲ୍ ଆପ୍ ସହିତ ସବୁବେଳେ ଅଟୋ-ସିଙ୍କ ହୋଇନଥାଏ। ତେଣୁ ନିଜ ସ୍ମାର୍ଟଫୋନ୍‌ର Gmai ଆପ୍‌କୁ ଯାଇ ମଧ୍ୟ ଏହି ସେଟିଙ୍ଗ୍ସକୁ ମାନୁଆଲି ଚେକ୍ କରି ଅଫ୍ କରନ୍ତୁ। ଏହା ସହିତ, ଯେତେବେଳେ ବି Gmai ଆପ୍ ଅପଡେଟ୍ ହୁଏ, ଅନେକ ସମୟରେ ଏହି ସେଟିଙ୍ଗ୍ସ ପୁଣିଥରେ ପୂର୍ବପରି ରିସେଟ୍ ହୋଇଯାଏ। ତେଣୁ ପ୍ରତ୍ୟେକ ବଡ଼ ଅପଡେଟ୍ ପରେ ନିଜ ସେଟିଙ୍ଗ୍ସକୁ ଆଉଥରେ ଯାଞ୍ଚ କରିବାକୁ ଭୁଲନ୍ତୁ ନାହିଁ।



# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୨,୫୩୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୦,୬୫୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୨,୫୩୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୦,୬୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୨,୫୩୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୦,୬୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୨,୬୮୦ ଟଙ୍କା ଓ ୨୨ କ୍ୟାରଟେ ୧,୩୦,୮୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୨,୯୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୧,୦୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୨,୫୩୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୩୦,୬୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୩୦,୦୦୦ ଟଙ୍କା ହୋଇଛି ।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦାମ ହ୍ରାସ ପାଇଛି । ଲଗାତାର କିଛିଦିନ ହେଲାଣି ସ୍ଥିର ରହିଛି ପେଟ୍ରୋଲ କିମ୍ବା ଡିଜେଲ ଦର । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୧୮ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୬୫ ପଇସା ରହିଛି ।

### ଡିଜିଟାଲ ଇଣ୍ଡିଆର ଅସଲି ଚେହେରା

# ଯନ୍ତ୍ରଣା ଦେଉଛି ଆଧାର କାର୍ଡ ସଂଶୋଧନ

**ଶିଶୁରୁ ବୃଦ୍ଧ ଯାଏଁ ସମସ୍ତେ ହଇରାଣ**

**କେନ୍ଦ୍ର କମ୍, ଦଲାଲ ରାଜ ଅଧିକ**

**ପ୍ରଶାସନ ନିରବ**




**କାକଟପୁର/ଅସ୍ତରଙ୍ଗ,୧୮।୭ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନ ୧୫ ଗୋଟି ପଞ୍ଚାୟତରେ ଏବେ ଆଧାର କାର୍ଡ ସଂଶୋଧନ ସାଧାରଣ ଲୋକଙ୍କ ପାଇଁ ବଡ ଯନ୍ତ୍ରଣା ପାଲଟିଛି। ଶିଶୁରୁ ଆରମ୍ଭ କରି ବୃଦ୍ଧ, ବୃଦ୍ଧା ପର୍ଯ୍ୟନ୍ତ ସମସ୍ତେ ନାମ, ଜନ୍ମ ତାରିଖ, ଠିକଣା ଭୁଲ ପାଇଁ ଦିନ ରାତି ଧକ୍କା ଖାଉଛନ୍ତି। କିନ୍ତୁ ସମାଧାନ ଶୂନ୍ୟ।

ସବୁଠାରୁ ଅଧିକ ସମସ୍ୟା ଆଧାରରେ ନାମ ପରିବର୍ତ୍ତନକୁ ନେଇ। ସ୍କୁଲ ସାର୍ଟିଫିକେଟ ସହ ଆଧାର ନାମ ମିଶୁନି, ବ୍ୟାଙ୍କ ଖାତା ସହ ମିଶୁନି, ରାସନ କାର୍ଡ ସହ ମିଶୁନି। ଫଳରେ ଛାତ୍ରଛାତ୍ରୀଙ୍କ ଛାତ୍ରବୃତ୍ତି ବନ୍ଦ, ହିତାଧିକାରୀଙ୍କ ସରକାରୀ ଯୋଜନା ବନ୍ଦ, ଏପରିକି ବୃଦ୍ଧ, ବୃଦ୍ଧାଙ୍କ ଭତ୍ତା ବି ବନ୍ଦ ହୋଇଯାଉଛି। ସଂଶୋଧନ ପାଇଁ ଲୋକେ ପ୍ରଥମେ ଆଫିଡେଭିଟ୍ କରୁଛନ୍ତି, ପରେ ପେପର ପ୍ରିଣ୍ଟ, ଫଟୋ କପି, ଆଉ ତା'ପରେ ଆଧାର କେନ୍ଦ୍ରକୁ ଧାଉଁଛନ୍ତି। ହେଲେ ସେଠାରେ ବି ଶୋଷଣ। ସରକାରୀ ନିୟମ ଅନୁଯାୟୀ ଆଧାର ସଂଶୋଧନ ପାଇଁ ୫୦ ଟଙ୍କା ଧାର୍ଯ୍ୟ ଥିଲେ ମଧ୍ୟ ବ୍ଲକର ଅନେକ ଆଧାର କେନ୍ଦ୍ରରେ ୧୦୦ ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି। ଗରିବ, ଆର୍ଥିକ ଅନଗ୍ରସର ପରିବାର ପାଇଁ ଏହି ଅର୍ଥ ବୋଝ ଉପରେ ନଳିତା ବିଡା ସଦୃଶ।

ଛୁରିଆନା ପଞ୍ଚାୟତର କୈଳାଶ ବେହେରା କ୍ଷୋଭର ସହ କହିଛନ୍ତି , "ମୋ ମା'ଙ୍କ ବୟସ ୭୮ ବର୍ଷ। ଆଧାରରେ ନାମ ଭୁଲ ଥିବାରୁ ୬ ମାସ ହେଲା ବାର୍ଦ୍ଧକ୍ୟ ଭତ୍ତା ବନ୍ଦ। ଔଷଧ କିଣିବାକୁ ପଇସା ନାହିଁ। କେନ୍ଦ୍ରକୁ ଗଲେ ୧ଶହ ଟଙ୍କା ମାଗୁଛନ୍ତି। ଆଫିଡେଭିଟ୍ ପାଇଁ ଆଉ ୧ଶହ ଟଙ୍କା। ଆମ ଭଳି ଗରିବ କେମିତି ବଞ୍ଚିବୁ?"

ସମାନ ଅବସ୍ଥା କେନ୍ଦ୍ରାପଟି , ମାଣ୍ଡୁକି, କୋରଣା, ଶିଶୁଅ, ଅସ୍ତରଙ୍ଗ ସମେତ ସମସ୍ତ ୧୫ ପଞ୍ଚାୟତରେ। କେବଳ ବୃଦ୍ଧ, ବୃଦ୍ଧା ନୁହଁନ୍ତି, ଦିବ୍ୟାଙ୍ଗ ଭତ୍ତା, ବିଧବା ଭତ୍ତା ପାଉଥିବା ଶହ ଶହ ହିତାଧିକାରୀ ଆଧାର ତ୍ରୁଟି ପାଇଁ ସରକାରୀ ସହାୟତାରୁ ବଞ୍ଚିତ ହେଉଛନ୍ତି। ପୁଣି ଗାଁରେ ଆଧାର କେନ୍ଦ୍ର ସଂଖ୍ୟା କମ୍ ଥିବାରୁ ଲୋକଙ୍କୁ ୬ରୁ ୧୦କି.ମି ଯାଇ ଧାଡିରେ ଠିଆ ହେବାକୁ ପଡୁଛି। ଦିନ ତମାମ ଅପେକ୍ଷା ପରେ ସର୍ଭର ଡାଉନ୍ କିମ୍ବା ଅପରେଟର ନାହାନ୍ତି କହି ଫେରାଇ ଦିଆଯାଉଛି।

ସ୍ଥାନୀୟ ବୁଦ୍ଧିଜୀବୀଙ୍କ ମତରେ, ପ୍ରତି ପଞ୍ଚାୟତରେ ମାସକୁ ଅତିକମରେ ଦୁଇ ଥର ମୋବାଇଲ ଆଧାର କ୍ୟାମ୍ପ କରି ମାଗଣାରେ ସଂଶୋଧନ ବ୍ୟବସ୍ଥା କଲେ ଲୋକଙ୍କ ସମସ୍ୟା ଦୂର ହୋଇପାରନ୍ତା।

## ଷାଠୀଏବାଟି ଗାଁରେ ଜଙ୍ଗଲି ବାରହା ଆତଙ୍କ, ୬ ଆହତ

**ମହାକାଳପଡ଼ା,୧୮।୭(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବରକନ୍ଧା ପଞ୍ଚାୟତର ଷାଠୀଏବାଟି ଗ୍ରାମରେ ଶୁକ୍ରବାର ସକାଳୁ ଏକ ଜଙ୍ଗଲି ବାରହା ପଶି ଉତ୍ପାତ ସୃଷ୍ଟି କରିଛି। ବାରାହାର ଆକ୍ରମଣରେ ୬ ଜଣ ଗ୍ରାମବାସୀ ଗୁରୁତର ଆହତ ହୋଇଥିବାରୁ ସମଗ୍ର ଅଞ୍ଚଳରେ ଆତଙ୍କର ପରିବେଶ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ, ସକାଳ ସମୟରେ ଗ୍ରାମବାସୀମାନେ ନିଜ ନିତ୍ୟକର୍ମରେ ବ୍ୟସ୍ତ ଥିବା ବେଳେ ହଠାତ୍ ଏକ ଜଙ୍ଗଲି ବାରାହା ଗାଁ ଭିତରକୁ ପଶି ଆସିଥିଲା। ଯାହା ସାମ୍ନାକୁ ଆସିଲା, ତାହାକୁ ଆକ୍ରମଣ କରି ଲହୁଲୁହାଣ କରିଦେଇଥିଲା। କେତେକ ସ୍ଥାନରେ ବାରାହାଟି ଘର ଭିତରକୁ ପଶି ମଧ୍ୟ ଆକ୍ରମଣ କରିଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏହା ପରେ ଗ୍ରାମରେ ଭୟର ବାତାବରଣ ଖେଳିଯାଇଥିଲା।ଆହତମାନେ ହେଲେ ଧନୁ ସାମଲ (୬୫), ପଞ୍ଚୈ ଦାସ (୫୫), ପ୍ରତାପ ବେହେରା (୪୮), ବିପିନ ସ୍ୱାଇଁ (୭୦), ବିଶ୍ୱନାଥ ବେହେରା (୬୫) ଓ ଡାଳିମ୍ବ ରାଉତ (୫୮)। ସମସ୍ତଙ୍କୁ ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର କରାଯାଇ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଇଛି।ଘଟଣା ପରେ ସାଠୀଏବାଟି ଗ୍ରାମରେ ଭୟର ପରିବେଶ ଲାଗି ରହିଛି। ଗ୍ରାମବାସୀମାନେ ଘରୁ ବାହାରିବାକୁ ଭୟ କରୁଥିବାବେଳେ, ଜଙ୍ଗଲି ବାରାହାକୁ ତୁରନ୍ତ କାବୁ କରିବା ସହ ଗ୍ରାମରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ବନ ବିଭାଗ ନିକଟରେ ଦାବି କରିଛନ୍ତି। ସ୍ଥାନୀୟ ଅଞ୍ଚଳରେ ବନ୍ୟଜନ୍ତୁଙ୍କ ଏଭଳି ବାରମ୍ବାର ପ୍ରବେଶକୁ ନେଇ ଲୋକଙ୍କ ମଧ୍ୟରେ ଚିନ୍ତା ବଢ଼ିଛି।

## ଜଳଦିଆ ଶ୍ରୀ ଶ୍ରୀ ଦଧିବାମନ ଜିଉଙ୍କ ପୀଠରେ ରଥଯାତ୍ରା ସମ୍ପନ୍ନ



**ନିଶ୍ଚିନ୍ତକୋଇଲି,୧୮।୭ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠ ନିକଟସ୍ଥ ଜଳଦିଆ ଶ୍ରୀ ଶ୍ରୀ ଦଧିବାମନ ଜିଉଙ୍କ ପୀଠରେ ରଥଯାତ୍ରା ସମ୍ପନ୍ନ ହୋଇଛି। ଏହି ଅବସରରେ ମନ୍ଦିର ପରିସରରେ ଏକ ଧର୍ମ ଆଲୋଚନାଚକ୍ର ପ୍ରାକ୍ତନ ଚିକିତ୍ସକ ପୀତାମ୍ବର ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ବାବା ବ୍ରହ୍ମାନନ୍ଦ ସରସ୍ୱତୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ ଉପେନ୍ଦ୍ରନାଥ ମହାନ୍ତି, ଶିକ୍ଷାବିତ ଭୈରବ ଚନ୍ଦ୍ର ଜେନା,ସହଦେବ ଦାସ, ଅମୂଲ୍ୟ କୁମାର ମହାନ୍ତି, କାର୍ତ୍ତିକ ଚନ୍ଦ୍ର ମୁଦୁଲି, ପ୍ରସନ୍ନ ସ୍ୱାଇଁ, ଧରଣୀଧର ପୁଝାରୀ, ଅରୂପାନନ୍ଦ ଦାସ, ଉପେନ୍ଦ୍ର ପୁଝାରୀ, ପ୍ରାକ୍ତନ ସରପଞ୍ଚ ମୀନକେତନ ସ୍ୱାଇଁ, ପ୍ରଦୀପ୍ତ ମହାନ୍ତି, ସୁଧାଂଶୁ ଶେଖର ମହାନ୍ତି, ସନାତନ ଲେଙ୍କା, ମନ୍ମଥନାଥ ସ୍ୱାଇଁ, ଉମାକାନ୍ତ ଲେଙ୍କା, ଅଟଳ ମହାପାତ୍ର, କୈଳାସ ମହାପାତ୍ର, ଅଲେଖ ଦଳାଇ, ଜିଲ୍ଲା ପରିଷଦ ସଭ୍ୟ ବିଳାସ ଭୋଇ, ଉମାକାନ୍ତ ଲେଙ୍କା, କ୍ଷିତୀଶ ରାଉତ, ଶଙ୍କର ଦଳାଇ, ଅରୁଣ ସିଂ, କୈଳାସ ମୁଦୁଲି ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରମୋଦ କୁମାର ଦଳାଇ ଓ ନୃସିଂହ ଚରଣ ମୁଦୁଲି ପରିଚାଳନା କରିଥିଲେ।

## ଇଫ୍‌କୋ ପାରାଦୀପରେ ଭକ୍ତିର ସହ ପାଳିତ ହେଲା ରଥଯାତ୍ରା



**ପାରାଦ୍ୱୀପ,୧୮।୭ (ସଂଚାର ବ୍ୟୁରୋ):** ପାରାଦୀପ କାମ ସହ ଧର୍ମ ମଧ୍ୟ ଚାଲିପାରେ, ଏଇଆ ଇଫକୋ ପାରାଦୀପ ଆଜି ପ୍ରମାଣ କଲା। ବିଶ୍ୱର ସବୁଠାରୁ ବଡ ସାର କମ୍ପାନୀ ଇଫକୋ ର ପାରାଦୀପ ଟାଉନସିପ ଆଜି ଶ୍ରୀକ୍ଷେତ୍ରରେ ପରିଣତ ହୋଇଥିଲା। କର୍ମଚାରୀ ଓ ଅଧିକାରୀଙ୍କ ସହଯୋଗରେ ଶ୍ରୀ ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ମା' ସୁଭଦ୍ରାଙ୍କ ରଥଯାତ୍ରା ବଡ ଧୁମଧାମରେ ପାଳିତ ହୋଇଥିଲା। ତିନି ରଥକୁ ଫୁଲ ଓ ରଙ୍ଗୀନ କାଗଜରେ ସଜାଇ ସମ୍ପୂର୍ଣ୍ଣ ଟାଉନସିପ ପରିକ୍ରମା କରାଯାଇଥିଲା।

ଇଫକୋ ଅଧକ୍ଷ ଦିଲ୍ଲୀପ ସଂଘାନୀ, ଗୀତା ସଘାନୀ, ପରିଚାଳନା ନିର୍ଦ୍ଦେଶକ କେଜେ ପଟେଲ, ଶ୍ରୀମତୀ ମମତା ପଟେଲ, ପାରାଦ୍ୱୀପ ୟୁନିଟ ମୁଖ୍ୟ ପି କେ ମହାପାତ୍ର,ଶ୍ରୀମତୀ ମଞ୍ଜୁଲତା ମହାପାତ୍ର ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଗଣଙ୍କ ସହ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। "ଜୟ ଜଗନ୍ନାଥ" ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା ଇଫକୋ କାରଖାନା ପରିସର। ଅଧିକାରୀଠାରୁ ଆରମ୍ଭ କରି ସାଧାରଣ କର୍ମଚାରୀ, ମହିଳା ଓ ଶିଶୁମାନେ ମଧ୍ୟ ଭକ୍ତି ଭାବରେ ରଥ ଟଣିଥିଲେ। ଏଇ ସମନ୍ୱୟ ଓ ଭାଇଚାରା ହିଁ ଇଫକୋ ର ପ୍ରକୃତ ପରିଚୟ। ରଥଯାତ୍ରା ପରେ ମହାପ୍ରଭୁଙ୍କୁ ସ୍ୱତନ୍ତ୍ର ପୂଜା ଓ ପ୍ରସାଦ ବିତରଣ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା।

## ରାସ୍ତା ଅବସ୍ଥା ଶୋଚନୀୟ, ଲୋକେ ହନ୍ତସନ୍ତ

**ସ୍ଥାୟୀ ମରାମତି ଦାବି**



**ବାଲିକୁଦା,୧୮।୭ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅନ୍ତର୍ଗତ ସଂଗ୍ରାମପୁର ପଞ୍ଚାୟତର ବୁଦ୍ଧିସାହିରେ ଥିବା ପ୍ରଧାନମନ୍ତ୍ରୀ ସଡ଼କ ରାସ୍ତାଠାରୁ ପରିଡ଼ା ସାହିକୁ ସଂଯୋଗ କରୁଥିବା ରାସ୍ତା ବର୍ତ୍ତମାନ ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ରହିଛି। ବର୍ଷା ଋତୁ ଆରମ୍ଭ ହେବା ପରେ ରାସ୍ତାରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଥିବା ବେଳେ ବର୍ଷା ପାଣି ଜମି ରହୁଥିବାରୁ ଯାତାୟାତ ପ୍ରାୟ ଦୁର୍ବିସହ ହୋଇପଡ଼ିଛି। ଫଳରେ ଦୈନନ୍ଦିନ କାର୍ଯ୍ୟରେ ବାହାରୁଥିବା ଲୋକମାନେ, ଛାତ୍ରଛାତ୍ରୀ, ବୃଦ୍ଧବୃଦ୍ଧା ଏବଂ ରୋଗୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ଏହି ରାସ୍ତା ଉପରେ ଶତାଧିକ ଲୋକ ସମ୍ପୂର୍ଣ୍ଣ ଭାବେ ନିର୍ଭରଶୀଳ। ଗ୍ରାମରୁ ବଜାର, ସ୍କୁଲ, ଅଙ୍ଗନବାଡ଼ି କେନ୍ଦ୍ର, ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଯିବା ପାଇଁ ଏହା ହିଁ ଏକମାତ୍ର ସଂଯୋଗକାରୀ ରାସ୍ତା। କିନ୍ତୁ ରାସ୍ତାର ଦୟନୀୟ ଅବସ୍ଥା ଯୋଗୁଁ ପ୍ରତିଦିନ ଯାତାୟାତ କରିବା ଲୋକଙ୍କ ପାଇଁ ଏକ ବଡ଼ ସମସ୍ୟାରେ ପରିଣତ ହୋଇଛି। ରୋଗୀ କିମ୍ବା ଗର୍ଭବତୀ ମହିଳାଙ୍କୁ ଜରୁରୀ ଚିକିତ୍ସା ପାଇଁ ହସ୍ପିଟାଲ ନେବା ବେଳେ ମଧ୍ୟ ଏହି ରାସ୍ତା ବଡ଼ ବାଧକ ସାଜୁଛି। ଆମ୍ବୁଲାନ୍ସ କିମ୍ବା ଅନ୍ୟ ଯାନବାହନ ସହଜରେ ଯାଇପାରୁ ନଥିବାରୁ ଜରୁରୀ ସମୟରେ ଲୋକମାନେ ଅଧିକ ହଇରାଣ ହେଉଛନ୍ତି। ସ୍ଥାନୀୟ ଲୋକଙ୍କ ମତରେ ଏଭଳି ପରିସ୍ଥିତି ଦୀର୍ଘଦିନ ଧରି ଚାଲିଆସୁଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିନାହିଁ।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ବିଭିନ୍ନ ସମୟରେ ସ୍ଥାନୀୟ ପ୍ରଶାସନ ଓ ଜନପ୍ରତିନିଧିଙ୍କ ନିକଟରେ ଏହି ରାସ୍ତା ସମ୍ପର୍କରେ ଦାବି ଜଣାଇଥିଲେ ମଧ୍ୟ ଆଶାନୁରୂପ ପଦକ୍ଷେପ ନିଆଯାଇନାହିଁ। ଅସ୍ଥାୟୀ ଭାବେ ମାଟି ପକାଯାଇଥିଲେ ମଧ୍ୟ ବର୍ଷାରେ ସେସବୁ ଧୋଇଯାଇ ପୁଣି ପୂର୍ବାବସ୍ଥାକୁ ଫେରିଯାଉଛି। ତେଣୁ ଏହି ରାସ୍ତାର ସ୍ଥାୟୀ ପକ୍କାକରଣ ହିଁ ଏକମାତ୍ର ସମାଧାନ ବୋଲି ସ୍ଥାନୀୟ ଅଞ୍ଚଳ ର ମାଳତୀ ପରିଡ଼ା, କୃପାସିନ୍ଧୁ ପରିଡ଼ା, ଧୂନ ପରିଡ଼ା, ଲିଙ୍ଗରାଜ ବେହେରା, ଟୁନା ପରିଡ଼ା, ଗୁନା ପରିଡ଼ା ଓ କୁନୁ ଦାସ ପ୍ରମୁଖ ସରକାର ଏବଂ ପ୍ରଶାସନଙ୍କ ନିକଟରେ ଦାବି ଜଣାଇଛନ୍ତି।

**ବଟି ନଦେବାରୁ ବିୟର ପାର୍ଲରରେ ଦାଦାଗିରି**

## ଭଙ୍ଗାରୁଜା ଓ କର୍ମଚାରୀଙ୍କୁ ମାଡ଼ ଅଭିଯୋଗରେ ଜଣେ ଗିରଫ



**ମାର୍ଶାଘାଇ,୧୮।୭ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ଥାନା ଅନ୍ତର୍ଗତ ମହାନଙ୍ଗଳା ସ୍ଥିତ ଏକ ବିୟର ପାର୍ଲରରେ କଥିତ ବଟି ଆଦାୟକୁ କେନ୍ଦ୍ର କରି ଦାଦାଗିରିର ଏକ ଘଟଣା ସାମ୍ନାକୁ ଆସିଛି। ବଟି ଦେବାକୁ ମନା କରିବାରୁ ୧୦ରୁ ୧୨ ଜଣ ଯୁବକ ଦୋକାନ ଭିତରକୁ ପଶି ଭଙ୍ଗାରୁଜା କରିବା ସହ କର୍ମଚାରୀଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ସମଗ୍ର ଘଟଣା ସେଠାରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଛି।

ଅଭିଯୋଗ ଅନୁଯାୟୀ, କିଛି ଯୁବକ ଦୀର୍ଘଦିନ ଧରି ବିୟର ପାର୍ଲର ମାଲିକଙ୍କୁ ବଟି ଦାବି କରୁଥିଲେ। ମାଲିକ ଟଙ୍କା ଦେବାକୁ ଅସ୍ୱୀକାର କରିବା ପରେ ସେମାନେ ଉତ୍ତ୍ୟକ୍ତ ହୋଇ ଦୋକାନ ଭିତରକୁ ପଶି ହଙ୍ଗାମା ସୃଷ୍ଟି କରିଥିଲେ। ଦୋକାନର ବିଭିନ୍ନ ସାମଗ୍ରୀ ଭଙ୍ଗାରୁଜା କରିବା ସହ କର୍ମଚାରୀଙ୍କୁ ମାଡ଼ ମାରିଥିଲେ। ଏପରିକି ଦୋକାନରେ ଥିବା ନଗଦ ଟଙ୍କା ମଧ୍ୟ ଛଡ଼ାଇ ନେଇଥିବା ଅଭିଯୋଗ ହୋଇଛି। ଘଟଣା ପରେ ବିୟର ପ୍ୟାଲର ମାଲିକ ମାର୍ଶାଘାଇ ଥାନାରେ ଏତଲା ଦେଇଥିଲେ। ଅଭିଯୋଗକୁ ଆଧାର କରି ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସିସିଟିଭି ଫୁଟେଜକୁ ଆଧାର କରି ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ଫେରାର ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଚଢ଼ାଉ ଜାରି ରଖିଛି। ଦିନଦ୍ୱିପ୍ରହରରେ ଏଭଳି ଦାଦାଗିରି ଓ ଆକ୍ରମଣ ଘଟଣା ପରେ ଅଞ୍ଚଳର ବ୍ୟବସାୟୀ ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଦୋଷୀମାନଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ସହ ଏପରି ଘଟଣା ରୋକିବାକୁ ପୋଲିସ ପକ୍ଷରୁ ଦୃଢ଼ ପଦକ୍ଷେପ ନେବାକୁ ସ୍ଥାନୀୟ ବ୍ୟବସାୟୀ ଓ ଅଞ୍ଚଳବାସୀ ଦାବି କରିଛନ୍ତି।

**ରାଇଘର ଅଞ୍ଚଳରେ ବଢୁଛି ଚୋରଙ୍କ ଉତ୍ପାତ**

## ଦିନ ଦ୍ୱିପ୍ରହରରେ ଏୟାରଟେଲ ଟାୱାରରୁ ଟ୍ରାନ୍ସଫର୍ମର ଚୋରି



**ନବରଙ୍ଗପୁର/ରାଇଘ,୧୮।୭ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକ ଅନ୍ତର୍ଗତ ଛେଳିଡଙ୍ଗରୀ ପଞ୍ଚାୟତର ଛେଳିଡଙ୍ଗରୀ ଗ୍ରାମରେ ଗତକାଲି ଦିନ ଦିପହରରେ ଘଟିଥିବା ଏକ ସାହସିକ ଚୋରି ଘଟଣା ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଗ୍ରାମରେ ଥିବା ଏୟାରଟେଲ ମୋବାଇଲ ଟାୱାରର ବିଦ୍ୟୁତ ଟ୍ରାନ୍ସଫର୍ମରକୁ ଦୁର୍ବୃତ୍ତମାନେ ଦିନ ଦ୍ୱିପ୍ରହରରେ ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଏଭଳି ଘଟଣା ଦିନ ବେଳେ ଘଟିଥିବାରୁ ସ୍ଥାନୀୟ ଲୋକଙ୍କ ମନରେ ଭୟ ଓ ଅସୁରକ୍ଷାର ଭାବନା ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ଚୋରି ହୋଇଥିବା ଟ୍ରାନ୍ସଫର୍ମର ଯୋଗୁଁ ମୋବାଇଲ ଟାୱାରର ବିଦ୍ୟୁତ ସରବରାହ ବ୍ୟାହତ ହୋଇଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ମୋବାଇଲ ନେଟୱର୍କ ସେବା ପ୍ରଭାବିତ ହେବାର ଆଶଙ୍କା ମଧ୍ୟ ଦେଖାଦେଇଛି।

ସ୍ଥାନୀୟ ବାସିନ୍ଦାଙ୍କ କହିବାନୁସାରେ, ଗତ କିଛି ମାସ ଧରି ରାଇଘର ଅଞ୍ଚଳରେ ଚୋରି, ଲୁଟ୍ ଓ ଅସାମାଜିକ କାର୍ଯ୍ୟକଳାପ ବଢ଼ି ଚାଲିଛି। ଦିନକୁ ଦିନ ଚୋରଙ୍କ ଉପଦ୍ରବ ବୃଦ୍ଧି ପାଉଥିବାରୁ ସାଧାରଣ ଲୋକ ଭୟଭୀତ ଅବସ୍ଥାରେ ଜୀବନ ବିତାଉଛନ୍ତି। ଏହାକୁ ନେଇ ଅଞ୍ଚଳବାସୀ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଘଟଣା ସମ୍ପର୍କରେ ପୋଲିସରେ ଅଭିଯୋଗ ଦାଖଲ ହୋଇଥିବା ବେଳେ ପୋଲିସ ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି। ତେବେ ଦୁର୍ବୃତ୍ତମାନଙ୍କୁ ଶୀଘ୍ର ଗିରଫ କରିବା, ଚୋରି ହୋଇଥିବା ଟ୍ରାନ୍ସଫର୍ମର ଉଦ୍ଧାର କରିବା ଏବଂ ରାଇଘର ଅଞ୍ଚଳରେ ବଢ଼ୁଥିବା ଚୋରି ଘଟଣାକୁ ରୋକିବା ପାଇଁ କଡ଼ା ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକ ପ୍ରଶାସନ ଓ ପୋଲିସ ପ୍ରଶାସନଙ୍କ ନିକଟରେ ଦାବି କରିଛନ୍ତି।

## ଗଡ଼କୁଜଙ୍ଗରେ ଧୁମଧାମରେ ରଥଯାତ୍ରା ପାଳିତ



**ପାରାଦ୍ୱୀପ,୧୮।୭ (ସଂଚାର ବ୍ୟୁରୋ):** କୁଞ୍ଜବିହାରୀ ଜଗନ୍ନାଥଙ୍କ ବାସି ରଥଯାତ୍ରା ଏରସମା ବ୍ଲକ୍ ଗଡ଼କୁଜଙ୍ଗଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ହଜାର ହଜାର ଭକ୍ତଙ୍କ ଜୟ ଜଗନ୍ନାଥ ଧ୍ୱନି ସହ ରଥ ମାଉସୀ ମା' ମନ୍ଦିର ଅଭିମୁଖେ ଅଗ୍ରସର ହୋଇଥିଲା।

ପୁରୀରେ ମହାପ୍ରଭୁଙ୍କ ରଥଟଣା ପରଦିନ ପରମ୍ପରା ଅନୁସାରେ ଏଠାରେ ରଥ ପ୍ରତିଷ୍ଠା ଓ ପହଣ୍ଡି ବିଜେ କରାଯାଇଥିଲା। ଠାକୁର ରାଜା ସମ୍ବିତ ରାଉତରାୟ ରଥରେ ଛେରା ପହଁରା କରିବା ପରେ ଅପରାହ୍ନରେ ରଥ ଟଣା ଆରମ୍ଭ ହୋଇଥିଲା। ସନ୍ଧ୍ୟା ସୁଦ୍ଧା ରଥ ମାଉସୀ ମା' ମନ୍ଦିର ରେ ପହଞ୍ଚିଥିଲା। ପରେ ଭଜନ ସନ୍ଧ୍ୟା ଆୟୋଜିତ ହୋଇଥିଲା। ଆଜିର ଉତ୍ସବରେ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ, ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ବିଜେପି ନେତା ସତ୍ୟସାରଥୀ ମହାନ୍ତି, ନୃସିଂହ ସାହୁ, ପୂର୍ବତନ ସାଂସଦ କୁଳମଣି ସାମଲ, ଏରସମା ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, କୁଜଙ୍ଗ ବ୍ଲକ ଅଧ୍ୟକ୍ଷା ନିନାରାଣୀ ସାହୁ, ଏବଂ ବିଜେଡି ଯୁବ ସଭାପତି ପାର୍ଥ ସାରଥି ରାଉତ ପ୍ରମୁଖ ଯୋଗଦେଇଥିଲେ।

## ବନ୍ଧୁକ ନଳି, ଚିତ୍ରା ହରିଣର ଶିଙ୍ଗ ଓ ୮ ଗୋଛା ତାର ଫାଶ ଜବତ, ଜଣେ ଗିରଫ



**ନୀଳଗିରି, ତା ୧୮ ।୭(ସଂଚାର ବ୍ୟୁରୋ):** କୁଳଡିହା ବନ୍ୟଜନ୍ତୁ ଅଭୟାରଣ୍ୟ ମଧ୍ୟରେ ଆଇନ ବିରୋଧୀ ଶିକାର କାର୍ଯ୍ୟକଳାପ ସମ୍ବନ୍ଧରେ ବିଶ୍ୱସ୍ତ ସୂଚନା ପାଇବା ପରେ, ବାଲେଶ୍ୱର ଡ଼ିଏଫୋ ପ୍ରତୀକ ପ୍ରକାଶ ଇନ୍ଦଲକରଙ୍କ ନିର୍ଦ୍ଦେଶ ରେ କୁଳଡିହା ଭାରପ୍ରାପ୍ତ ରେଞ୍ଜର ସୌମ୍ୟ ମାଝୀଙ୍କ ନେତୃତ୍ୱରେ ଏକ ଟିମ ଚଢ଼ାଉ କରିଥିଲା। ଅଭିଯୁକ୍ତକୁ ଗିରଫ କରାଯାଇ ବିରୋଧରେ ୩କେ ୨୦୨୬/୨୭ ମାମଲା ରୁଜୁ କରାଯାଇଛି। ସୂଚନାଯୋଗ୍ୟ ବରମପୁର ଥାନାଅନ୍ତର୍ଗତ କେଶିପୁର ଡାକଘର, ବେତକଟା (ନଟାପଡା) ଗ୍ରାମର ସ୍ୱର୍ଗତ ମାତୁ ହେମ୍ବ୍ରମ ଙ୍କ ପୁତ୍ର ପିଠା ହେମ୍ବ୍ରମ (୫୬) ଙ୍କ ଘରେ ଚଢ଼ାଉ କରାଯାଇଥିଲା। ତଲାସି ସମୟରେ ଘରୁ ଗୋଟିଏ ଏସବିବିଏଲ ବନ୍ଧୁକ ନଳି, ଦୁଇଟି ଚିତ୍ରା ହରିଣର ଶିଙ୍ଗ ଏବଂ ୮ ଗୋଛା ତାର ଫାଶ, ଉଦ୍ଧାର କରାଯାଇଥିଲା। ଯାହା ବନ୍ୟଜନ୍ତୁ ଅପରାଧରେ ବ୍ୟବହାର ହୋଇଥିବା ସନ୍ଦେହ କରାଯାଉଛି।

## ବାଇକ ଚୋରି ରାକେଟ ଗ୍ୟାଙ୍ଗ ଠାବ, ୪ ଗିରଫ




**ଫୁଲବାଣୀ,୧୮।୭ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ବାଲିଗୁଡା ଥାନା ଅଞ୍ଚଳ ରେ କିଛି ଦିନ ହେବ ବାରମ୍ବାର ବାଇକ ଚୋରୀ ହେଉଥିବା ବେଳେ ଶନିବାର ବାଲିଗୁଡା ପୁଲିସ ଏକ ବାଇକ ଚୋରୀ ଗ୍ୟାଙ୍ଗ କୁ ଧରିବାରେ ସଫଳ ହୋଇଛି । ଦୀର୍ଘ ଦିନ ହେବ ଜଙ୍ଗଲରେ ଖାଲିଥିବା ସ୍ଥାନରେ ଛପି ରହି ଧାରୁଆ ଛୁରି ଧରି ଭୟଭିତ କରି ବାଇକ ଚୋରୀ କରୁଥିବା ବେଳେ ଚଳିତ ମାସ ୧୫ ତାରିଖ ସନ୍ଧ୍ୟା ରେ ବନ୍ଧନ ବ୍ୟାଙ୍କ ରେ କାର୍ଯ୍ୟ କରୁଥିବା ବୌଦ୍ଧ ଜିଲ୍ଲା ଗୋଛାପଡା ଗ୍ରାମର ସମ୍ବିତ ବାରିକ ବ୍ୟାଙ୍କ ସମ୍ମୁଖରେ ଏକ କଳା ରଙ୍ଗର ଗ୍ଲାମର ମୋଟର ସାଇକେଲ ନଂ. ଓଡି -୦୩-ଏକ୍ସ-୦୦୫୬ ପାର୍କିଂ କରିଥିଲେ। ବ୍ୟାଙ୍କ କାମ ସାରି ବାଇକ ରଖିଥିବା ସ୍ଥାନରେ ବାଇକ ନ ଥିଲା, ଆଖ ପାଖ ଅଞ୍ଚଳ ରେ ବହୁତ ଖୋଜା ଖୋଜି କରିବା ପରେ ଶ୍ରୀ ବାରିକ ନିକଟସ୍ଥ ବାଲିଗୁଡା ଥାନାରେ ଏତଲା ଦାଏର କରିଥିଲେ। ଏତଲା କୁ ଭିତ୍ତି କରି ପୋଲିସ କେଶ ନଂ. ୧୭୭/୨୬ ପ୍ରକାରେ ଏକ ମକଦ୍ଦମା ରୁଜୁ କରି ବାଲିଗୁଡା ପୋଲିସ ଏସ ଆଇ ବିକାଶ କୁମାର ଜାଲିଙ୍କ ସହ ପୋଲିସ ସଦଳ ବଳ ନିକଟସ୍ଥ ସିସି ଟିଭି ଆଧାରରେ ତଦନ୍ତ ଅବ୍ୟାହତ ରଖି ଯାହାକି, ଶନିବାର ସନ୍ଧ୍ୟା ରେ ସଫଳ ହୋଇଛି ବୋଲି ସାମ୍ବାଦିକ ସମ୍ମିଳନୀ କରି ଏସଡିପିଓ ଶୁଭମ ଭୋସଲେ ପ୍ରକାଶ କରିଛନ୍ତି । ଉକ୍ତ ବାଇକ ସହ ପୁଲିସ ଏକ ବାଇକ ରାକେଟ କୁ ଧରିଥିବା ବେଳେ ସେମାନଙ୍କ ଠାରୁ ୫ ଟି ବାଇକ ଜବତ ହୋଇଥିଲା, ଯାହାକି, ନମ୍ବର ପ୍ଲେଟ ବିହୀନ ନୀଳ-କଳା ରଙ୍ଗର ହିରୋ ଏଚ ଏଫ ଡିଲକ୍ସ ଗାଡି ଦୁଇଟି, ଧୂସର-କଳା ରଙ୍ଗର ହିରୋ ଗ୍ଲାମୋର ନଂ. ଓଡି -୦୩-କ୍ୟୁ -୭୨୩୭ ଗୋଟିଏ, କଳା ରଙ୍ଗର ହିରୋ ଗ୍ଲାମୋର ଓଡି-୦୩-ଏକ୍ସ -୦୦୫୬ ଗୋଟିଏ, କଳା ରଙ୍ଗର ବଜାଜ୍ ପଲସର ନଂ. ଓଡି-୧୯-ଏଚ-୨୪୩୭ ଗୋଟିଏ ଏବଂ ବାଇକ ଚୋରୀ ରାକେଟ ଗ୍ୟାଙ୍ଗ ର ୪ ଜଣକୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଦୁଇଟି ଭୁଜାଲି ମଧ୍ୟ ଜବତ କରାଯାଇଛି । ଗିରଫ ବ୍ୟକ୍ତି ମାନେ ବାଲିଗୁଡା ଥାନା ବାନ୍ଦାପାଙ୍ଗା ଗ୍ରାମର ଆକାଶ ମଲ୍ଲିକ (୧୯) , ରେବିଙ୍ଗିଆ ଗ୍ରାମର ଶକ୍ତି ଶେଖର ବେହେରା ((୨୧), ସେମାନଙ୍କ ମଧ୍ୟ ରେ ଦୁଇ ଜଣ ନାବାଳକ ରହିଛନ୍ତି । ଅଭିଯୁକ୍ତ ମାନଙ୍କୁ ଗିରଫ କରାଯାଇ ଦୁଇ ଜଣଙ୍କୁ ବାଲିଗୁଡା କୋର୍ଟକୁ ଏବଂ ଉଭୟ ନାବାଳକଙ୍କୁ ଫୁଲବାଣୀ ଜୁଭେନାଇଲ କୋର୍ଟ ରେ ହାଜର କରାଯାଇଛି। ଜବତ ବାଇକ କୁ ଆଇନ ଅନୁଯାୟୀ ହସ୍ତାନ୍ତର କରାଯିବ। କେଉଁ କେଉଁ ଥାନା ଅଞ୍ଚଳ ରେ ଏହି ୪ ଜଣ ବାଇକ ଚୋରୀ ରେ ସମ୍ପୃକ୍ତ ରହିଛନ୍ତି ତାହାର ମଧ୍ୟ ତଦନ୍ତ ଜାରି ରହିଛି ।

**ବିପ୍ଳବୀ ଆନନ୍ଦ ଜେନାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ**

## କନିକାବାସୀଙ୍କ ମନରେ ବିପ୍ଳବର ବହ୍ନି ଜାଳିଥିଲା 'ବିପ୍ଳବୀ ସାହିତ୍ୟ'



**କେନ୍ଦ୍ରାପଡ଼ା,୧୮।୭(ସଂଚାର ବ୍ୟୁରୋ):** ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନାଙ୍କ ୧୪୨ତମ ରାଜ୍ୟ ସ୍ତରୀୟ ଜୟନ୍ତୀ ସମାରୋହ ଗୀତଗୋବିନ୍ଦ ସଦନରେ ଓଡିଶା ସାହିତ୍ୟ ଏକାଡେମୀ ଓ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା ସ୍ମୃତି/କମିଟିର ମିଳିତ ଆନୁକୂଲ୍ୟରେ ପାଳିତ ହୋଇଯାଇଛି।

ସ୍ମୃତି କମିଟି ସଭାପତି ବିଚିତ୍ରାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଇଷ୍ଟର୍ଣ୍ଣମିଡିଆ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଆନନ୍ଦ ଚନ୍ଦ୍ର ଜେନା କନିକା ରାଜାଙ୍କ ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରି ପ୍ରଜା ଆନ୍ଦୋଳନରେ ଝାସ ଦେଇଥିଲେ। ସାହିତ୍ୟ ରଚନା କରି ସେ କନିକାବାସୀଙ୍କ ମନରେ ବିପ୍ଳବର ବହ୍ନି ଜଳାଇଥିଲେ। ଶେଷରେ ତାଙ୍କୁ ବିଷ ଦେଇ ହତ୍ୟା କରାଗଲା। ଏଭଳି ଚିନ୍ତାନାୟକଙ୍କୁ ଏ ଜାତି ଯେଭଳି ସମ୍ମାନ ଦେବା କଥା ତାହା ଦେଇନାହିଁ। ଏଥିରେ ଉଦଘାଟକ ଭାବେ ମହାକାଳପଡା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ ଯୋଗଦେଇ କହିଲେ ବିପ୍ଳବୀ କବି ଆନନ୍ଦ ଚନ୍ଦ୍ରଙ୍କ ଭଳି ବଣମଲ୍ଲୀଙ୍କ ମହକ ଲୋକଲୋଚନକୁ ଆସିବା ଜରୁରୀ। ତାଙ୍କ ନେତୃତ୍ୱରେ ସଂଗଠିତ ୧୪୨ବର୍ଷର ସେହି ପୁରୁଣା ସଙ୍ଘର୍ଷର କାହାଣୀ ବିଷୟରେ ଭବିଷ୍ୟତ ପିଢ଼ୀ ଜାଣିବା ଆବଶ୍ୟକ। ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାଶ ଯୋଗଦେଇ କହିଲେ କନିକା ପ୍ରଜା ଆନ୍ଦୋଳନକୁ ଉଜ୍ଜୀବିତ କରି ରଖିବାରେ କବି ଆନନ୍ଦ ଚନ୍ଦ୍ରଙ୍କ ଲେଖନୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ତାଙ୍କ ଲେଖନୀରେ କନିକା ପ୍ରଜାମାନଙ୍କ ଦୁଃଖ ଜଳଜଳ ହୋଇ ଦିଶୁଥିଲା ବୋଲି ସୁର୍ବାର ସମ୍ପାଦକ ପ୍ରଦ୍ୟୁମ୍ନ ଶତପଥୀ ମତବ୍ୟକ୍ତ କରିଥିଲେ। ଗ୍ରନ୍ଥକାର ଅଭୟ ଦ୍ୱିବେଦୀ ସ୍ୱର୍ଗତ ଜେନାଙ୍କ ଜୀବନୀ ସମ୍ପର୍କରେ ବକ୍ତବ୍ୟ ରଖି ସଂଗ୍ରାମୀ ଜେନାଙ୍କ ଆଦର୍ଶରେ ଯୁବପିଢ଼ୀ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ଡ. ବାସୁଦେବ ଦାସ, ହୟଗ୍ରୀବ ଗୁରୁ, ରମଣୀରଞ୍ଜନ ରାଉତରାୟ, ଶିକ୍ଷାବିତ କାଶିନାଥ ରାଉତରାୟ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଦୁଃଖିନୀ କନିକା ପୁସ୍ତକ ଉନ୍ମୋଚିତ ହୋଇଥିଲା।

## ରଥଯାତ୍ରାରେ ଆଶ୍ରୟ ଫାଉଣ୍ଡେସନର ଦହିପଣା ବଣ୍ଟନ




**କାକଟପୁର/ଅସ୍ତରଙ୍ଗ,୧୮।୭ (ସଂଚାର ବ୍ୟୁରୋ):** ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥ ଯେତେବେଳେ ଗଡୁଥିଲା, ରାସ୍ତା କଡରେ ଆଉ ଏକ ରଥ - ମାନବ ସେବାର ରଥ। ଏହି ରଥର ସାରଥି ଥିଲେ ଅସ୍ତରଙ୍ଗର ଆଶ୍ରୟ ଫାଉଣ୍ଡେସନ। ରଥଯାତ୍ରା ଦିନ ଖରା ସହ ଝିପି ଝିପି ବର୍ଷା ହେଉଥିଲା। କିନ୍ତୁ ଏହି ପ୍ରକୃତିର ପରୀକ୍ଷାକୁ ହରାଇଦେଲା ସେବାର ଜିଦ୍। ଫାଉଣ୍ଡେସନର ସଭାପତି ଭବାନୀ ଶଙ୍କର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ସମସ୍ତ ସଦସ୍ୟ ମୁଣ୍ଡରେ କପଡା ପକାଇ ଶ୍ରଦ୍ଧାଳୁଙ୍କ ହାତରେ ଶୀତଳ ଦହିପଣା ଗ୍ଲାସ ଦେଉଥିଲେ।

ଦହିପଣା ସହିତ ଗରମ ଭାତ, ଡାଲି, ତରକାରୀ ଓ ଶୁଖିଲା ଖାଦ୍ୟ ବି ବଣ୍ଟନ ହେଲା। ଭୋକ ଓ ତୃଷାରେ କାତର ହୋଇଥିବା ହଜାର ହଜାର ଭକ୍ତ ଏହି ସେବାରୁ ନୂଆ ଶକ୍ତି ପାଇଲେ। ଏହି ପୁଣ୍ୟ କାର୍ଯ୍ୟରେ ଆଗଭାଗ ନେଇଥିଲେ ସଦସ୍ୟ ବିନୋଦ ସେଠୀ, ସୁବ୍ରତ ନାୟକ, ବାବୁନା ସାହୁ, ତ୍ରିଲୋଚନ ପରିଡା, ରାଜା ବିଶ୍ୱାଳ, ରଞ୍ଜନ କାଣ୍ଡି, ମାନସ ସେଠୀ, ଗଙ୍ଗାଧର ନାୟକ, ଶିବପ୍ରସାଦ ମଲ୍ଲିକ, ରୁଦ୍ରପ୍ରସାଦ ପରିଡା, ସଂଦିପ ନାୟକ, ଜିତେନ୍ଦ୍ର ମହାନ୍ତିପ୍ରମୁଖ।

ସଭାପତି କହିଥିଲେ"ମହାପ୍ରଭୁଙ୍କ ରଥ ଟାଣିବା ଯେତିକି ପୁଣ୍ୟ, ତାଙ୍କ ଭକ୍ତଙ୍କ ତୃଷା ମେଣ୍ଟାଇବା ମଧ୍ୟ ସେତିକି ପୁଣ୍ୟ। ଆମେ କେବଳ ନିମିତ୍ତ ମାତ୍ର।"

ଜଣେ ମାଆ ତାଙ୍କ ଛୋଟ ପିଲାକୁ କୋଳରେ ଧରି ଦହିପଣା ପିଇ କହିଲେ - "ଏହା ଦହିପଣା ନୁହେଁ ବାବୁ, ଏହା ମହାପ୍ରଭୁଙ୍କ କରୁଣା।"

ଅସ୍ତରଙ୍ଗରୁ ଆସି ପୁରୀରେ ଏତେ ବଡ ସେବା କରି ଆଶ୍ରୟ ଫାଉଣ୍ଡେସନ ଦେଖାଇଦେଲା - ଭକ୍ତି ଥିଲେ ବାଟରେ ବର୍ଷା ବି ଅଟକାଇ ପାରେନି।



# ପ୍ରାୟଶ୍ଚିତ

**ସତ୍ୟନାରାୟଣ ପ୍ରଧାନ**



ନିଧିଆ ପିଲାଦିନୁ ପାଠ ଦି ଅକ୍ଷର ପଢ଼ି ନାହିଁ ବୋଲି ତା ମନରେ ଦୁଃଖ ବୋଲି କିଛି ନାହିଁ। ସେ ଯାହା ଘରକୁ କାମ କରିବାକୁ ଗଲେ ପେଟେ ଖାଇ ଥନ୍ତଲା ପେଟକୁ ଦେଖାଇ ଫେରିବା ତାର ଗୋଟେ ନିତିଦିନିଆ ଅଭ୍ୟାସ। ତା ମନକୁ ଗର୍ବ କି ଅହଂକାର ବୋଲି କିଛି ଛୁଇଁ ପାରିନି। ସମସ୍ତଙ୍କ ସହିତ ମିଶିଯାଏ ମନରେ ପଛେ ଯେତେ ଦୁଃଖ ଥାଉ। କାମ କଲା ପଇସା ଯିଏ ଯାହା ଦେଲା ଅଳ୍ପ ବହୁତ ନ କହି ଆନନ୍ଦ ମନରେ ଘରକୁ ନେଇ ଆସେ। ଘର ସଂସାର ବୋଲି ସେ ନିଜେ ଆଗକୁ କି ପଛ ବୋଲି କେହି ନାହାଁନ୍ତି।

ତାର ନିଜର ଭାଇ ମାନେ ବାହା ସାହା ହୋଇ ଘର ସଂସାର କଲେଣି। ପୁତୁରା ଝିଆରୀ ଦାଦି ବୋଲି ଡାକିଦେଲେ ସେ ବଡ଼ ପାଟିରେ ' ଓ ' ବୋଲି କହି ପକାଏ। କେଉଁ ଭାଇ ପାଖରେ ବୋଝ ହୋଇ ରହିବା ଅପେକ୍ଷା ନିଜ ଭାଗରେ ଥିବା ଚାଳ ଘରକୁ ଭାଙ୍ଗି କୋଠା ଘରଟିଏ ତିଆରି କରିବ ବୋଲି କାମ କଲା ଟଙ୍କା ସାଇତି ରଖିଥିଲା। ନିଜେ ରହୁଥିବା ଘର ବର୍ଷା ପାଣିରେ ଭାଙ୍ଗି ଯିବାରୁ ସଞ୍ଚୟ କରିଥିବା ଟଙ୍କା ଗାଁ ମୁରବି ନିକଟରେ ରଖିବାକୁ ମନସ୍ଥ କରିଥିଲା। ତାର ଅନ୍ୟ ଭାଇମାନଙ୍କ ସହିତ ତାର ସେମିତି ଭଲ କି ଖରାପ ସମ୍ପର୍କ ବୋଲି କିଛି ନ ଥିଲା। ସମସ୍ତେ ନିଜ ଘର ସଂସାରରେ ବ୍ୟସ୍ତ।

ମନର ଅକୁହା କଥା କାହାକୁ କହି କି ଅବା ଲାଭ ଗାଁ ଲୋକମାନେ କେହି ମୁହଁ ଉଠାଇ କହି ପାରନ୍ତି ନାହିଁ। ସେ ଲୋକଟି ଚତୁର ହେବା ସହିତ ସବୁ କଥା ତାକୁ ଜଣା ଥିଲା ଯେ କୌଣସି ଲୋକର ସମସ୍ୟା ଆସିଲେ ତାର ଉପାୟ ବାହାର କରିବାରେ ସିଦ୍ଧହସ୍ତ ଥିଲା । ଗାଁ ଗଣ୍ଡାରେ ତାର ନାଁ ଗଣା ହେଉଥିଲା। ନିଧିଆ ନିଜକୁ ଅସହାୟ ହେବାକୁ ନ ଦେଇ ପୁଣି ବଞ୍ଚିବାର ପ୍ରୟାସରେ ଆଗକୁ ବଢ଼ିଥିଲା। ଗାଁ ମୁରବି ଭଲ ମନ୍ଦ କଥାରେ ମୁଣ୍ଡ ପୁରାଇ ସହଯୋଗ ତ କରନ୍ତି କିନ୍ତୁ ତା ବଦଳରେ ଖର୍ଚ୍ଚ ଟଙ୍କା ଆକାରରେ ମାଗି ନିଅନ୍ତି।

ନିଜେ ଯାହା ଗାଁ ଗଣ୍ଡାରେ କାମ କରି ରୋଜଗାର କରେ ଗୋଟେ ବଡ଼ ହାଣ୍ଡିରେ ମାଟି ତଳେ ପୋତି ଦିଏ। ଏପରି ଦୀର୍ଘ ତିନି ବର୍ଷ ବିତି ଯାଇଥିଲା। ତାର ସରଳ ନିଷ୍ପାପ ଗୁଣ ପାଇଁ ସମସ୍ତେ ତାକୁ ଭଲ ପାଇ କାମ କରିବାକୁ ପସନ୍ଦ କରନ୍ତି। କଠିନ ପରିଶ୍ରମ ବଳରେ ସେ ଦିନେ ସୁନ୍ଦର ଘରଟିଏ ତିଆରି କଲା। ଗାଁ ପିଲାମାନେ ତାକୁ ନିଧିଆ ଦାଦି ବୋଲି ଡାକିବା ଆରମ୍ଭ କରି ଦେଇଥିଲେ।

ଗାଁ ମୁରବିଙ୍କ ବୟସ ବଢ଼ି ଯାଇଥିବାରୁ ଆଜି କାଲିର ପିଲାମାନେ ତାଙ୍କ କଥାରେ ଆଉ ଉଠ ବସ ହେଉ ନ ଥିଲେ। ମୁରବିଙ୍କ ଦୁଇ ପୁଅ ବାହା ସାହା ହେଲା ପରେ ନିଜ ସଂସାରରେ ବ୍ୟସ୍ତ। ଘର ବିଲ ବାଡ଼ି ସମ୍ପତ୍ତିକୁ ସେମାନଙ୍କ ଭିତରେ ଆଗ ଭଳି ସମ୍ପର୍କ ଭଲରେ ପଡୁ ନ ଥିଲା। ସେ ଦୁହେଁ ଅଲଗା ହୋଇ ବାପାଙ୍କୁ ଖାଇବାକୁ ଦେବା ପାଇଁ ଇଚ୍ଛା ପ୍ରକାଶ କଲେ ନାହିଁ। ମୁହଁ ଖୋଲି ନ କହି ପାରିଲେ ବି ସେ ନିଜ ରାସ୍ତା ଦେଖନ୍ତୁ ପରୋକ୍ଷରେ କହି ଦେଇଥିଲେ। ତାଙ୍କର ସକାଳେ ଚାହା ଜଳଖିଆ ଖାଇବା ଅଭ୍ୟାସ ଥିବାରୁ ଦିନେ କି ଦୁଇଦିନ ବାକି କରି ଖାଇ ଦେଇଥିଲେ। ଅଲଗା ଦିନରେ ମାଗି ଖାଇବାରୁ ଆଉ କେହି ଦେବାକୁ ମନା କଲେ। ପୁଅ ମାନଙ୍କ ଏପରି ବ୍ୟବହାରରେ ସେ ଆଉ କାହାକୁ ବା କହିବେ କେବଳ ନିଜ କର୍ମ ପାଇଁ ଦୁଃଖ ସହିବାକୁ ପଡିଲା ଏତେ ଦିନ ପରେ ବୁଝି ପାରିଥିଲେ। ନିଜ ପାପର ପ୍ରାୟଶ୍ଚିତ ପାଇଁ ଆଉ ଡେରି ନ କରି ସିଧା ଧାଇଁ ଯାଇଥିଲେ ନିଧିଆର ଘରକୁ। ସେ ଗାଁ ମୁରବିଙ୍କୁ ଦେଖି ମୋ ପାଖରେ କିଛି ଦରକାର ପଡିଲା କି ପଚାରିଲା। ସେ ନିଜ ଭୁଲ ପାଇଁ ନିଧିଆ ଗୋଡ଼କୁ ଧରି କ୍ଷମା ମାଗିବା ସହିତ ଜୀବନରେ ଶପଥ କରିଥଲେ ଆଉ କାହାରିକୁ ବଞ୍ଚିଥିବା ଯାଏ ଠକିବେ ନାହିଁ କି କାହାର ସୁଖ ଦୁଃଖରେ ଠିଆ ହୋଇ ଲାଞ୍ଚ ଆଶା କରିବେ ନାହିଁ। ମୁରବିଙ୍କ ଆଖିରୁ ବହି ଯାଉଥିବା ଲୁହକୁ ନିଧିଆ ନିଜ ଗାମୁଛାରେ ପୋଛି ଦେଇଥିଲା।।

ଅଣ୍ଟିଆ,
ଯାଜପୁର,
ମୋବାଇଲ୍
୭୮୩୧୩୬୪୪

# ବିଭୂତି

**ଶୋଭାମୟୀ ପତ୍ରୀ**



ସତିଆନାନୀର ବଡ଼ ଦୁଶ୍ଚିନ୍ତା ତା ଏକ ମାତ୍ର କୂଳ ପ୍ରଦୀପ ତା ନାତି ଚଗଲା ପାଇଁ। କେତେ ପୁନେଇଁ ପରବ କରି ଉପବାସ ରଖି ଦିଅଁ ଦେବତାଙ୍କୁ ପୂଜି ପୁଅ ବାହାଘରର ଆଠ ବର୍ଷ ପରେ ତା ଅଗଣରେ ଆଲୁଅ ଜଳିଥିଲା, ତା କାନ କୁଆଁ ରଡ଼ି ଶୁଣିଥିଲା। ସେଇ ଚେର ବକଟକ ପାଇଁ ସବୁ କଥା। ଦୁନିଆ ଆଢେ ଦୁନିଆ ମାନସିକ, ଦୂର ପାଖ ନଗେଇ କେତେ କୋଉଠି ନେଇ ନାତିକୁ ଗଡେଇ ଆଣିଲାନି ତଥାପି ତା ଦେହ ଜମା ଲାଗୁନି କି ଦୁଷ୍ଟାମୀ କମୁନି। ତା ଧୀଅରେ ପୁଣି ଟିକେ ଟିକେରେ ଡାହାଣିଆ ରୋଗ ମାଡି ବସୁଛି । ସେଥିପାଇଁ ସେ ସବୁବେଳେ ନାତିକୁ ଆଖିରେ ରଖିଥାଏ,ଯେତେବେଳେ ତା ନାତିକୁ ମାତ୍ର ଆଠ ବରଷ ହୋଇଥିଲା ଅଚାନକ କୋଉଠୁ କେଜାଣି ପ୍ରବଳ ଜ୍ୱର ଘୋଟି ଅଇଲା ଯେ ପିଲାଟା ବେକ ମୋଡି ଦେଲା ପରି ଆଖି ମୁଦି ବିଛଣାରେ ପଡିରହିଲା। ଯେତେ ଡାକ୍ତର ଦେଖେଇ ଓଷଦ ଖୋଇ କିଛି ଫଳ ହେଲାନି। ସତିଆନି ଆଉ କିଛି ଉପାୟ ନ ପାଇ ଦାଆ ଧରି ଧାଇଁଗଲା ବାଡିକୁ, ଗୋଟାଏ ମଞ୍ଜ କଦଳୀପତର କାଟିଆଣି ଦୁଆର ଗୋବରରେ ଲିପି ପାରିଦେଲା ଆଉ ନାତିକୁ ତା ଉପରେ ଶୋଇଦେଇ ମହାଦେବଙ୍କ ନାଁରେ ପାଣି ବୁଲେଇ ଦେଲା ଆଉ ଠାକୁର ଘରୁ ପୁଳାଏ ବିଭୁତି ଆଣି ତା ଦେହ ସାରା ବୋଳି ପକାଇଲା ପୂର୍ଣ୍ଣ ବିଶ୍ୱାସରେ। ନିଜେ ଜଗି ବସି ମହାମୃତ୍ୟୁଞ୍ଜୟ ଜପ କରିବାରେ ଲାଗିଲା ଆଉ ତାର ଅଳ୍ପ ସମୟ ପରେ ପିଲାର ଚେତା ଫେରିଆସିଲା। ସେହି ଦିନରୁ ତା ନାଆଁ ବିଭୁତି ରହିଗଲା। ବିଭୁତି ଓ୍ୱି ଆଈମାଆ ଠାରୁ ଦୀକ୍ଷା ଆଣି ମହାଦେବଙ୍କର ପରମ ଭକ୍ତ ଥିଲା। ବିଭୁତିର ବାହା ବୟସ ହେଲା ବେଳକୁ ସତିଆନୀ ବିଛଣା ଧଇଲାଣି। ତାର ଏକାଯିଦି ନାତୁଣୀ ବୋହୂକୁ ଦେଖି ମରିବ। ସେଦିନ ହଠାତ ବୁଢ଼ୀର କଣ ହେଲା କେଜାଣି ତା ନିଶ୍ୱାସ ଘର ଧରିଲା ନାହିଁ, ଚେତା ଶୂନ୍ୟ ହୋଇ ବୁଢ଼ୀ ବିଛଣାରେ ଅନେକ ସମୟ ପଡିରହିଲା, ସାଇ ଭାଇରେ ଡ଼କାହକା ପଡିଗଲା , ସମସ୍ତେ ଆଶା ଛାଡି ଦେଲେ ହେଲେ ବିଭୁତି ମନ ଜମା ଆଈକୁ ଛାଡିବାକୁ ପ୍ରସ୍ତୁତ ନ ଥିଲା, ସେ ଧାଇଁ ଯାଇଁ ଠାକୁର ଘରୁ ବିଭୁତି ଆଣି ବୁଢ଼ୀ ଦେହସାରା ବୋଳିଦେଲା ଆଉ ଠାକୁର ଘରେ ଅଖଣ୍ଡ ଦୀପ ଜାଳି ମହାମୃତ୍ୟୁଞ୍ଜୟ ମନ୍ତ୍ର ଜପ କଲା, କିଛି ସମୟ ପରେ ତା ବୋଉକୁ ଦଉଡି ଆସି ବିଭୁତିକୁ କୁଣ୍ଢାଇ ପକାଇ ତୁ ଯମ ଠାରୁ ତୋ ଆଈକୁ ଛଡାଇ ଆଣିଲୁ କହି ଭୋ ଭୋ କାନ୍ଦି ପକାଇଲା। ତହିଁ ଆରଦିନ ସମରା ଶିବ ମନ୍ଦିରକୁ ଯାଇ ରାଉଳ ମହାଶୟଙ୍କ ଠାରୁ ବିଭୁତିକୁ କିଣି ଆଣିଲା ଆଉ କିଛି ଦିନ ଭିତରେ ବିଭୁତି ବରବେଶ ଧଇଲା, ବାହାଘର ସୁରୁଖୁରୁରେ ହେଇଗଲାପରେ ସତିଆନି ପୁଣି ଉଠି ବସିଲା। ସତେ ଯେମିତି ତାର ଈଶ୍ୱର ଭକ୍ତି ଓ ପ୍ରଭୁଙ୍କ ବିଭୁତି ଉପରେ ଅଖଣ୍ଡ ବିଶ୍ୱାସ ତା ପରମାୟୁକୁ ଆହୁରି ଲମ୍ବା କରିଦେଇଥିଲା। ଏଓ୍ୱେ ସେ ପୁଅ ବୋହୂ, ନାତି ନାତୁଣୀବୋହୁ ଓ ଅଣନାତିଙ୍କ ସହ ଖୁବ୍ ଆନନ୍ଦରେ ରହୁଛି।

କେନ୍ଦ୍ରାପଡ଼ା



# ବଡ ଠାକୁର

**ପ୍ରଶାନ୍ତ ମହାନ୍ତି**

ଶୋକ ସାଗରରେ ଭସେଇଲ ପ୍ରଭୁ
ଦୁଃଖ ନଉକା ରେ ନେଇ ,
କି ଅବା ମନରେ ଅଛି କୁହ ତୁମ
ଆହେ ବାମନ ଗୋସାଇଁ।

ତରିଲେ ତାରିବ ସାରିଲେ ସାରିବ
ଧରିଛି ତୁମରି ରାହା ,
ଜୀବନଟା ସାରା ବିତି ସାରିଲାଣି
ଆଉ କିଏ ଅଛି ସାହା।

ତୁମେ ଏକା ମୋର ଭରସା ହେ ପ୍ରଭୁ
ସାହା ତ ମୋର ତୁମେଇ ...

ପଳ ପଳ କରି ସାରିଲି ଜୀବନ
ତମରି ନାମକୁ ଜପି ,
ଶେଷ ହୋଇଲାଣି ଜୀବନର ଦୀପ
ଯାଇନି ତୁମକୁ ଟପି।

ତେବେ କୁହ ତୁମେ କି କାରଣେ
ଅବା ଦୟା ନାହିଁ ମୋ ପାଇଁ ...

ସରଜନା କଲ ଯେତେ ଯେତେ ପ୍ରାଣ
ଦେଲ ସର୍ବ ମୁଖେ ହସ ,
ମୋ ମୁହଁରେ ଥରେ ହସ ଦେବା ପାଇଁ
ହେଲ କି ପାଇଁ ବିମୁଖ।
ବକ୍ର ଚାହାଁଣୀରେ ବକ୍ର କଲ ଦୃଷ୍ଟି
ମୋ ଉପରେ କିହେ ପ୍ରଭୁ ,
କି ଦୋଷ ମୋହର ଅବା କି କାରଣେ
ହସ ଛଡାଇଲ ସବୁ।

ପ୍ରାଣ ଥିବା ଯାଏ ପିଣ୍ଡରେ ପ୍ରଭୁହେ
ନାହିଁକି ମୋହର ସୁଖ...

ତୁମ ନାମ ଜପି ଜୀବନଟା ସାରା
ପାଇଲିତ ନାହିଁ ଦେଖା ,
ଆଖି ବୁଜି ହୋଇ ଆସିଲାଣି ଏବେ
ଦରଶନ ଦିଅ ସଖା।

ନହେଲେ କହିବି ତୁମକୁ ପ୍ରଭୁ ହେ
କପଟିଆ ହସ ମୁଖା...

ବଡ ଦେଉଳରେ ବସିଛ ପ୍ରଭୁହେ
ବଡ ଠାକୁର ବୋଲାଇ ,
ବଡ ଭୋଗଲାଗି ବଡ଼ପଣ୍ଡା ତୁମ
ନିତି ଗୁହାରି କରଇ।

ବଡଦାଣ୍ଡ ତୁମ ଭକ୍ତ ଗହଣରେ
ପୁରି ଉଠେ ସବୁଦିନ ,
ବଡ ବେଢାରେ ତ ଭକ୍ତ ମାନଙ୍କର
ଭିଡ ଲାଗେ ରାତି ଦିନ।

ସେ ଭିଡ ଭିତରେ ହଜିଯାଇ ମୁଁ ତ
ତୁମ କଥା ହିଁ ଚିନ୍ତଇ...

ବଡ ରୋଗୀ ଯେତେ ତୁମ ଦାଣ୍ଡେ ପରା
ପଡ଼ିଥାନ୍ତି ସବୁଦିନ ,
ବଡ ସିଙ୍ଗାରର ବେଶ ଦେଖିବାକୁ
ଚାହିଁ ଥାନ୍ତି ଭକ୍ତଜନ।

ଚାହିଁଛି ତୁମକୁ ମୁଁ ବି ପ୍ରଭୁହେ
ଆଉ କିଛି ରାହା ନାହିଁ...

ବଡ ସମୁଦ୍ରର ଲହରୀ ଶବଦ
ଶୁଭେ ତ ନାହିଁ ଦେଉଳେ ,
ବଡ ରାଜାଙ୍କର ଛେରା ପହଁରରେ
ମନ କିଆଁ ତୁମ ବଳେ।

ମୋ ମନ କହୁଛି ଟାଣିବାକୁ ତୁମ
ନନ୍ଦିଘୋଷ ର ଦଉଡ଼ି...

ସହଦେବଖୁଣ୍ଟା , ବାଲେଶ୍ୱର





# ଭକ୍ତ ଦାସିଆ ବାଉରୀ

**ସ୍ୱାଗତିକା ସାହୁ**

ନିଷ୍କପଟ ନିଷ୍ଠାର ନିବେଦନରେ
ନୀଳାଚଳ ନାଥେ କରେ ଜୁହାର,
ନିର୍ମଳ ନୟନରେ ନିତ୍ୟ ନିରୀକ୍ଷି
ନିରାକାରେ ପାଏ ସାକାର ସାର।

ସରଳ ସାଧନା ସତ୍ୟ ସମର୍ପଣ
ସ୍ନେହ ସୁଧାରେ ସିଞ୍ଚେ ଅନ୍ତର,
ସଂସାର ସାଗରେ ସମ୍ଭାବନା ଧରି
ସେବା ସାଧନେ ହୁଏ ଅଗ୍ରସର।

ଭକ୍ତିର ଭାବନା ସାଙ୍କେତିକ ଧ୍ୱନୀ
ଗୁଞ୍ଜରଣ କରେ ଭରସା ଧରି,
ଭାବର ଭୋଗକୁ ଭାଗ୍ୟ ମନିନେଇ
ଭକ୍ତିର ଭେଳାରେ ଯାଏ ସେ ତରି।

ଅନୁରାଗ ଅର୍ପଣ ଅନ୍ତରେ ଧରି
ଅମୃତର ଆସ୍ଥା ଅନବରତ,
ଅଖଣ୍ଡ ବିଶ୍ୱାସ ଅରୁଣ ଆଲୋକେ
ଅନ୍ଧାର ହୁଏ ଯେ ଅପସୃତ।

ନୟନ ନୀରରେ ନିବେଦିତ ପ୍ରେମ
ନଡ଼ିଆ ହସ୍ତରେ ଦିଅଇ ସେ ଟେକି,
ନିର୍ଧନ ଜୀବନ ନିର୍ଭୟର ମନ
ନୀଳମାଧବଙ୍କୁ ତ ଥାଏ ଡାକି।

ପ୍ରେମ ପ୍ରଣତିର ପବିତ୍ରତା ପଥେ
ପ୍ରସ୍ଫୁଟି ଉଠଇ ପୁଣ୍ୟ ପ୍ରଭା,
ଜାତିରେ ଖଦାଳ କରେ ପ୍ରେମ ଭିକ୍ଷା
ପୂରଣ କରନ୍ତି ଭକ୍ତର ଆଶା।

ଘରଣୀ ବଢୁଛି ରନ୍ଧା ପେଜ ଭାତ
ଶାଗ ଦୁଇ ମେଞ୍ଚା ପୁଣି ସେଥିରେ
ଦିଶେ ଚକାଡୋଳା ଚକା ନୟନ କୁ
ଅଶ୍ରୁ ଢ଼ାଳେ ନିଜ ଛାଡ଼ି ଭୋକରେ ।

ଜାତି କୁଳ ବର୍ଣ୍ଣ ନୁହେଁ ଅଟେ ବଡ଼
ମନୁଆ ଦେଖନ୍ତି ଭକ୍ତର ମନ,
ଜୀବନ ଜ୍ୟୋତିରେ ଅମାପ କଲ୍ୟାଣ
ଜୟ ହୁଏ ଯେ ପ୍ରେମ ସମର୍ପଣ।

ବାଲି ଗ୍ରାମ ଭୂମି ବରପୁତ୍ର ସେ ଯେ
ବିଶ୍ୱାସ ବୀଣାର ବିରଳ ସ୍ୱର,
ଦାସିଆ ବାଉରୀଙ୍କ ଦିବ୍ୟ ଚରିତ
ଭକ୍ତି ସାହିତ୍ୟର ଅମର ଅକ୍ଷର।

ଭକ୍ତିର ଭାବକୁ ଭୂଷଣ କରିଲେ
ସ୍ୱହସ୍ତେ ଅର୍ପିଲେ ବାଡ଼ି ନଡ଼ିଆ
ବାହୁକୁ ପ୍ରସାରି ଆତୁର ପଣରେ
ଅଳଙ୍କାର କଲେ ଦେଖେ ଓଡ଼ିଆ ।

ଉମରକୋଟ, ନବରଙ୍ଗପୁର





# କଇଁଫୁଲର ଗାଁ

**ଡ. ଶୁଭେନ୍ଦୁ ମେହେର**

ମୁଁ ସେଇଠିକୁ ଯାଇଥିଲି
ଯେଉଁଠି ଶରତର ଆକାଶ
ଭୂଇଁରେ ଓହ୍ଲାଇ ଆସେ !
ସେଇଠି କଇଁଫୁଲର ଗାଁ ବସିଛି
ନଈ କୂଳରେ,
ବାଲି ଛାତିରେ,
ପବନର କୋଳରେ।
ଗାଁ ଚାରି କଡ଼ରେ
ଧଳା ଧଳା କାଶତଣ୍ଡୀ ଠିଆ ହୋଇଥାନ୍ତି,
ଯେମିତି ଶେଷ ପ୍ରାର୍ଥନା ପାଇଁ
ଆକାଶ ଆଡ଼କୁ ମୁହଁ ଟେକିଛନ୍ତି।
ସେ' ଗାଁର ରାସ୍ତା ନାହିଁ,
ସେଠି ହଜିବା ହିଁ ପହଞ୍ଚିବା।
ସେ' ଗାଁର ଘର ନାହିଁ,
ପ୍ରତିଟି କଇଁଫୁଲ ହିଁ ଗୋଟିଏ ଘର,
ଯେଉଁଠି ପବନ ରହେ...........!
ଶୀତ ଚାଦର ବିଛାଏ.............!!
ସୂର୍ଯ୍ୟାଲୋକ ଅତିଥି ହୋଇ ଆସେ।
ସେ' ଗାଁର ଲୋକେ କଥା କୁହନ୍ତି ନାହିଁ।
ସେମାନେ କେବଳ
ଦୋହଲି ଦୋହଲି ପବନ ସାଥିରେ ଗୀତ ଗାଆନ୍ତି
ଏମିତି ଗୀତ.................
ଯାହାକୁ କେବଳ
ବିରହୀ ପକ୍ଷୀ ଆଉ ଉଦାସ ନଈ ବୁଝିପାରେ।
ମୁଁ ଦେଖିଲି,
ସନ୍ଧ୍ୟା ହେଲେ
ସେ' ଗାଁ......
ଆକାଶର ତାରାକୁ ତଳକୁ ଡାକେ।
ଶୀତ ପଡ଼ିଲେ
ପ୍ରତିଟି କଇଁଫୁଲ ମୁଣ୍ଡରେ
ଗୋଟିଏ ଗୋଟିଏ ମୁକ୍ତା ଜଳେ।
ଯେତେବେଳେ ବର୍ଷା ପରର ପ୍ରଥମ ଖରା ଆସେ,
ସାରା ଗାଁ ଚାନ୍ଦିର ସମୁଦ୍ର ପରି ଝଲସି ଉଠେ।
ସେ' ଗାଁର ଆୟୁଷ କମ୍
ଆଶ୍ୱିନ ଶେଷ ହେଲେ ସେମାନେ ବିଦାୟ ନିଅନ୍ତି।
ଗୋଟିଏ ଦିନ ପବନ ଆସି
ଗାଁଟା ଖାଲି କରିଦିଏ,
କେବଳ ଠିଆ ହୋଇରହେ ନଗ୍ନ ଡେଣାସବୁ
ଯେମିତି କାହା ଚିତାର ଶେଷ ଅସ୍ଥି।
କଇଁଫୁଲର ଗାଁ.....
ଆମକୁ ଗୋଟିଏ କଥା ଶିଖାଏ
ଜୀବନ ଛୋଟ ହେଲେ ବି ଉତ୍ସବ ହୋଇପାରେ,
ସୌନ୍ଦର୍ଯ୍ୟ କ୍ଷଣସ୍ଥାୟୀ ହେଲେ ବି
ଶାଶ୍ୱତ ହୋଇପାରେ !
ଆଉ ବିଦାୟ ଦୁଃଖର ନୁହେଁ,
ପୁଣି ଫେରିବାର ପ୍ରତିଶ୍ରୁତି।
ଆମ ଛାତି ଭିତରେ ବି ଗୋଟିଏ
କଇଁଫୁଲର ଗାଁ ଅଛି,
ଯେଉଁଠି ସ୍ୱପ୍ନମାନେ ଧଳା ହୋଇ ଫୁଟନ୍ତି।।

ଯାଲୋଏ, ସୁବର୍ଣ୍ଣପୁର
ମୋବାଇଲ୍: ୯୯୩୮୪୩୩୬୭୪



# ମୋ ଜଗାରେ

**ଡଃ ତାନଶ୍ରୀ ପାଣିଗ୍ରାହୀ**



ବିଶ୍ୱାସ କରି ମୁଁ କରିଛି ବନ୍ଧୁତା
ଦେଇଅଛି ତୋତେ ମନ
ତୋ ବିନା ମୋର ଅଛି କେ
ଭରସା
ତୁ ମୋ ଭାବ ସ୍ପନ୍ଦନ
ମନ କଥା ମୋର ତୋତେ ସବୁ ଜଣା
ଶୁଣିବୁ ମୋର ଗୁହାରୀ
ମୋ ଜଗାରେ...
ଶୁଣିବୁ ମୋର ଗୁହାରୀ...

ଯେ ଯାହା ମାଗିଲେ ଦେଉଛୁ ତୁ ଜଗା
କିଣିଛୁ ସବୁରି ମନ
ବରଷକ ଥରେ ବଡ଼ଦାଣ୍ଡ ପରେ
ଦେବୁ ତୋର ଦରଶନ
ପତିତପାବନ ଓ୍ୱାନା ଉଡ଼େ ତୋର
ଆହେ ପ୍ରଭୁ ଦୁଃଖହାରୀ
ମୋ ଜଗାରେ...
ଶୁଣିବୁ ମୋର ଗୁହାରୀ...

ତୋ ନାମରେ ଅଛି ଏମିତି ଅମୃତ
ଜଗତେ ନାମ ଅମୂଲ୍ୟ
ଅଜାଡି ଦେଇଛି ତୋହରି ଚରଣେ
ଭକତିର ପୂଜାଫୁଲ
ଶୟନେ ସପନେ ଅବା ଜାଗରଣେ
ତୋତେ ମୁଁ ହେଉଛି ଝୁରି
ମୋ ଜଗାରେ...
ଶୁଣିବୁ ମୋର ଗୁହାରୀ...

ତୋର ହାତ ଗଢ଼ା ମାଟି କଣ୍ଢେଇ ମୁଁ
ମାଟିରେ ମିଶିବି ଦିନେ
ଦୁଃଖୀ ବୋଲି ଭାବି କରିବୁନି ପର
କୃପା କରିଥିବୁ ମନେ
ତୋର ନାମ ଜପି ଏ ମାୟା ସଂସାରୁ
କରିଦେବୁ ମୋତେ ପାରି
ମୋ ଜଗାରେ....
ଶୁଣିବୁ ମୋର ଗୁହାରୀ... ॥

ବାଲେଶ୍ୱର



## ଗୋ-ଶାଳା ପରିଚାଳନାରେ ଅବ୍ୟବସ୍ଥା ଅଭିଯୋଗ



**ବଲାଙ୍ଗୀର, ୧୮।୭(ସଂଚାର ବ୍ୟୁରୋ):** ରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଓଡ଼ିଶା ସଂଗଠନ ପକ୍ଷରୁ ଶନିବାର ବଲାଙ୍ଗୀର ସହରର ପୃଥ୍ୱୀରାଜ ଗୋ'ଶାଳାର ଅବ୍ୟବସ୍ଥା ଏବଂ ପରିଚାଳନା କମିଟିର ମନମୁଖୀ କାର୍ଯ୍ୟ ବିରୋଧରେ ଜିଲ୍ଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ପରିଷଦ ସଭାପତି ସନ୍ତୋଷ ଭୋଳଙ୍କ ନେତୃତ୍ୱରେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପୃଥ୍ୱୀରାଜ ଗୋ'ଶାଳାରେ ଗତ ୧୫ ଦିନ ହେଲା ଗୋରୁମାନେ ଅବହେଳିତ ହୋଇ ମୃତ୍ୟୁବରଣ କରିଥିବା ଅଭିଯୋଗ କରିଥିଲେ। ପୃଥ୍ୱୀରାଜ ଗୋ'ଶାଳାର ଅବ୍ୟବସ୍ଥା ଏବଂ ଗୋ'ଶାଳା ପରିଚାଳନା କମିଟିର ମନମାନି ପାଇଁ ଆଜି ଏଠାରେ ଗୋରୁ ଅସୁରକ୍ଷିତ ଥିବା ସେମାନେ ଅଭିଯୋଗ କରିଥିଲେ। ଏଠାରେ ଥିବା ଗୋରୁମାନଙ୍କୁ ଆବଶ୍ୟକ ଖାଦ୍ୟ ଦିଆଯାଉ ନ ଥିବା ଅଭିଯୋଗ କରିଥିଲେ। ଗୋ' ଶାଳା ପରିଚାଳନା କମିଟିକୁ ତୁରନ୍ତ ପରିବର୍ତ୍ତନ କରି ସହରର ପ୍ରତ୍ୟେକ ଅଞ୍ଚଳରୁ ସ୍ୱେଚ୍ଛାସେବୀ, ଗୋରକ୍ଷକମାନଙ୍କୁ ନେଇ ଏକ ନୂତନ ପରିଚାଳନା କମିଟି ଗଠନ କରିବାକୁ ଦାବି କରିଥିଲେ। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ନଳକୂପ ପାଇଁ ପ୍ରଶାସନିକ ପଦକ୍ଷେପ ଅପେକ୍ଷାରେ ଗ୍ରାମବାସୀ



**କନ୍ଧମାଳ, ୧୮।୭(ସଂଚାର ବ୍ୟୁରୋ):** ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ଡିଣ୍ଡିମା ପିଟୁଥିବା ବେଳେ ଆଜି ଏହି ଅଞ୍ଚଳ ବାଦ୍ ପଡୁଥିବା ଦେଖିବାକୁ ମିଳୁଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଲୁଇସିଂ ପଞ୍ଚାୟତ ଅନ୍ତର୍ଗତ ରାଇଗୁଡ଼ା ଗ୍ରାମ ୪ ନମ୍ବର ୱାର୍ଡର ଡେପାପଡ଼ା ଓ କାଙ୍ଗାସରୁ ସାହରେ ଦେଖିବାକୁ ମିଳିଛି ପାନୀୟ ଜଳର ଉତ୍କଟ ସମସ୍ୟା। ଉକ୍ତ ଦୁଇଟି ସାହି ରେ ଦୀର୍ଘ ବର୍ଷ ଧରି ୨୫ ରୁ ଉର୍ଦ୍ଧ୍ୱ ପରିବାର ବସବାସ କରନ୍ତି। କିନ୍ତୁ ଆଜି ପର୍ଯ୍ୟନ୍ତ ସରକାର ଙ୍କ ପକ୍ଷରୁ କୌଣସି ପ୍ରକାରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରା ଯାଇନଥିବା ଅଭିଯୋଗ କରିଛନ୍ତି ସାହିର ଜନସାଧାରଣ। ହେଲେ ଏଠି କିଛି ପ୍ରଶ୍ନବାଚି ସୃଷ୍ଟି ହେଉଛି ସରକାର ପରେ ସରକାର ବଦଳଉଛି ହେଲେ ସରକାର ଯୋଜନା ସଠିକ୍ ସ୍ଥାନରେ ପହଞ୍ଚିବାର ଅସୁବିଧା ରହୁଛି କୋଉଠି, ନା ଜାଣି ଶୁଣି ପ୍ରଶାସନ ନିରବ ଦ୍ରଷ୍ଟା ରହିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।ଯାହା ଫଳରେ ଲୋକେ ଆଜି ବି ବିଶୁଦ୍ଧ ପାନୀୟ ଜଳ ଅଭାବରୁ ଦୂଷିତ ଚୂଆ ପାଣି ଉପରେ ନିର୍ଭର କରୁଛନ୍ତି। ସେହି ଚୂଆ ପାଣିକୁ ବ୍ୟବହାର କରି ଅନେକ ଶିଶୁ ଓ ବୟସ୍କ ଲୋକ ରୋଗାଗ୍ରସ୍ତ ହେବା ସହ ଅମୂଲ୍ୟ ଜୀବନ ହରାଉଛନ୍ତି। ଏଠାରେ ନା' ଭଲ ରାସ୍ତାଟିଏ ଅଛି ନା' ବିଶୁଦ୍ଧ ପାନୀୟ ଜଳର ଯୋଗାଣ? ଲୋକେ ନିଜର ଜୀବନ ବଞ୍ଚାଇବା ପାଇଁ ଦୀର୍ଘ ବର୍ଷ ଧରି ବାଧ୍ୟ ହୋଇ ଦୂଷିତ ଚୂଆ ପାଣି ଓ ନାଳ ପାଣି ଉପରେ ନିର୍ଭର କରି ଆସୁଛନ୍ତି।ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବିକାଶର ଚିତ୍ର ଏଭଳି କି ଆଜ୍ଞା। ଏହି ସମସ୍ୟାର ସମାଧାନ କରିବା ନିମନ୍ତେ ଏହି ଗାଁ ର ଅନିରୋଧ ରଣା, କାର୍ତ୍ତିକ କହଁର, ପ୍ରମିଳା କହଁର, ଯୁବତୀ ରଣା, ହସ୍ତିନୀ ଦିଗାଲ, ସନ୍ତୋଜିନୀ କହଁର, ଭୁମିକା ଦିଗାଲ, ପ୍ରଭାତ କହଁର, ରଶ୍ମିତା ଦିଗାଲ, ଶର୍ମିତା କହଁର ସମେତ ପୂର୍ବତନ ୱାର୍ଡ ମେମ୍ବର କାଜଲ ଦିଗାଲ ଏହି ଦୁଇଟି ସାହିରେ ଦୁଇଟି ନୂତନ ନଳକୂପ ଖନନ କରିବା ନିମନ୍ତେ ଦାବି କରିଛନ୍ତି। ଯଦି ଏହି ସମସ୍ୟାକୁ ତୁରନ୍ତ ସମାଧାନ କରା ନ ଯାଏ ତେବେ ଆଗାମୀ ଦିନରେ ବାଧ୍ୟ ହୋଇ ରାଜ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବୁ ବୋଲି କଡ଼ା ଚେତାବନୀ ଦେଇଛନ୍ତି ଗ୍ରାମବାସୀ।ଏନେଇ ଫିରିଙ୍ଗିଆ ବ୍ଲକ ଗୋଷ୍ଠୀ ଉନ୍ନୟନ ବିଭାଗୀୟ ଅଧିକାରୀ କନିଷ୍ଠ ଯନ୍ତ୍ରୀ ଅମର ବେହେରା ଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ଫୋନ୍ ରିଙ୍ଗ୍ ହୋଉଥିଲା ଉଠୁନାହିଁ।

## ଟୋଲ ପ୍ଲାଜାରେ ଟ୍ରକ ଡ୍ରାଇଭରଙ୍କ ଉନ୍ମତ କାଣ୍ଡ



**ବୈଶିଙ୍ଗା, ୧୮।୭(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ପଦ୍ମନାଭପୁର ଟୋଲ ଗେଟ୍ ରେ ଶୁକ୍ରବାର ରାତି ୧୧.୩୦ ସମୟରେ ଉତ୍ୟକ୍ତ ଡ୍ରାଇଭର ବାପ ପୁଅଙ୍କ ଖଣ୍ଡା ଚୋଟରେ ଜଣେ ଟୋଲ ଗେଟ୍ କର୍ମଚାରୀ ଗୁରୁତର ଆହତ ହୋଇ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜ ଓ ହସପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ଏସସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ମିଳିଥିବା ସୂଚନା ମୁତାବକ ଆନ୍ଧ୍ର ପ୍ରଦେଶରୁ ମାଛ ନେଇ ରାଞ୍ଚି ଯାଉଥିବା ଏକ ଟ୍ରେଲର ନଂ ୟୁକେ ୦୬ ଏସି ୫୧୭୬ ଗେଟ୍ ରେ ଅଟକି ଥିବା ବେଳେ ଗାଡ଼ି ପାସ୍ କରିବାକୁ ବିଳମ୍ବ ଯୋଗୁଁ ଟୋଲ ଗେଟ୍ କର୍ମଚାରୀଙ୍କ ସହିତ ଯୁକ୍ତିତର୍କ, ପାଟିତୁଣ୍ଡ ହୋଇଥିଲା। ଟ୍ରେଲର ଚାଳକ ବାପା ୬୦ ବର୍ଷିୟ ଦୀଲବାଗ୍ ସିଂ ଓ ପୁଅ ୨୬ ବର୍ଷିୟ ମନଜୀତ୍ ସିଂ ଲୁହା ରଡ୍ ଓ ଖଣ୍ଡା ବାହାର କରି ମରଣାତ୍ମକ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ବିବେକ ତିୱାରୀ ନାମକ କର୍ମଚାରୀଙ୍କ ପେଟରେ ଖଣ୍ଡା ବାଜି ପେଟ ଭିତରୁ ଅନ୍ତବୁଜୁଳୀ ବାହାରି ପଡ଼ିଥିଲା। ଘଟଣା ସମ୍ପର୍କରେ ଖବରପାଇ ତୁରନ୍ତ ପୋଲିସ ଏସ ଆଇ ଅଶୋକ କୁମାର ପାତ୍ର ପୋଲିସ ଟିମ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ହେଲେ ସେତେବେଳକୁ ଗାଡ଼ି ନେଇ ପଳାଇଯାଇଥିଲେ ବାପ ପୁଅ। ସେମାନଙ୍କ ଗାଡ଼ିକୁ ଗୋଡ଼ାଇ ବେତନଟୀ ଠାରେ ଅଟକ ରଖି ଦୁଇଜଣଙ୍କୁ ଗିରଫ କରି ଥାନାକୁ ନେଇ ଆସିଥିଲେ। ଏହାକୁ ନେଇ ପୋଲିସ ପକ୍ଷରୁ ୩୬୪ ନଂ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ସନ୍ଧ୍ୟାରେ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ନିଟ୍ ପରୀକ୍ଷାରେ ସଫଳତା ହାସଲ କରିଥିବା ବିପ୍ଳବଙ୍କୁ ସମ୍ବର୍ଦ୍ଧନା

**ମାଲକାନଗିରି, ୧୮।୭(ସଂଚାର ବ୍ୟୁରୋ):** ମାଲକାନଗିରି ଜିଲା ଏମ୍ଭି-୩୭ଗ୍ରାମର ବିପ୍ଳବ ଠାକୁର ନିଟ୍ ପରୀକ୍ଷାରେ ଅନୁସୂଚିତ ଜାତି ବର୍ଗରେ ସର୍ବଭାରତୀୟ ସ୍ତରରେ ୯୪ତମ ରାଙ୍କ ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ତାଙ୍କର ଏହି ସଫଳତା ପାଇଁ ସେ ପ୍ରାଥମିକ ଶିକ୍ଷା ଗ୍ରହଣ କରିଥିବା ଏମ୍ଭି-୩୭ ବୀଣାପାଣି ବିଦ୍ୟାମନ୍ଦିରରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ଶିକ୍ଷକଶିକ୍ଷୟିତ୍ରୀ ଆଜି ତାଙ୍କୁ ଡାକି ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ମଣି ଶଙ୍କର ମଜୁମଦାର, ତାର୍ଲାକୋଟା ହାଇସ୍କୁଲ ସଂସ୍କୃତ ଶିକ୍ଷକ ତଥା ବରିଷ୍ଠ କବି କରୁଣାକର ମଲ୍ଲିକ, ତାର୍ଲାକୋଟା ପୂର୍ବତନ ସରପଞ୍ଚ ସୋମନାଥ ବାରସେ ଏବଂ ଏକାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

## ସର୍ବଭାରତୀୟ ନିଟ୍ ୟୁଜି ପରୀକ୍ଷାରେ ଆଶୀର୍ବାଦଙ୍କ କମାଲ



**ସୁବର୍ଣ୍ଣପୁର, ୧୮।୭(ସଂଚାର ବ୍ୟୁରୋ):** ସର୍ବଭାରତୀୟ ଡାକ୍ତରୀ ପ୍ରବେଶିକା ପରୀକ୍ଷା ନିଟ୍-୨୦୨୬ ରେ ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବଡ଼ବଜାର ର ପୁଅ ଆଶୀର୍ବାଦ ତ୍ରିପାଠୀ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ସେ ସମଗ୍ର ଭାରତରେ ୧୨୩୭ ତମ ରେଙ୍କ ଅଧିକାର କରି ଜିଲ୍ଲାବାସୀଙ୍କୁ ଗର୍ବିତ କରିଛନ୍ତି। ଆଶୀର୍ବାଦ ମୋଟ ୭୨୦ ମଧ୍ୟରୁ ୬୫୩ ମାର୍କ ପାଇଛନ୍ତି। ତାଙ୍କ ପିତା ଶ୍ରୀ ନନ୍ଦକିଶୋର ତ୍ରିପାଠୀ ଜଣେ ଓକିଲ ଏବଂ ମାତା ଶ୍ରୀମତୀ ରଞ୍ଜିତା ତ୍ରିପାଠୀ ଗୃହିଣୀ। ସେ ବରିଷ୍ଠ ଆଇନଜୀବୀ ହରି ନାରାୟଣ ତ୍ରିପାଠୀ ଓ ଆଇ ଶୋଭାଗିନୀ ତ୍ରିପାଠୀ ଙ୍କ ନାତି ହୋଇଥିବା ବେଳେ କାକା ରାଜ କିଶୋର ତ୍ରିପାଠୀ ଜଣେ ଯୁବ ସାମ୍ବାଦିକ ଓ ଖୁଡି ରଶ୍ମିତା ମିଶ୍ର ଅଟନ୍ତି। ଆଶୀର୍ବାଦ ବଲାଙ୍ଗୀରର ପ୍ରସିଦ୍ଧ ଶିକ୍ଷାନୁଷ୍ଠାନ ଯୁବୋଦୟରେ ଶିକ୍ଷା ଲାଭ କରୁଥିଲେ। କଠିନ ପରିଶ୍ରମ ଓ ଶିକ୍ଷକମାନଙ୍କ ମାର୍ଗଦର୍ଶନ ଫଳରେ ସେ ଏହି ସଫଳତା ପାଇପାରିଥିବା କହିଛନ୍ତି। ତାଙ୍କର ଏହି ସଫଳତା ପାଇଁ ପରିବାର ଲୋକ, ଶିକ୍ଷକ ଏବଂ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ବିଭିନ୍ନ ମହଲରୁ ଆଶୀର୍ବାଦଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଆଶୀର୍ବାଦ ଭବିଷ୍ୟତରେ ଜଣେ ଭଲ ଡାକ୍ତର ହୋଇ ସମାଜ ସେବା କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ସେ ଜଣେ ମେଧାବୀ ଛାତ୍ର ହୋଇଥିବା ବେଳେ ପ୍ରଥମ କ୍ଲାସ ରୁ ଯୁକ୍ତ ୨ ପର୍ଯ୍ୟନ୍ତ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରି ଆସୁଥିଲେ। ପ୍ରଥମେ ସୋନପୁର ଶ୍ରୀ ଅରବିନ୍ଦ ଇଣ୍ଟିଗ୍ରାଲ ସ୍କୁଲରେ ପାଠ୍ୟକ୍ରମ ଆରମ୍ଭ କରିଥିବା ଆଶୀର୍ବାଦ ମାଟ୍ରିକରେ ୯୫.୫୦ ପ୍ରତିଶତ ମାର୍କ ରଖିବା ସହ ଜିଲ୍ଲାରେ ଦ୍ୱିତୀୟ ସ୍ଥାନ ଅର୍ଜନ କରିଥିଲେ। ବଲାଙ୍ଗୀର ଯୁବୋଦୟ କଲେଜରେ ଯୁକ୍ତ ୨ ପାଠ୍ୟକ୍ରମରେ ମଧ୍ୟ ସେ ୯୪ ପ୍ରତିଶତ ମାର୍କ ରଖିବାରେ ସଫଳ ହୋଇଥିଲେ।

# ବିପଦସଙ୍କୁଳ ଶଙ୍ଖରେ ଜୀବନକୁ ବାଜି ଲଗାଇ ଯାତାୟାତ



**କନ୍ଧମାଳ, ୧୮।୭(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ ଅନ୍ତର୍ଗତ ବୁର୍ବିନାଜୁ ପଞ୍ଚାୟତର ମିଡ଼ାବାଲି ଗ୍ରାମ ନିକଟରେ ଥିବା ଏକ ଶଙ୍ଖ ଦୀର୍ଘ ପାଞ୍ଚ ବର୍ଷରୁ ଅଧିକ ସମୟ ଧରି ଭାଙ୍ଗିପଡ଼ି ବିପଦସଙ୍କୁଳ ଅବସ୍ଥାରେ ପଡ଼ିରହିଛି। ପ୍ରତିଦିନ ଶହ ଶହ ଲୋକ ଜୀବନକୁ ବାଜି ଲଗାଇ ଏହି ରାସ୍ତାରେ ଯାତାୟାତ କରୁଥିବା ବେଳେ ପ୍ରଶାସନର ଉଦାସୀନତାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦିନକୁ ଦିନ ବଢ଼ିବାରେ ଲାଗିଛି। ତୁରନ୍ତ ଶଙ୍ଖର ପୁନଃନିର୍ମାଣ ନ କରାଗଲେ ବ୍ୟାପକ ଗଣଆନ୍ଦୋଳନ କରାଯିବ ବୋଲି କଡ଼ା ଚେତାବନୀ ଦେଇଛନ୍ତି ଅଞ୍ଚଳବାସୀ। ସୂଚନା ଅନୁଯାୟୀ, ଆର୍.ଡି. ରାସ୍ତାରୁ ମିଡ଼ାବାଲି କୁ ସଂଯୋଗ କରୁଥିବା ଏହି ଶଙ୍ଖର ମଧ୍ୟଭାଗ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ବର୍ତ୍ତମାନ କେବଳ ଏକ ସରୁ ଅଂଶ ଦେଇ ଲୋକମାନେ ପାଦରେ ଚାଲି, ସାଇକେଲ ଓ ବାଇକ୍ ଠେଲି କିମ୍ବା ଗଡ଼ାଇ ପାର ହେଉଛନ୍ତି। ସାମାନ୍ୟ ଅସାବଧାନତା ହେଲେ ଯେକୌଣସି ସମୟରେ ବଡ଼ ଧରଣର ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ଏହି ରାସ୍ତା ଉପରେ ମିଡ଼ାବାଲି, ପେନାବିଡା ଓ ପକାରି ଗ୍ରାମର ପ୍ରାୟ ୧୫ ଶହରୁ ଅଧିକ ଲୋକ ନିର୍ଭର କରୁଛନ୍ତି। କିନ୍ତୁ ଶଙ୍ଖ ଭାଙ୍ଗିଯାଇଥିବାରୁ ତିନି ଚକିଆ ଓ ଚାରିଚକିଆ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇ ଯାଇଛି। ଯାହା ଫଳରେ ମାତ୍ର ଏକ କିଲୋମିଟର ଦୂରତା ଅତିକ୍ରମ କରିବା ପାଇଁ ଲୋକଙ୍କୁ ପ୍ରାୟ ପାଞ୍ଚ କିଲୋମିଟର ବୁଲି ଯିବାକୁ ପଡୁଛି। ଏହାଦ୍ୱାରା ସମୟ, ଅର୍ଥ ଓ ଜରୁରୀ ସେବା ଉପରେ ଗୁରୁତ୍ୱର ପ୍ରଭାବ ପଡୁଛି। ବହୁବାର ଦାବି ସତ୍ତ୍ୱେ ମଧ୍ୟ ଶଙ୍ଖର ପୁନଃନିର୍ମାଣ କାମ ଆରମ୍ଭ ନ ହେବାରୁ ଗ୍ରାମବାସୀମାନେ ବୁର୍ବିନାଜୁ ପଞ୍ଚାୟତର ସରପଞ୍ଚ ସଲିମା ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଦାବି ତୁରନ୍ତ ଶଙ୍ଖର ପୁନଃନିର୍ମାଣ କରି ସୁରକ୍ଷିତ ଯାତାୟାତର ବ୍ୟବସ୍ଥା କରାଯାଉ। ଏନେଇ ସରପଞ୍ଚ ସଲିମା ପ୍ରଧାନ କହିଛନ୍ତି ଯେ, ଏହି ଶଙ୍ଖ ନିର୍ମାଣ ପାଇଁ ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ବାଲିଗୁଡ଼ା ଆଇଟିଡିଏ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକାଧିକ ଥର ଲିଖିତ ଭାବେ ଅବଗତ କରାଯାଇଛି।

● ମୁଖ୍ୟ ରାସ୍ତା ଶୋଚନୀୟ

## ଯାତାୟାତରେ ନାହିଁ ସୁବିଧା, ପାଲଟିଛି ମରଣଯନ୍ତା

**ରିଷିଡା, ୧୮।୭ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅନ୍ତର୍ଗତ ରିଷିଡା ଗ୍ରାମର ମୁଖ୍ୟ ରାସ୍ତା ବର୍ତ୍ତମାନ ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ପହଞ୍ଚିଛି। ରାସ୍ତାଟି ସମ୍ପୂର୍ଣ୍ଣ ଭାବେ ଜରାଜୀର୍ଣ୍ଣ ହୋଇପଡ଼ିଥିବା ବେଳେ ବଡ଼ ବଡ଼ ଖାଲ, ଉଚ୍ଚନୀଚ ସ୍ଥାନ, ଭାଙ୍ଗିଯାଇଥିବା ଉଭୟ ପାର୍ଶ୍ୱର ଡ୍ରେନ୍ ଏବଂ ବର୍ଷାଦିନେ ରାସ୍ତା ଉପରେ ପାଣି ଜମି ରହୁଥିବାରୁ ସାଧାରଣ ଲୋକଙ୍କ ପାଇଁ



ଯାତାୟାତ ଅତ୍ୟନ୍ତ ବିପଦପୂର୍ଣ୍ଣ ହୋଇପଡ଼ିଛି। ପ୍ରତିଦିନ ଏହି ରାସ୍ତା ଦେଇ ଶହ ଶହ ଛାତ୍ରୀଛାତ୍ର, କୃଷକ, ଶ୍ରମିକ, ସରକାରୀ କର୍ମଚାରୀ, ଜନପ୍ରତିନିଧି, ବ୍ୟବସାୟୀ, ରୋଗୀ ଓ ସାଧାରଣ ଲୋକ ଯାତାୟାତ କରୁଛନ୍ତି। କିନ୍ତୁ ରାସ୍ତାର ଦୟନୀୟ ଅବସ୍ଥା ଯୋଗୁ ଦୁଇଚକିଆ ଓ ଚାରିଚକିଆ ଯାନ ଚଳାଚଳ କରିବା ଅତ୍ୟନ୍ତ କଷ୍ଟସାଧ୍ୟ ହୋଇପଡ଼ିଛି। ଅନେକ ସମୟରେ ଲୋକମାନେ ଖାଲରେ ପଡ଼ି ଦୁର୍ଘଟଣାର ଶିକାର ହେଉଥିବା ବେଳେ କେତେକ ଗୁରୁତର ଆହତ ହେଉଛନ୍ତି। ସେହିପରି ଅନେକ ଯାନବାହନ ମଧ୍ୟ କ୍ଷତିଗ୍ରସ୍ତ ହେଉଛି। ବିଶେଷକରି ବର୍ଷା ଋତୁରେ ରାସ୍ତା ଉପରେ ପାଣି ଜମି ରହୁଥିବାରୁ ଖାଲର ଗଭୀରତା ଜଣାପଡୁ ନ ଥିବାରୁ ଦୁର୍ଘଟଣାର ଆଶଙ୍କା ବହୁଗୁଣ ବଢ଼ିଯାଉଛି।

## ଜଳବନ୍ଦୀରେ ଥିବା ଗ୍ରାମବାସୀଙ୍କ ଜରକା- ମେର୍ଦା ରାସ୍ତା ଅବରୋଧ



**ବୈଶିଙ୍ଗା, ୧୮।୭ (ସଂଚାର ବ୍ୟୁରୋ):** ଲୋକ ପ୍ରତିନିଧି ଭାବେ ପ୍ରତ୍ୟେକ ଅଞ୍ଚଳର ବିଧାୟକ ମାନେ ଲୋକ ଙ୍କ ସମସ୍ୟା ପ୍ରତି ଧ୍ୟାନ ଦେବା କଥା ମାତ୍ର ବଡସାହି ବିଧାୟକ ଙ୍କ କ୍ଷେତ୍ରରେ ଓଲଟା ପରିଲକ୍ଷିତ ହୋଇଥିବାର ଦେଖିବାକୁ ମିଳିଛି। ଆମ ବଡସାହି ବିଧାନ କ୍ଷେତ୍ରର ବିଧାୟକ ସନାତନ ବିଜୁଳି ସନ୍ତରା ପଞ୍ଚାୟତର ମଦାସାହି ଗ୍ରାମର ୪୦ ପରିବାର ଙ୍କ ପ୍ରତି ତିଳେ ହେଲେ ଅନୁକମ୍ପା ନଥିବାର ଦେଖିବାକୁ ମିଳିଛି। ଜୁଗୁପୁରା ଠାରୁ ଜରକା ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱ ରେ ଡ୍ରେନ୍ କରାଯାଇ ପାଣି ନିଷ୍କାସନ କରାଯିବାର ବ୍ୟବସ୍ଥା କରିବାକୁ ନିଜେ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ତାହା କରାଯାଇନଥିବାରୁ ମଦାସାହି ଗ୍ରାମର ୪୦ ପରିବାର ଜଳବନ୍ଦୀ ରେ ରହି ଦୁଃଖରେ କାଳାତିପାତ କରୁଥିବା ର ଦେଖିବାକୁ ମିଳିଛି। ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କେହି କର୍ଣ୍ଣପାତ ନ କରିବାରୁ ଆଜି ଶନିବାର ପୂର୍ବାହ୍ନରେ ଗ୍ରାମର ସଂଖ୍ୟାଲଘୁ ସମ୍ପ୍ରଦାୟର ମହିଳା ଓ ପୁରୁଷ ମାନେ ଯୁଗୁପୁରା ଆର ଆଇ କାର୍ଯ୍ୟାଳୟ ସମ୍ମୁଖରେ ଜରକା-ମେର୍ଦା ରାସ୍ତାକୁ ଟାୟାର ଜାଳି ରାସ୍ତା ଅବରୋଧ କରିଥଲେ। ବିଧାୟକ ସନାତନ ବିଜୁଳି ନ ଆସିଲ ଅବରୋଧ ହଟାଇବେ ନାହିଁ ବୋଲି ଗ୍ରାମବାସୀ ମାନେ ପ୍ରକାଶ କରିଥିଲେ। ଖବର ପାଇ ବେତନଟୀ ବିଡିଓ ମୁନ୍ନା ସେଠୀ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହିତ ଆର.ଡି ଦେଇ ଏବଂ ଜୁଗୁପୁରା ଆର ଆଇ. ଙ୍କୁ ଡକାଇ ପାଣି ନିଷ୍କାସନ ପାଇଁ ବ୍ୟବସ୍ଥା କରିଥିଲେ।

● ପ୍ରଧାନଶିକ୍ଷକଙ୍କ ବଦଳି ଦାବିରେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଫେରାଦ

## ୧୦ ଦିନ ମଧ୍ୟରେ ପଦକ୍ଷେପ ନେବାକୁ ଦାବି



**ଲାଞ୍ଜିଗଡ଼, ୧୮।୭(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ ବ୍ଲକ ଅନ୍ତର୍ଗତ ପେଙ୍ଗଶୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ବଦଳି ଦାବିରେ ଗ୍ରାମ୍ୟ କମିଟି ଓ ଅଭିଭାବକମାନେ ଏକତ୍ରିତ ହୋଇ କଳାହାଣ୍ଡି ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।ଦାବିପତ୍ରରେ ଉଲ୍ଲେଖ ରହିଛି ଯେ'ଗତ ୧୪ ତାରିଖରେ ସରକାରୀ ନିର୍ଦ୍ଦେଶ ଅନୁଯାୟୀ ଗ୍ରାମ୍ୟ କମିଟି, ପୂର୍ବତନ ସ୍କୁଲ ପରିଚାଳନା କମିଟି (ଏସଏମସି)ର ସଦସ୍ୟ ଓ ସଦସ୍ୟାମାନଙ୍କ ଉପସ୍ଥିତିରେ ଏକ ନୂତନ ସ୍କୁଲ ପରିଚାଳନା କମିଟି ଗଠନ କରାଯାଇଥିଲା।କିନ୍ତୁ କିଛି ଦିନ ପରେ ଉକ୍ତ କମିଟିର ଅନେକ ସଦସ୍ୟଙ୍କ ଅନୁପସ୍ଥିତିରେ ପ୍ରଧାନ ଶିକ୍ଷକ ରମାକାନ୍ତ ସାହୁ ନିଜ ଇଚ୍ଛାମୁତାବକ ପୁନର୍ବାର ଏକ ନୂତନ ଏସଏମସି ଗଠନ କରିଥିବା ଅଭିଯୋଗ ହୋଇଛି।ଏହି ଘଟଣାକୁ ନେଇ ଅଭିଭାବକ ଓ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସେମାନଙ୍କ କହିବାନୁସାରେ ପ୍ରଧାନ ଶିକ୍ଷକ ଶ୍ରୀ ସାହୁ ଦୀର୍ଘ ବର୍ଷ ଧରି ଉକ୍ତ ବିଦ୍ୟାଳୟରେ କାର୍ଯ୍ୟରତ ଥିଲେ ମଧ୍ୟ ବିଦ୍ୟାଳୟର ଶିକ୍ଷାର ଗୁଣବତ୍ତା, ଶୃଙ୍ଖଳା ଓ ସାମଗ୍ରିକ ବିକାଶରେ ଆଶାନୁରୂପ ଉନ୍ନତି ପରିଲକ୍ଷିତ ହୋଇନାହିଁ। ଏହି ପରିପ୍ରେକ୍ଷୀରେ ଦାବିପତ୍ର ଦାଖଲ ହେବାର ୧୦ ଦିନ ମଧ୍ୟରେ ପ୍ରଧାନ ଶିକ୍ଷକଙ୍କ ବଦଳି ସମେତ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି। ନଚେତ୍ ପେଙ୍ଗଶୁର, ଖମାରି ଓ ଅସୁରଗୁଡ଼ା ଗ୍ରାମର ଗ୍ରାମ୍ୟ କମିଟି, ଅଭିଭାବକ ଓ ଗ୍ରାମବାସୀମାନେ ଏକତ୍ରିତ ହୋଇ ବିଦ୍ୟାଳୟ ବନ୍ଦ ଆନ୍ଦୋଳନ ସମେତ ଆଇନସମ୍ମତ ଓ ଶାନ୍ତିପୂର୍ଣ୍ଣ ଗଣତାନ୍ତ୍ରିକ ପଦକ୍ଷେପ ଗ୍ରହଣ କରିବେ ବୋଲି କଡ଼ା ଚେତାବନୀ ଦେଇଛନ୍ତି।

## କେନ୍ଦୁଆ ପଞ୍ଚାୟତ ପାଇଁ ଚାଲିଥିବା ଅହୋରାତ୍ର ଗଣଧାରଣା ୨ୟ ଦିନରେ



**ବୈଶିଙ୍ଗା, ୧୮।୭(ସଂଚାର ବ୍ୟୁରୋ):** କେନ୍ଦୁଆ ପଞ୍ଚାୟତର ନୂତନ ଗୃହ ନିର୍ମାଣରେ ଥିବା ଅହେତୁକ ବିଳମ୍ବ ପାଇଁ ବିଧାୟକ ସନାତନ ବିଜୁଳିଙ୍କ ଅପାରଗତା କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଦୁଇ ଥର ବିଧାୟକ ଭାବେ ନିର୍ବାଚିତ ହେବା ରାଜ୍ୟ ରେ ଡବଲ ଇଞ୍ଜିନ୍ ସରକାର ଶାସନ କରିବା ପରେ ମଧ୍ୟ ବିଧାୟକ ନିଜେ ଦୁଇ ବର୍ଷ ତଳେ ଶୁଭ ଦେଇ ମଧ୍ୟ ଗୃହ ନିର୍ମାଣ କରାଇ ନ ପାରିବା ଅତ୍ୟନ୍ତ ପରିତାପର ବିଷୟ ପାଲଟିଛି। ଯାହା ପାଇଁ ପଞ୍ଚାୟତ ବାସୀଙ୍କୁ ଧାରଣାରେ ବସିବାକୁ ପଡ଼ିଛି। କେନ୍ଦୁଆ ପଞ୍ଚାୟତର ଅସ୍ଥାୟୀ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଆରମ୍ଭ ହୋଇଥିବା ଅହୋରାତ୍ର ଗଣଧାରଣା ଆଜି ଦ୍ୱିତୀୟ ଦିବସ ରେ ପହଞ୍ଚିଛି। ଏହି ପଞ୍ଚାୟତର ୮୦ ଶତକଡା ଲୋକେ ଦିନ ମଜୁରୀଆ ଭାବେ କାଳାତିପାତ କରନ୍ତି। ସମସ୍ତ କାମ ଧନ୍ଦା ଛାଡି ଆଜି ଦ୍ୱିତୀୟ ଦିନ ରେ ମଧ୍ୟ ଧାରଣାରେ ବସିଥିବାର ଦେଖିବାକୁ ମିଳିଛି। ମୟୂରଭଞ୍ଜ ଜିଲ୍ଲାପାଳ ଏହି ଧାରଣା ବିଷୟରେ ଅବଗତ ଥିଲେ ମଧ୍ୟ କୌଣସି ସମାଧାନ କରିବା ପରିବର୍ତ୍ତେ ଆସନ୍ତା ୨୫ ତାରିଖ ଶନିବାର ସାକ୍ଷାତ କରିବାକୁ ନିମନ୍ତ୍ରଣ କରିବା ଅତି ହାସ୍ୟାସ୍ପଦ ପାଲଟିଛି। ତୁରନ୍ତ ଏହାର ସମାଧାନ ନ ହେଲେ ଏହି ପଞ୍ଚାୟତ ପାର୍ଶ୍ୱ ଦେଇ ଯାଇଥିବା ୧୮ନଂ ଜାତୀୟ ରାଜପଥ କୁ ଅବରୋଧ କରିବାକୁ ଚେତାବନୀ ଦେଇଛନ୍ତି ଗ୍ରାମବାସୀ।

## ବିଦ୍ୟାଳୟରେ ନୂତନ ପରିଚାଳନା କମିଟି ଗଠିତ

**ଝାରସୁଗଡ଼ା, ୧୮।୭ (ସଂଚାର ବ୍ୟୁରୋ):** ସରବାହାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନୂତନ ପରିଚାଳନା କମିଟି ଗଠନ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତାପସ କୁମାର ମିଶ୍ରଙ୍କ ଆହ୍ୱାନକ୍ରମେ ଆୟୋଜିତ ସାଧାରଣ ବୈଠକରେ ବହୁ ସଂଖ୍ୟକ ଅଭିଭାବକ ଯୋଗଦେଇ ୧୫ ଜଣିଆ ପରିଚାଳନା କମିଟି ଗଠନ କରିଥିଲେ। ନବଗଠିତ କମିଟିର ସଭାପତି ଭାବେ ସଞ୍ଜୟ କୁମାର ଜେନା ଏବଂ ଉପସଭାପତି ଭାବେ ସୁଦୀପ୍ତା ଜେନାଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି। ଅଭିଭାବକ ସଞ୍ଜୟ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଏବିଇଓ ସୁଶାନ୍ତ ହୋତା, ସାମାଜିକ କର୍ମୀ ସତ୍ୟନାରାୟଣ ପାଢ଼ୀ, ବିନୟ ବାରିକ ଓ ଆଇନଜୀବୀ ଅଶୋକ କୁମାର ପାଟଯୋଶୀ ପ୍ରମୁଖ ଉପସ୍ଥିତ ରହିଥିଲେ।

● ଆମ ହସ୍ପିଟାଲ କାର୍ଯ୍ୟ ନିମ୍ନମାନର ଅଭିଯୋଗ

## ବିଧାୟକଙ୍କ ପରିଦର୍ଶନ ଓ ଅଧିକାରୀଙ୍କୁ ତାଗିଦ



**ଭବାନୀପାଟଣା, ୧୮।୭ (ସଂଚାର ବ୍ୟୁରୋ):** ଜାତୀୟ ସ୍ୱାସ୍ଥ୍ୟ ମିଶନ କଳାହାଣ୍ଡି ପକ୍ଷରୁ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ ସେବା ଭିତ୍ତିଭୂମି ବିକାଶ ପାଇଁ 'ଆମ ହସ୍ପିଟାଲ' ଯୋଜନାରେ କାର୍ଯ୍ୟ ଜାରି ରହିଛି। ହେଲେ ଏଠାରେ ନିର୍ମାଣ କାର୍ଯ୍ୟ ନିମ୍ନମାନ ର ହେଉଥିବା ନେଇ ଗତ କିଛିଦିନ ତଳେ ସ୍ଥାନୀୟ ଗ୍ରାମ ର ସଚେତନ ନାଗରିକ ମାନେ ଅଭିଯୋଗ ଆଣିଥିଲେ। ଠିକାସଂସ୍ଥା ପକ୍ଷରୁ ପିଲର ଖୋଳା ଯାଇଥିବା ଗାତ ରେ ବାଲି/କ୍ରସର ଗୁଣ୍ଡ ପକାଇବା ବଦଳ ରେ ଖୋଳା ଯାଇଥିବା ମାଟି କୁ ପୁଣିଥରେ ଗାତ ରେ ପକା ଯାଉଥିବା ଦେଖି କୋଠା ର ସ୍ଥାୟୀତ୍ୱ ନେଇ ଅଭିଯୋଗ କରିଥିଲେ। ଏପରିକି କାର୍ଯ୍ୟ ତଦାରଖ ପାଇଁ କାର୍ଯ୍ୟ ସ୍ଥାନରେ କୌଣସି ବିଭାଗୀୟ ଅଧିକାରୀ ମଧ୍ୟ ଉପସ୍ଥିତ ରହୁ ନଥିବା ଅଭିଯୋଗ ହୋଇଥିଲା। ନିର୍ମାଣଧୀନ ଆମ ହସ୍ପିଟାଲ ର ଅଟକଳ ଓ କେଉଁ କେଉଁ କାର୍ଯ୍ୟ ହେବ ସେ ନେଇ କୌଣସି ସୂଚନା ଫଳକ ମଧ୍ୟ ଲଗା ଯାଇନାହିଁ। ଏଠାରେ କୌଣସି ସୂଚନା ଫଳକ ମଧ୍ୟ ଲଗାଯାଇ ନାହିଁ।ଲୋକଙ୍କ ଅଭିଯୋଗ ନେଇ ଗଣମାଧ୍ୟମରେ ଖବର ପରେ ବିଧାୟକ ଶନିବାର ନିର୍ମାଣଧୀନ ଆମ ହସ୍ପିଟାଲ କାର୍ଯ୍ୟ ତଦାରଖ କରିଥିଲେ ଓ ବାସ୍ତବିକ ସ୍ଥିତି ଅନୁଧ୍ୟାନ କରିବା ସହ କାର୍ଯ୍ୟ ରେ ଅନିୟମିତତା ହେଉଥିବା ନେଇ ଏନପିସିସି ନିର୍ବାହୀ ବିଭାଗୀୟ ଅଧିକାରୀ, ଠିକାସଂସ୍ଥା ଙ୍କୁ ଜବାବ ତଲବ କରିବା ସହ ବିଭାଗ ର ଉଚ୍ଚ ଅଧିକାରୀ ଙ୍କ ସହ ଫୋନ ରେ ଆଲୋଚନା କରି କାର୍ଯ୍ୟ ରେ କୌଣସି ଅନିୟମିତତା ବରଦାସ୍ତ କରାଯିବ ନାହିଁ ବୋଲି ରୋକଠୋକ କହିଥିଲେ।ଉନ୍ନତ ମାନର କାର୍ଯ୍ୟ କରିବା ପାଇଁ ଠିକା ସଂସ୍ଥାକୁ କଡ଼ା ତାଗିଦ୍ କରିଥିଲେ। ବିଧାୟକ ଙ୍କ ଗସ୍ତ ସମୟରେ କୋକସରା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼. ତତ୍ୱଦର୍ଶୀ ଦାସ ଉପସ୍ଥିତ ରହି କାର୍ଯ୍ୟ ସମ୍ପାଦନ ନେଇ ବିଧାୟକ ଙ୍କୁ ଅବଗତ କରାଇଥିଲେ।

## ଗଣମାଧ୍ୟମରେ ଖବର ପ୍ରସାରଣ ପରେ ଆରମ୍ଭ ହେଲା ଷ୍ଟେଜ୍ ନିର୍ମାଣ

# ବିନା ସୂଚନା ଫଳକରେ ଚାଲିଛି କାମ



**ଧର୍ମଗଡ଼, ୧୮।୭(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଚିଚିଆ ଗ୍ରାମ ପଞ୍ଚାୟତର ଶିବମନ୍ଦିର ଖେଳ ପଡ଼ିଆରେ ବିନା ସୂଚନା ଫଳକରେ ଏକ ଷ୍ଟେଜ ନିର୍ମାଣ କାମ ଚାଲିଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଓ ଅନିଶ୍ଚିତତା ପ୍ରକାଶ ପାଇଛି। କାମଟି କେଉଁ ଯୋଜନାରେ, କେତେ ଅର୍ଥ ବ୍ୟୟରେ ଏବଂ କେଉଁ ବିଭାଗ ଦ୍ୱାରା କରାଯାଉଛି, ସେ ସମ୍ପର୍କରେ କୌଣସି ସୂଚନା ସାର୍ବଜନୀନ ହୋଇନାହିଁ। ଯାହା ଦ୍ୱାରା କି ଅଞ୍ଚଳବାସୀଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ୨୦୨୨- ୨୩ ଆର୍ଥିକ ବର୍ଷରେ ମନରେଗା ଯୋଜନା ଅଧୀନରେ ପ୍ରାୟ ୧୦ ଲକ୍ଷ ଟଙ୍କା ବ୍ୟୟରେ ଶିବମନ୍ଦିର ଖେଳ ପଡ଼ିଆର ଉନ୍ନତିକରଣ ସହ ଏକ ଷ୍ଟେଜ ନିର୍ମାଣ ପାଇଁ ଅନୁମୋଦନ ମିଳିଥିଲା। ତେବେ ସେହି କାମ ସମ୍ପୂର୍ଣ୍ଣ ହୋଇଥିଲା କି ନାହିଁ ଏବଂ ଅନୁମୋଦିତ ଅର୍ଥର ସଠିକ୍ ବିନିଯୋଗ ହୋଇଥିଲା କି ନାହିଁ, ତାହା ଲୋକେ ଏପର୍ଯ୍ୟନ୍ତ ଜାଣି ନାହାଁନ୍ତି। ଖେଳ ପଡ଼ିଆ ରେ ଦୁର୍ନୀତି ହୋଇଥିବା ନେଇ ଅନେକ ଗଣମାଧ୍ୟମ ରେ ଖବର ପ୍ରସାରଣ ହୋଇଥିଲା। ଏଥିରେ ପଞ୍ଚାୟତ ବଦନାମ ହେବା ସହ ଖୋଦ ସରପଞ୍ଚ ମଧ୍ୟ ନିନ୍ଦିତ ହୋଇଥିଲେ। ବର୍ତ୍ତମାନ ପୁଣି ଥରେ ତରବରିଆ ଭାବେ ବିନା ସୂଚନା ଫଳକରେ ଷ୍ଟେଜ ନିର୍ମାଣ ହେଉଥିବାରୁ ଏହା ପୂର୍ବ ମନରେଗା ଯୋଜନା ନା ବର୍ତ୍ତମାନ ବିଜିଜୀ-ରାମଜୀ ଯୋଜନା ପ୍ରକଳ୍ପର ଅର୍ଥ ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଛି। ଅନ୍ୟ ପକ୍ଷରେ ସମ୍ପୃକ୍ତ ବିଭାଗ ତୁରନ୍ତ କାମର ସମସ୍ତ ତଥ୍ୟ ସାର୍ବଜନୀନ କରିବା ସହ ୨୦୨୨- ୨୩ ମସିହାରେ ମନରେଗା ଅଧୀନରେ ଅନୁମୋଦିତ ଖେଳ ପଡ଼ିଆ ଓ ଷ୍ଟେଜ ନିର୍ମାଣ ପ୍ରକଳ୍ପର ଅଗ୍ରଗତି ଏବଂ ବ୍ୟୟ ସମ୍ପର୍କରେ ତଦନ୍ତ କରାଯାଉ। ଯଦି କୌଣସି ଅନିୟମିତତା ହୋଇଥାଏ, ତେବେ ତାହାର ନିରପେକ୍ଷ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ଚିଚିଆ ଗ୍ରାମବାସୀ ଦାବୀ କରିଛନ୍ତି। ଏହି ଘଟଣା ସମ୍ପର୍କରେ ଗୋଲାମୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍ୱନାଥ ରାଉତଙ୍କ ପ୍ରତିକ୍ରିୟା ମାଗିବାରୁ ସେ କହିଥିଲେ, "ମୋ ମାଇଣ୍ଡକୁ କମ୍ପ୍ୟୁଟର ଭଳି ସଜାଡୁଛି, ପରେ ପ୍ରତିକ୍ରିୟା ଦେଇପାରିବି। ସରପଞ୍ଚ ଓ ପିଓଙ୍କୁ କୁହନ୍ତୁ, ମୋତେ ଫୋନ୍ କରିବେ।" ଏହି ପ୍ରତିକ୍ରିୟାକୁ ନେଇ ଗଣମାଧ୍ୟମ ପ୍ରତିନିଧି ମହଲରେ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ, ଚିଚିଆ ସରପଞ୍ଚ ମଦନ ପଟେଲଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କହିଛନ୍ତି ଯେ, ବର୍ତ୍ତମାନ ଚାଲିଥିବା ଷ୍ଟେଜ ନିର୍ମାଣ ଏକ ନୂଆ କାମ। ଏପର୍ଯ୍ୟନ୍ତ ଜିଓଟ୍ୟାଗିଂ କିମ୍ବା ପ୍ରକଳ୍ପ ଫାଇଲ୍ ଖୋଲାଯାଇନାହିଁ। ଫାଇଲ୍ ଖୋଲାଯିବା ପରେ ସୂଚନା ଫଳକରେ କାମର ସମସ୍ତ ବିବରଣୀ ଉଲ୍ଲେଖ କରାଯିବ।

## ଦେଶୀ ଓ ରନ୍ଧା ମଦ ଜବତ, ତିନି ଗିରଫ



**ବଲାଙ୍ଗୀର, ୧୮।୭ (ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାର୍ଡ ଓ ଲୋଇସିଂହା ଅବକାରୀ ପୋଲିସ ମିଳିତ ଭାବେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଦେଶୀ ଭାଟିମଦ ଓ ରନ୍ଧାମଦ ଜବତ କରିବା ସହିତ ତିନିଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ସ୍ଥାନୀୟ ଅବକାରୀ ଥାନା ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଲୋଇସିଂହା ସାଗର ନିକଟରେ ମଦ ବିକ୍ରି କରୁଥିବା ବିକାଶ ବିଶ୍ୱାଳଙ୍କ ଠାରୁ ୯ ଲିଟର ଦେଶୀ ରନ୍ଧାମଦ ଓ ନିରାକାର ବେଷ୍ଟକାରଙ୍କ ଠାରୁ ୮.୨ ଲିଟର ଭାଟି ପାଉଚ ମଦ ଜବତ କରାଯାଇଥିଲା। ସେହିପରି ମନହିରା ଗ୍ରାମର କନ୍ଦରା ବଡ଼କାଙ୍କ ଠାରୁ ଅବକାରୀ ବିଭାଗ ୧୦ ଲିଟର ଦେଶୀ ରନ୍ଧା ମଦ ଜବତ କରିଛି। ତିନି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ସ୍ଥାନୀୟ ଅବକାରୀ ଏସ୍ଆଇ ଭେଙ୍କଟ ରମଣ ବେହେରା ସୂଚନା ଦେଇଛନ୍ତି।